# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୧୫/୨୦୨୩ (୧୬ ପୃଷ୍ଠା) | Bhubaneswar, Friday, September 15/2023 | Page 16 | ₹ 7.00 | SAMBALPUR

୪୯ଶ ଭାଗ ୨୯୧ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 291 | ମୂଲ୍ୟ ₹୭/-





# ରିଜର୍ଭ ବ୍ୟାଙ୍କ - ସମନ୍ୱିତ ଲୋକପାଳ ଯୋଜନା

ଅଭିଯୋଗ ଦାଏର କରିବା ପାଇଁ
**https://cms.rbi.org.in**
କୁ ଯାଆନ୍ତୁ

## ଆରବିଆଇ ଦ୍ୱାରା ନିୟନ୍ତ୍ରିତ ସଂସ୍ଥା ବିରୁଦ୍ଧରେ ଅଭିଯୋଗ ନିବାରଣର ଏକକ ସୁବିଧା

30 ଦିନ ଭିତରେ ଅଭିଯୋଗର ସମାଧାନ ନ ହେବା କିମ୍ବା ଆରବିଆଇ ଦ୍ୱାରା ନିୟନ୍ତ୍ରିତ ବ୍ୟାଙ୍କ/ଏନବିଏଫସି/କ୍ରେଡିଟ ଇନଫରମେସନ କମ୍ପାନୀ/ପେମେଣ୍ଟ ସିଷ୍ଟମ ଅଂଶଗ୍ରହଣକାରୀ ମାନଙ୍କ ଦ୍ୱାରା ସନ୍ତୋଷଜନକ ସମାଧାନ ନ ହେବା କ୍ଷେତ୍ରରେ ଆପଣ ଏହାର ଅଭିଯୋଗ ଆରବିଆଇ (ଓମ୍ବୁଡସମ୍ୟାନ) ଲୋକପାଳଙ୍କ ନିକଟରେ ଦାଏର କରିପାରିବେ

ଅପବର୍ଜନ ସୂଚୀରେ ଥିବା ଅଭିଯୋଗ ବ୍ୟତୀତ ବ୍ୟାପ୍ତ ସେବାରେ ତ୍ରୁଟି ଜନିତ ସମସ୍ତ ଅଭିଯୋଗ

https://cms.rbi.org.in ରେ ଅନଲାଇନ କିମ୍ବା କେନ୍ଦ୍ରୀଭୁତ ରସିଦ ଏବଂ ପ୍ରକ୍ରିୟାକରଣ କେନ୍ଦ୍ର, ଭାରତୀୟ ରିଜର୍ଭ ବ୍ୟାଙ୍କ, ଚଣ୍ଡିଗଡ଼ – 160017 କୁ ପତ୍ର ପ୍ରେରଣ ଦ୍ୱାରା ଅଭିଯୋଗ ଦାଏର କରନ୍ତୁ

ଅଭିଯୋଗ ପ୍ରବନ୍ଧନ ପ୍ରଣାଳୀ (https://cms.rbi.org.in) ରେ ନିଜର ଅଭିଯୋଗର ବାସ୍ତବିକ ସ୍ଥିତି ଟ୍ରାକ କରନ୍ତୁ

ଅଧିକ ସୂଚନା ପାଇଁ କଲ୍ କରନ୍ତୁ **14448**

ସମୟ: ଜାତୀୟ ଛୁଟିଦିନ ଗୁଡ଼ିକୁ ଛାଡ଼ି ସପ୍ତାହର ସବୁଦିନ:
- ଇଁରାଜୀ ଏବଂ ହିନ୍ଦୀ ପାଇଁ ସକାଳ 8:00 ରୁ ରାତି 10:00
- 10 ଟି ଆଞ୍ଚଳିକ ଭାଷା (ଆସାମୀ, ବଙ୍ଗାଳୀ, ଗୁଜୁରାଟୀ, କନ୍ନଡ଼, ମରାଠୀ, ମାଲାୟଲମ, ଓଡ଼ିଆ, ପଞ୍ଜାବୀ, ତେଲେଗୁ ଏବଂ ତାମିଲ) ପାଇଁ ସକାଳ 9:30 ରୁ ସନ୍ଧ୍ୟା 5:15




ଜନହିତରେ ଜାରି
**ଭାରତୀୟ ରିଜର୍ଭ ବ୍ୟାଙ୍କ**
**RESERVE BANK OF INDIA**
www.rbi.org.in

ଅଧିକ ଜାଣିବା ପାଇଁ **https://rbikehtahai.rbi.org.in/** କୁ ଯାଆନ୍ତୁ
ଫିଡବ୍ୟାକ ପାଇଁ **rbikehtahai@rbi.org.in** କୁ ଯାଆନ୍ତୁ

**ସଂକ୍ଷେପରେ**

## ବାଣ ନିଷେଧ ଆବେଦନ ରାୟ ସଂରକ୍ଷିତ

ନୂଆଦିଲ୍ଲୀ,୧୪।୯(ପି.ଟି.)

ଦିଲ୍ଲୀ-ଏନ୍‌ସିଆର୍ ଅଞ୍ଚଳରେ ପ୍ରଦୂଷଣ ସ୍ତରକୁ କମାଇବା ପାଇଁ ବାଣ ଉପରେ ନିଷେଧାଦେଶ ଜାରି କରିବା ଲାଗି ହୋଇଥିବା ଏକ ଆବେଦନ ଉପରେ ସୁପ୍ରିମକୋର୍ଟ ଗୁରୁବାର ରାୟ ସଂରକ୍ଷିତ ରଖିଛନ୍ତି। ରାଜଧାନୀ ସହରରେ ବାଣ ବିକ୍ରି ଲାଗି ଅସ୍ଥାୟୀ ଲାଇସେନ୍ସ ଇସ୍ୟୁ ନ କରିବାକୁ ସର୍ବୋଚ୍ଚ ଅଦାଲତ ଦିଲ୍ଲୀ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ସରକାର କ'ଣସବୁ ପଦକ୍ଷେପ ନେଇଛନ୍ତି ଏବଂ ଅଧିକ ନିର୍ଦ୍ଦେଶ ଦିଆଯିବାର ଆବଶ୍ୟକତା ରହିଛି କି ନାହିଁ ତାହା ଅନୁଧ୍ୟାନ କରି ଦେଖିବେ ବୋଲି ଜଷ୍ଟିସ ଏ.ଏସ୍. ବୋପନ୍ନା ଏବଂ ଏମ୍.ଏମ୍. ସୁନ୍ଦ୍ରେଶଙ୍କ ଖଣ୍ଡପୀଠ କହିଛନ୍ତି। ସରକାରଙ୍କ ଦ୍ୱାରା ନିଷେଧାଦେଶ ଜାରି ହେବା ସର୍ଥ ସମ୍ପୂର୍ଣ୍ଣ ନିଷେଧ ହେବା। ଦିଲ୍ଲୀ ପୋଲିସ ଅସ୍ଥାୟୀ ଲାଇସେନ୍ସ ଦେଉନାହାନ୍ତି ବୋଲି ନିଶ୍ଚିତ କରିବାକୁ ହେବ। କାରଣ ଯେକୌଣସି ପ୍ରକାର ଲାଇସେନ୍ସ ନିର୍ଦ୍ଦେଶନାମାର ଉଲ୍ଲଂଘନ ବୋଲି ଖଣ୍ଡପୀଠ ଅତିରିକ୍ତ ସଲିସିଟର ଜେନେରାଲ ଐଶ୍ୱର୍ଯ୍ୟା ଭଟିଙ୍କୁ କହିଛନ୍ତି।

## ଅବକାରୀ ଦୁର୍ନୀତି: କବିତାଙ୍କୁ ଇଡି ସମନ



ନୂଆଦିଲ୍ଲୀ,୧୪।୯

ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ସମ୍ପୃକ୍ତି ନେଇ ଜେରା କରିବାକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କ ଝିଅ ତଥା ବିଆର୍‌ଏସ୍ ନେତ୍ରୀ କେ. କବିତାଙ୍କୁ ସମନ କରିଛି। ତାଙ୍କୁ ଶୁକ୍ରବାର ଜେରା ପାଇଁ ଇଡିର ନୂଆଦିଲ୍ଲୀ ଅଫିସ୍‌ରେ ହାଜର ହେବାକୁ କୁହାଯାଇଛି। ଗତ ମାର୍ଚ୍ଚରେ ଇଡି କବିତାଙ୍କୁ ଏକାଧିକ ଥର ଜେରା କରିବା ସହ ତାଙ୍କ ମୋବାଇଲ୍ ଫୋନ୍ ଜବତ କରିଥିଲା। ଦିଲ୍ଲୀ ସରକାରଙ୍କ ଅବକାରୀ ନୀତି ୨୦୨୧-୨୨ରେ କେତେଜଣ ମଦ ବ୍ୟବସାୟୀଙ୍କୁ ଲାଇସେନ୍ସ ପ୍ରଦାନ କରାଯାଇଥିଲା। ଏଥିପାଇଁ ସେମାନେ କର୍ତ୍ତୃପକ୍ଷଙ୍କୁ ଲାଞ୍ଚ ଦେଇଥିଲେ। ଏହାକୁ ନେଇ ବିବାଦ ଦେଖାଦେବା ପରେ ଦିଲ୍ଲୀ ସରକାର ଉକ୍ତ ନୀତିକୁ ରଦ୍ଦ କରିଥିଲେ। ତେବେ ଏହାର ସିବିଆଇ ତଦନ୍ତ ପାଇଁ ଦିଲ୍ଲୀ ଉପରାଜ୍ୟପାଳ ସୁପାରିସ କରିବା ପରେ ଏହାର ମନିଲଣ୍ଡରିଂ ଦିଗକୁ ନେଇ ଇଡି ମାମଲା ରୁଜୁ କରିଥିଲା।

## ଡଙ୍ଗାବୁଡ଼ି ୧୧ ନିଖୋଜ

**୨୦ ଉଦ୍ଧାର**



ପାଟନା,୧୪।୯

ବିହାରର ମୁଜାଫରପୁର ଜିଲାର ମଧୁପୁର ପତି ଘାଟରୁ ୩୦ ଜଣ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ଡଙ୍ଗା ବାଗମତି ନଦୀରେ ବୁଡି ଯାଇଥିଲା। ଘଟଣା ପରେ ଏନ୍‌ଡିଆର୍‌ଏଫ୍‌ର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ୨୦ ଜଣଙ୍କୁ ଉଦ୍ଧାର କରିଥିବାବେଳେ ୧୧ ଜଣ ଏବେ ବି ନିଖୋଜ ଅଛନ୍ତି। ନିଖୋଜଙ୍କ ମଧ୍ୟରେ ଅଧିକାଂଶ ସ୍କୁଲ ପିଲା ଥିବା ଜଣାପଡ଼ିଛି। ଏନ୍‌ଡିଆର୍‌ଏଫ୍ ଅଧିକାରୀଙ୍କ ସୂଚନାନୁସାରେ ଗୁରୁବାର ପୂର୍ବାହ୍ନ ୧୧ଟାରେ ବାଗମତି ନଦୀର ମଧୁପୁର ଘାଟରୁ ଏକ ଡଙ୍ଗା କିଛି ସ୍କୁଲ ପିଲାଙ୍କ ସମେତ ୩୦ରୁ ଉର୍ଦ୍ଧ୍ୱ ଯାତ୍ରୀଙ୍କୁ ନେଇ ନଦୀ ପାର୍ ହେଉଥିଲା। ଏତିକିବେଳେ ନଦୀ ମଝିରେ ଡଙ୍ଗାଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଖବର ପାଇ ଏନଡିଆର୍‌ଏଫ୍ ଟିମ୍ ସେଠାରେ ପହଞ୍ଚି ୨୦ଜଣଙ୍କୁ ଉଦ୍ଧାର କରିଥିଲେ। ନିଖୋଜ ଥିବା ଯାତ୍ରୀଙ୍କ ମଧ୍ୟ ଖୋଜିବା ଲାଗି ଏନ୍‌ଡିଆର୍‌ଏଫ୍‌ର ସ୍ୱତନ୍ତ୍ର ଟିମ୍ ନିୟୋଜିତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଘଟଣାର ସ୍ଥିତି ଅନୁଧ୍ୟାନ କରିବା ସହ ଶିଶୁମାନଙ୍କ ପରିବାରକୁ ସମସ୍ତ ପ୍ରକାର ସହାୟତା ଯୋଗାଇବାକୁ ସ୍ଥାନୀୟ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।




କେରଳରେ ନିପା ଭାଇରସ୍ ଆତଙ୍କ ବଢ଼ିବାରେ ଲାଗିଥିବାବେଳେ କୋଝିକୋଡ୍ କଣ୍ଟ୍ରୋଲ ରୁମ୍‌ରେ କାର୍ଯ୍ୟରତ ସ୍ୱାସ୍ଥ୍ୟକର୍ମୀ।

## ୧୪ ଟିଭି ଉପସ୍ଥାପକଙ୍କୁ 'ଇଣ୍ଡିଆ'ର ବର୍ଜନ

ନୂଆଦିଲ୍ଲୀ,୧୪।୯

ବିରୋଧୀ ବ୍ଲକ୍ ଇଣ୍ଡିଆ ପକ୍ଷରୁ ଗୁରୁବାର ରିପବ୍ଲିକ୍ ଟିଭି ମୁଖ୍ୟ ସମ୍ପାଦକ ଅର୍ଣ୍ଣବ ଗୋସ୍ୱାମୀ, ଭାରତ୨୪ ଭାଇସ୍ ପ୍ରେସିଡେଣ୍ଟ ଲୁବିକା ଲିଆକତ୍, ଇଣ୍ଡିଆ ଟୁଡେ-ଆଜତକ୍‌ର ସୁଧୀର ଚୌଧରୀ ଏବଂ ଟାଇମ୍ସ ନାଓର ନବିକା କୁମାରଙ୍କ ସମେତ ୧୪ ଟିଭି ଉପସ୍ଥାପକଙ୍କୁ ବର୍ଜନ ଘୋଷଣା କରାଯାଇଛି। ସମ୍ପୃକ୍ତ ଆଙ୍କରମାନଙ୍କ ଦ୍ୱାରା ପରିଚାଳିତ ବିତର୍କ କାର୍ଯ୍ୟକ୍ରମକୁ ନିଜ ନେତା/ପ୍ରତିନିଧିମାନଙ୍କୁ ନ ପଠାଇବା ପାଇଁ ବିରୋଧୀ ମେଣ୍ଟର ମିଡିଆ କମିଟି ଏହି ନିଷ୍ପତ୍ତି ନେଇଛି। ଭାଜପା ଏହାକୁ ଜରୁରିକାଳୀନ ପରିସ୍ଥିତି ସହ ତୁଳନା କରିଛି।

ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ମୁଖ୍ୟ ଶରଦ ପାୱାରଙ୍କ ନୂଆଦିଲ୍ଲୀ ବାସଭବନରେ ବୁଧବାର ଇଣ୍ଡିଆର ସମନ୍ୱୟ ସମିତି ବୈଠକ ଶେଷରେ କଂଗ୍ରେସ ସାଧାରଣ ସମ୍ପାଦକ କହିଥିଲେ, କେଉଁ ଟିଭି ଚ୍ୟାନେଲ ଏବଂ ଗଣମାଧ୍ୟମ ସଂସ୍ଥାଗୁଡ଼ିକରେ ବିତର୍କ ବେଳେ ମେଣ୍ଟର ନେତାମାନେ ଭାଗନେବେ ତାହା ଚୟନ କରିବା ପାଇଁ ଏକ ସବ୍-କମିଟି ଗଠନ କରାଯାଇଛି। ଉକ୍ତ ପ୍ୟାନେଲରେ ଥିବା କଂଗ୍ରେସ ମୁଖପାତ୍ର ପବନ ଖେରା ଗୁରୁବାର ଏହାକୁ ଯଥାର୍ଥ ଦର୍ଶାଇ କହିଛନ୍ତି, କେତେକ ଚ୍ୟାନେଲ ଅନ୍ୟୂନ ୯ ବର୍ଷ ଧରି 'ଘୃଣାର ବଜାର' ଖୋଲିଛନ୍ତି। ସମାଜକୁ ନଷ୍ଟ କରୁଥିବା ସେମାନଙ୍କ ଘୃଣା ସମ୍ବଳିତ ବ୍ୟାଖ୍ୟାନକୁ ବୈଧ ନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ପରିପ୍ରେକ୍ଷୀରେ ଉକ୍ତ ଆଙ୍କରମାନଙ୍କ ଏକ ତାଲିକା ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସ'ରେ ଶେୟାର କରିଛନ୍ତି। ବର୍ଜନ ତାଲିକାରେ ଥିବା ଅନ୍ୟ ଆଙ୍କରମାନେ ହେଲେ ଆଜତକ୍‌ର ଚିତ୍ରା ତ୍ରିପାଠୀ, ଗୌରବ ସାୱନ୍ତ, ଶିବ ଅରୁର, ସିଏନ୍‌ଏନ୍-ନ୍ୟୁଜ୍୧୮ର ଅମନ ଚୋପ୍ରା, ଅମୀଷ ଦେବଗନ, ଆନନ୍ଦ ନରସିଂହନ୍, ଡିଡି ନ୍ୟୁଜ୍‌ର ଅଶୋକ ଶ୍ରୀବାସ୍ତବ, ଭାରତ ଏକ୍ସପ୍ରେସ୍‌ର ଅଦିତି ତ୍ୟାଗୀ, ଇଣ୍ଡିଆ ଟିଭିର ପ୍ରାଚୀ ପରାଶର ଏବଂ ଟାଇମ୍ସ ନାଓର ସୁଶାନ୍ତ ସିହ୍ନା।



ଅମନ ଚୋପ୍ରା | ସୁଶାନ୍ତ ସିହ୍ନା | ଅର୍ଣ୍ଣବ ଗୋସ୍ୱାମୀ | ସୁଧୀର ଚୌଧରୀ | ଅଦିତି ତ୍ୟାଗୀ | ଚିତ୍ରା ତ୍ରିପାଠୀ | ଆନନ୍ଦ ନରସିଂହନ୍ | ଗୌରବ ସାୱନ୍ତ | ଲୁବିକା ଲିଆକତ୍ | ନବିକା କୁମାର | ଶିବ ଅରୁର | ଅଶୋକ ଶ୍ରୀବାସ୍ତବ | ଅମୀଷ ଦେବଗନ | ପ୍ରାଚୀ ପରାଶର

## ୩ ଦିନ ପରେ ଅଧିବେଶନ: ତଥାପି ଏଜେଣ୍ଡା ଅସ୍ପଷ୍ଟ

ନୂଆଦିଲ୍ଲୀ,୧୪।୯

ସୋମବାର ଆରମ୍ଭ ହେବାକୁ ଥିବା ସଂସଦର ସ୍ୱତନ୍ତ୍ର ଅଧିବେଶନର କାର୍ଯ୍ୟସୂଚୀ ଉପରେ କେନ୍ଦ୍ର ପକ୍ଷରୁ ଏକ ଆପାତତଃ ତାଲିକା ଜାରି କରାଯିବାର ଦିନକ ପରେ ମଧ୍ୟ ଦ୍ୱନ୍ଦ୍ୱ ଦୂର ହୋଇନାହିଁ। ସମ୍ପୂର୍ଣ୍ଣ କାର୍ଯ୍ୟସୂଚୀ ସ୍ପଷ୍ଟ ହୋଇ ନ ଥିବାରୁ କେନ୍ଦ୍ର 'ଗୋଳିଆ କୌଶଳ' ପ୍ରୟୋଗ କରି ବିଜ୍‌ନେସ ଲିଷ୍ଟରେ ଆଉ କିଛି ଯୋଡ଼ିପାରେ ବୋଲି ବିରୋଧୀ ଦଳଗୁଡ଼ିକ ଆଶଙ୍କା କରୁଛନ୍ତି।

ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ରାଜ୍ୟ ସଭା ସଦସ୍ୟ ଡେରେକ୍ ଓ'ବ୍ରାଏନ୍ ଗୁରୁବାର କହିଛନ୍ତି, ଇଣ୍ଡିଆନ୍ ନ୍ୟାଶନାଲ ଡେମୋକ୍ରାଟିକ୍ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ)ର ସହଯୋଗୀ ଦଳଗୁଡ଼ିକ କେବଳ ସର୍ବଦଳୀୟ ବୈଠକରେ ନୁହେଁ, ଅଧିବେଶନ ବେଳେ ମଧ୍ୟ ଗୋଟିଏ ସ୍ୱରରେ ବିଭିନ୍ନ ପ୍ରସଙ୍ଗ ଉଠାଇବେ। ସ୍ୱତନ୍ତ୍ର ଅଧିବେଶନର ଏଜେଣ୍ଡା ଏଯାଏ ଘୋଷଣା କରାଯାଇ ନାହିଁ। ଏପରି କହିବା ପଛର କାରଣ ହେଉଛି, ବୁଧବାର ସେମାନେ ଜାରି କରିଥିବା ଗୃହକାର୍ଯ୍ୟ ସମ୍ପର୍କିତ ତାଲିକାରେ ଏକ କୁଟିଳ ଧାଡ଼ି ଲେଖାଯାଇଛି। ତେଣୁ ଶେଷ ମୁହୂର୍ତ୍ତରେ ସେମାନେ କଦର୍ଯ୍ୟ କୌଶଳ ଆପଣାଇ ତାଲିକାରେ ଆଉ କିଛି ଯୋଡ଼ିପାରନ୍ତି।

ସେହିପରି ମୁଖ୍ୟ ନିର୍ବାଚନ କମିଶନର ଓ ଅନ୍ୟ ନିର୍ବାଚନ କମିଶନରମାନଙ୍କ ନିଯୁକ୍ତି



ସମ୍ପର୍କିତ ବିଲ୍ ଅଣାଯିବା ଉପରେ ମଧ୍ୟ ଓ'ବ୍ରାଏନ୍ ଚିନ୍ତାବ୍ୟକ୍ତ କରିଛନ୍ତି। ସରକାର ସଂସଦର ୭୫ ବର୍ଷର ଯାତ୍ରା ଉପରେ ଆଲୋଚନା କରାଯିବ ବୋଲି କହିଛନ୍ତି। କିନ୍ତୁ ସେମାନେ ଗଣତନ୍ତ୍ରକୁ ଉପହାସ କରିବା ଭଳି ଏକ ବିଲ୍ ମଧ୍ୟ ଆଣିପାରନ୍ତି। ସେମାନେ ଏପରି କାହିଁକି କରୁଛନ୍ତି? ପ୍ରତ୍ୟେକ ସ୍ୱତନ୍ତ୍ର ଅଧିବେଶନ ପୂର୍ବରୁ ଗୃହକାର୍ଯ୍ୟକୁ ନେଇ ତାଲିକା ଆଗୁଆ ପ୍ରକାଶ କରାଯାଇଥାଏ। ଲୋକଙ୍କୁ ସାମ୍ନା କରିବାକୁ କାହିଁକି ଏତେ ଡରୁଛନ୍ତି? ନିର୍ବାଚନ କମିଶନରମାନଙ୍କ ନିଯୁକ୍ତିରେ ହସ୍ତକ୍ଷେପ କରିବାକୁ କାହିଁକି ଚାହୁଁଛନ୍ତି? ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍)କୁ ହ୍ୟାକ୍ କରିବା ସେମାନଙ୍କ ଉଦ୍ଦେଶ୍ୟ କି ବୋଲି ଓ'ବ୍ରାଏନ୍ ପ୍ରଶ୍ନ କରିଛନ୍ତି।

ପ୍ରକାଶ ଯେ, ଆସନ୍ତା ୧୮ରୁ ୨୨ ପର୍ଯ୍ୟନ୍ତ ଚାଲିବାକୁ ଥିବା ପାର୍ଲାମେଣ୍ଟର ସ୍ୱତନ୍ତ୍ର ଅଧିବେଶନରେ ସମ୍ବିଧାନ ସଭାଠାରୁ ନେଇ ୭୫ ବର୍ଷର ସଂସଦୀୟ ଯାତ୍ରା ଉପରେ ଆଲୋଚନା ହେବ ବୋଲି ବୁଧବାର ରାତିରେ ଜାରି ଏକ ଅଫିସିଆଲ

**ଗଣତନ୍ତ୍ରକୁ ଉପହାସ କରିବା ଭଳି ବିଲ୍ ଆଣିପାରେ କେନ୍ଦ୍ର: ଓ'ବ୍ରାଏନ୍**



ବୁଲେଟିନ୍‌ରେ କୁହାଯାଇଛି। ୫ ଦିନିଆ ଅଧିବେଶନ ବେଳେ ସରକାର ଲୋକ ସଭାରେ ମୁଖ୍ୟ ନିର୍ବାଚନ କମିଶନର ଓ ଅନ୍ୟ ନିର୍ବାଚନ କମିଶନରମାନଙ୍କ ନିଯୁକ୍ତି ସମ୍ପର୍କିତ ବିଲ୍, ଆଇନଜୀବୀ (ସଂଶୋଧନ) ବିଲ୍-୨୦୨୩, ପ୍ରେସ୍ ଆଣ୍ଡ ରେଜିଷ୍ଟ୍ରେଶନ୍ ଅଫ୍ ପିରିଓଡିକାଲ୍ସ ବିଲ୍-୨୦୨୩ ଏବଂ ପୋଷ୍ଟ ଅଫିସ୍ ବିଲ୍-୨୦୨୩ ଆଗତ ହେବ ବୋଲି ଏଥିରେ ଦର୍ଶାଯାଇଛି। ତେବେ କାର୍ଯ୍ୟସୂଚୀରେ ଆହୁରି କେତେକ ପ୍ରସଙ୍ଗ ମଧ୍ୟ ଯୋଡ଼ାଯାଇପାରେ ବୋଲି ବୁଲେଟିନ୍‌ରେ କୁହାଯାଇଛି। ଏହା ପୂର୍ବରୁ କେନ୍ଦ୍ର ପକ୍ଷରୁ ରବିବାର ଅପରାହ୍ନ ୪ଟା ୩୦ରେ ଏକ ସର୍ବଦଳୀୟ ବୈଠକ ଡକାଯାଇଛି। ଏନେଇ ସମସ୍ତ ରାଜନୈତିକ ଦଳର ସଂସଦୀୟ ଦଳ ନେତାମାନଙ୍କୁ ଇ-ମେଲ୍ ଯୋଗେ ନିମନ୍ତ୍ରଣ ପଠାଯାଇଥିବା ବିଷୟ ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ ସୂଚନା ଦେଇଥିଲେ। କିଛି ଦିନ ତଳେ କଂଗ୍ରେସ ସଂସଦୀୟ ଦଳ ନେତ୍ରୀ ସୋନିଆ ଗାନ୍ଧୀ ବିରୋଧୀ ବ୍ଲକ୍ 'ଇଣ୍ଡିଆ' ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟକୁ ପତ୍ର ଲେଖି ୯ଟି ପ୍ରସଙ୍ଗ ଉପରେ ଆଲୋଚନା କରିବା ପାଇଁ ଅନୁରୋଧ କରିଥିଲେ।

### ଏମ୍‌ପିଙ୍କ ପାଇଁ ଭାଜପା, କଂଗ୍ରେସର ହ୍ୱିପ୍ ଜାରି

ସଂସଦର ସ୍ୱତନ୍ତ୍ର ଅଧିବେଶନ ପାଇଁ ଗୁରୁବାର ଭାଜପା ଏବଂ କଂଗ୍ରେସ ପକ୍ଷରୁ ପୃଥକ୍ ଭାବେ ହ୍ୱିପ୍ ଜାରି କରାଯାଇଛି। ୫ ଦିନ ଧରି ଚାଲିବାକୁ ଥିବା ଉକ୍ତ ଅଧିବେଶନରେ ଉଭୟ ଲୋକ ସଭା ଓ ରାଜ୍ୟ ସଭାରେ ଦଳୀୟ ସଦସ୍ୟଙ୍କ ଉପସ୍ଥିତି ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଶାସକ-ବିରୋଧୀ ଏହି ଆଗୁଆ ପଦକ୍ଷେପ ନେଇଛନ୍ତି।

## ମୁମ୍ବାଇ ବିମାନବନ୍ଦରରେ ଜେଟ୍ ଦୁର୍ଘଟଣା: ୮ ଆହତ

ମୁମ୍ବାଇ,୧୪।୯

ଏକ ଘରୋଇ ଜେଟ୍ ଗୁରୁବାର ସନ୍ଧ୍ୟାରେ ପ୍ରବଳ ବର୍ଷା ହେଉଥିବାବେଳେ ମୁମ୍ବାଇ ବିମାନବନ୍ଦରରେ ଅବତରଣ କରୁଥିବା ସମୟରେ ରନ୍‌ୱେରୁ ଖସିଯାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଜଣେ ପାଇଲଟ୍, ଜଣେ ସହପାଇଲଟ୍ ଓ ଜଣେ ଆଟେଣ୍ଡାଣ୍ଟଙ୍କ ସମେତ ୮ ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ରନ୍‌ୱେରୁ ଭଗ୍ନାବଶେଷକୁ ଖାଲି କରାଯିବା ପରେ ବିମାନ ଚଳାଚଳ ସ୍ୱାଭାବିକ ହୋଇଛି। ଦୁର୍ଘଟଣା ଯୋଗୁ ଉକ୍ତ ରନ୍‌ୱେକୁ ସାମୟିକ ଭାବେ ବନ୍ଦ ରଖାଯିବା ସହ ଭିସ୍ତାରା ଏୟାରଲାଇନ୍ସର ୫ଟି ବିମାନକୁ ଅନ୍ୟ ରନ୍‌ୱେକୁ ପଠାଯାଇଥିଲା। ୨୭ ନମ୍ବର ରନ୍‌ୱେ ବର୍ଷା ଯୋଗୁ ଖସଡ଼ା ହୋଇଥିବାରୁ ଦୁର୍ଘଟଣା ଘଟିଲା ବୋଲି କୁହାଯାଉଛି। ବର୍ଷା ସମୟରେ ମାତ୍ର ୭୦୦ ମିଟର ପର୍ଯ୍ୟନ୍ତ ଦୃଶ୍ୟ ହେଉଥିଲା। ଫଳରେ ବିମାନଟିର ବେଗ ଅଧିକ ଥାଇ ଏହା ଲ୍ୟାଣ୍ଡ କରିବା ସହ ରନ୍‌ୱେରେ ଖସିଯିବାରୁ ଏହାର ବଡ଼ି ଗ୍ରାଉଣ୍ଡରେ କିଛି ବାଟ ଘଷିହୋଇଯାଇଥିଲା। ରନ୍‌ୱେରେ ବିମାନଟିର ଖଣ୍ଡିତ ଅଂଶ ପଡ଼ିଥିବା ଦେଖାଯାଇଛି।



## ସନାତନର ବିନାଶ ଚାହୁଁଛି 'ଇଣ୍ଡିଆ': ମୋଦି

ନୂଆଦିଲ୍ଲୀ,୧୪।୯

ମଧ୍ୟପ୍ରଦେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଏକ କାର୍ଯ୍ୟକ୍ରମକୁ ଉଦ୍‌ବୋଧନ ଦେବା ଅବସରରେ ବିରୋଧୀ ମେଣ୍ଟ 'ଇଣ୍ଡିଆ'କୁ କଡ଼ା ସମାଲୋଚନା କରିଛନ୍ତି। ବିରୋଧୀ 'ଘମଣ୍ଡିଆ' ମେଣ୍ଟ ସନାତନ ଧର୍ମକୁ ଧ୍ୱଂସ କରିଦେଇ ଦେଶକୁ ୧,୦୦୦ ବର୍ଷ ତଳର ଦାସତ୍ୱ ସମୟକୁ ନେଇଯିବାକୁ ଚାହୁଁଛି



ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଡିଏମ୍‌କେ ନେତା ଉଦୟନିଧି ଷ୍ଟାଲିନଙ୍କ ସନାତନ ଧର୍ମ ସମ୍ପର୍କିତ ମନ୍ତବ୍ୟକୁ ନେଇ ବିବାଦ ଲାଗିରହିଥିବାବେଳେ ପ୍ରଧାନମନ୍ତ୍ରୀ ପ୍ରଥମ ଥର ପାଇଁ ସର୍ବସାଧାରଣରେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ବାରମ୍ବାର ବିରୋଧୀ ମେଣ୍ଟ 'ଇଣ୍ଡିଆ'କୁ ଘମଣ୍ଡିଆ କହି ଅପମାନିତ କରୁଥିବାରୁ କଂଗ୍ରେସ ଏହାର ଜବାବ ଦେଇଛି। ପ୍ରଧାନମନ୍ତ୍ରୀ ଜିଏ-ଏନ୍‌ଡିଏ (ଗୌତମ ଆଦାନୀଙ୍କ ଏନ୍‌ଡିଏ) ମେଣ୍ଟର ନେତୃତ୍ୱ ନେଉଛନ୍ତି ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ଅଭିଯୋଗ କରିଛନ୍ତି।

## ୧୮ ଅତିରିକ୍ତ ବିଚାରପତିଙ୍କୁ ସ୍ଥାୟୀ ନିଯୁକ୍ତି ଦେବାକୁ କଲେଜିୟମ୍‌ର ସୁପାରିସ

ନୂଆଦିଲ୍ଲୀ,୧୪।୯(ପି.ଟି.)

ଆଲ୍ଲାହାବାଦ ହାଇକୋର୍ଟର ୭ ଜଣ ଏବଂ ପଞ୍ଜାବ ଓ ହରିୟାଣା ହାଇକୋର୍ଟର ୧୧ ଜଣ ଅତିରିକ୍ତ ବିଚାରପତିଙ୍କୁ ସ୍ଥାୟୀ ବିଚାରପତି ଭାବେ ନିଯୁକ୍ତି ଦେବା ଲାଗି ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ସୁପ୍ରିମକୋର୍ଟ କଲେଜିୟମ ଗୁରୁବାର ସୁପାରିସ କରିଛନ୍ତି। କଲେଜିୟମରେ ଜଷ୍ଟିସ ସଞ୍ଜୟ କିଷନ କୌଲ ଏବଂ ସଞ୍ଜୀବ ଖାନ୍ନା ରହିଛନ୍ତି। ସେମାନଙ୍କ ନିଷ୍ପତ୍ତି ସୁପ୍ରିମକୋର୍ଟ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ ହୋଇଛି। ଆଲ୍ଲାହାବାଦ ହାଇକୋର୍ଟର ଜଷ୍ଟିସ୍ ଉମେଶ ଚନ୍ଦ୍ର ଶର୍ମା, ରେଣୁ ଅଗ୍ରୱାଲ, ରାମମନୋହର ନାରାୟଣ ମିଶ୍ରା, ମୟଙ୍କ କୁମାର ଜୈନ, ଶିବଶଙ୍କର ପ୍ରସାଦ, ଗଜେନ୍ଦ୍ର କୁମାର ଏବଂ ନଳିନ କୁମାର ଶ୍ରୀବାସ୍ତବଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ଲାଗି ସୁପାରିସ କରାଯାଇଛି। ପୂର୍ବରୁ ଆଲ୍ଲାହାବାଦ ହାଇକୋର୍ଟ କଲେଜିୟମ ସର୍ବସମ୍ମତିକ୍ରମେ ଉପରୋକ୍ତ ବିଚାରପତିମାନଙ୍କୁ ସ୍ଥାୟୀ କରିବା ନିମନ୍ତେ ସୁପାରିସ କରିଥିଲା ଏବଂ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳ ଏଥିରେ ସମ୍ମତି ପ୍ରଦାନ କରିଥିଲେ।

## 'ଜୀବନର ମୂଲ୍ୟ ନାହିଁ' କହିଥିଲେ ୨ ଅଫିସର

**ଆମେରିକା ପୋଲିସ ଗାଡ଼ି ଧକ୍କାରେ ଭାରତୀୟ ଛାତ୍ରୀଙ୍କ ମୃତ୍ୟୁ ଘଟିଥିଲା**

ନୂଆଦିଲ୍ଲୀ,୧୪।୯

ଆମେରିକାରେ ଭାରତୀୟ ଛାତ୍ରୀ ଜାହ୍ନବୀ କଣ୍ଡୁଲାଙ୍କ ଗତ ଜାନୁୟାରୀ ୨୩ରେ ପୋଲିସ ଗାଡ଼ି ଧକ୍କାରେ ମୃତ୍ୟୁ ଘଟିଥିଲା। ଅଭିଯୁକ୍ତ ପୋଲିସ କର୍ମୀ ଦୁଃଖ ପ୍ରକାଶ କରିବା ବଦଳରେ ଘଟଣାକୁ ତାଚ୍ଛଲ୍ୟ କରୁଥିବାର ଏକ ଭିଡିଓ ଭାଇରାଲ ହୋଇଛି। ଭାରତୀୟ ଦୂତାବାସ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ



ଜାହ୍ନବୀ କଣ୍ଡୁଲା

କରିବା ସହ ଅଭିଯୁକ୍ତଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଘଟଣାବେଳେ ପୋଲିସ ଅଧିକାରୀ କେଭିନ ଡାଭେ ଗାଡ଼ି ଚଳାଉଥିଲେ। ଗତ ସୋମବାର ଆମେରିକାର ସିଆଟଲ୍ ପୋଲିସ ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଜଣେ ଅଧିକାରୀଙ୍କ ଭିଡିଓ ଫୁଟେଜ୍ ଜାରି କରିଛି। ଛାତ୍ରୀଙ୍କ ବୟସ ମାତ୍ର ୨୬ ବର୍ଷ ହୋଇଥିଲା। ତେଣୁ ତାଙ୍କ ଜୀବନର କୌଣସି ମୂଲ୍ୟ ନାହିଁ ବୋଲି ଦୁଇ ପୋଲିସ ଅଧିକାରୀ କଥାବାର୍ତ୍ତା କରୁଥିବା ଭିଡିଓରେ ଦେଖାଯାଇଛି। ଆନ୍ଧ୍ରପ୍ରଦେଶର ୨୩ ବର୍ଷୀୟା କଣ୍ଡୁଲା ନର୍ଥ-ଇଷ୍ଟ ବିଶ୍ୱବିଦ୍ୟାଳୟକୁ ସୂଚନା ଓ ପ୍ରଯୁକ୍ତି ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ କରିବା ପାଇଁ ଯାଇଥିଲେ।

## ଏନ୍‌ଜେଡିଜିରେ ସୁପ୍ରିମକୋର୍ଟ ତଥ୍ୟ ଉପଲବ୍ଧ ହେବ: ସିଜେଆଇ

ନୂଆଦିଲ୍ଲୀ,୧୪।୯(ପି.ଟି.)

ନ୍ୟାଶନାଲ ଜୁଡିସିଆଲ୍ ଡେଟା ଗ୍ରୀଡ୍ (ଏନ୍‌ଜେଡିଜି)ରେ ଖୁବ୍‌ଶୀଘ୍ର ସୁପ୍ରିମକୋର୍ଟର ସମସ୍ତ ତଥ୍ୟ ଉପଲବ୍ଧ ହେବ ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ ଗୁରୁବାର ଘୋଷଣା କରିଛନ୍ତି। ଏଥିରୁ ତାଲୁକ ସ୍ତରଠାରୁ ଆରମ୍ଭ କରି ଜାତୀୟ ସ୍ତର ପର୍ଯ୍ୟନ୍ତ କୋର୍ଟଗୁଡ଼ିକରେ ବିଚାରାଧୀନ ଥିବା ମାମଲାର ତଥ୍ୟ ଏବଂ ଅଦାଲତଗୁଡ଼ିକର ମାମଲା ସମାଧାନ ହାର ଜଣାପଡ଼ିବ। ବର୍ତ୍ତମାନ ପୋର୍ଟାଲରୁ କେବଳ ହାଇକୋର୍ଟ ସ୍ତର ପର୍ଯ୍ୟନ୍ତ ତଥ୍ୟ ଉପଲବ୍ଧ ହେଉଛି। ସର୍ବୋଚ୍ଚ ଅଦାଲତର ସମସ୍ତ ତଥ୍ୟ କ୍ରମାଗତ ଭାବେ ତ୍ୱରିତ ଏନ୍‌ଜେଡିଜିରେ ଅପ୍‌ଲୋଡ୍ କରାଯିବ। ଏହାକୁ ଏକ ଐତିହାସିକ ଦିନ ବୋଲି ସିଜେଆଇ କହିଛନ୍ତି।

## ତଥ୍ୟପ୍ରମାଣ ସମାନ ଥିଲେ | ଜଣଙ୍କୁ ଦୋଷୀ, ଅନ୍ୟଙ୍କୁ ଦୋଷମୁକ୍ତ କରାଯାଇପାରିବନି

ନୂଆଦିଲ୍ଲୀ,୧୪।୯(ପି.ଟି.)

ଏକ ଆପରାଧିକ ମାମଲାରେ ଅଭିଯୁକ୍ତମାନଙ୍କ ଭୂମିକା ନେଇ ସମାନ ତଥ୍ୟ ପ୍ରମାଣ ଥିଲେ, କୋର୍ଟ ଜଣକୁ ଦୋଷୀସାବ୍ୟସ୍ତ କରି ଅନ୍ୟ ଜଣକୁ ଦୋଷମୁକ୍ତ କରିପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଦେଇଛନ୍ତି। ଏକ ଡକାୟତି ଓ ହତ୍ୟା ମାମଲାରେ ଜଷ୍ଟିସ ଅଭୟ ଏସ୍. ଓକା ଏବଂ ସଞ୍ଜୟ କାରୋଲଙ୍କ ଖଣ୍ଡପୀଠ ୧୦ ବର୍ଷ ଲେଖାଏ



ଜେଲ ଦଣ୍ଡାଦେଶ ପାଇଥିବା ୪ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରିଦେବା ଅବସରରେ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି, ଯେଉଁ ମାମଲାରେ ତଥ୍ୟ ପ୍ରମାଣ ସମାନ ସେଠାରେ ଉଭୟ ଅଭିଯୁକ୍ତଙ୍କୁ 'ସମାନତା ସିଦ୍ଧାନ୍ତ' ଦ୍ୱାରା ବିଚାର କରିବାକୁ ହେବ। ଅର୍ଥାତ୍ ଅଦାଲତ ଦୁଇ ଅଭିଯୁକ୍ତଙ୍କ ମଧ୍ୟରେ ବାଛବିଚାର କରିପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଗୁଜରାଟ ହାଇକୋର୍ଟର ୨୦୧୬ର ଏକ ରାୟକୁ ଚ୍ୟାଲେଞ୍ଜ କରି ଦାଏର ପିଟିଶନକୁ ସୁପ୍ରିମକୋର୍ଟ ବୁଧବାର ଶୁଣାଣି କରିଥିଲେ। ଡକାୟତି ଓ ହତ୍ୟା ମାମଲାରେ ହାଇକୋର୍ଟ କେତେଜଣ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରିଥିବାବେଳେ ଅନ୍ୟମାନଙ୍କୁ ଦୋଷମୁକ୍ତ କରିଦେଇଥିଲେ। ଦୋଷୀସାବ୍ୟସ୍ତ ହୋଇଥିବା ଜଣେ ଅଭିଯୁକ୍ତ ହାଇକୋର୍ଟଙ୍କ ରାୟ ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।



**ନାଗା ଚୈତନ୍ୟଙ୍କ ଦ୍ୱିତୀୟ ବିବାହକୁ ନେଇ ଚର୍ଚ୍ଚା**

ସାଉଥ୍ ଅଭିନେତ୍ରୀ ସାମନ୍ଥା ରୁଥ୍ ପ୍ରଭୁଙ୍କ ସହ ଛାଡ଼ପତ୍ର ପରେ ଅଭିନେତା ନାଗା ଚୈତନ୍ୟ ଏବେ ତାଙ୍କ ଦ୍ୱିତୀୟ ବିବାହ ପାଇଁ ପ୍ରସ୍ତୁତ ହେଉଥିବା ଚର୍ଚ୍ଚା ହେଉଛି।

୧୦

୧୨

**ୟାମାଶିତା ଏସିଆନ କପ୍ ମ୍ୟାଚ ଅଫିସିଆଲ**

ଏସିଆନ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ମ୍ୟାଚ ଅଫିସିଆଲ ଭାବେ ମନୋନୀତ ହୋଇଛନ୍ତି ବିଶ୍ୱକପ୍ ରେଫରି ୟୋଶିମି ୟାମାଶିତା।



# ଆଜି କ୍ୟାବିନେଟ୍, ମନ୍ତ୍ରୀ ପରିଷଦ ବୈଠକ

ଭୁବନେଶ୍ୱର,୧୪।୯(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନଠାରେ ଶୁକ୍ରବାର ସନ୍ଧ୍ୟା ୬ଟାରେ ରାଜ୍ୟ କ୍ୟାବିନେଟ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ଏହାପରେ ମନ୍ତ୍ରୀ ପରିଷଦ ବୈଠକ ଅନୁଷ୍ଠିତ ହେବ। ମନ୍ତ୍ରୀ ପରିଷଦ ବୈଠକରେ ୨୦୨୩-୨୪ ଆର୍ଥିକବର୍ଷ ପାଇଁ ଆସନ୍ତା ବିଧାନସଭାରେ ଉପସ୍ଥାପନ ହେବାକୁ ଥିବା ଅତିରିକ୍ତ ଖର୍ଚ୍ଚଦାବିକୁ ଅନୁମୋଦନ କରାଯିବ। ଆସନ୍ତା ୨୨ ତାରିଖରେ ବିଧାନସଭାର ସ୍ୱଳ୍ପକାଳୀନ ମୌସୁମୀ ଅଧିବେଶନ ଅନୁଷ୍ଠିତ ହେବ। ଏଥିରେ ପ୍ରାୟ ୨୫ ହଜାର କୋଟି ଟଙ୍କାର ଅତିରିକ୍ତ ବଜେଟ ଉପସ୍ଥାପନ ହେବ। ଅନ୍ୟପକ୍ଷରେ କ୍ୟାବିନେଟ୍ ବୈଠକରେ ବିଭିନ୍ନ ବିଭାଗର ପ୍ରାୟ ୧୨ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ମୋହର ଲାଗିବା ସମ୍ଭାବନା ରହିଛି। ତେବେ କ୍ୟାବିନେଟ୍ ଏଜେଣ୍ଡାଗୁଡ଼ିକୁ ସମ୍ପୂର୍ଣ୍ଣ ଗୁପ୍ତ ରଖାଯାଇଛି।

**ଆଜିର ସମ୍ପାଦକୀୟ**

**ଚାଇନାର ଅବରୋଧ**

ଇରାନୀଙ୍କ ମାୟାଜାଲରେ ଫସିଛନ୍ତି ବଡ଼ବଡ଼ିଆ
ପୃଷ୍ଠା-୩

# ଓଡ଼ିଶାର ଏମ୍‌ପି, ବିଧାୟକଙ୍କ ନାମରେ ୩୨୩ ମାମଲା ବିଚାରାଧୀନ

**ଏମ୍‌ପି ଓ ବିଧାୟକଙ୍କ ବିରୋଧରେ ଦେଶବ୍ୟାପୀ ଅନେକ ମାମଲା ବିଚାରାଧୀନ ରହିଛି। ଗତ ୫ ବର୍ଷର ହିସାବକୁ ଦେଖିଲେ ଉତ୍ତର ପ୍ରଦେଶରେ ସର୍ବାଧିକ ୭୧୯, ବିହାରରେ ୩୮୧ ମାମଲା ରହିଥିବାବେଳେ ଏହି କ୍ଷେତ୍ରରେ ଓଡ଼ିଶାର ସ୍ଥାନ ତୃତୀୟ। ଓଡ଼ିଶାର ଆଇନପ୍ରଣେତାମାନଙ୍କ ନାମରେ ୩୨୩ ମାମଲା ଚାଲିଛି। ଏ ସଂକ୍ରାନ୍ତରେ ଆମିକସ୍ କ୍ୟୁରି ବିଜୟ ହଂସାରିଆ ସୁପ୍ରିମକୋର୍ଟଙ୍କୁ ଅବଗତ କରାଇଛନ୍ତି।**

ନୂଆଦିଲ୍ଲୀ,୧୪।୯

ଏମ୍‌ପି ଏବଂ ବିଧାୟକମାନଙ୍କ ବିରୋଧରେ ମାମଲା ୫ ବର୍ଷରୁ ଊର୍ଦ୍ଧ୍ୱ ବିଚାରାଧୀନ ରହିବାରେ ଦେଶର ଶୀର୍ଷ ୩ ରାଜ୍ୟ ମଧ୍ୟରେ ଓଡ଼ିଶା ରହିଛି। ଏହି ରାଜ୍ୟରେ ଆଇନ ପ୍ରଣେତାମାନଙ୍କ ବିରୋଧରେ ୩୨୩ ମାମଲା ୫ ବର୍ଷରୁ ଅଧିକ ସମୟ ହେଲା ବିଚାର ଅପେକ୍ଷାରେ ପଡ଼ିରହିଛି। ଉତ୍ତରପ୍ରଦେଶରେ ଏଭଳି ମାମଲା ସଂଖ୍ୟା ୭୧୯ ହୋଇଥିବାବେଳେ ବିହାରରେ ୩୮୧ ରହିଛି। ସୁପ୍ରିମକୋର୍ଟରେ ବରିଷ୍ଠ ଆଇନଜୀବୀ ତଥା ଆମିକସ୍ କ୍ୟୁରି ବିଜୟ ହଂସାରିଆ ଦାଖଲ କରିଥିବା ୧୯ତମ ରିପୋର୍ଟରୁ ଏହା ଜଣାପଡ଼ିଛି। ହାଇକୋର୍ଟଗୁଡ଼ିକରୁ ବିଚାରାଧୀନ ମାମଲା ସମ୍ପର୍କିତ ତଥ୍ୟ ସଂଗ୍ରହ କରି ହଂସାରିଆ ଉକ୍ତ ରିପୋର୍ଟ ପ୍ରସ୍ତୁତ କରିଛନ୍ତି।

ଉକ୍ତ ରିପୋର୍ଟ ଅନୁଯାୟୀ ଗତବର୍ଷ ନଭେମ୍ବର ପର୍ଯ୍ୟନ୍ତ ଓଡ଼ିଶାରେ ଏମ୍‌ପି ଏବଂ ବିଧାୟକମାନଙ୍କ ବିରୋଧରେ ୪୫୪ ମାମଲା ରୁଜୁ ହୋଇଛି। ପଞ୍ଜୀକୃତ ମାମଲା ଦୃଷ୍ଟିରୁ ବିଚାର କଲେ ଓଡ଼ିଶା ଚତୁର୍ଥ ସ୍ଥାନରେ ରହିଛି। ଉତ୍ତରପ୍ରଦେଶରେ ଏମ୍‌ପି ଓ ବିଧାୟକମାନଙ୍କ ବିରୋଧରେ ଏହି ସମୟ ମଧ୍ୟରେ ୧,୩୭୭ ମାମଲା ରୁଜୁ ହୋଇଥିବାବେଳେ ବିହାରରେ ୫୪୬ ଏବଂ ମହାରାଷ୍ଟ୍ରରେ ୪୮୨ ମାମଲା ରୁଜୁ ହୋଇଛି। ଓଡ଼ିଶାରେ ପ୍ରତି ବିଚାରପତି ପିଛା ଶୂନରୁ ୩୦ ମାମଲାର ବୋଝ ରହୁଛି। ଗତବର୍ଷ ନଭେମ୍ବର ସୁଦ୍ଧା ଦେଶର ଆଇନ ପ୍ରଣେତାମାନଙ୍କ ବିରୋଧରେ ମୋଟ ୫,୧୭୫ ମାମଲା ପଞ୍ଜୀକୃତ ହୋଇଥିବାବେଳେ ସେଥିମଧ୍ୟରୁ ୪୦ ପ୍ରତିଶତ (୨,୧୧୬ ମାମଲା) ୫ ବର୍ଷରୁ ଅଧିକ ସମୟ ହେଲା ବିଚାରାଧୀନ ରହିଛି। ନୈତିକ ଅଧମତାରେ ସମ୍ପୃକ୍ତ ଏମ୍‌ପି ଏବଂ ବିଧାୟକ ଦୋଷୀ ସାବ୍ୟସ୍ତ ହେଲେ ସେମାନଙ୍କୁ ୬ ବର୍ଷ ପରିବର୍ତ୍ତେ ଆଜୀବନ ନିର୍ବାଚନ ଲଢ଼ିବାରୁ ଅଯୋଗ୍ୟ ଘୋଷଣା କରାଯିବା ଉଚିତ ବୋଲି ଆମିକସ୍ କ୍ୟୁରି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ନୀତିଭ୍ରଷ୍ଟ ସଦସ୍ୟ ବୈଧାନିକ ପଦବୀ ପାଇଁ ସ୍ଥାୟୀ ଭାବେ ଅଯୋଗ୍ୟ ଘୋଷିତ ହେବେ ବୋଲି ବିଭିନ୍ନ ☞ପୃଷ୍ଠା-୨

# କାର୍ଯ୍ୟ ଦିବସ ନଷ୍ଟକଲେ ଭରଣା କରିବ

## ଆନ୍ଦୋଳନରତ ପ୍ରାଥମିକ ଶିକ୍ଷକଙ୍କୁ ସରକାରଙ୍କ ଚେତାବନୀ

**ପ୍ରାଥମିକ ଶିକ୍ଷକଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ସପ୍ତାହେ ବିତିଥିବାବେଳେ ରାଜ୍ୟର ପ୍ରାୟ ୫୦ ହଜାର ସ୍କୁଲରେ ପିଲାଙ୍କ ପାଠପଢ଼ା ଘୋର ପ୍ରଭାବିତ ହୋଇଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଆନ୍ଦୋଳନରତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ତୁରନ୍ତ କାର୍ଯ୍ୟରେ ଯୋଗଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ଅମାନ୍ୟ କଲେ ୨୨୦ କାର୍ଯ୍ୟ ଦିବସ ଭରଣା କରିବା ପାଇଁ ଜିଲା ଶିକ୍ଷା ଅଧିକାରୀ (ଡିଇଓ) ଏବଂ ବ୍ଲକ୍ ଶିକ୍ଷା ଅଧିକାରୀ (ବିଇଓ)ମାନଙ୍କ ନିକଟକୁ ପଠାଯାଇଥିବା ପତ୍ରରେ ଚେତାବନୀ ଦିଆଯାଇଛି।**

ଭୁବନେଶ୍ୱର,୧୪।୯(ଅନିଲ ଦାସ)

ରାଜ୍ୟର ବିଭିନ୍ନ ଜିଲାରେ ପ୍ରାଥମିକ ସ୍କୁଲ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ୩ ଦଫା ଦାବି ନେଇ ସେପ୍ଟେମ୍ବର ୮ରୁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଛନ୍ତି। ଏଥିଯୋଗୁ ରାଜ୍ୟରେ ପ୍ରାଥମିକ ଶିକ୍ଷା ଗଭୀର ଭାବେ ପ୍ରଭାବିତ ହୋଇଛି। ଆନ୍ଦୋଳନ ବନ୍ଦ କରି ତୁରନ୍ତ କାର୍ଯ୍ୟରେ ଯୋଗଦେବାକୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଶିକ୍ଷକମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଏ ନେଇ ସମସ୍ତ ଡିଇଓ, ବିଇଓଙ୍କୁ ଗୁରୁବାର ଚିଠି ଲେଖିଛନ୍ତି। ସ୍କୁଲରେ କେଉଁମାନେ ଅନୁପସ୍ଥିତ ଅଛନ୍ତି, ସେମାନଙ୍କର ଏକ ଦୈନିକ ଉପସ୍ଥାନ ପ୍ରସ୍ତୁତ କରିବା ସହ ଉପସ୍ଥିତ ଓ ଅନୁପସ୍ଥିତ ଶିକ୍ଷକଙ୍କ ସମ୍ପର୍କରେ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥି ସହିତ ଚୁକ୍ତିଭିତ୍ତିକ ଶିକ୍ଷକଙ୍କ ସଂପର୍କରେ ଜଣାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଚିଠିରେ ଉଲ୍ଲେଖ କରାଯାଇଛି ଯେ ଶିକ୍ଷକମାନେ କୌଣସି କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ନ ଦେଇ ଶିକ୍ଷାଦାନ ଛାଡ଼ି ଆନ୍ଦୋଳନ କରୁଛନ୍ତି, ଯାହାକି ଆଚରଣ ବିଧିର ଏହା ଖୋଲା ଉଲ୍ଲଂଘନ।

ଆନ୍ଦୋଳନରେ ବସିଥିବା ଶିକ୍ଷକଙ୍କୁ ୨୨୦ ଦିନର କାର୍ଯ୍ୟ ଦିବସ ଭରଣା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବର୍ଷକୁ ୨୨୦ ଦିନ କାମ ନ କଲେ ପରବର୍ତ୍ତୀ ସମୟରେ ଶିକ୍ଷକମାନେ ତାହାକୁ ଭରଣା କରିବେ ବୋଲି ସରକାର ଚେତାଇ ଦେଇଛନ୍ତି। ଯଦି କେହି ଆନ୍ଦୋଳନ କରି ଏବର୍ଷ କିଛି କାର୍ଯ୍ୟ ଦିବସକୁ ନଷ୍ଟ କରୁଛନ୍ତି ପରବର୍ତ୍ତୀ ବର୍ଷରେ ତାହାକୁ ଭରଣା କରିବାକୁ ହେବ ବୋଲି କୁହାଯାଇଛି। ପ୍ରାଥମିକ ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଗଠିତ ଏକ ସବ୍‌କମିଟି ଶିକ୍ଷୟିତ୍ରୀ ଓ ☞ପୃଷ୍ଠା-୨



ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରତ ପ୍ରାଥମିକ ଶିକ୍ଷୟିତ୍ରୀଶିକ୍ଷକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚାଟୁ ଥା**
**ପଛରୁ ଗଳାକୁ କାଟୁଥା।**

ମୁହଁରେ ଚାଟୁ ବଚନ, ପ୍ରଶଂସା ; କିନ୍ତୁ ପରୋକ୍ଷରେ ଶତ୍ରୁତା ଆଚରଣ। କପଟୀ ବ୍ୟକ୍ତିଙ୍କର ଏପରି ସ୍ୱଭାବ ହୋଇଥିବାବେଳେ ଏମାନେ ଶତ୍ରୁଠାରୁ ଭୟଙ୍କର। ମୁହଁ ଉପରେ ମିଠା କଥା କହି ପଛରେ ଅନିଷ୍ଟ ଚିନ୍ତା କରୁଥିବା ବିଶ୍ୱାସଘାତକ ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚାଷ ନାହିଁ ଯା'ର,**
**ବାସ ନାହିଁ ତା'ର।**

ଆଗକାଳରେ ଲୋକେ ଚାଷବାସ କରି ଜୀବିକା ନିର୍ବାହ କରୁଥିଲେ। ଚାଷ କରି ଯାହା ଉପାର୍ଜନ ହେଉଥିଲା ସେଥିରେ ପରିବାର ପ୍ରତିପୋଷଣ କରୁଥିଲେ। ଯିଏ ଚାଷ କରୁ ନ ଥିଲା ତା'ପକ୍ଷେ ପରିବାରର ଭରଣପୋଷଣ କରିବା କାଠିକର ପାଠ ହୋଇଯାଉଥିଲା। କୃଷିପ୍ରଧାନ ଦେଶରେ ଚାଷ ହିଁ ଏକମାତ୍ର ଭରସା। ଚାଷ ଜୀବନ ଯାପନର ମୂଳ ମାର୍ଗ ଭାବେ ପରିଗଣିତ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ




# ଲଘୁଚାପ: ବଲାଙ୍ଗୀରରେ ସର୍ବାଧିକ ୨୧୫ ମି.ମି.

**୬ ଜିଲାରେ ଅତି ପ୍ରବଳ ବର୍ଷା ସମ୍ଭାବନା**

ଭୁବନେଶ୍ୱର,୧୪।୯(ଅନିଲ ଦାସ)

ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଗୁରୁବାର ଘନୀଭୂତ ହୋଇଛି। ଏହାର ପ୍ରଭାବରେ ସାରା ରାଜ୍ୟରେ ମେଘୁଆ ପାଗ ସହ ବର୍ଷା ଲାଗି ରହିଛି। ଗତ ୨୪ ଘଣ୍ଟାରେ ରାଜ୍ୟର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଛି।

ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ, ବଲାଙ୍ଗୀରରେ ସର୍ବାଧିକ ୨୧୫ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଜଗତ୍‌ସିଂହପୁରରେ ୧୭୭.୨, କେନ୍ଦ୍ରାପଡ଼ାରେ ୧୩୨.୪, ବାଲେଶ୍ୱର ୪୧, ଚାନ୍ଦବାଲି ୩୭.୬, କଟକ ୬୦.୬, ପାରାଦୀପ ୫୫.୪, ଭୁବନେଶ୍ୱର ୫୫, ଗୋପାଳପୁର ୮୬, ପୁରୀ ୪୬.୪, ଅନୁଗୋଳ ୪୦.୬, ଝାରସୁଗୁଡ଼ା ୭୬.୮, ସମ୍ବଲପୁର ୩୬.୫, ହୀରାକୁଦ ୪୩.୬, ତାଳଚେର ୭୬, ଭବାନୀପାଟଣା ୬୪.୪, କୋରାପୁଟ ୬୫.୨, ଫୁଲବାଣୀ ୫୪.୨, ଟିଟିଲାଗଡ଼ ୮୮, ସୋନପୁର ୫୩, ଦାରିଙ୍ଗବାଡ଼ି ୪୫, ନୟାଗଡ଼ ୬୯.୪, ଛତ୍ରପୁରରେ ୮୨.୬ ମିଲିମିଟର ରେକର୍ଡ କରାଯାଇଛି। ଲଘୁଚାପ ଯୋଗୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଲାଙ୍ଗୀର, କଳାହାଣ୍ଡି, ସୋନପୁର, ବରଗଡ଼, ନୂଆପଡ଼ା, ସମ୍ବଲପୁର ଜିଲାରେ ୨୦ସେମିରୁ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲା ପାଇଁ ରେଡ୍‌ୱାର୍ନିଂ ଜାରି କରାଯାଇଛି। ଏହି ସମୟ ମଧ୍ୟରେ ନବରଙ୍ଗପୁର, କନ୍ଧମାଳ, ବୌଦ୍ଧ, କଟକ, ଦେବଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ଅନୁଗୋଳ, ଢେଙ୍କାନାଳ ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ତେଣୁ ଏହି ସବୁ ଜିଲାର ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜୱାର୍ନିଂ ଜାରି କରାଯାଇଛି। ଯେଉଁସବୁ ଅଞ୍ଚଳରେ ୨୦୦ ମିଲିମିଟର ବର୍ଷା ହୋଇଛି ସେହି ଅଞ୍ଚଳରେ ଆକସ୍ମିକ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇପାରେ। ଖାଲୁଆ ଅଞ୍ଚଳରେ ପାଣି ଜମି ରହିବା ସହ କଚ୍ଚାଘର ଭୁଶୁଡ଼ିବା ଆଶଙ୍କା ମଧ୍ୟ କରାଯାଉଛି। ୧୬ ତାରିଖରୁ ବର୍ଷା ହ୍ରାସ ପାଇବ। ତେବେ ସେପ୍ଟେମ୍ବର ୧୯ରୁ ପୁଣି ବର୍ଷା ବଢ଼ିବ। ଲଘୁଚାପ ଯୋଗୁ ସେପ୍ଟେମ୍ବରରେ ଏ ପର୍ଯ୍ୟନ୍ତ ସ୍ୱାଭାବିକଠାରୁ ଅଧିକ ବର୍ଷା ରେକର୍ଡ ହୋଇଛି। ଯେଉଁ କେତେକ ଜିଲାରେ ନିଅଣ୍ଟିଆ ବର୍ଷା ରହିଥିଲା ତାହା ଭରଣା ହୋଇଛି।

# ହୀରାକୁଦରେ ଜଳସ୍ତର ବୃଦ୍ଧି, ୧୪ ଗେଟ୍ ଖୋଲିଲା



ହୀରାକୁଦ ଡ୍ୟାମ୍‌ରୁ ବନ୍ୟାଜଳ ନିଷ୍କାସନ ହେଉଛି।

ସମ୍ବଲପୁର,୧୪।୯(ଶୁଭାଶିଷ ପାଢ଼ୀ)

ହୀରାକୁଦର ଉପରମୁଣ୍ଡ ଛତିଶଗଡ଼ରେ ଲଗାଣ ବର୍ଷା ଯୋଗୁ ଡ୍ୟାମ୍‌କୁ ଜଳପ୍ରବେଶ ପରିମାଣ ବୃଦ୍ଧି ପାଇଛି। ଜଳଭଣ୍ଡାରର ଜଳଧାରଣ କ୍ଷମତା ୬୩୦ଫୁଟ୍ ରହିଥିବାବେଳେ ଏବେ ଜଳସ୍ତର ୬୨୮.୫୮ଫୁଟ୍‌ରେ ପହଞ୍ଚିଛି। ଜଳସ୍ତର ବୃଦ୍ଧି ଯୋଗୁ ଗେଟ୍ ଖୋଲିବା ସଂଖ୍ୟା ବୃଦ୍ଧି ହୋଇଛି। ସନ୍ଧ୍ୟା ପର୍ଯ୍ୟନ୍ତ ୧୪ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି। ଉପରମୁଣ୍ଡରେ ପ୍ରବଳ ବର୍ଷା ନେଇ ରେକର୍ଡ କରାଯାଉଛି। ତଳ ମୁଣ୍ଡରେ ମଧ୍ୟ ବର୍ଷା ଲାଗିରହିଛି। ଶୁକ୍ରବାର ଜଳପ୍ରବେଶ ପରିମାଣକୁ ଦେଖି ଗେଟ୍ ସଂଖ୍ୟା ବୃଦ୍ଧି କରାଯାଇପାରେ ବୋଲି ଡ୍ୟାମ୍ ମୁଖ୍ୟଯନ୍ତ୍ରୀ ଆନନ୍ଦ ଚନ୍ଦ୍ର ସାହୁ କହିଛନ୍ତି।

ଡ୍ୟାମ୍ କର୍ତ୍ତୃପକ୍ଷଙ୍କ ସୂଚନା ମୁତାବକ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୨ଲକ୍ଷ ୧୯ ହଜାର ୩୩୪ କ୍ୟୁସେକ ଜଳ ପ୍ରବେଶ କରୁଥିବା ବେଳେ ସ୍ପିଲ୍‌ୱେ, ଜଳସେଚନ, ପାୱାର ଚ୍ୟାନେଲ, ଶିଳ୍ପକୁ ମୋଟ ୨ ଲକ୍ଷ ୬୭ କ୍ୟୁସେକ ନିଷ୍କାସିତ ହେଉଛି। ତଳମୁଣ୍ଡ ବେଲଗାଁରେ ୬୧ ହଜାର ୯ ଶହ, ପର୍ଥଲାରେ ୩ ଲକ୍ଷ ୧୫ ହଜାର ୮୧୬, ଖଇରମାଲରେ ୨ ଲକ୍ଷ ୧୦ ହଜାର, ବରମୂଳାରେ ୧ ଲକ୍ଷ ୩୦ ହଜାର ୫ ଶହ, ମୁଣ୍ଡୁଳିରେ ୯୦ ହଜାର କ୍ୟୁସେକ ଜଳ ପ୍ରବାହିତ ହେଉଛି। ସୂଚନାଯୋଗ୍ୟ, ଜୁଲାଇରେ ପ୍ରବଳ ବର୍ଷା ଯୋଗୁ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ହୋଇଥିଲା। ଫଳରେ ଜୁଲାଇ ୨୩ରେ ପ୍ରଥମେ ୫ଟି ଓ ପରେ ୩ ଏବଂ ୪ଟି ଗେଟ୍ ଖୋଲିଥିଲା। ଜଳସ୍ତର ବୃଦ୍ଧି ଯୋଗୁ ବୁଧବାର ଦ୍ୱିତୀୟ ପର୍ଯ୍ୟାୟରେ ୨ ଗେଟ୍ ଖୋଲାଯାଇଛି। ଏବେ ୧୪ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି।

# 'ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା'ର ଶୁଭାରମ୍ଭ

ଭୁବନେଶ୍ୱର,୧୪।୯(ଅନିଲ ଦାସ)



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ମା', କିଶୋରୀ ଝିଅ ଓ ଶିଶୁମାନଙ୍କ ଉପଯୁକ୍ତ ପୁଷ୍ଟିସାଧନ ଉଦ୍ଦେଶ୍ୟରେ ଗୁରୁବାର 'ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା'ର ଶୁଭାରମ୍ଭ କରିଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ 'ପଢ଼ା ପୁଷ୍ଟି' କାର୍ଯ୍ୟକ୍ରମ ମଧ୍ୟ ଆରମ୍ଭ କରିଛନ୍ତି।

ଏହି ଯୋଜନାରେ ସାରା ରାଜ୍ୟରେ ୧୫ରୁ ୧୯ ବର୍ଷ ବୟସର ସମସ୍ତ କିଶୋରୀ ବାଳିକାମାନଙ୍କୁ ପୁଷ୍ଟି ସହାୟତା ସହିତ ଗର୍ଭବତୀ ମହିଳା ଓ ପ୍ରସୂତିମାନଙ୍କ ପାଇଁ ଅଧିକ ଶୃଙ୍ଖଳା ଖାଦ୍ୟର ବ୍ୟବସ୍ଥା, ଅତିଶୟ ପୁଷ୍ଟିହୀନ ପିଲାମାନଙ୍କ ପାଇଁ ସମ୍ପୂର୍ଣ୍ଣ ଆହାର, ମଧ୍ୟମ ପୁଷ୍ଟିହୀନ ପିଲା ଏବଂ ଅତିଶୟ କମ୍ ଓଜନର ପିଲାମାନଙ୍କ ପାଇଁ ଭିଟାମିନଯୁକ୍ତ ଛତୁଆ ଓ ଅଣ୍ଡା ପ୍ରଦାନର ବ୍ୟବସ୍ଥା କରାଯାଇଛି।

'ପଢ଼ା ପୁଷ୍ଟି' ଯୋଜନାରେ ଦୁର୍ଗମ ତଥା ଆଦିବାସୀ ଅଞ୍ଚଳର ପିଲାମାନଙ୍କୁ ସେମାନଙ୍କ ପଢ଼ା ତଥା ଗ୍ରାମରେ ଉତ୍ତମ ରନ୍ଧାଖାଦ୍ୟ ଯୋଗାଇ ଦିଆଯିବ।

ଲୋକସେବା ଭବନସ୍ଥିତ କନ୍‌ଭେନଶନ ସେଣ୍ଟରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପୁଷ୍ଟି ସହିତ ସମୃଦ୍ଧିର ଗଭୀର ସମ୍ପର୍କ ରହିଛି। ପୁଷ୍ଟିର ଉନ୍ନତି ଜରିଆରେ ଆମେ ବିକାଶର ଲକ୍ଷ୍ୟ ପୂରଣ କରିପାରିବା। ପରିବାରକୁ ଉପଯୁକ୍ତ ପୁଷ୍ଟି କେବଳ ମା' ହିଁ ଦେଇପାରିବେ। ଏହି କାର୍ଯ୍ୟକ୍ରମର ସଫଳତା ମା'ମାନଙ୍କ ଉପରେ ନିର୍ଭର କରେ। ଅଙ୍ଗନୱାଡ଼ି କର୍ମୀ ଓ ମିଶନ ଶକ୍ତି ମା'ମାନଙ୍କର ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ଗୁରୁଦାୟିତ୍ୱ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**ଆରମ୍ଭ ହେଲା 'ପଢ଼ା ପୁଷ୍ଟି' କାର୍ଯ୍ୟକ୍ରମ**

ଓଡ଼ିଶା ଦେଶର ପ୍ରଥମ ରାଜ୍ୟ ଭାବେ ୨୦୨୦-୨୧ରୁ ପୁଷ୍ଟି ବଜେଟ ପରିକଳ୍ପନା କରିଛି। ମମତା ଯୋଜନାରେ ରାଜ୍ୟର ଗର୍ଭବତୀ ମହିଳା ଓ ନବଜାତ ଶିଶୁମାନଙ୍କ ସ୍ୱାସ୍ଥ୍ୟର ଉପଯୁକ୍ତ ଯତ୍ନ ନିଆଯାଉଛି। 'ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା' ଏ କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଯୋଜନା ଦ୍ୱାରା ରାଜ୍ୟର ପ୍ରତ୍ୟେକ ମହିଳା ଓ ଶିଶୁ ସ୍ୱାସ୍ଥ୍ୟବାନ ହୋଇପାରିବେ। ଏହା ଦ୍ୱାରା ଆମେ ସମୃଦ୍ଧି ପଥରେ ଆଗେଇବା ସହିତ ଆମ ଲକ୍ଷ୍ୟ ହାସଲରେ ସଫଳ ହେବା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

୫-ଟିର ପାଞ୍ଚଟି ଉପାଦାନର ପ୍ରୟୋଗରେ ମହିଳା ଓ ଶିଶୁ ବିକାଶ ବିଭାଗ ତୃଣମୂଳ ସ୍ତରରେ ସମସ୍ତଙ୍କୁ ସାମିଲ କରି ଏହି ଯୋଜନାର ସଫଳ କାର୍ଯ୍ୟକାରିତା ପାଇଁ କାର୍ଯ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାବାଦୀ। ଆମ ସମସ୍ତଙ୍କ ସମ୍ମିଳିତ ଉଦ୍ୟମ ହିଁ ଲୋକମାନଙ୍କୁ ଉନ୍ନତ ସ୍ୱାସ୍ଥ୍ୟ ଓ ଉନ୍ନତ ପୁଷ୍ଟି ଯୋଗାଇ ଦେଇ ସାମଗ୍ରିକ ବିକାଶକୁ ଆହୁରି ଆଗକୁ ନେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବିଭାଗୀୟ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ କହିଛନ୍ତି, 'ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା' ଆମ ପାଇଁ ଏକ ମିଶନ। ଏହି ଯୋଜନା ସମଗ୍ର ଓଡ଼ିଶାବାସୀଙ୍କ ଜୀବନ ଓ ଭବିଷ୍ୟତକୁ ଉନ୍ନତ କରିବ।

ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି, ପୁଷ୍ଟି ସୂଚକାଙ୍କରେ ଧୀରେ ଧୀରେ ଓଡ଼ିଶା ଉପରକୁ ଉଠୁଛି। ଜାତୀୟ ସ୍ତରରେ ମଧ୍ୟ ଏ କ୍ଷେତ୍ରରେ ଓଡ଼ିଶା ଭଲ ସ୍ଥିତିରେ ରହିଛି। ପୁଷ୍ଟିସାଧନ କ୍ଷେତ୍ରରେ ରୂପାନ୍ତର ଆଣିବା ପାଇଁ 'ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା' ଏକ ସମୟୋପଯୋଗୀ ପଦକ୍ଷେପ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ବିଭାଗୀୟ କମିଶନର ତଥା ଶାସନ ସଚିବ ଶୁଭା ଶର୍ମା ସ୍ୱାଗତ ଭାଷଣ ଦେଇଥିବା ବେଳେ ନିର୍ଦ୍ଦେଶକ ଲିଙ୍ଗରାଜ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଡିସ୍‌ଚାର୍ଜ ପିଟିଶନ ଖାରଜ, ଚାର୍ଜଫ୍ରେମ ଦାଖଲ

**ନବ ଦାସ ହତ୍ୟା ମାମଲା**
**ଦୋଷ ଅସ୍ୱୀକାର କଲେ ଗୋପାଳ**

ସମ୍ବଲପୁର,୧୪।୯(ଶୁଭାଶିଷ ପାଢ଼ୀ)



ଝାରସୁଗୁଡ଼ା କୋର୍ଟରେ ଅଭିଯୁକ୍ତ ଗୋପାଳ ଦାସ।

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ହତ୍ୟା ମାମଲାରେ ଗୁରୁବାର ଝାରସୁଗୁଡ଼ା ଅତିରିକ୍ତ ଜିଲା ଜଜ୍‌କୋର୍ଟରେ ଅଭିଯୁକ୍ତ ବହିଷ୍କୃତ ପୋଲିସ ଏଏସ୍‌ଆଇ ଗୋପାଳ ଦାସଙ୍କୁ ହାଜର କରାଯାଇଥିଲା। କୋର୍ଟରେ ପୂର୍ବରୁ ଆବେଦନ କରାଯାଇଥିବା ଡିସ୍‌ଚାର୍ଜ ପିଟିଶନ ଉପରେ ଶୁଣାଣି ହୋଇଥିଲା। ଅଭିଯୁକ୍ତଙ୍କ ଓକିଲ ଓ ଅନ୍ୟପକ୍ଷ ଓକିଲ ନିଜ ପକ୍ଷ ରଖିଥିଲେ। ଉଭୟ ପକ୍ଷ ଶୁଣିବା ପରେ ଅପରାହ୍ନ ୩ଟାରେ ରାୟ ପ୍ରକାଶ ପାଇଥିଲା। ଡିସ୍‌ଚାର୍ଜ ପିଟିଶନକୁ ବିଚାରପତି ଖାରଜ କରିଦେଇଥିଲେ। ପରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଚାର୍ଜଫ୍ରେମ ଦାଖଲ ହୋଇଥିଲା। ବିଚାରପତିଙ୍କ ପ୍ରଶ୍ନରେ ଅଭିଯୁକ୍ତ ଗୋପାଳ ଦୋଷ ସ୍ୱୀକାର କରି ନ ଥିଲେ। ବରଂ ଆଗକୁ ମାମଲା ଲଢ଼ିବାକୁ କହିଥିଲେ। ଅକ୍ଟୋବର ୫ରେ ପରବର୍ତ୍ତୀ ଶୁଣାଣି ହୋଇ ସାକ୍ଷ୍ୟ ଗ୍ରହଣ ଆରମ୍ଭ ହେବ।

ଏ ନେଇ ଗୋପାଳଙ୍କ ଓକିଲ ନରେଶ ନାୟକ କହିଛନ୍ତି, ଗୋପାଳ ଜଣେ ମାନସିକ ରୋଗୀ। ସେ ଜେଲ ଭିତରେ ଡାକ୍ତରଙ୍କ ପରାମର୍ଶ କ୍ରମେ ଔଷଧ ସେବନ କରୁଛନ୍ତି। ପୂର୍ବରୁ ମଧ୍ୟ ସେ ଏହି ରୋଗରେ ପୀଡ଼ିତ ଥିବା ନେଇ ପ୍ରମାଣ ରହିଛି। ବିଚାରପତିଙ୍କ ଆଗରେ ଗୋପାଳ ତାଙ୍କ ବନ୍ଧୁକ ଗୁଳିରେ ମନ୍ତ୍ରୀଙ୍କ ମୃତ୍ୟୁ ଘଟିନାହିଁ ବୋଲି କହିଥିଲେ। କ୍ରାଇମବ୍ରାଞ୍ଚ ଦେଇଥିବା ଚାର୍ଜଫ୍ରେମରେ ଗୋପାଳ ପାଗଳ ନୁହେଁ ବୋଲି କୁହାଯାଉଛି, ଯାହାକି ଡାକ୍ତରୀ ରିପୋର୍ଟକୁ ଚ୍ୟାଲେଞ୍ଜ କରୁଛି ବୋଲି ସେ କହିଥିଲେ।

ସୂଚନାଯୋଗ୍ୟ, ଜାନୁୟାରୀ ୨୯ରେ ମନ୍ତ୍ରୀ ନବ ଦାସ ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଗସ୍ତରେ ଯାଇଥିବା ବେଳେ ଗାନ୍ଧୀ ଛକରେ ତତ୍କାଳୀନ ପୋଲିସ ଏଏସ୍‌ଆଇ ଗୋପାଳ ଦାସ ସର୍ଭିସ ବନ୍ଧୁକରେ ଗୁଳିକରି ହତ୍ୟା କରିଥିଲେ। ଘଟଣାର ତଦନ୍ତଭାର ରାଜ୍ୟ ସରକାର କ୍ରାଇମବ୍ରାଞ୍ଚକୁ ଦେଇଥିଲେ। ହତ୍ୟାକାଣ୍ଡର ୧୧୮ଦିନ ପରେ କ୍ରାଇମବ୍ରାଞ୍ଚ ୫୩୪ ପୃଷ୍ଠାର ଚାର୍ଜଶିଟ ଦାଖଲ କରିଥିଲା। ଏଥିରେ ୮୯ ଜଣଙ୍କ ସାକ୍ଷ୍ୟ ଓ ଜେରା କରାଯାଇଥିବା ରିପୋର୍ଟ ରହିଥିଲା। ବ୍ୟକ୍ତିଗତ ଆକ୍ରୋଶ ରଖି ନବଙ୍କୁ ଗୋପାଳ ହତ୍ୟା କରିଥିବା ଚାର୍ଜଶିଟରେ ଉଲ୍ଲେଖ ରହିଥିଲା। ଏପରିକି ଅଭିଯୁକ୍ତ ଗୋପାଳ ସମ୍ପୂର୍ଣ୍ଣ ସୁସ୍ଥ ମସ୍ତିଷ୍କରେ ଏହି ହତ୍ୟାକାଣ୍ଡ ଘଟାଇଥିଲେ। ପୂର୍ବରୁ ଜୁଲାଇ ୨୦ ଓ ୩୦ରେ ଗୋପାଳଙ୍କୁ କଡ଼ା ସୁରକ୍ଷା ବଳୟରେ ଝାରସୁଗୁଡା କୋର୍ଟରେ ହାଜର କରାଯାଇଥିଲା। ଘଟଣାର ୭ମାସ ପରେ ମଧ୍ୟ ମନ୍ତ୍ରୀ ଦାସଙ୍କୁ ଜଣେ ପୋଲିସ କର୍ମଚାରୀ କାହିଁକି ସର୍ଭିସ ବନ୍ଧୁକରେ ଗୁଳିକରି ହତ୍ୟା କଲେ ତାହା ସ୍ପଷ୍ଟ ହୋଇପାରି ନାହିଁ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ପାପଯୁକ୍ତ ଚନ୍ଦ୍ର ହେତୁ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖି କାହାକୁ ମଧ୍ୟ ସହଜରେ ବିଶ୍ୱାସ କରିପାରିବେ ନାହିଁ। ଅତି ଭଲ ପାଉଥିବା ବନ୍ଧୁଟି ପ୍ରତି ନିର୍ଦ୍ଦୟ ହେବା ଠିକ୍ ହେବନାହିଁ। ସନ୍ତାନଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ସମସ୍ୟା ତଥା ଅତୀତ ସ୍ମୃତି ରୋମନ୍ଥନ କରି ଭାବ ବିହ୍ୱଳ ହୋଇପାରନ୍ତି।

**ବୃଷ** ଦୀର୍ଘଦିନରୁ ରହିଥିବା ଋଣ ଓ ବନ୍ଧୁବର୍ଗଙ୍କ ହୀନମନ୍ୟତା ବିଷୟରେ ଚିନ୍ତା କରିବେ। ସହକର୍ମୀଙ୍କ ସ୍ନେହ, ସହାନୁଭୂତି ଯୋଗୁ ସମସ୍ୟା ଓ ଦୁଃଖକୁ କିଛି ସମୟ ପାଇଁ ଭୁଲି ଯାଇପାରନ୍ତି। ପୁରାତନ ରୋଗର ପ୍ରାଦୁର୍ଭାବ କ୍ରମଶଃ ବୃଦ୍ଧି ପାଇବାର ଆଶଙ୍କାକୁ ଏଡ଼ାଇହେବ ନାହିଁ। ନିଜର ଆତ୍ମୀୟଙ୍କ ଭିନ୍ନ ଚିନ୍ତାଧାରାର ସମାଲୋଚନା କରିପାରନ୍ତି।

**ମିଥୁନ** ପାରିବାରିକ ଜୀବନ ସୁଖରେ କାଟିବେ କିନ୍ତୁ ସାଧାରଣ କଥାରେ ବିତର୍କର ସମ୍ଭାବନା ରହିଛି। ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାମ ହାସଲ କରିବାରେ ସମର୍ଥ ହେବେ। ବ୍ୟବସାୟରେ ସମସ୍ୟା ଦେଖା ଦେଇପାରେ, କିନ୍ତୁ ଅସୁବିଧା ହେବନି। ସଭାସମିତି କିମ୍ବା ଆଲୋଚନା କ୍ଷେତ୍ରରେ ମାନସିକ ଦ୍ୱନ୍ଦ୍ୱ ହେତୁ ନିଷ୍ପତ୍ତି ନେବାରେ ବିଳମ୍ବ ହୋଇପାରେ।

**କର୍କଟ** ପୂର୍ବାପେକ୍ଷା ଆପଣଙ୍କ ସ୍ଥିତି ମନ୍ଦ ନ ହେଲେ ମଧ୍ୟ ଅଧିକ ଆଶା କରି ନ ପାଇବା କାରଣରୁ ମନ ଭଲ ରହିବ ନାହିଁ। ସହକର୍ମୀଙ୍କ ସହଯୋଗରେ ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ପରୋକ୍ଷ ଶତ୍ରୁତା କାରଣରୁ କିମ୍ବା ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ଅଫିସରେ ସମସ୍ୟା ବଢ଼ିପାରେ।

**ସିଂହ** ମଙ୍ଗଳଙ୍କ ଦୁର୍ବଳତା ହେତୁ କେତେକ କ୍ଷେତ୍ରରେ ନୈରାଶ୍ୟଜନକ ସ୍ଥିତି ପରିଲକ୍ଷିତ ହେବ। ପରୋକ୍ଷ ଶତ୍ରୁତା କାର୍ଯ୍ୟରେ ବାଧା ସୃଷ୍ଟି କରିବ। ପର କଥାରେ ମନ ଦେଇ ନିଜ କାମକୁ ଅବହେଳା କରିବା କାରଣରୁ ଘରୁ ଗାଳି ଖାଇପାରନ୍ତି। କାହାଠାରୁ କିଛି ନିଜ ଘର ବିଷୟରେ ଶୁଣି ବିଶ୍ୱାସ କଲେ ଅସୁବିଧାରେ ପଡ଼ିବେ।

**କନ୍ୟା** ଅତୀତ କଥାକୁ ଭାବି ଆଜି ମନଟା ଭଲ ଲାଗିବ ନାହିଁ। କେତେକ କ୍ଷେତ୍ରରେ ଦ୍ୱନ୍ଦ୍ୱରେ ପଡ଼ିବା ହେତୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇଯିବ। ଆଇନ ଅଦାଲତ, ପ୍ରଶାସନ ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ସୌଜନ୍ୟତା ଦୃଷ୍ଟିରୁ ନିଜ କାମ ପଛକୁ ପକାଇ ସମ୍ପର୍କୀୟ କାମକୁ ପ୍ରାଧାନ୍ୟ ଦେଇପାରନ୍ତି।

**ତୁଳା** ଶୁକ୍ରଙ୍କ ଯୋଗୁ କାମରେ ହାରିବେ ନାହିଁ କିନ୍ତୁ ଦ୍ୱନ୍ଦ୍ୱ କଲେ ପାରିବେ ନାହିଁ। ମଧ୍ୟାହ୍ନରେ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ଯେତେ ଭଲ କାମ କଲେ କ'ଣ ହେବ ଟିକିଏ ଟିକିଏ କଥାରେ ଚିହ୍ନା ପଡ଼ି ସମାଲୋଚିତ ହୋଇପାରନ୍ତି।

**ବିଛା** ଆଜି କୌଣସି କାମରେ ପୂର୍ଣ୍ଣ ସନ୍ତୋଷ ମିଳିବା କାରଣରୁ ମନ ଭଲ ରହି ନ ପାରେ। ଆଶା କରିଥିବା ଅର୍ଥ ବିଳମ୍ବରେ ପାଇବାରୁ ଯୋଜନା କଷ୍ଟରେ କାର୍ଯ୍ୟକାରୀ ହେବ। ଆପଣ ହାତଯୋଡ଼ି ବସିରହିଲେ ଚଳିବ ନାହିଁ , ଏଥିପାଇଁ ଦୃଢ଼ ମନୋବଳ ପୋଷଣ କରିବା ଭଲ ହେବ। ଘରେ ବନ୍ଧୁମିଳନ ଓ ଖୁସିର ଆସର ଜମିପାରେ।

**ଧନୁ** ସାଧାରଣ କଥାକୁ ଅତିରଞ୍ଜିତ କରି ଆକସ୍ମିକ କଳହଜନିତ ଅନ୍ୟମନସ୍କ ରହିପାରନ୍ତି। ଯାତ୍ରା ସମୟରେ ପକେଟମାର କିମ୍ବା ଚୋରିଜନିତ ଧନ ହାନିର ସୂଚନା ମଧ୍ୟ ରହିଛି। ପୂର୍ବାଷାଢ଼ା ନକ୍ଷତ୍ର କିନ୍ତୁ କର୍ମକ୍ଷେତ୍ରରେ ଆଶାନୁରୂପକ ସଫଳତା ହାସଲ କରିବେ। ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ କରନ୍ତୁ।

**ମକର** ଆଜିର ଯାତ୍ରା ଶୁଭପ୍ରଦ ଓ କାମ ଆଶାନୁରୂପ ହେବା କାରଣରୁ ମନ ଖୁସି ହୋଇଯିବ। ଆପଣଙ୍କ ସୁଖ ଅନ୍ୟମାନଙ୍କ ମନରେ ଈର୍ଷା ଉଦ୍ରେକ କରିବ। ବନ୍ଧୁଙ୍କ ଆଗମନରେ ଯେତିକି ଖୁସି ହେବେ ତାଙ୍କ ମତିଗତି ଓ କାର୍ଯ୍ୟ କଳାପରେ ସେତିକି ଅସନ୍ତୁଷ୍ଟ ହେବେ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହୋଇପାରନ୍ତି।

**କୁମ୍ଭ** ଆଜିର ଯାତ୍ରା ସମୟରେ ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ନିର୍ଦ୍ଦିଷ୍ଟ ସ୍ଥାନରେ ବନ୍ଧୁଙ୍କୁ ଅପେକ୍ଷା କରି ବିରକ୍ତ ହେବେ। ପାରିବାରିକ କ୍ଷେତ୍ରରେ ଛୋଟଛୋଟ କଥାରେ ବେଶି ରାଗନ୍ତୁ ନାହିଁ। ସ୍ୱାଭାବିକ ଭାବେ କଥାକୁ ବିଚାର କରି କାମ କଲେ ଭଲ ହୁଅନ୍ତା। ଆଜି ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିବେ।

**ମୀନ** ଚେଷ୍ଟା ସଫଳ ହେବାରେ ସହଯୋଗର ସୁଅ ଛୁଟିବ। କର୍ମକ୍ଷେତ୍ରରେ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ବ୍ୟବସାୟ, ସଭାସମିତି, ଆନୁଷ୍ଠାନିକ କାମ ଓ କଚେରି ମାମଲା କ୍ଷେତ୍ରରୁ ଶୁଭ ଫଳ ପାଇବେ। କିନ୍ତୁ ପରିବାର ଭିତରେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବାର ସୂଚନାକୁ ଏଡ଼ାଇ ଦିଆଯାଇ ନ ପାରେ।

ଆଜି ଭାଦ୍ରବ ମାସର ଅମାବାସ୍ୟା ଯୁକ୍ତ ଶୁକ୍ଳ ପ୍ରତିପଦା ଶୁକ୍ରବାର, ଶ୍ରୀମନ୍ଦିରରେ ସପ୍ତପୁରୀ ଅମାବାସ୍ୟା ନୀତି ଓ ବସ୍ତ୍ରହରଣ ପ୍ରସ୍ତାବ, ସାଗରବିଜେ, ସେପ୍ଟେମ୍ବର ୧୫ ତାରିଖ, ଭାରତରତ୍ନ ସାର୍ ଏମ୍ ବିଶ୍ୱେଶ୍ୱରାୟାଙ୍କ ଜୟନ୍ତୀ, ଇଞ୍ଜିନିୟର୍ସ ଡେ, ରାଶି ନକ୍ଷତ୍ର- ଉତ୍ତରାଫାଲଗୁନୀ/ସିଂହ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୩୭ ଗତେ ୦୬।୨୬ ମଧ୍ୟେ, ଘ.୦୭।୧୪ ଗତେ ଘ.୦୮।୩୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୧୦ ଗତେ ଘ.୧୧।୪୧ ମଧ୍ୟେ ରାହୁକାଳ।

## କାର୍ଯ୍ୟ ଦିବସ ନଷ୍ଟ...

ପ୍ରଥମ ପୃଷ୍ଠାରୁ...

ଶିକ୍ଷକମାନଙ୍କ ଦାବିକୁ ନେଇ ଶିକ୍ଷକ ସଙ୍ଗଠନ କର୍ମକର୍ତ୍ତାମାନଙ୍କ ସହ ଆଲୋଚନା ଜାରି ରଖିଛି। ଆଲୋଚନା ପରେ କମିଟି ସୁପାରିସଗୁଡ଼ିକୁ ଚୂଡ଼ାନ୍ତ ନିଷ୍ପତ୍ତି ନେବାକୁ ଆନ୍ତଃମନ୍ତ୍ରୀସ୍ତରୀୟ କମିଟିକୁ ପ୍ରଦାନ କରିବ ବୋଲି ସୂଚନା ଦିଆଯାଇଛି। ଏ ସମ୍ପର୍କରେ ଜିଲା ଓ ବ୍ଲକସ୍ତରରେ ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କୁ ଅବଗତ କରିବାକୁ ଡିଇଓ ଏବଂ ବିଇଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଶିକ୍ଷକ ଆନ୍ଦୋଳନ ଯୋଗୁ ରାଜ୍ୟରେ ପାଠପଢ଼ା ପ୍ରଭାବିତ ହୋଇଛି। ପିଲାମାନେ ଶିକ୍ଷାଗ୍ରହଣରୁ ବଞ୍ଚିତ ହେଉଛନ୍ତି। ଯେକୌଣସି ପରିସ୍ଥିତିରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଆନ୍ଦୋଳନରୁ ହଟାଇବାକୁ ସବୁ ଜିଲା ଶିକ୍ଷା ଅଧିକାରୀ ଏବଂ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦିଆଯାଇଛି।

ଏଠାରେ ଉଲ୍ଲେଖଯୋଗ୍ୟ, ଉତ୍କଳ ପ୍ରାଥମିକ ସ୍କୁଲ ଶିକ୍ଷକ ଫେଡେରେଶନ ଅଧୀନରେ ରାଜ୍ୟବ୍ୟାପୀ ପ୍ରାୟ ୧.୩୦ ଲକ୍ଷ ପ୍ରାଥମିକ ଶିକ୍ଷକ ଆନ୍ଦୋଳନ ଚଳାଇଛନ୍ତି। ହାଇସ୍କୁଲ ଭଳି ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ସ୍କୁଲଗୁଡ଼ିକରୁ ଠିକା ଶିକ୍ଷକ ନିଯୁକ୍ତି ଉଚ୍ଛେଦ କରିବା, ଗ୍ରେଡ୍ ପେ' ୨୨ଶହରୁ ୪୨ଶହକୁ ବୃଦ୍ଧି ଏବଂ ପୁରୁଣା ପେନ୍‌ସନ ବ୍ୟବସ୍ଥା ଲାଗୁ କରିବାକୁ ଶିକ୍ଷକମାନେ ଦାବି କରିଛନ୍ତି। ଶିକ୍ଷକ ଆନ୍ଦୋଳନ ଯୋଗୁ ରାଜ୍ୟର ପ୍ରାୟ ୫୦ ହଜାର ସ୍କୁଲର ୪୦ ଲକ୍ଷ ଛାତ୍ରୀଛାତ୍ର ପାଠପଢ଼ାରୁ ବଞ୍ଚିତ ହେବା ସହ ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମ ମଧ୍ୟ ପ୍ରଭାବିତ ହୋଇଛି।

ପ୍ରାଥମିକ ଶିକ୍ଷକ ଫେଡେରେଶନର ସାଧାରଣ ସମ୍ପାଦିକା ଚାରୁଲତା ମହାପାତ୍ର କହିଛନ୍ତି, ବ୍ଲକ ଶିକ୍ଷା ଅଧିକାରୀଙ୍କଠାରୁ ଅନୁମତି ନେଇ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ ଚାଲିଛି। ପିଲାମାନଙ୍କ ପ୍ରତି ଆମେ ସମ୍ବେଦନଶୀଳ। ପିଲାମାନଙ୍କ ପାଠପଢ଼ାକୁ ଆମେ ଭରଣା କରିବୁ। ସରକାର ଆମ ଦାବିକୁ ପୂରଣ କଲେ ଆମେ କାର୍ଯ୍ୟରେ ଯୋଗଦେବୁ। ଆସନ୍ତା ଶନିବାର ସଂଘର ବୈଠକ ପରେ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି।

ଶିକ୍ଷକ ସଂଘର ଜଣେ ସଦସ୍ୟ କହିଛନ୍ତି, ଦେଶର ୨୨ଟି ରାଜ୍ୟରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶିକ୍ଷକମାନଙ୍କର ଗ୍ରେଡ୍ ପେ' ୪୨୦୦ ରହିଛି। ନ୍ୟାଶନାଲ କାଉନ୍‌ସିଲ ଫର୍ ଟିଚର ଏଜୁକେଶନ ଗାଇଡ୍‌ଲାଇନ ଅନୁଯାୟୀ ଓଡ଼ିଶା ସରକାର ପ୍ରାଥମିକ ଶିକ୍ଷକ ନିଯୁକ୍ତି ପାଇଁ ଯୋଗ୍ୟତା ଯୁକ୍ତ୨ ସହ ସିଟି କିମ୍ବା ବିଇଡି ଯୋଗ୍ୟତା ଧାର୍ଯ୍ୟ କରିଛନ୍ତି। ଏ ଦୃଷ୍ଟିରୁ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶିକ୍ଷକମାନଙ୍କର ଗ୍ରେଡ୍ ପେ' ୨୨୦୦ରୁ ୪୨୦୦କୁ ବୃଦ୍ଧି କରିବା ଆବଶ୍ୟକ। ୨୦୧୭ରୁ ସରକାରଙ୍କ ନିକଟରେ ସଂଘ ପକ୍ଷରୁ ଏ ନେଇ ଦାବି କରାଯାଇଥିଲେ ମଧ୍ୟ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନ ଚାଲୁ ରହିବ। ଏହାଛଡ଼ା ପ୍ରାଥମିକ ସ୍କୁଲରେ ଠିକା ନିଯୁକ୍ତି ବଦଳରେ ସ୍ଥାୟୀ ନିଯୁକ୍ତି କରିବାକୁ ଶିକ୍ଷକ ସଂଘ ଦାବି କରିଛି।

## ଓଡ଼ିଶାର ଏମ୍‌ପି,...

ବୈଧାନିକ ସଂସ୍ଥାରେ ବ୍ୟବସ୍ଥା ରହିଥିବା ସେ ଦର୍ଶାଇଛନ୍ତି। ଏମ୍‌ପି ଏବଂ ବିଧାୟକମାନେ ଜନସାଧାରଣଙ୍କ ସାର୍ବଭୌମ ଇଚ୍ଛାର ପ୍ରତିନିଧିତ୍ୱ କରିଥାନ୍ତି। ସେ ନୈତିକ ନୀତି ଭ୍ରଷ୍ଟତାରେ ସମ୍ପୃକ୍ତ ଅପରାଧ କରିଥିବା ପ୍ରମାଣିତ ହେଲେ ସବୁଦିନ ପାଇଁ ଏହି ପଦବୀରୁ ଅଯୋଗ୍ୟ ଘୋଷିତ ହେବା ଆବଶ୍ୟକ। ଅଯୋଗ୍ୟ ଘୋଷଣା ସମୟସୀମାକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସୀମିତ ରଖିବା ସମ୍ବିଧାନର ଅନୁଚ୍ଛେଦ ୧୪ରେ ଥିବା ସମାନତା ଧାରାର ଖୋଲା ଉଲ୍ଲଂଘନ ବୋଲି ହଂସାରିଆ ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ନିର୍ଦ୍ଦିଷ୍ଟ ଦୋଷୀ ସାବ୍ୟସ୍ତ ସମୟସୀମା ଶେଷ ହେବା ପରେ ଉକ୍ତ ବ୍ୟକ୍ତି ପୁଣିଥରେ ସର୍ବୋଚ୍ଚ ବ୍ୟବସ୍ଥାପିକାରେ ସ୍ଥାନ ପାଇବା ସ୍ପଷ୍ଟ ଭାବେ ମନମାନି ବୋଲି ସେ କହିଛନ୍ତି। ଦୋଷୀ ସାବ୍ୟସ୍ତ ଏମ୍‌ପି ଏବଂ ବିଧାୟକମାନେ ୬ ବର୍ଷ ଯାଏ ନିର୍ବାଚନ ଲଢ଼ିପାରିବେ ନାହିଁ ବୋଲି ଜନପ୍ରତିନିଧି ଆଇନ, ୧୯୫୧ର ଧାରା ୮ରେ ରହିଥିବା ବ୍ୟବସ୍ଥାର ସାମ୍ବିଧାନିକ ବୈଧତାକୁ ଭାଜପା ନେତା ଅଶ୍ୱିନୀ ଉପାଧ୍ୟାୟ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଏହା ଉପରେ ରିପୋର୍ଟ ଦେବା ଲାଗି ହଂସାରିଆଙ୍କୁ ଆମିକସ୍ କ୍ୟୁରି ନିଯୁକ୍ତ କରାଯାଇଥିଲା।

ଧରିତ୍ରୀର ୫୦ ବର୍ଷ ପାଳନ ଅବସରରେ ୧୩ ତାରିଖ ବୁଧବାର କଟକ ରେଭେନ୍ସା ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଏବଂ ଧରିତ୍ରୀ ସହଯୋଗରେ ଆୟୋଜିତ 'ଗଣମାଧ୍ୟମ, ଗଣତନ୍ତ୍ର, ଯୁବପିଢ଼ି' ସମ୍ପର୍କିତ ବକ୍ତୃତା ପ୍ରତିଯୋଗିତାର କିଛି ଝଲକ






(ପ୍ରଥମରୁ ) ରେଭେନ୍ସା ବିଶ୍ୱବିଦ୍ୟାଳୟ କୁଳପତି ସଞ୍ଜୟ କୁମାର ନାୟକ, ପିଜି କାଉନ୍ସିଲ ଚେୟାରପର୍ସନ ଲୁନା ସାମନ୍ତ, କୁଳସଚିବ କାହ୍ନୁଚରଣ ମଲ୍ଲିକ ଏବଂ ଛାତ୍ର କଲ୍ୟାଣ ନିର୍ଦ୍ଦେଶିକା (ଡିଏସ୍‌ଡବ୍ଲ୍ୟୁ) ଡ. ଅଳକାନନ୍ଦ ପରିଡ଼ା ଉଦ୍‌ବୋଧନ ଦେଉଛନ୍ତି।




ରେଭେନ୍ସା ବିଶ୍ୱବିଦ୍ୟାଳୟ ପିଜି କାଉନ୍ସିଲ୍ ଚେୟାରମ୍ୟାନ ଲୁନା ସାମନ୍ତ ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି । ନିକଟରେ ଅଛନ୍ତି ରେଜିଷ୍ଟ୍ରାର କାହ୍ନୁଚରଣ ମଲ୍ଲିକ, ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଏବଂ ପ୍ରଫେସର ଡ.ଉର୍ମିଶ୍ରୀ ବେଦମାତା।

# ଏମ୍‌ଭି ୯୬ ପୋଲ ଉପରେ ୫ ଫୁଟର ବର୍ଷାଜଳ



ମାଲକାନଗିରି, ୧୪।୯ (ଦୁର୍ଯ୍ୟୋଧନ ପାତ୍ର)

ଲଘୁଚାପଜନିତ ବର୍ଷା ଯୋଗୁ ମାଲକାନଗିରି ଜିଲାର ବିଭିନ୍ନ ପୋଲ ଉପରେ ବର୍ଷାଜଳ ପ୍ରବାହିତ ହେଉଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି । ୨ଦିନ ପୂର୍ବେ କାଲିମେଲା ବ୍ଲକ ଅନ୍ତର୍ଗତ ଏମ୍‌ଭି ୯୬ ଗ୍ରାମ ନିକଟ ପୋଲ ଉପରେ ୫ ଫୁଟ ଉଚ୍ଚର ବର୍ଷାଜଳ ପ୍ରବାହିତ ହେବାରୁ ମାଲକାନଗିରି–ମୋଟୁକୁ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ଉକ୍ତ ଦିନ ପ୍ରାୟ ୭ ରୁ ୮ ଘଣ୍ଟା ପରେ ଯାତାୟାତ ସ୍ୱାଭାବିକ ହୋଇଥିବା ବେଳେ ଗୁରୁବାର ପୁନର୍ବାର ଉକ୍ତ ପୋଲ ଉପରେ ୫ ଫୁଟ ଉଚ୍ଚରେ ବର୍ଷାଜଳ ପ୍ରବାହିତ ହେଉଥିବା ଦେଖିବାକୁ ମିଳିଛି। ବୁଧବାର ରାତିଠାରୁ ପ୍ରବଳ ବର୍ଷା ହେବା ଯୋଗୁ ଏମ୍‌ଭି ୯୬ ପୋଲ ଉପରେ ୫ ଫୁଟ ଉଚ୍ଚତାରେ ବର୍ଷାଜଳ ପ୍ରବାହିତ ହେଉଛି। ଫଳରେ ମାଲକାନଗିରି–ମୋଟୁକୁ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିବା ବେଳେ ନଦୀର ଉଭୟ ପାର୍ଶ୍ୱରେ ଶହ ଶହ ଯାନବାହନ ଅଟକି ରହିଛି। ଫଳରେ ମାଲକାନଗିରିରୁ ହାଇଦ୍ରାବାଦକୁ ଯାଉଥିବା ଯାତ୍ରୀବାହୀ ବସ୍‌ଗୁଡିକ ମଧ୍ୟ ଅଟକିଛି। ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଏମ୍‌ଭି ୭୯ ପୋଲିସ ନଦୀ ନିକଟରେ ଜଗି ରହିଛି।

# ଇରାନୀଙ୍କ ମାୟାଜାଲରେ ଫସିଛନ୍ତି ବଡ଼ବଡ଼ିଆ

## ଅର୍ଚ୍ଚନାଙ୍କ ପରେ ଆଉ ଜଣେ ହନିଟ୍ରାପ୍ କୁଇନ୍

- ଥାନାରେ ରୁଜୁ ହେଲାଣି ୩ ମାମଲା, ଏତଲା ସଂଖ୍ୟା ବଢ଼ିବା ଆଶଙ୍କା
- ସୋସିଆଲ୍ ମିଡିଆରେ ବନ୍ଧୁତା କରି ଜାଲ ବିଛାଉଥିଲେ

ଭୁବନେଶ୍ୱର,୧୪।୯ (ସତ୍ୟଜିତ୍ ରାଉତ)

ଡାକ୍ତରଙ୍କୁ ହନିଟ୍ରାପ୍ ମାୟାଜାଲରେ ଫସାଇ ଲୁଟିବା ମାମଲାରେ ତମାଣ୍ଡୋ ଥାନା ପୋଲିସ ଦ୍ୱାରା ଗିରଫ ହୋଇଥିବା ଇରାନୀ ପାତ୍ର, ତାଙ୍କ ସ୍ୱାମୀ ଏବଂ ସହଯୋଗୀଙ୍କ ସମ୍ପର୍କରେ ବହୁ ଗୁମର ଖୋଲିବାରେ ଲାଗିଛି। ଅର୍ଚ୍ଚନା ନାଗଙ୍କ ଭଳି ଇରାନୀ ଜଣେ ବଡ଼ ହନିଟ୍ରାପ୍ କୁଇନ୍ ବୋଲି ତଦନ୍ତରୁ ସ୍ପଷ୍ଟ ହୋଇଛି। ଇରାନୀ କେବଳ ଜଣେ ଡାକ୍ତରଙ୍କୁ ଫସାଇନାହାନ୍ତି, ଏଭଳି ବହୁ ବଡ଼ବଡ଼ିଆଙ୍କୁ ମଧ୍ୟ ତାଙ୍କ ମାୟାଜାଲରେ ଫସାଇ ଲୁଟିଛନ୍ତି। ଇରାନୀଙ୍କ ଗ୍ୟାଙ୍ଗର ଶିକାର ହୋଇଛନ୍ତି ଡାକ୍ତର, ବ୍ୟବସାୟୀ ଓ ଉଚ୍ଚଶିକ୍ଷିତ ଛାତ୍ର। ଇରାନୀଙ୍କ ନାଁ ଚର୍ଚ୍ଚାକୁ ଆସିବା ପରେ ହନିଟ୍ରାପ୍‌ର ଶିକାର ହୋଇଥିବା ଜଣକ ପରେ ଜଣେ ତମାଣ୍ଡୋ ଥାନାରେ ଏତଲା ଦେଉଛନ୍ତି। ତାଙ୍କ ବିରୋଧରେ ଏପର୍ଯ୍ୟନ୍ତ ୩ଟି ମାମଲା ରୁଜୁ ହୋଇଥିବା ବେଳେ ଏହି ସଂଖ୍ୟା ବଢ଼ିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। କେନ୍ଦ୍ରାପଡ଼ାର ଜଣେ ଉଚ୍ଚଶିକ୍ଷିତ ଛାତ୍ର ଇରାନୀଙ୍କ ଜାଲରେ ପଡ଼ି ୫ ହଜାର ଟଙ୍କା ଦେଇଥିବା ବୁଧବାର ଅଭିଯୋଗ କରିଥିଲେ। ଏପରିକି ସେ ୨ ଲକ୍ଷ ଟଙ୍କା ଦେବା ପାଇଁ ଡିଲ୍ ହୋଇଥିଲା। ଗୁରୁବାର ଖୋର୍ଦ୍ଧା ଜିଲା ବୋଲଗଡ଼ ଅଞ୍ଚଳର ଜଣେ ବ୍ୟବସାୟୀ ଥାନାରେ ଏତଲା ଦେଇ ବହୁ ତଥ୍ୟ ଦେଇଛନ୍ତି। ଇରାନୀ ଓ ତାଙ୍କ ସହଯୋଗୀମାନେ ତାଙ୍କୁ ଘରକୁ ଡାକି ଫସାଇ ୨ ଲକ୍ଷ ଟଙ୍କା ଦାବି କରିଥିଲେ। ଟଙ୍କା ନ ଦେଇ ପାରିବାରୁ ନିସ୍ଥୁକ ମାଡ଼ ମାରିଥିଲେ। ବ୍ଲାକମେଲ୍ କରି ତାଙ୍କ ଫୋନପେରୁ ୧୯ ହଜାର ୫୦୦, ନଗଦ ୩ ହଜାର ଟଙ୍କା ଓ ସୁନାମୁଦି ନେଇଯାଇଥିଲେ।



ଇରାନୀ

### ଡିନର୍ ପାଇଁ ଘରକୁ ଡାକି ବ୍ଲାକ୍‌ମେଲ୍ କରୁଥିଲେ

ଇରାନୀ ତମାଣ୍ଡୋ ନାରଗୋଦା ଅଞ୍ଚଳରେ ଏକ ଡୁପ୍ଲେକ୍ସ ଘରକୁ ଭଡ଼ା ନେଇଥିଲେ। ଉକ୍ତ ଘରକୁ ସମସ୍ତଙ୍କୁ ଡାକି ଗୃହବନ୍ଦୀ କରି ଫସାଉଥିଲେ। ଇରାନୀ ଫେସବୁକ୍ ଆଦି ସୋସିଆଲ ମିଡିଆରେ ବଡ଼ବଡ଼ିଆଙ୍କ ସହ ବନ୍ଧୁତା ସ୍ଥାପନ କରୁଥିଲେ। ପରେ ତାଙ୍କ ଘରକୁ ଡିନର୍ ପାଇଁ ଡାକୁଥିଲେ। ଡିନର୍ ପାଇଁ ସମ୍ପୃକ୍ତ ବ୍ୟକ୍ତି ଘରକୁ ଆସିବା ପରେ ସ୍ୱାମୀ ଓ ସହଯୋଗୀମାନେ ତାଙ୍କୁ ଘେରିଯାଉଥିଲେ। କାହାକୁ ୨ ଲକ୍ଷ ତ ଆଉ କାହାକୁ ୧୦ ଲକ୍ଷ ଦାବି କରୁଥିଲେ। ଟଙ୍କା ଦେବା ପାଇଁ ମନା କଲେ ଇରାନୀ ତାଙ୍କୁ ବଳାତ୍କାର ମାମଲାରେ ଫସାଇ ଦେବାକୁ କହି ବ୍ଲାକ୍‌ମେଲ୍ କରୁଥିଲେ।

### ଯାତ୍ରାରେ ଅଭିନୟ କରୁଥିଲେ ଇରାନୀ

ପୋଲିସ ଜାଣିବାକୁ ପାଇଛି ଯେ, ଇରାନିଙ୍କ ଘର ଯାଜପୁର ଅଞ୍ଚଳରେ। ସେ ବିବାହ ପୂର୍ବରୁ ଏକ ଯାତ୍ରାପାର୍ଟିରେ ଅଭିନୟ କରୁଥିଲେ। ଏପରିକି ମଝିରେ ମଝିରେ ଆଙ୍କରିଂ ମଧ୍ୟ କରୁଥିଲେ। ଅଭିନେତ୍ରୀ ହୋଇଥିବାରୁ ଇରାନି ସମସ୍ତଙ୍କୁ ହନିଟ୍ରାପ୍ ମାୟାରେ ଫସାଇବାକୁ ସଫଳ ହେଉଥିଲେ।

### ସ୍ୱାମୀଙ୍କ ପରେ ରିମାଣ୍ଡରେ ଆସିବେ ଇରାନୀ

ପୋଲିସ ପ୍ରଥମେ ତାଙ୍କ ସ୍ୱାମୀ ନିଶିକାନ୍ତ ପାତ୍ର ଓରଫ ବାପିଙ୍କୁ ରିମାଣ୍ଡରେ ଆଣିବ। ଶୁକ୍ରବାର ନିଶିକାନ୍ତଙ୍କୁ ୫ଦିନିଆ ରିମାଣ୍ଡରେ ଆଣିବାକୁ କୋର୍ଟରେ ଆବେଦନ କରିବ ପୋଲିସ। ନିଶିକାନ୍ତଙ୍କୁ ରିମାଣ୍ଡରେ ଆଣି ତଥ୍ୟ ହାସଲ କରିବା ପରେ ଇରାନୀଙ୍କ ପାଳି ପଡ଼ିବ। ଇରାନୀଙ୍କୁ ରିମାଣ୍ଡରେ ଆଣି ଜେରା କରି ହନିଟ୍ରାପ୍ ମାୟାଜାଲ ବିଷୟରେ ବହୁ ତଥ୍ୟ ପାଇବାକୁ ପୋଲିସ ଆଶା ରଖିଛି।

### ଆଜି ଏସ୍‌ଏଫ୍‌ଏସ୍‌ଏଲ୍ ଯିବ ଜବତ ୨ ମୋବାଇଲ

ଇରାନୀଙ୍କ ପାଖିରୁ ଜବତ ହୋଇଥିବା ୨ଟି ମୋବାଇଲରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ରହିଛି। ଏପରିକି ବହୁ ଲୋକଙ୍କ ସହ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ରହିଥିବା ଜଣାପଡ଼ିଛି। ସେହିଭଳି ଫେସବୁକ୍ ମେସେଞ୍ଜର, ହ୍ୱାଟସଆପ୍ ଚାଟ୍‌ରେ ମଧ୍ୟ ବହୁ ତଥ୍ୟ ରହିଛି। ସିଲ୍ ହୋଇଥିବା ଏହି ଦୁଇଟି ମୋବାଇଲକୁ ଶୁକ୍ରବାର ଷ୍ଟେଟ୍ ଫୋରେନ୍‌ସିକ୍ ସାଇନ୍ସ ଲାବୋରେଟରି (ଏସ୍‌ଏଫ୍‌ଏସ୍‌ଏଲ୍)କୁ ପୋଲିସ ପଠାଇବ। ଏହାର ରିପୋର୍ଟ ଆଧାରରେ ତଦନ୍ତ ଆଗେଇବ।

# ବଲିଉଡ୍ ଷ୍ଟାର ଗୋବିନ୍ଦାଙ୍କୁ ଜେରା କରିବ ଇଓଡବ୍ଲ୍ୟୁ

## ଏସ୍‌ଟିଏ କ୍ରିପ୍ଟୋ ଟୋକନ୍‌ରେ ହଜାରେ କୋଟିରୁ ଊର୍ଦ୍ଧ୍ୱ ଠକେଇ ମାମଲା

ଭୁବନେଶ୍ୱର,୧୪।୯ (ସୂର୍ଯ୍ୟକାନ୍ତ ବେହେରା)

ଏସ୍‌ଟିଏ ଟୋକନ କ୍ରିପ୍ଟୋ ପୁଞ୍ଜି ନିବେଶ ନାଁରେ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ମାମଲାରେ ଓଡ଼ିଶା କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ତଦନ୍ତ ଜାରି ରଖିଛି। ତେବେ ଏହି ମାମଲାରେ ବଲିଉଡ ଷ୍ଟାର୍ ଗୋବିନ୍ଦାଙ୍କୁ ସମନ କରି ଜେରା କରିବାକୁ ଇଓଡବ୍ଲ୍ୟୁ ଯୋଜନା କରିଛି। ଗୋଟିଏ ଟିମ୍ ମୁମ୍ବାଇ ଯାଇ ତାଙ୍କୁ ଜେରା କରିବ ବୋଲି ଇଓଡବ୍ଲ୍ୟୁ ଡିଏସ୍‌ପି ସସ୍ମିତା ସାହୁ ଗୁରୁବାର ସୂଚନା ଦେଇଛନ୍ତି। ଗତ ଜୁଲାଇ ୨୫ରୁ ୩୧ ତାରିଖ ମଧ୍ୟରେ ଗୋଆର ଏକ ଆଲିଶାନ୍ ହୋଟେଲ୍‌ରେ ବଡ଼ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ସେହି କାର୍ଯ୍ୟକ୍ରମକୁ ଅଭିନେତା ଗୋବିନ୍ଦାଙ୍କୁ ନିମନ୍ତ୍ରଣ କରାଯାଇଥିଲା। ଏଥିରେ ୧ ହଜାରରୁ ଊର୍ଦ୍ଧ୍ୱ ସଦସ୍ୟ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଗୋବିନ୍ଦା ଏସ୍‌ଟିଏର 'ବ୍ଲକ୍ ଚେନ୍' ଲଞ୍ଚ୍



କରିଥିଲେ। ଏହା ଲଞ୍ଚ୍ ହେବା ପରେ ଏସ୍‌ଟିଏ ଟୋକନ୍ କଏନ୍‌ରେ ଲୋକେ ପ୍ରଭାବିତ ହୋଇଥାଇପାରନ୍ତି। ତେଣୁ ଏସ୍‌ଟିଏରେ ଗୋବିନ୍ଦାଙ୍କ ଭୂମିକା କ'ଣ ଏବଂ ସେ କାହିଁକି ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ତାହା ଜାଣିବାକୁ ତାଙ୍କୁ ଇଓଡବ୍ଲ୍ୟୁ ଖୁବଶୀଘ୍ର ଜେରା କରିପାରେ ବୋଲି ଡିଏସ୍‌ପି ସାହୁ କହିଛନ୍ତି।

ସୂଚନାନୁଯାୟୀ, ଅତି କମ୍ ସମୟ ମଧ୍ୟରେ ବହୁଗୁଣ ଅର୍ଥ ଲାଭର ପ୍ରଲୋଭନ ଦେଖାଇ ଦେଶବ୍ୟାପୀ ଏହି ଠକେଇ ର୍‍ୟାକେଟର 'ଏସ୍‌ଟିଏ' ଭାରତ ମୁଖ୍ୟ ଗୁର୍‌ତେଜ୍ ସିଂ ସିଦ୍ଧୁ ଏବଂ ଓଡ଼ିଶା ମୁଖ୍ୟ ଭଦ୍ରକର ନୀରୋଦ ଦାସ ଓ ରତ୍ନାକର ଦଳାଇଙ୍କୁ ଇଓଡବ୍ଲ୍ୟୁ ଗିରଫ କରିଥିବା ବେଳେ ଅନେକ ଅଭିଯୁକ୍ତ ଫେରାର ଅଛନ୍ତି । ତେଣୁ ଫେରାର ଥିବା ସଂସ୍ଥାର ମୁଖ୍ୟ ଅଭିଯୁକ୍ତ ହଙ୍ଗେରୀ ନାଗରିକ ଡେଭିଡ୍ ଗେଜ୍‌ଙ୍କ ସମେତ ୪ ସହଯୋଗୀଙ୍କ ବିରୋଧରେ ଇଓଡବ୍ଲ୍ୟୁର ଅନୁରୋଧ କ୍ରମେ ବ୍ୟୁରୋ ଅଫ୍ ଇମିଗ୍ରେସନ ଲୁକ୍ ଆଉଟ ସର୍କୁଲାର୍ ଜାରି କରିଛି। କ୍ରିପ୍ଟୋକରେନ୍ସି ଆଧାରିତ ପଞ୍ଜି ଯୋଜନା ଓଡ଼ିଶାର ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, ଯାଜପୁର ଓ କେନ୍ଦ୍ରାପଡ଼ା ଜିଲା ସମେତ ରାଜଧାନୀ ଭୁବନେଶ୍ୱରରେ ସକ୍ରିୟ ଥିଲା ବୋଲି ଜଣାପଡ଼ିଥିଲା ।

# ଜମିରେ ପାଣି ମଡ଼ାଇବାକୁ ନେଇ ବଡ଼ବାପାଙ୍କୁ ହତ୍ୟା



ହତ୍ୟାକାଣ୍ଡ ସ୍ଥଳରେ ପୋଲିସର ତଦନ୍ତ।

- ମୃତକଙ୍କ ସାନପୁଅ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି
- ଫାର୍ସା ଜବତ, ୪ ଗିରଫ

ଅମରପାଲି,୧୪।୯(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ସୁବଳୟା ଥାନା ସଂଗ୍ରାମପୁର ପଞ୍ଚାୟତ ଅନ୍ତର୍ଗତ ଆମ୍ୱଶରଭଟା ଗ୍ରାମରେ ଗୁରୁବାର ସକାଳେ ଚାଷଜମିରେ ପାଣି ମଡାଇବାକୁ ନେଇ ହତ୍ୟାକାଣ୍ଡ ଘଟିଛି। ପୁତୁରାମାନଙ୍କ ଫାର୍ସା ଆକ୍ରମଣରେ ବାସୁଦେବ ସାହୁ ଓରଫ ବଙ୍କା (୬୫)ଙ୍କ ମୃତ୍ୟୁ ଘଟିଛି। ତାଙ୍କ ସାନପୁଅ ସୁରେନ୍ଦ୍ର(୨୪)ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ସୋନପୁର ଡାକ୍ତରଖାନା ଓ ପରେ ବୁର୍ଲା ବଡ଼ଡ଼ାକ୍ତରଖାନାରେ ଭର୍ତ୍ତିକରି ଚିକିତ୍ସା କରାଯାଉଛି। ଘଟଣାସ୍ଥଳରେ ସୁବଳୟା ପୋଲିସ ପହଞ୍ଚି ହତ୍ୟାକାଣ୍ଡରେ ବ୍ୟବହୃତ ଫାର୍ସା ଜବତ ସହ ତଦନ୍ତ ଆରମ୍ଭ କରିଛି। ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ କୁଞ୍ଜବିହାରୀ ସାହୁ ଓ ତାଙ୍କର ୩ ପୁଅ ରଞ୍ଜିତ, ରଞ୍ଜନ, ରାଜେନ୍ଦ୍ର।

ପ୍ରକାଶ ଯେ, ଚାଷଜମିରେ ପାଣି ମଡ଼ାଇବାକୁ କେନ୍ଦ୍ର କରି ବାସୁଦେବ ଓ ତାଙ୍କ ସାନଭାଇ କୁଞ୍ଜବିହାରୀଙ୍କ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏହା ପରବର୍ତ୍ତୀ ସମୟରେ ଉଗ୍ର ରୂପ ନେଇଥିଲା। ଗାଁ ଦାଣ୍ଡରେ କୁଞ୍ଜବିହାରୀଙ୍କ ୨ପୁଅ ରଞ୍ଜିତ ଓ ରଞ୍ଜନ ଅତର୍କିତ ଭାବେ ଫାର୍ସାରେ ବାସୁଦେବ ଓ ତାଙ୍କ ସାନ ପୁଅ ସୁରେନ୍ଦ୍ରଙ୍କୁ ଆକ୍ରମଣ କରିଥିଲେ। ବାସୁଦେବଙ୍କ ବେକ ଓ ବାହୁରେ ଚୋଟ ବସିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ସୁରେନ୍ଦ୍ର ଗୁରୁତର ହୋଇଥିଲେ। ବୀରମହାରାଜପୁର ଏସ୍‌ଡିପିଓ ବାସୁଦେବ ଛତ୍ରିଆ, ସୁବଳୟା ଥାନା ଅଧିକାରୀ ସୁଶାନ୍ତ କୁମାର ପ୍ରଧାନ ପହଞ୍ଚି ସ୍ଥିତି ନିରୀକ୍ଷଣ କରିଛନ୍ତି। ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳକୁ ଆସି ତଦନ୍ତ କରିଛି। ମୃତକଙ୍କ ବଡପୁଅ ମହର୍ଗୁ ସାହୁଙ୍କ ଅଭିଯୋଗ କ୍ରମେ ସୁବଳୟା ଥାନାରେ ଏକ ହତ୍ୟା ମାମଲା (ନଂ. ୧୫୨/୨୩) ରୁଜୁ ହୋଇଛି। ଅଭିଯୋଗ ଆଧାରରେ ରଞ୍ଜିତ, ରଞ୍ଜନ ଏବଂ ହତ୍ୟାକାଣ୍ଡରେ ସହଯୋଗ କରିଥିବା କୁଞ୍ଜବିହାରୀ ଓ ରାଜେନ୍ଦ୍ରଙ୍କୁ ଗିରଫ କରାଯାଇଛି। ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ମହାନଦୀକୁ ଡେଇଁ ଯୁବତୀ ନିଖୋଜ

ସମ୍ବଲପୁର, ୧୪।୯ (ଶୁଭାଶିଷ ପାଢ଼ୀ)

ସମ୍ବଲପୁର ଟାଉନ ଥାନା ଚାଉଁରପୁର ମହାନଦୀ ବ୍ରିଜ୍ ଉପରୁ ଡେଇଁ ଗୁରୁବାର ଜଣେ ଯୁବତୀ ନିଖୋଜ ହୋଇଯାଇଛନ୍ତି। ସନ୍ଧ୍ୟା ପର୍ଯ୍ୟନ୍ତ ଓଡ୍ରାଫ ଟିମ୍ ଉଦ୍ଧାର କାର୍ଯ୍ୟ ଜାରି ରଖିଥିଲେ ମଧ୍ୟ ତାଙ୍କ ପତ୍ତା ପାଇନାହିଁ। ପ୍ରତ୍ୟକ୍ଷଦର୍ଶୀ ସୁରଜ ମେହେରଙ୍କ କହିବା ଅନୁଯାୟୀ, ଯୁବତୀଙ୍କ ବୟସ ୧୮ରୁ ୨୦ବର୍ଷ ମଧ୍ୟରେ ହେବ। ପୂର୍ବାହ୍ନ ୧୧ଟା ସମୟରେ ସେ ବ୍ରିଜ୍ ଉପରେ ଚପଲ ରଖି ମହାନଦୀକୁ ଡେଇଁପଡିଥିଲେ। ବ୍ରିଜ୍ ଗୋଟିଏ ମୁଣ୍ଡରେ ଆମେ ୩ଜଣ ଠିଆହୋଇଥିଲୁ। ଅନ୍ୟ ମୁଣ୍ଡରେ କେହିଜଣେ ମହାନଦୀକୁ ଡେଇଁପଡିଥିବା ଦେଖିଥିଲୁ। ପ୍ରଥମେ ସେ ଯୁବତୀ କିମ୍ବା ଯୁବକ ଜାଣିପାରି ନ ଥିଲୁ। ଆମେ ଦୌଡ଼ି ସେହି ସ୍ଥାନକୁ ଆସିବା ପରେ ତାଙ୍କ ମୁଣ୍ଡ ଉପରକୁ ଦେଖାଯାଉଥିବାରୁ ଯୁବତୀ ବୋଲି ଜାଣିଲୁ। ନଦୀ ସ୍ରୋତରେ ସେ ଭାସି ଯାଇଥିଲେ। ଟାଉନ ଥାନା ଅଧିକାରୀ ବୁଲୁ ସ୍ୱାଇଁ କହିଛନ୍ତି, ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲା। ଅଗ୍ନିଶମ ବିଭାଗ ଓ ଓଡ୍ରାଫ୍ ଟିମ୍ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ। ମହାନଦୀରେ ଜଳସ୍ରୋତ ଅଧିକ ଥିବାରୁ ଭାସିଯାଇଥିବା ଅନୁମାନ କରାଯାଉଛି। ଯୁବତୀ ନିଖୋଜ ନେଇ ଅଭିଯୋଗ ହୋଇ ନ ଥିବାରୁ ତାଙ୍କ ପରିଚୟ ମିଳିପାରିନାହିଁ ବୋଲି କହିଥିଲେ।

# ଅରବିନ୍ଦ ଭବନରୁ 'ମୋ ମାଟି ମୋ ଦେଶ' ଅଭିଯାନରେ ସାମିଲ ହେଲେ ଧର୍ମେନ୍ଦ୍ର

ଭୁବନେଶ୍ୱର, ୧୪।୯(ସୁନିତ୍ ମିଶ୍ର)

କୋଲକାତାସ୍ଥିତ ଅରବିନ୍ଦଙ୍କ ଜନ୍ମସ୍ଥାନ ଅରବିନ୍ଦ ଭବନରୁ 'ମୋ ମାଟି ମୋ ଦେଶ' ଅଭିଯାନରେ ସାମିଲହୋଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅମୃତ କଳସରେ ମାଟି ସଂଗ୍ରହ କରିଛନ୍ତି। ମୋ ମାଟି ମୋ ଦେଶ ଅଭିଯାନ ଏବେ ଦେଶରେ ଜନ ଆନ୍ଦୋଳନର ରୂପ ନେଇସାରିଛି ଏବଂ ଦେଶର କୋଟି କୋଟି ଲୋକ ଏଥିରେ ସାମିଲ ହେଉଛନ୍ତି । ଆଗାମୀ ୨୫ ବର୍ଷ ମଧ୍ୟରେ ଭାରତକୁ ଏକ ବିକଶିତ ଦେଶ ଭାବେ ପରିଣତ କରିବା ପାଇଁ ସଂକଳ୍ପ ନେବା ବୋଲି ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି। ଧର୍ମେନ୍ଦ୍ର ଆହୁରି କହିଛନ୍ତି, ଅରବିନ୍ଦଙ୍କ ବିଚାର, ଆଦର୍ଶ ଓ ଅବଦାନ ଭାରତର ଭବିଷ୍ୟତ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଉପନିବେଶବାଦ ମାନସିକତାରୁ ମୁକ୍ତି କରାଇବାରେ ସେ ଥିଲେ ପ୍ରମୁଖ ବିନ୍ଧାଣି। 'ଶ୍ରେଷ୍ଠ ଭାରତ' ପାଇଁ ତାଙ୍କର ଦୃଷ୍ଟିକୋଣ ସର୍ବଦା ଆମକୁ ମାର୍ଗଦର୍ଶନ



ପ୍ରଦାନ କରିବ। ମୋ ମାଟି ମୋ ଦେଶ ଅଭିଯାନରେ କୋଲକାତାସ୍ଥିତ ଶ୍ରୀଅରବିନ୍ଦଙ୍କ ଜନ୍ମସ୍ଥାନରୁ ପବିତ୍ର ମାଟି ସଂଗ୍ରହକରି ନିଜକୁ ଧନ୍ୟ ମନେକରୁଛି ବୋଲି ସେ କହିଛନ୍ତି। ଜାତୀୟ ଶିକ୍ଷାନୀତି ଅରବିନ୍ଦଙ୍କ ପ୍ରକୃତ ଶିକ୍ଷା ଦୃଷ୍ଟିକୋଣ ସହ ଯୋଡ଼ି ହୋଇରହିଛି। ଏହା ଶିଶୁର ସାମଗ୍ରିକ ବିକାଶ ପାଇଁ ଏକ ଉତ୍ତମ ପରିବେଶ ପ୍ରଦାନ କରେ ବୋଲି ସେ କହିଛନ୍ତି। ଏହି ଗସ୍ତ ସମୟରେ ଜନସମ୍ପର୍କ କାର୍ଯ୍ୟକ୍ରମରେ ମଧ୍ୟ ଧର୍ମେନ୍ଦ୍ର ଯୋଗ ଦେଇଥିଲେ।

DIRECT ADMISSION NO DONATION
For
ARTS & SCIENCE
IMPERIAL PRESIDENCY (+2 COLLEGE)
HIGHER SECONDARY SCHOOL
Admission- 8th Sept. to 18 Sept.
For Arts- 15,000/- Per Year
For Science- 20,000/- Per Year
100% RESULT
Hostel Facility available for (Boys & Girls)
Contact- 8249908311, 9556711974

GANDHI INSTITUTE
B.Ed
BALANGIR
Rajendra University Chowk, Near Look At Me
Call No. 9777988852, 9777988870
www.gandhiinstitute.in

> ସମସ୍ତଙ୍କ ସହିତ ଓ ସବୁ ସହିତ ତୁମେ ଯେତିକି ଯେତିକି ଏକାତ୍ମ ହେବ– ତୁମର ସେତିକି, ସେତିକି ଅଭ୍ୟୁଦୟ ହେବ। କାହାଠାରୁ କିଛି ନେବା ପରିବର୍ତ୍ତେ ତୁମେ ଅନ୍ୟକୁ ନିଜ ଆଡୁ ଦେଇଚାଲ। ତୁମେ ଯେତିକି ଦେଇ ଚାଲିବ – ସେତିକି ବିକଶିତ ହୋଇଉଠିବ। **–ଶ୍ରୀମା**

# ଚାଇନାର ଅବରୋଧ




ଜାସନ ହସୁ
ଫେଲୋ, ହାର୍ଭାର୍ଡ କେନେଡି ସ୍କୁଲ

ରିଚାର୍ଡ ଓ୍ୱାଇ.କେ. ଚେନ୍
ପୂର୍ବତନ ଉପମନ୍ତ୍ରୀ (ନୀତି ପାଇଁ), ତାଇୱାନ ଜାତୀୟ ପ୍ରତିରକ୍ଷା ମନ୍ତ୍ରଣାଳୟ

ତାଇୱାନ୍ ପାଇଁ ଇଣ୍ଟରନେଟ୍ ସଂଯୋଗୀକରଣ ହେଉଛି ଏକ ଜୀବନରେଖା। ନିକଟରେ ତାଇପେଇରେ ଚାଇନା ପକ୍ଷରୁ ସୃଷ୍ଟ ଯୁଦ୍ଧସ୍ଥିତି ଓ ଚାଇନାର ଅବରୋଧ କାର୍ଯ୍ୟକଳାପ (ଇଣ୍ଟରନେଟ୍ ସଂଯୋଗରେ ବ୍ୟାଘାତ) ଯୋଗୁ ଏହି ଦ୍ୱୀପ ଯୋଗାଯୋଗରୁ ବିଚ୍ଛିନ୍ନ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଫେବୃୟାରୀରେ ତାଇୱାନ୍‌ର ଡିଜିଟାଲ ଭିତ୍ତିଭୂମି ପ୍ରତି ସୃଷ୍ଟି ହୋଇଥିବା ବିପଦ ସ୍ପଷ୍ଟ ହୋଇଥିଲା। ଚାଇନା ଉପକୂଳରେ ଅବସ୍ଥିତ ତାଇୱାନ୍‌ର କ୍ଷୁଦ୍ର ଦ୍ୱୀପ ମାଟ୍ସୁ ସହ ସଂଯୋଗ କରୁଥିବା ତଥା ସମୁଦ୍ର ଭିତରେ ଥିବା ଦୁଇଟି କେବଲ୍‌କୁ ଚାଇନାର ବୁଡ଼ାଜାହାଜ କାଟି ଦେବା ଦ୍ୱାରା ଏଭଳି ପରିସ୍ଥିତି ଉପୁଜିଥିଲା। ସେବେଠାରୁ ଅନେକ ମାସ ହେଲା ଲୋକେ ଇଣ୍ଟରନେଟ୍ ସେବାରୁ ବଞ୍ଚିତ ହୋଇଛନ୍ତି। କ୍ଷତିଗ୍ରସ୍ତ କେବୁଲ୍‌ଗୁଡ଼ିକ ଆମେରିକାର ଟେକ୍ କମ୍ପାନୀ ଗୁଗୁଲ ପ୍ରତି ସମ୍ଭାବ୍ୟ ବିପଦକୁ ବି ସାମ୍ନାକୁ ଆଣିଛି। ତାଇୱାନ୍ ପଶ୍ଚିମ ଉପକୂଳରେ ଏହି କମ୍ପାନୀର ଏକ ଡେଟା କେନ୍ଦ୍ର ଅଛି। ସମ୍ପ୍ରତି ସମୁଦ୍ର ଭିତରେ ୧୫ଟି କେବୁଲ୍ ତାଇୱାନ୍‌କୁ ବିଶ୍ୱ ଟେଲି ଯୋଗାଯୋଗ ସହିତ ସଂଯୋଗ କରୁଛି। ଏଣୁ ଚାଇନାର ଦୀର୍ଘ ଦିନର ଅବରୋଧ ଏହି ଦ୍ୱୀପକୁ ଅବଶିଷ୍ଟ ବିଶ୍ୱରୁ ବିଚ୍ଛିନ୍ନ କରିପାରେ ଏବଂ ଏହାର ପରିଣାମ ବିଶ୍ୱ ଅର୍ଥନୀତି ଓ ଆର୍ଥିକ ବଜାର ଉପରେ ପଡ଼ିବାର ସମ୍ଭାବନା ଅଛି। ଏଭଳି ପରିଣାମ ଜାପାନ ସମେତ ଆମେରିକା ଏବଂ ଏହାର ଆଞ୍ଚଳିକ ସହଯୋଗୀମାନଙ୍କ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିପାରେ। ଏଣୁ ତାଇୱାନ୍ ସରକାର ଯୋଗାଯୋଗ କ୍ଷମତାକୁ ଦୃଢ଼ କରିବା ସହ ବିଶ୍ୱାସଯୋଗ୍ୟ ଇଣ୍ଟରନେଟ୍ ସଂଯୋଗ ଉପରେ ଧ୍ୟାନ ଦେବା ଆବଶ୍ୟକ।

ଏଭଳି ସ୍ଥିତିରେ ଏକ ସମ୍ଭାବ୍ୟ ସମାଧାନ ହେଉଛି ମୋବାଇଲ ଉପଗ୍ରହ–ଇଣ୍ଟରନେଟ୍ ସିଷ୍ଟମ ଷ୍ଟାର୍‌ଲିଙ୍କ ସେବା କାର୍ଯ୍ୟକାରୀ କରିବା। ଏଲୋନ ମସ୍କଙ୍କ ରକେଟ୍ କମ୍ପାନୀ ସ୍ପେସ୍ ଏକ୍ସ ଦ୍ୱାରା ଷ୍ଟାର୍‌ଲିଙ୍କ୍ ପରିଚାଳିତ। ଷ୍ଟାରଲିଙ୍କ ମସ୍କଙ୍କ ବ୍ୟବସାୟିକ ସାମ୍ରାଜ୍ୟର ଏକ ପ୍ରମୁଖ ଅଂଶ। ପୃଥିବୀର ନିମ୍ନ କକ୍ଷପଥରେ ସ୍ଥାପିତ ଏହାର ୪୫୦୦ରୁ ଅଧିକ ସାଟେଲାଇଟ ମାଧ୍ୟମରେ ବିଶ୍ୱରେ ଏହା ଇଣ୍ଟରନେଟ୍ ସଂଯୋଗ ଯୋଗାଇଥାଏ। ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ପରେ ମସ୍କ ତାଙ୍କ ଉପଗ୍ରହଗୁଡ଼ିକୁ ମାଗଣାରେ ପ୍ରସାରଣ କରିବାକୁ ଅନୁମତି ଦେଇଥିଲେ। ୟୁକ୍ରେନ୍‌ର ଟେଲିକମ୍ ଭିତ୍ତିଭୂମି ଉପରେ ରୁଷିଆର ଆକ୍ରମଣରୁ କୌଣସି ଉପାୟରେ ବଞ୍ଚିବା ପାଇଁ ହଜାର ହଜାର ଷ୍ଟାରଲିଙ୍କ ଟର୍ମିନାଲ ୟୁକ୍ରେନ୍ ସରକାରଙ୍କୁ ପ୍ରଦାନ କରିଥିଲେ। ସେହି ଦିନଠାରୁ ଷ୍ଟାରଲିଙ୍କ ୟୁକ୍ରେନ୍ ସୈନ୍ୟବାହିନୀର ଏକ ଅତ୍ୟାବଶ୍ୟକ ସାଧନ ହୋଇଆସିଛି। ଏହାଦ୍ୱାରା ୟୁକ୍ରେନ୍‌ରେ ରୁଷିଆ ସୈନ୍ୟଙ୍କ ଗତିବିଧି ଉପରେ ଗୁପ୍ତ ତଥ୍ୟ ସଂଗ୍ରହ କରିପାରୁଛି। ଏହାସହ ନାଟୋ ସହଭାଗୀମାନଙ୍କ ସହ ନିରାପଦରେ ଯୋଗାଯୋଗ କରିବାକୁ ଅନୁମତି ଦେଇଛି। କିନ୍ତୁ ଗତବର୍ଷ ରୁଷିଆର ଜାହାଜ ଉପରେ ୟୁକ୍ରେନ୍ ଡ୍ରୋନ ଆକ୍ରମଣକୁ ରୋକିବା ପାଇଁ ମସ୍କ କ୍ରିମିଆ ଉପକୂଳ ନିକଟବର୍ତ୍ତୀ ଅଞ୍ଚଳରେ ଷ୍ଟାରଲିଙ୍କକୁ ଅକାମୀ କରିଦେଇଥିଲେ। ତେବେ ଏଭଳି କାର୍ଯ୍ୟକଳାପକୁ ଲକ୍ଷ୍ୟ କଲେ ଇଣ୍ଟରନେଟ୍ ସେବା ପାଇଁ ଷ୍ଟାର୍‌ଲିଙ୍କକୁ ବ୍ୟବହାର କରି ବାହାର ଦେଶଗୁଡ଼ିକ ସହ ସଂଯୋଗ ସ୍ଥାପନ କରିବା ତାଇୱାନ୍ ଲାଗି କେତୋଟି ସମସ୍ୟା ଆଣିପାରେ। ପ୍ରଥମେ, କେବଳ ଷ୍ଟାର୍‌ଲିଙ୍କ ଉପରେ ନିର୍ଭର କରିବା ଅର୍ଥ କୌଣସି ବ୍ୟବସ୍ଥିତ ବିଫଳତା ଆସିପାରେ କିମ୍ବା ତଥ୍ୟ ପ୍ରତ୍ୟାବର୍ତ୍ତନ ନ ହୋଇପାରେ। ଦ୍ୱିତୀୟତଃ, ଏହା ସ୍ପଷ୍ଟ ଯେ ମସ୍କ ଚାଇନାର ଜଣେ ଜଣାଶୁଣା ସମର୍ଥକ। ଏପରିକି ହଂକଂ ପରି ପିପୁଲ୍ସ ରିପବ୍ଲିକର ତାଇୱାନ୍ ଏକ ସ୍ୱତନ୍ତ୍ର ପ୍ରଶାସନିକ ଜୋନ ହେବା ଉଚିତ ବୋଲି ସେ ପରାମର୍ଶ ଦେଇଛନ୍ତି। ତୃତୀୟତଃ, ଚାଇନାରେ ମସ୍କଙ୍କର ଅତ୍ୟଧିକ ବ୍ୟବସାୟିକ ଆଗ୍ରହ ରହିଛି। ଚାଇନାରେ ତାଙ୍କ ବୈଦ୍ୟୁତିକ ଯାନ (ଇଭି) କମ୍ପାନୀ ଟେସ୍‌ଲାର ସର୍ବାଧିକ ଉତ୍ପାଦନକାରୀ କେନ୍ଦ୍ର ଅଛି।



ଏସବୁକୁ ଲକ୍ଷ୍ୟ କଲେ ଚାଇନା ଏବଂ ତାଇୱାନ୍ ମଧ୍ୟରେ ଯୁଦ୍ଧ ହେଲେ ମସ୍କ ଚାଇନାର ଦାବିଗୁଡ଼ିକ ଯେ ସ୍ୱୀକାର କରିବେ ତାହାର କୌଣସି ଗ୍ୟାରେଣ୍ଟି ନାହିଁ। ଡେଟା ପ୍ରବାହ ଏବଂ ଡାଟା ଷ୍ଟୋରେଜ ସହିତ ତଥ୍ୟର ସାର୍ବଭୌମ ନିୟନ୍ତ୍ରଣ ବିନା ତାଇୱାନ୍‌ର ଜାତୀୟ ସୁରକ୍ଷା ବିପଦରେ ପଡ଼ିବ। ତାଇୱାନ୍ ଏବେ ସେମିକଣ୍ଡକ୍ଟର ଯୋଗାଣ ଶୃଙ୍ଖଳାରେ ବିଶ୍ୱରେ ସବୁଠୁ ଆଗରେ ରହିଛି। ଏଣୁ ନିଜକୁ ରକ୍ଷା କରିବା ପାଇଁ ଏହା ଉପଗ୍ରହ ଯୋଗାଯୋଗ ଏବଂ ପ୍ରଯୁକ୍ତିବିଦ୍ୟାରେ ସ୍ୱଦେଶୀ ଦକ୍ଷତା ବିକାଶ କରିବା ଆବଶ୍ୟକ। ସମ୍ବଳକୁ ସମନ୍ୱିତ ଓ ଏକୀକରଣ କରି ତାଇୱାନ୍ ସରକାର ସରକାରୀ–ବେସରକାରୀ ସହଭାଗିତା ପ୍ରତିଷ୍ଠା ଏବଂ ତାହାର ନିୟନ୍ତ୍ରଣ ବଜାୟ ରଖିପାରିବେ, ଯାହା ଯୁଦ୍ଧରେ ତାହାର କ୍ଷମତାକୁ ବୃଦ୍ଧି କରିବାରେ ସକ୍ଷମ ହେବ। ପ୍ରତିରକ୍ଷା କଣ୍ଟ୍ରାକ୍ଟରମାନଙ୍କ ସହିତ ଷ୍ଟାର୍ଟଅପଗୁଡ଼ିକୁ ସହଜରେ କାମ କରିବା ଲାଗି ସରକାର କ୍ରୟ ପ୍ରକ୍ରିୟାକୁ ଅଧିକ ପ୍ରଭାବୀ କରିବା ଉଚିତ।

ତାଇୱାନ୍ ଜାତୀୟ ବିକାଶ ପାଣ୍ଠି ସାଟେଲାଇଟ୍ ଟେକ୍‌ନୋଲୋଜି ଏବଂ ଗୁରୁତ୍ୱପୂର୍ଣ୍ଣ ଯୋଗାଯୋଗ ଭିତ୍ତିଭୂମିରେ ନିବେଶ କରିଥିବାବେଳେ ପ୍ରତିରକ୍ଷା ଓ ଡିଜିଟାଲ ବ୍ୟାପାର ମନ୍ତ୍ରଣାଳୟ ଗୁପ୍ତ ତଥ୍ୟ ଆଦାନପ୍ରଦାନ ପାଇଁ ତାଇୱାନ୍ ମହାକାଶ ସଂସ୍ଥା ସହିତ କାମ କରିବା ଉଚିତ। ଏହା ସହ ସହଭାଗିତାରେ ଜାପାନ, ଦକ୍ଷିଣକୋରିଆ, ଫିଲିପାଇନ୍ସ ଏବଂ ଅଷ୍ଟ୍ରେଲିଆ ସହିତ ଏକ ପ୍ରତିରକ୍ଷାକୈନ୍ଦ୍ରିକ ବ୍ୟବସ୍ଥା ଗଢ଼ିବା ଦରକାର। ନିରବଚ୍ଛିନ୍ନ ବ୍ୟାକ୍‌ଅପ୍ କଭରେଜକୁ ନିଶ୍ଚିତ କରିବା ପାଇଁ ତାଇୱାନକୁ ୧୨୦ଟି ଉପଗ୍ରହ ଉତ୍କ୍ଷେପଣ କରିବା ଆବଶ୍ୟକ। ନୀତି ନିର୍ଦ୍ଧାରକମାନେ ଏଭଳି ସ୍ଥିତିରେ ଶୀଘ୍ର କିଛି ପଦକ୍ଷେପ ନେବା ଉଚିତ ଏବଂ ସହଯୋଗୀ ଦେଶଗୁଡ଼ିକ ସମର୍ଥନକୁ ଉପଯୋଗ କରିବାକୁ ପଡ଼ିବ। ତାଇୱାନ୍ ସହ ମିଳିତ ଭାବେ ବିକାଶ କରିବା ଲାଗି ଚିପ୍ସ ଆକ୍ଟ ଏବଂ ନ୍ୟାଶନାଲ ଡିଫେନ୍ସ ଆକ୍ଟ ଅନୁଯାୟୀ କିଛି ପାଣ୍ଠି ଆବଣ୍ଟନ କରିବା ଉପରେ ଆମେରିକା ସରକାର ବିଚାର କରିବା ଉଚିତ। ଉପଗ୍ରହ–ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା ଏବଂ ସମ୍ପୃକ୍ତ ସେମିକଣ୍ଡକ୍ଟର ଚିପ୍ସ କ୍ଷେତ୍ରରେ ବି ମିଳିତ ଭାବେ କାମ କରିବା ଦରକାର। ଅଧିକନ୍ତୁ, ଭାରତ– ପ୍ରଶାନ୍ତ ମହାସାଗରୀୟ ରଣନୀତିର ଏକ ଅଂଶ ଭାବେ ଆମେରିକା ସକ୍ରିୟ ଗୋଷ୍ଠୀ ଗଠନ, ପ୍ରଯୁକ୍ତିବିଦ୍ୟା ମାନକ ନିର୍ଦ୍ଧାରଣ ଏବଂ ଉଚ୍ଚସ୍ତରୀୟ ଆଦାନପ୍ରଦାନ ବ୍ୟବସ୍ଥା କରି ମେଣ୍ଟ ଗଠନ କରିବାରେ ନେତୃତ୍ୱ ନେବା ଆବଶ୍ୟକ।

ତାଇୱାନ୍‌ର ପରିସ୍ଥିତି ୟୁକ୍ରେନ୍ ସହିତ ସମ୍ପୂର୍ଣ୍ଣ ଅନୁରୂପ ନୁହେଁ। ରୁଷିଆ ସହିତ ୟୁକ୍ରେନ୍‌ର ଏକ ଦୀର୍ଘ ଭୂ–ସୀମା ଅଛି। ହେଲେ ଚାଇନା ସହ ତାଇୱାନର ଏଭଳି ସୀମା ନାହିଁ। ତାଇୱାନ ପ୍ରଣାଳୀ (ଷ୍ଟ୍ରେଟ୍) ଏହାକୁ ଚାଇନାଠାରୁ ଅଲଗା କରିଛି। ତାଇୱାନ୍ ଏହାର ଆବଶ୍ୟକ ଶକ୍ତିର ୯୦% ଆମଦାନୀ କରୁଛି। ଏଥିରୁ ବୁଝାପଡୁଛି ଯେ, କୌଣସି ଅବରୋଧ ତାଇୱାନର ଅର୍ଥ ବ୍ୟବସ୍ଥାକୁ ଶୀଘ୍ର ମାନ୍ଦା କରିଦେବ। ଏହାର ପଡ଼ୋଶୀଙ୍କ ସୁରକ୍ଷା ପ୍ରତି ବିଶେଷକରି ଭାରତ–ପ୍ରଶାନ୍ତମହାସାଗରୀୟ ଅଞ୍ଚଳ ପ୍ରତି ବିପଦ ସୃଷ୍ଟି କରିବ। ଏହା ସହ ତାଇୱାନର ଇଣ୍ଟରନେଟ୍ ସଂଯୋଗରେ ବ୍ୟାଘାତ ସହଜରେ ଏକ ବିଶ୍ୱ ସଙ୍କଟରେ ପରିଣତ ହୋଇପାରେ। ତାଇୱାନ୍ ପ୍ରଣାଳୀରେ ଉତ୍ତେଜନା ବଢୁଥିବାରୁ ଏହି ଦ୍ୱୀପର ସୁରକ୍ଷା ଏବେ ଏକ ଭାଗୀଦାରି ଭୂରାଜନୈତିକ ଚିନ୍ତାର ବିଷୟ ପାଲଟିଛି। ଚାଇନାକୁ ପରାସ୍ତ କରିବା ସମ୍ଭବ ନୁହେଁ, କିନ୍ତୁ ନିଶ୍ଚିତ ଭାବେ ତାକୁ ମାତ୍ ଦିଆଯାଇପାରିବ। ଏଭଳି ଏକ ସବୁଠୁ ଜଟିଳ ସମୟରେ ଅବଶିଷ୍ଟ ବିଶ୍ୱ ସହିତ ତାଇୱାନ୍‌ର ଯୋଗାଯୋଗ ନିଶ୍ଚିତ କରିବାକୁ ଏହି ଦ୍ୱୀପ ଓ ତା'ର ସହଯୋଗୀମାନେ ଆଜିଠୁ ନିବେଶ ଆରମ୍ଭ କରିବାକୁ ପଡ଼ିବ।

## ଏଇ ଭାରତରେ

ସମୁଦ୍ରରେ ପ୍ଲାଷ୍ଟିକ ପ୍ରଦୂଷଣ ବୃଦ୍ଧି ଏବେ ସାମୁଦ୍ରିକ ଜୀବଙ୍କ ପାଇଁ ବିପଦ ହୋଇଛି। ତେବେ ବିଶାଳ ସମୁଦ୍ରରୁ ଏହି ବର୍ଜ୍ୟକୁ ଦୂର କରିବା ଏକ ଅସମ୍ଭବ ବ୍ୟାପାର ହୋଇଥିବାବେଳେ ଚେନ୍ନାଇର ସ୍କୁବା ଡାଇଭର ଅରବିନ୍ଦ ଥାରୁନଶ୍ରୀ ଓ ତାଙ୍କ ୯ ବର୍ଷୀୟା ଝିଅ ଥାରାଗାଇ ଆରାଥନାଙ୍କ କ୍ଷୁଦ୍ର ପ୍ରୟାସ ସମସ୍ତଙ୍କ ପାଇଁ ଏକ ପ୍ରେରଣା। ଅରବିନ୍ଦ ବୃତ୍ତିରେ ଜଣେ ସ୍କୁବା ଡାଇଭର ଇନ୍‌ଷ୍ଟ୍ରକ୍ଟର। ସେ ଦୀର୍ଘ ୨୦ ବର୍ଷ ହେଲା ଗଭୀର ପାଣିରୁ ପ୍ଲାଷ୍ଟିକ ବର୍ଜ୍ୟ ସଂଗ୍ରହ କରୁଛନ୍ତି। ଏବେ ସୁଦ୍ଧା ସେ ୩୦,୦୦୦ କେଜି ପ୍ଲାଷ୍ଟିକ ବର୍ଜ୍ୟ ସଂଗ୍ରହ କରିସାରିଲେଣି। ସେ ଓ ତାଙ୍କ ଝିଅ ଥାରାଗାଇ ଏକାଠି ୧,୦୦୦ କେଜି ବର୍ଜ୍ୟ ସଂଗ୍ରହ କରିଛନ୍ତି। ଥାରାଗାଇ ୫ ବର୍ଷ ବେଳୁ ତାଙ୍କ ପିତାଙ୍କ ସହ ସ୍କୁବା ଡାଇଭିଂ ଆରମ୍ଭ କରିଥିଲେ। ଏବେ ବେଳାଭୂମି ସଫା କରିବା ଓ ବିଲୁପ୍ତପ୍ରାୟ ସାମୁଦ୍ରିକ ଜୀବଙ୍କ ଉପରେ ସଚେତନତା କାର୍ଯ୍ୟକ୍ରମ ବି କରୁଛନ୍ତି। ସେ ତାଙ୍କ ପିତାଙ୍କ ସହ ୧୮ କି.ମି. ପହଁରି ସାମୁଦ୍ରିକ ଜୀବଙ୍କ ସଂରକ୍ଷଣ ଉପରେ ସଚେତନତା ସୃଷ୍ଟି କରିବା ସହ ବିଶ୍ୱ ରେକର୍ଡର ଅଧିକାରୀ ହୋଇପାରିଛନ୍ତି। ସେ ସ୍କୁବା ଡାଇଭିଂରେ ମାଷ୍ଟର ହେବା ସହ ସାମୁଦ୍ରିକ ଜୀବଙ୍କ ସୁରକ୍ଷା ଲାଗି ଆଜୀବନ କାର୍ଯ୍ୟ କରିବା ପାଇଁ ଲକ୍ଷ୍ୟ ରଖିଥିବା କହିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୧୫ ସେପ୍ଟେମ୍ବର ୧୯୯୮**

- ଚାଇନାର ପୂର୍ବତନ ରାଷ୍ଟ୍ରପତି ୟାଙ୍ଗ ସାଙ୍ଗକୁନଙ୍କ ୯୧ ବର୍ଷ ବୟସରେ ଦେହାନ୍ତ।
- ବିହାରକୁ ଭାଗ ଭାଗ କରି ଏକ ପୃଥକ ଆଦିବାସୀ ରାଜ୍ୟ (ବନାଞ୍ଚଳ) ଗଠନ ପ୍ରସ୍ତାବକୁ ଆର୍‌ଜେଡି ମୁଖ୍ୟ ଲାଲୁ ପ୍ରସାଦ ଯାଦବ ଅପ୍ରତ୍ୟାଶିତ ଭାବେ ଅଗ୍ରାହ୍ୟ କରିଦେଇଛନ୍ତି।
- ଖ୍ୟାତନାମା ଭାରତୀୟ ମଲ୍ଲଯୋଦ୍ଧା ତଥା ଚଳଚ୍ଚିତ୍ର ଅଭିନେତା ଦାରା ସିଂ ଅଖିଳ ଭାରତ ଜାଟ ମହାସଭାର ସଭାପତି ଭାବେ ସର୍ବସମ୍ମତିକ୍ରମେ ମନୋନୀତ।

## su | do | ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | | | 9 | 8 | | 6 | | |
| 8 | | | | | | | 1 | |
| 6 | 4 | | 3 | | | | | |
| | | | | 2 | 3 | | | |
| | | | 4 | | | | 3 | 8 |
| 4 | | | | | 9 | | | 5 |
| | | 6 | | | | | | 7 |
| | | | | 1 | | 5 | | 2 |
| | | 5 | 7 | | | 8 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 6 | 2 | 8 | 7 | 3 | 9 | 1 | 4 |
| 9 | 1 | 3 | 5 | 2 | 4 | 8 | 7 | 6 |
| 7 | 8 | 4 | 6 | 9 | 1 | 5 | 3 | 2 |
| 2 | 4 | 8 | 3 | 1 | 7 | 6 | 9 | 5 |
| 6 | 7 | 1 | 9 | 5 | 8 | 4 | 2 | 3 |
| 3 | 5 | 9 | 2 | 4 | 6 | 1 | 8 | 7 |
| 8 | 2 | 7 | 4 | 6 | 9 | 3 | 5 | 1 |
| 4 | 3 | 5 | 1 | 8 | 2 | 7 | 6 | 9 |
| 1 | 9 | 6 | 7 | 3 | 5 | 2 | 4 | 8 |

ଗତକାଲିର ଉତ୍ତର

# ଆବାସିକ ପୁନଃ ଥଇଥାନ



ରାଜୀବ କର୍ମୀ

ମାନସିକ ଅସୁସ୍ଥ ବ୍ୟକ୍ତି ଏବଂ ପରିବାର ଜୀବନରେ ଅନେକ ଆହ୍ୱାନର ସମ୍ମୁଖୀନ ହୋଇଥା'ନ୍ତି। ଅସୁସ୍ଥତା ସମୟରେ ବ୍ୟକ୍ତିକୁ କେବଳ ଯେ ନୂଆ କୌଶଳ ଶିଖିବାରେ ଅସୁବିଧା ହୋଇ ନ ଥାଏ ବରଂ ନିଜ ପାଖରେ ଥିବା ଦୈନନ୍ଦିନ ଜୀବନଚର୍ଯ୍ୟା, ଭାବର ଆଦାନପ୍ରଦାନ ଏବଂ ସାମାଜିକ କୌଶଳ ହରାଇବାର ସମ୍ଭାବନା ଥାଏ। ଚିକିତ୍ସାସେବା ବ୍ୟକ୍ତିର ଅସୁସ୍ଥତାର ଲକ୍ଷଣଗୁଡ଼ିକୁ କମ୍ କରିଥାଏ କିନ୍ତୁ ଅସୁସ୍ଥତାର ଫଳସ୍ୱରୂପ ହରାଇଥିବା କୌଶଳଗୁଡ଼ିକ ଫେରିପାଏ ନାହିଁ। ତେଣୁ ମାନସିକ ଅସୁସ୍ଥ ବ୍ୟକ୍ତିକୁ ସମାଜରେ ସାମିଲ ପାଇଁ ସେ ହରାଇଥିବା କୌଶଳକୁ ଫେରାଇ ଆଣିବା ଜରୁରୀ।

ଅନେକ ସମୟରେ ମାନସିକ ଅସୁସ୍ଥ ବ୍ୟକ୍ତିଟି ଧୀରେ ଧୀରେ ଗୋଷ୍ଠୀରୁ ଦୂରେଇ ଯାଇଥାଏ। ଫଳରେ ତା'ଭିତରେ ଏକାକିତ୍ୱବୋଧ, ଚିଡ଼ିଚିଡ଼ା ହେବା ଏବଂ ବିରୋଧାଭାବ ମାନସିକତା ଦେଖାଯାଏ। ଉପଚାରାତ୍ମକ ସମୁଦାୟର ସହଯୋଗ ଫଳରେ ମାନସିକ ଅସୁସ୍ଥ ବ୍ୟକ୍ତିଟି ଅନ୍ୟମାନଙ୍କ ସହିତ ସୁସମ୍ପର୍କ ସ୍ଥାପନ ସହିତ ସ୍ୱ–ନିୟନ୍ତ୍ରିତ ହୋଇଥାଏ ଏବଂ ଯେଉଁମାନେ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି ତାଙ୍କୁ ସାହାଯ୍ୟରେ ସହାୟକ ହୁଏ। ଆବାସିକ ଶିବିରରେ ରହିବା ଦ୍ୱାରା ନିଜ ନିଜ ଭିତରେ ସମ୍ପର୍କ ସ୍ଥାପନ, ଭାବର ଆଦାନପ୍ରଦାନ ଏବଂ ପରସ୍ପର ସହଯୋଗ ସୁସ୍ଥତା ଆଡ଼କୁ ନେଇଯାଇଥାଏ। ଜଣେ ଅସୁସ୍ଥ ବ୍ୟକ୍ତି ତା'ର ହରେଇଥିବା ଦକ୍ଷତାକୁ ଫେରାଇ ଆଣିବାରେ ସକ୍ଷମ ହୋଇଥାଏ ଏବଂ ସମାଜରେ ସମ୍ମାନର ସହିତ ସାମିଲ ହେବାକୁ ସହଜ ହୋଇଥାଏ। ଏହି ଶିବିର ମାନସିକ, ଆବେଗିକ ଏବଂ ବୌଦ୍ଧିକ ବିକାଶରେ ସାହାଯ୍ୟ କରିଥାଏ, ଯାହାକି ଅସୁସ୍ଥ ବ୍ୟକ୍ତିକୁ ଶିଖିବା, ଗୋଷ୍ଠୀରେ କାମ କରିବାରେ ସହଜ ହୋଇଥାଏ। ଶିବିରରେ ଗୋଟିଏ ପରିବାର କେବଳ ନିଜର ବିକାଶରେ ଦାୟୀ ହୋଇ ନ ଥାଏ ବରଂ ଅନ୍ୟର ପରିବାରର ବିକାଶର ମଧ୍ୟ ଦାୟିତ୍ୱ ନେଇଥାଏ।

ଆବାସିକ ଶିବିରରେ ମାନସିକ ଅସୁସ୍ଥ ବ୍ୟକ୍ତି, ସେମାନଙ୍କର ପରିବାର, ସ୍ୱେଚ୍ଛାସେବୀ, ସଂଗଠନ କାର୍ଯ୍ୟକର୍ତ୍ତା, ଗୋଷ୍ଠୀ ଏବଂ ସ୍ୱାସ୍ଥ୍ୟକର୍ମୀମାନେ କିପରି ମାନସିକ ଅସୁସ୍ଥ ବ୍ୟକ୍ତିକୁ ସମାଜରେ ସାମିଲ ସକାଶେ ସାହାଯ୍ୟ କରିପାରିବେ ତାହା ଉପଲବ୍ଧି କରିଥା'ନ୍ତି। ସମସ୍ତେ ପାଞ୍ଚଦିନ ଧରି ଗୋଟିଏ ସ୍ଥାନରେ ଏକ ଗୋଷ୍ଠୀ ଭାବରେ ବାସକରି, ବିଭିନ୍ନ ଦାୟିତ୍ୱକୁ ନିଜ ନିଜ ମଧ୍ୟରେ ବ୍ୟକ୍ତିଗତ ଏବଂ ଦଳଗତ ଭାବରେ ସମ୍ପାଦନ କରିଥାନ୍ତି। ସମସ୍ତେ ମିଶି ମାନସିକ ଅସୁସ୍ଥ ବ୍ୟକ୍ତିକୁ ଶିଖିବାରେ ସାହାଯ୍ୟ କରନ୍ତି। ଏହି ପ୍ରକ୍ରିୟା ମାନସିକ ଅସୁସ୍ଥ ବ୍ୟକ୍ତିକୁ କାମ କରିବାକୁ ଉତ୍ସାହିତ କରିଥାଏ । ଶିବିରରେ ଅଂଶଗ୍ରହଣ କରୁଥିବା ସ୍ୱେଚ୍ଛାସେବୀ ଏବଂ କର୍ମକର୍ତ୍ତାମାନେ ଏକୀକରଣର ଅଭିଜ୍ଞତା ହାସଲ କରିବା ଦ୍ୱାରା ସେମାନଙ୍କୁ ଅନ୍ୟ ମାନସିକ ଅସୁସ୍ଥ ବ୍ୟକ୍ତି ଏବଂ ପରିବାରକୁ ସାହାଯ୍ୟ ସମୟରେ ସହାୟକ ହୁଏ।

ପୁନଃ–ଥଇଥାନ ଶିବିରରେ ମୁଖ୍ୟତଃ ପ୍ରାର୍ଥନା, ଯୋଗ, ପ୍ରାଣାୟାମ, ହାଲୁକା ବ୍ୟାୟାମ, ଦଳଗତ ଆଲୋଚନା, ଦୈନନ୍ଦିନ କାର୍ଯ୍ୟ ଶିଖିବାରେ ସହଯୋଗ, ସାମାଜିକ କୌଶଳ, ଜୀବନ କୌଶଳ, ବୃତ୍ତିଗତ ତାଲିମ, ହାସ୍ୟ କାର୍ଯ୍ୟକ୍ରମ, ବ୍ୟକ୍ତିଗତ ଏବଂ ପରିବାର ପରାମର୍ଶ ସେବା ଯୋଗାଇ ଦିଆଯାଇଥାଏ।



ଉପରୋକ୍ତ କାର୍ଯ୍ୟ ଗୋଷ୍ଠୀ ମାଧ୍ୟମରେ ହୁଏ। ଫଳରେ ଅସୁସ୍ଥ ବ୍ୟକ୍ତିଟି ଗୋଷ୍ଠୀରେ ସାମିଲ ହେବାର ସୁଯୋଗ ପାଏ। ଚିତ୍ତ ବିନୋଦନ ପାଇଁ ଭ୍ରମଣ, ସ୍ୱତନ୍ତ୍ର ତାଲିମ, ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ସଚେତନତା ଶିବିର, ଭିନ୍ନକ୍ଷମ ପ୍ରମାଣପତ୍ର ଏବଂ ବିଭିନ୍ନ ଯୋଜନାରେ ସାମିଲ କାର୍ଯ୍ୟକ୍ରମ କରାଯାଇଥାଏ। ଜୀବନଜୀବିକା କାର୍ଯ୍ୟକ୍ରମ ବିଷୟରେ ଆଲୋଚନା, ଆର୍ଥିକ ସାକ୍ଷରତା ଇତ୍ୟାଦି ମଧ୍ୟ ସାମିଲ କରାଯାଇ ପାରିବ। ରୋଗ ନିବାରଣ ସହିତ ମନୋ–ସାମାଜିକ କାର୍ଯ୍ୟକ୍ରମ ଅସୁସ୍ଥ ବ୍ୟକ୍ତି ଏବଂ ପରିବାରକୁ ପରବର୍ତ୍ତୀ ସମୟରେ ଅଭ୍ୟାସ ପାଇଁ ସାହାଯ୍ୟ କରିଥାଏ। ଏହି ଶିବିର ଅସୁସ୍ଥ ବ୍ୟକ୍ତିର ଗୁଣାତ୍ମକ ଜୀବନଶୈଳୀରେ ପରିବର୍ତ୍ତନ ଆଣିଥାଏ।

ମନୋସାମାଜିକ ଆବାସିକ ପୁନଃ ଥଇଥାନ ଶିବିର ଏକ ବହୁମୁଖୀ ଉପଚାର ଭଳି କାମ କରିଥାଏ। ଏହି ଶିବିର କେବଳ ମାନସିକ ରୋଗର ଉପଚାର ନୁହେଁ, ଏହା ଅସୁସ୍ଥ ବ୍ୟକ୍ତିର ଅନ୍ୟାନ୍ୟ ଦକ୍ଷତା, ବୃତ୍ତିଗତ ତାଲିମ, ପରିବାର ଓ ଗୋଷ୍ଠୀ ଲୋକଙ୍କୁ ମାନସିକ ରୋଗ ଏବଂ ଗ୍ରହଣୀୟତା ବିଷୟରେ ସଚେତନ କରିବା ଲକ୍ଷ୍ୟ ରଖେ।

ଆବାସିକ ଶିବିର ମାନସିକ ଅସୁସ୍ଥ ବ୍ୟକ୍ତିକୁ ସ୍ୱାଧୀନ ଭାବରେ ନିଜ କାମ ନିଜେ କରିବାକୁ ସକ୍ଷମ ହେବାର କୌଶଳ ଶିଖେଇଥାଏ। ପରିବାର ଲୋକ, ବନ୍ଧୁବାନ୍ଧବ ଏବଂ ସାଙ୍ଗସାଥୀଙ୍କ ସହ କଥାବାର୍ତ୍ତା କରିବାର କୌଶଳ ସହିତ ଅନ୍ୟାନ୍ୟ ଜୀବନ କୌଶଳ ହାସଲ କରିଥାଏ। ମାନସିକ ଅସୁସ୍ଥ ବ୍ୟକ୍ତିମାନେ ଜୀବନସାରା ଘରେ, ଗାଁରେ, କର୍ମକ୍ଷେତ୍ରରେ ଅନେକ ଘୃଣା ଏବଂ ବାଛବିଚାରର ଶିକାର ହୋଇଥା'ନ୍ତି। ଏହି ଘୃଣ୍ୟଭାବ ବଢ଼ିବା ଫଳରେ ମାନସିକ ଅସୁସ୍ଥତା ବଢ଼େ ଏବଂ ସୁସ୍ଥତାରେ ବିଳମ୍ବ ହୋଇଥାଏ। ପରବର୍ତ୍ତୀ ସମୟରେ ଅସୁସ୍ଥତା କମିବା ପରେ ମଧ୍ୟ ଘୃଣାଭାବ ଯୋଗୁ ବ୍ୟକ୍ତିଟି ବୃତ୍ତିଗତ ସୁଯୋଗ ପାଏନାହିଁ, ଫଳରେ ପରିବାରରେ ଆର୍ଥିକ ବୋଝ ବଢ଼େ। ନିଜେ ଆୟକରି ପରିବାରକୁ ଆର୍ଥିକ ସହଯୋଗ କରିପାରୁଥିବା ବ୍ୟକ୍ତିର ସମ୍ମାନ ସମାଜରେ ଅଧିକ ହୋଇଥାଏ। ଅସୁସ୍ଥ ବ୍ୟକ୍ତିର ବୃତ୍ତିର ସ୍ଥାୟିତ୍ୱ ସବୁବେଳେ ବ୍ୟକ୍ତିର ଲକ୍ଷଣ, ସ୍ୱାସ୍ଥ୍ୟର ଯତ୍ନ, ଆତ୍ମସମ୍ମାନ ଏବଂ ଆତ୍ମତୃପ୍ତି ଉପରେ ନିର୍ଭରକରେ। ପରିବାର ଏବଂ ଗୋଷ୍ଠୀର ସହଯୋଗ ଫଳରେ ଅସୁସ୍ଥ ବ୍ୟକ୍ତିର ଆତ୍ମବିଶ୍ୱାସ ବଢ଼ିବା ସହିତ ସେ ଅସୁସ୍ଥତାଜନିତ ଆହ୍ୱାନକୁ ମୁକାବିଲା କରିବାକୁ ସକ୍ଷମ ହୋଇଥାଏ।

ସମୟାନ୍ତରରେ ଆବାସିକ ଶିବିର ଆୟୋଜନ କରାଯାଉଛି। ଏହି ଶିବିରରୁ ପ୍ରତ୍ୟାବର୍ତ୍ତନ ପରେ ଶିଖିଥିବା ଉପାୟଗୁଡ଼ିକୁ ନିୟମିତ ଅଭ୍ୟାସ କରିବା ଆବଶ୍ୟକ। ଏଥିରେ ଅଂଶଗ୍ରହଣ କରୁଥିବା କର୍ମକର୍ତ୍ତାମାନେ ସହଯୋଗୀ ବାତାବରଣ ସୃଷ୍ଟି କରିବା ଉଚିତ୍। ଯାହାଦ୍ୱାରା ପରିବାରର ମାନସିକ ଅସୁସ୍ଥତା ପ୍ରତି ଥିବା ନକାରାତ୍ମକ ମନୋଭାବ ସକାରାତ୍ମକ ମନୋଭାବରେ ପରିବର୍ତ୍ତନ ହୋଇପାରିବ। ଏଭଳି ଆବାସିକ ଶିବିରର ବହୁସଂଖ୍ୟାରେ ଆୟୋଜନ କରିବାର ଆବଶ୍ୟକତା ରହିଛି। ଏହାକୁ ଜିଲା ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ମାନସିକ ସ୍ୱାସ୍ଥ୍ୟ ବିଭାଗ ମାଧ୍ୟମରେ କରିବାର ସୁଯୋଗ ରହିଛି। ଏହା ସରକାରୀ, ବେସରକାରୀ ଏବଂ ସି.ଏସ୍.ଆର. ସହଯୋଗରେ କରାଯାଇପାରିବ। ଏଥିପାଇଁ କେବଳ ମାନସିକ ସ୍ୱାସ୍ଥ୍ୟ କର୍ମକର୍ତ୍ତା ନୁହେଁ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ଗୋଷ୍ଠୀ ଆଗକୁ ଆସିବା ଦରକାର।

ମୋ:୮୩୨୮୮୪୮୧୪୫

# ଏକ ଦେଶ, ଏକ ନିର୍ବାଚନରେ ସମସ୍ୟା



ସୌରଜିତ ପ୍ରଧାନୀ

'ଏକ ଦେଶ, ଏକ ନିର୍ବାଚନ' ଏବେ ସାରା ଦେଶରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଚିନ୍ତାଧାରାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନେକ ଥର ପ୍ରକାଶ କରିଛନ୍ତି। ଏହି 'ଏକ ଦେଶ, ଏକ ନିର୍ବାଚନ' ଯୋଜନା କ'ଣ ତାହା ଆମକୁ ବୁଝିବାକୁ ପଡ଼ିବ। 'ଏକ ଦେଶ, ଏକ ନିର୍ବାଚନ' ଏକ ନିର୍ବାଚନ ପ୍ରକ୍ରିୟା, ଯେଉଁଥିରେ ରାଜ୍ୟ ଓ ଜାତୀୟସ୍ତରର ନିର୍ବାଚନ ଏକାସାଙ୍ଗରେ ଅନୁଷ୍ଠିତ ହେବ। ପ୍ରତି ପାଞ୍ଚ ବର୍ଷରେ ଥରେ ନିର୍ବାଚନ ହେବ। ଏହି ଗୋଟିଏ ନିର୍ବାଚନର ଅର୍ଥ ନୁହେଁ ଯେ ଏହା ଭାରତର ସମସ୍ତ ଲୋକଙ୍କ ପାଇଁ ଗୋଟିଏ ଦିନରେ ହେବ, ବରଂ ପର୍ଯ୍ୟାୟକ୍ରମେ ନିର୍ବାଚନ ହେବ। ଏକ ନିର୍ଦ୍ଦିଷ୍ଟ ନିର୍ବାଚନମଣ୍ଡଳୀର ଲୋକଙ୍କୁ ଏକକାଳୀନ ବିଧାନସଭା ଓ ଲୋକ ସଭା ପାଇଁ ଭୋଟ ଦେବାକୁ ପଡ଼ିବ। ୧୯୬୭ ପର୍ଯ୍ୟନ୍ତ ଭାରତରେ ଅନୁଷ୍ଠିତ ନିର୍ବାଚନ ଏହି ଧାରାକୁ ଅନୁସରଣ କରୁଥିଲା। ଏହା ପରେ ହିଁ ବିଧାନସଭା ଭଙ୍ଗର ସଂସ୍କୃତି ଆରମ୍ଭ ହୋଇଥିଲା। ୧୯୮୩ରେ ଭାରତର ନିର୍ବାଚନ କମିଶନଙ୍କ ଦ୍ୱାରା 'ଏକ ଦେଶ, ଏକ ନିର୍ବାଚନ' ପରିକଳ୍ପନାକୁ ସୁପାରିସ କରାଯାଇଥିଲା। ୧୯୯୯ରେ ଲ' କମିଶନ ତାଙ୍କ ରିପୋର୍ଟରେ ମଧ୍ୟ ଏହା ଉଲ୍ଲେଖ କରିଥିଲେ। ୨୦୧୪ରୁ ଏହି ପରିକଳ୍ପନା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥିଲା।

ଏହି ପରିକଳ୍ପନା ଆରମ୍ଭ ହେଲେ ପ୍ରତିବର୍ଷ ନିର୍ବାଚନ ପରିଚାଳନାରେ ହେଉଥିବା ଉଦ୍ୟମ ଓ ଅର୍ଥ ଅପଚୟ ହ୍ରାସ ପାଇବ ବୋଲି କୁହାଯାଉଛି। ରାଷ୍ଟ୍ରରେ ଭୋଟରମାନଙ୍କୁ ୫ ବର୍ଷରେ ଥରେ ହିଁ ଭୋଟ ଦେବାକୁ ପଡ଼ିବ। ତାହା ଦେଶର ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ଏବଂ ବିକାଶମୂଳକ କାର୍ଯ୍ୟରେ ବିନିଯୋଗ କରାଯାଇ ପାରିବ। କେବଳ ସେତିକି ନୁହେଁ, ରାଜନୈତିକ ଦଳଗୁଡ଼ିକୁ ୫ ବର୍ଷର ପର୍ଯ୍ୟାପ୍ତ ସମୟ ମିଳିବ। ଏହା ଦେଶର ସର୍ବାଙ୍ଗୀନ ବିକାଶରେ ସହାୟକ ହେବ। 'ଏକ ଦେଶ, ଏକ ନିର୍ବାଚନ' ସିଦ୍ଧାନ୍ତର କାର୍ଯ୍ୟକାରିତା ସମ୍ପର୍କରେ ସବୁଠାର ବଡ଼ 'କ୍ୱାସିଫେଡେରାଲ' (ଅର୍ଦ୍ଧସଙ୍ଘୀୟ) ବ୍ୟବସ୍ଥା ରହିଛି। ଦେଶରେ ଲୋକ ସଭା ଓ ବିଧାନସଭାର ସଦସ୍ୟ ଚୟନ ପାଇଁ ଅଲଗା ଅଲଗା ନିର୍ବାଚନ ହୋଇଥାଏ। ତେଣୁ ଯେବେ ବି ୫ ବର୍ଷର କାର୍ଯ୍ୟକାଳ ଶେଷ ହୁଏ, ବିଭିନ୍ନ ସମୟ ବ୍ୟବଧାନରେ ନିର୍ବାଚନ ହୋଇଥାଏ। ଏହାଛଡ଼ା ଏଭଳି ଅନେକ ପ୍ରତିବନ୍ଧକ ରହିଛି, ଯାହା ଏହି ପରିକଳ୍ପନାର କାର୍ଯ୍ୟାନ୍ୱୟନରେ ବାଧକ ସାଜିଛି। ଏକକାଳୀନ ନିର୍ବାଚନର କାର୍ଯ୍ୟାନ୍ୱୟନ ପାଇଁ କାର୍ଯ୍ୟକାଳ ବୃଦ୍ଧି କିମ୍ବା ହ୍ରାସର ଆବଶ୍ୟକତା ରହିବ, ଯାହାଫଳରେ ସେମାନଙ୍କର ନିର୍ବାଚନ ତାରିଖ ପ୍ରସ୍ତାବିତ ତାରିଖ ସହିତ ମେଳ ଖାଇପାରିବ ଏବଂ ଏହା ସଙ୍ଘୀୟ ବ୍ୟବସ୍ଥାର ପରିପନ୍ଥୀ। ସାମ୍ବିଧାନିକ ଆଇନରେ ସଂଶୋଧନ ବିନା ଏହା ସମ୍ଭବ ନୁହେଁ।

ଦ୍ୱିତୀୟତଃ ବିଧାନସଭା ନିର୍ବାଚନ ସ୍ଥାନୀୟ କିମ୍ବା ଆଞ୍ଚଳିକ ପ୍ରସଙ୍ଗକୁ ନେଇ କରାଯାଇଥାଏ। ଅନେକ ରାଜନୈତିକ ଦଳ ଏବଂ ସଙ୍ଗଠନ ଅଛନ୍ତି, ଯେଉଁମାନେ ଆଞ୍ଚଳିକ ମାନଦଣ୍ଡ ଏବଂ ଭାବନା ପାଇଁ ସେମାନଙ୍କର ଗଠନ ଏବଂ ଅସ୍ତିତ୍ୱ ରହିଛି। ଭାରତୀୟ ସମ୍ବିଧାନର ସପ୍ତମ ଅନୁସୂଚୀରେ ୟୁନିୟନ ବିଷୟ, ରାଜ୍ୟ ବିଷୟ ଏବଂ ସମକାଳୀନ ବିଷୟ ରହିଛି। ରାଜ୍ୟ ସରକାରଙ୍କ ଅଧୀନରେ ରାଜ୍ୟ ବିଷୟଗୁଡ଼ିକ ରହିଛି। ରାଜ୍ୟସ୍ତରରେ ଆଞ୍ଚଳିକ ପ୍ରସଙ୍ଗକୁ ଗୁରୁତ୍ୱ ଦିଆଯାଏ ଏବଂ ଏଭଳି ସମସ୍ୟାର ସମାଧାନ ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପ ଆଧାରରେ ରାଜନୈତିକ ଦଳଗୁଡ଼ିକ ବେକାରି ଆଦି ପ୍ରସଙ୍ଗକୁ ଗୁରୁତ୍ୱ ଦେବା ପରିବର୍ତ୍ତେ ଜାତୀୟ ପ୍ରସଙ୍ଗକୁ ବ୍ୟାପକ କରୁଥିବା ରାଜନୈତିକ ଦଳଗୁଡ଼ିକ 'ଏକ ଦେଶ, ଏକ ନିର୍ବାଚନ' ପରିକଳ୍ପନାକୁ ବାଛିବାର ଅନ୍ୟତମ କାରଣ ହେଉଛି ଏହା ନିର୍ବାଚନ ପ୍ରକ୍ରିୟାରେ ଲାଗିଥିବା ଅର୍ଥର ପରିମାଣକୁ ହ୍ରାସ କରିବା। ଯେକୌଣସି ନିର୍ବାଚନ, ସଂସଦୀୟ ବା ବିଧାନସଭାରେ ସମ୍ପୃକ୍ତ ଥିବା ଅର୍ଥକୁ ପ୍ରାର୍ଥୀମାନେ ନିଜ ନିଜ ନିର୍ବାଚନମଣ୍ଡଳୀରେ ଖର୍ଚ୍ଚ କରିଥାଆନ୍ତି। ଏକକାଳୀନ ନିର୍ବାଚନ କ୍ଷେତ୍ରରେ ଏହା ହ୍ରାସ ପାଇବ ବୋଲି କୌଣସି ଗ୍ୟାରେଣ୍ଟି ନାହିଁ। ଦେଶରେ ଏକକାଳୀନ ନିର୍ବାଚନ ପ୍ରକ୍ରିୟା ଏକ ଜଟିଳ ପ୍ରକ୍ରିୟା। ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିବା ପାଇଁ ବ୍ୟାପକ ମାନବ ସମ୍ବଳ, ସୁରକ୍ଷା, ଯନ୍ତ୍ରପାତିର ଆବଶ୍ୟକତା ରହିଛି। 'ଏକ ଦେଶ, ଏକ ନିର୍ବାଚନ' ପାଇଁ ବିପୁଳ କର୍ମଚାରୀ ଓ ଇଭିଏମ୍ ଆବଶ୍ୟକ ହେବ।

ଆମେରିକାରେ ଏକକାଳୀନ ନିର୍ବାଚନ ବ୍ୟବସ୍ଥା ରହିଛି। ସ୍ୱିଡେନ, ସ୍ପେନ, ହଙ୍ଗେରୀ, ବେଲ୍‌ଜିୟମ, ପୋଲାଣ୍ଡ, ସ୍ଲୋଭେନିଆ, ଆଲ୍‌ବାନିଆ, ଦକ୍ଷିଣ ଆଫ୍ରିକା, ଜର୍ମାନୀ ଇତ୍ୟାଦି ରାଷ୍ଟ୍ରର ଅନ୍ୟ ଦେଶଗୁଡ଼ିକ 'ଗୋଟିଏ ଦେଶ, ଗୋଟିଏ ନିର୍ବାଚନ' ବ୍ୟବସ୍ଥାକୁ ସମର୍ଥନ ଓ କାର୍ଯ୍ୟକାରୀ କରନ୍ତି। କିନ୍ତୁ ଏହି ଦେଶଗୁଡ଼ିକରେ 'ସଂସଦୀୟ ନିର୍ବାଚନ' ତୁଳନାରେ ସେମାନଙ୍କର 'ରାଷ୍ଟ୍ରପତି ନିର୍ବାଚନର' ଗୁରୁତ୍ୱ ରହିଛି।

**ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଓଡ଼ିଶା**
**ମୋ: ୯୯୬୭୧୦୨୨୬୪**

## ଚିରନ୍ତନୀ

ମୁହିଁ ସେ ଜୀବନ ସକଳ ଧରାର ଧ୍ୟାନ
ଚିର ବାଞ୍ଛିତ ବିଶ୍ୱର ଅବଦାନ,
ମୁହିଁ ସେ ଜୀବନ ଖୋଜିଥିଲୁ ଶୈଶବେ
ତରୁଣ ଆଶାର ରଞ୍ଜିତ ଉଷା–ନଭେ।
-(ଜୀବନର ସ୍ୱର୍ଶ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସମାନ ନାଗରିକ ଆଇନ ଏବଂ ଜନମତ

ମହାଶୟ,

ମୁଖ୍ୟତଃ ଧର୍ମନିରପେକ୍ଷ ରାଷ୍ଟ୍ର ଭାବରେ ଭାରତ ବିଶ୍ୱରେ ସୁନାମ ଅର୍ଜନ କରିଛି। ବିଭିନ୍ନ ଧର୍ମାବଲମ୍ବୀ ବ୍ୟକ୍ତିବିଶେଷ ଭାରତର ସମ୍ବିଧାନକୁ ମାନି ଚଳୁଛନ୍ତି। ଏପରିସ୍ଥଳେ ସମାନ ନାଗରିକ ଆଇନଶୃଙ୍ଖଳା ପଦବାଚ୍ୟ ଏକ ଦୂରଦୃଷ୍ଟି ପ୍ରଶ୍ନବାଚୀ। ବିଭିନ୍ନ ଧର୍ମୀୟ ପରମ୍ପରା ବ୍ୟକ୍ତିବିଶେଷଙ୍କର ସାମାଜିକ, ସାଂସ୍କୃତିକ, ସ୍ୱାଧୀନତାର ଅଧିକାର ଏବଂ ବାକ୍ ସ୍ୱାଧୀନତା ପ୍ରତି ଯେପରି ଆଘାତ ନ ହେବ, ସେ ବିଷୟରେ ଗଭୀର ସମୀକ୍ଷା ପରେ ବହୁ ମତକୁ ନେଇ ଯୋଜନା କରିବା ଆବଶ୍ୟକ। କେବଳ ମନେମନେ ଆଇନ ପାଶ୍ କରିଦେଲେ ଚଳିବ ନାହିଁ। ଗଣତନ୍ତ୍ର ରାଷ୍ଟ୍ର ଭାରତରେ ଜନତା କ୍ଷମତା ଦେଇପାରିବେ, ଆବଶ୍ୟକସ୍ଥଳେ ସିଂହାସନକୁ ବିପରୀତ କରିଦେବେ। ମନମୁଖି ଶାସନକୁ ସମସ୍ତେ ବିରୋଧ କରିବେ। କୌଣସି ବ୍ୟକ୍ତି ବିଶେଷଙ୍କ ଉପରେ ଅନ୍ୟାୟ ଆଇନକୁ ଲଦି ଦିଆଗଲେ ଦେଶବାସୀ ଗ୍ରହଣ କରିବେ ନାହିଁ। ଏଣୁ ସମାନ ନାଗରିକ ଆଇନ ଉପରେ ବିଚାରବିମର୍ଶ ଏକାନ୍ତ ଅପରିହାର୍ଯ୍ୟ।

**– ଆଦିକନ୍ଦ ସାହୁ, ଏକମାଣିଆ, କେନ୍ଦ୍ରାପଡ଼ା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଲଗାଣ ବର୍ଷା ସତ୍ତ୍ୱେ ଧାରଣାରେ ଶିକ୍ଷୟିତ୍ରୀ ଶିକ୍ଷକ

ସିନାପାଲି,୧୪।୯(ମନଫୁଲ ମେହେର)

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ଡାକରାରେ ୩ ଦଫା ଦାବି ନେଇ ନୂଆପଡ଼ା ଜିଲା ସିନାପାଲି ବିଇଓ ଅଫିସ ସମ୍ମୁଖରେ ପ୍ରାଥମିକ ଶିକ୍ଷକଙ୍କ ଧାରଣା ଜାରି ରହିଛି। ଗୁରୁବାର ଲଗାଣ ବର୍ଷା ସତ୍ତ୍ୱେ ବ୍ଲକର ବିଭିନ୍ନ କ୍ଲଷ୍ଟରରୁ ଶିକ୍ଷକ ଶିକ୍ଷୟିତ୍ରୀମାନେ ଆସି ଏହି ଧାରଣାରେ ସାମିଲ ହୋଇଛନ୍ତି। ଫଳରେ ପ୍ରାୟ ବିଦ୍ୟାଳୟରେ ପାଠପଢ଼ା ଓ ମଧ୍ୟାହ୍ନ ଭୋଜନ ଆଦି ବ୍ୟବସ୍ଥା ପ୍ରଭାବିତ ହୋଇଛି। ଧାରଣାସ୍ଥଳରେ ସଂଘ ସଭାପତି ପ୍ରସନ୍ନ ମାଝି, ସମ୍ପାଦକ ବାଲାଜୀ ହରିଜନ, ଏକ୍ସକ୍ୟାଡର ଜିଲା ସଭାପତି ଅରୁଣ କୁମାର ଯୋଷୀ, କନିଷ୍ଠ ଶିକ୍ଷକ ସଂଘ ସଭାପତି ଜ୍ଞାନରଞ୍ଜନ ସୁନାନୀ, ସମ୍ପାଦକ ଦୁର୍ଦ୍ଦାନ୍ତ ମେହେରଙ୍କ ସହ ପ୍ରକାଶ ମେହେର, ରାଜେନ୍ଦ୍ର ଖମାରୀ, ରାଧାକାନ୍ତ ମେହେର, ଶରତ ମେହେର, ଦୀପକ ସା, ପରେଶନାଥ ପାଣିଗ୍ରାହୀ, ତୋଫାନ ଭୋଇ, ନରେଶ ମାଝି, ଅର୍ଜୁନ ନାଏକ, ନେତ୍ରା ଭୋଇ ପ୍ରମୁଖ ସାମିଲ ହୋଇଥିଲେ।

### ପ୍ରାଥମିକ, ଉଚ୍ଚ ପ୍ରାଥମିକ ସ୍କୁଲରେ ତାଲା

ରୁପ୍ରାରୋଡ୍,୧୪।୯(ସଞ୍ଜୀବ ଦାସ)

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡରେସନର ଆହ୍ୱାନକ୍ରମେ କଳାହାଣ୍ଡି ଜିଲା ନର୍ଲା ବ୍ଲକ ଶିକ୍ଷକ ସଂଘ ପକ୍ଷରୁ କାର୍ଯ୍ୟବନ୍ଦ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ (ବିଇଓ)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଛି। ଫଳରେ ସ୍କୁଲରେ ତାଲା ପଡ଼ିଥିବା ଯୋଗୁ ପିଲାଙ୍କ ପାଠପଢ଼ା ବନ୍ଦ ହୋଇଯାଇଛି। ସମସ୍ତ ବର୍ଗର ପ୍ରାଥମିକ ଶିକ୍ଷକଙ୍କୁ କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ ଓ ରାଜ୍ୟ ସରକାର ସମସ୍ତ ଠିକା ନିଯୁକ୍ତି ଉଚ୍ଛେଦ କରିଥିବାରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ କାର୍ଯ୍ୟରତ କନିଷ୍ଠ ଶିକ୍ଷୟତ୍ରୀ ଶିକ୍ଷକମାନଙ୍କୁ ନିୟମିତ କରିବା ସହ ଶିକ୍ଷା କର୍ମୀ ଓ ଶିକ୍ଷା ସହାୟକ ମାନଙ୍କ ଠିକା କାର୍ଯ୍ୟକାଳକୁ ଇନକ୍ରିମେଣ୍ଟ ପ୍ରଦାନ କରିବା ସହ ମୂଳ ଚାକିରିରେ ଗଣନା କରିବା, ଗଣ ଶିକ୍ଷକ, ଏକ୍ସକ୍ୟାଡର ଶିକ୍ଷକ, କଳା ଓ କ୍ରୀଡ଼ା ଶିକ୍ଷକମାନଙ୍କୁ ନିୟମିତ ଶିକ୍ଷକ ମାନ୍ୟତା ଓ ପୁରୁଣା ପେନସନ୍ ବ୍ୟବସ୍ଥା ପୁନଃ ପ୍ରଚଳନ କରିବା ଆଦି ପ୍ରମୁଖ ଦାବି କରାଯାଇଥିଲା। ସଂଘ ବ୍ଲକ ସଭାପତି ମୀନକେତନ ସାହୁ ଓ ସମ୍ପାଦକ ଅମିତ କୁମାର ଶର୍ମାଙ୍କ ନେତୃତ୍ୱରେ ସଂଘ କାର୍ଯ୍ୟକର୍ତ୍ତାଙ୍କ ସମେତ ସମସ୍ତ ବର୍ଗର ଶିକ୍ଷକ ଶିକ୍ଷୟିତ୍ରୀ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଧାରଣାରେ ବସିଛନ୍ତି।

### ସହଭାଗୀ ରୂପେ ଅଭିଭାବକ କାର୍ଯ୍ୟକ୍ରମ

ଖଡ଼ିଆଳ,୧୪।୯(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଅନୁସୂଚୀତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଅଧୀନ ଚନାବେଡା ଆଶ୍ରମ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ପିତବାସ ଜଗତଙ୍କ ସଭାପତିତ୍ୱରେ ସହଭାଗୀ ରୂପେ ଅଭିଭାବକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରଜତ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ପଞ୍ଚାନନ ବେହେରା, ସାଧନା କର୍ମୀ ତଥା ବରିଷ୍ଠ ଶିକ୍ଷକ ରଜନୀକାନ୍ତ ଯୋଷୀ ମଞ୍ଚାସୀନ ରହିଥିଲେ। ଶିକ୍ଷକ ଓ ଅଭିଭାବକଙ୍କ ମଧ୍ୟରେ ଏକତା ରହିଲେ ବିଦ୍ୟାଳୟର ଉନ୍ନତି ହୋଇଥାଏ ଓ ଛାତ୍ରୀଛାତ୍ରଙ୍କ ମନୋବଳ ବୃଦ୍ଧି ପାଇଥାଏ । ବିଦ୍ୟାଳୟର ବିକାଶରେ ଅଭିଭାବକ ଓ ଶିକ୍ଷକମାନଙ୍କ ସମାନ ଦାୟିତ୍ୱ ରହିଥାଏ ବୋଲି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଭିନ୍ନ ଯୋଜନା ଯଥା ଛାତ୍ର ବୃତ୍ତି, ପାଠ୍ୟକ୍ରମ, ବିଭିନ୍ନ ସହାୟତା ସମ୍ପର୍କରେ ଜନସଚେତନ କରାଯାଇଥିଲା। ଏହା ସହ ବିଭିନ୍ନ ବିଭାଗ ପଞ୍ଚାୟତିରାଜ, ପାନୀୟ ଜଳ, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ଯୋଗାଣ, ମହିଳା ଓ ଶିଶୁ,ମିଶନ ଶକ୍ତି ବିଭାଗ ଯୋଗଦେଇ ସରକାରଙ୍କ ସୁବିଧା ସୁଯୋଗ ସମ୍ପର୍କରେ ଅଭିଭାବକଙ୍କୁ ଜଣାଇଥିଲେ। ଦ୍ୱିତୀୟ ପର୍ଯ୍ୟାୟର ଅଭିଭାବକ ଓ ଶିକ୍ଷାର୍ଥୀଙ୍କୁ ନେଇ ରଙ୍ଗୋଲି, ଚିତ୍ରକଳା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଅଭିଭାବକମାନେ ନିଜସ୍ୱ ମତ ପ୍ରଦାନ କରିଥିଲେ। ଶିକ୍ଷକ କୈଳାଶ ଚନ୍ଦ୍ର ବାଗ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ଶୁଭକର ମାଝି, ଟିକେରାମ ମେହେର, ଧରଣୀଧର ମେହେର, ଶିକ୍ଷୟିତ୍ରୀ ତରୁଲତା ମହାନନ୍ଦ ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ପାଖାପାଖି ୩୦୦ରୁ ଊର୍ଦ୍ଧ୍ୱ ଅଭିବାବକ ଯୋଗଦାନ କରିଥିଲେ।

# କଳାହାଣ୍ଡି ଜିଲାରେ ବର୍ଷା ବିଘାତ

ଭବାନୀପାଟଣା/ଲାଞ୍ଜିଗଡ଼/ମଦନପୁର, ୧୪।୯(ଉତ୍ତମ କୁମାର ଦାଶ/ରମେଶ ଚନ୍ଦ୍ର ନାୟକ/ସନ୍ତୋଷ କୁମାର ଦଣ୍ଡସେନା)

- ଜିଲାରେ ୧୧୪୬.୨ମିମି ବର୍ଷା ରେକର୍ଡ
- ଏମ୍.ରାମପୁର ବ୍ଲକରେ ସର୍ବାଧିକ
- ଘର ଭୁଶୁଡ଼ି ୨ଜଣଙ୍କ ମୃତ୍ୟୁ, ଶିକ୍ଷକଙ୍କ ଉପରେ ଗଛ ପଡ଼ିଲା
- ନଦୀରେ ଭାସିଯାଇ ଜଣକର ମୃତ୍ୟୁ

କଳାହାଣ୍ଡି ଜିଲାରେ ଗତ ୩ଦିନ ହେଲା ଲଘୁଚାପଜନିତ ଲଗାଣ ବର୍ଷା ଜାରିରହିଛି। ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ବୁଧବାର ଜିଲାରେ ୪୪୮.୭ ମିଲିମିଟର ବର୍ଷା ରେର୍କଡ କରାଯାଇଥିଲା। ଲାଞ୍ଜିଗଡ ବ୍ଲକରେ ସର୍ବାଧିକ ୧୫୬.୪ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଥିଲା। ଏହି ବ୍ଲକରେ ବିଶେଷ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଥିଲା। ଏଠାକାର ତଳିଆ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ଜୀବନ ଜୀବିକା ଦୁର୍ବିସହ ହୋଇପଡିଛି। ଲଗାଣ ବର୍ଷା ଯୋଗୁ ଲାଞ୍ଜିଗଡ ବ୍ଲକ ଡୁମେରମୁଣ୍ଡା ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ମାଟିଘର ଭୁଶୁଡିଯିବାରୁ ଚାପିହୋଇ ରଷିମଣି ସାହୁ (୪୫)ନାମକ ଜଣକ ଯୁବକଙ୍କ ମୃତ୍ୟୁ ହୋଇଛି।

ସେହିପରି ମଙ୍ଗଳବାର ବ୍ଲକର ଛତ୍ରପୁର ପଞ୍ଚାୟତ ହରେକୃଷ୍ଣପୁର ଗ୍ରାମର ବନିତା ପରାଭୋଇ ନିଜ ମାଟିଘରେ ରୋଷେଇ କରୁଥିବା ବେଳେ ହଠାତ୍ ଘର ଭୁଶୁଡିଯିବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ଗୁରୁବାର ଜିଲାରେ ୧୧୪୬.୨ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଏଥିରେ ଜିଲାର ଏମ.ରାମପୁର ବ୍ଲକରେ ସର୍ବାଧିକ ୧୯୩ ମିଲିମିଟର, ଲାଞ୍ଜିଗଡ ବ୍ଲକରେ ୧୨୧.୪ ମିମି, ଥୁଆମୂଳ ରାମପୁର ବ୍ଲକରେ ୧୫୮ ମି.ମି., ନର୍ଲା ବ୍ଲକରେ ୧୧୭ ମି.ମି., ଜୟପାଟଣା ବ୍ଲକରେ ୧୧୪ମି.ମି., କଲମପୁର ବ୍ଲକରେ ୯୫ ମି.ମି., କର୍ଲାମୁଣ୍ଡା ବ୍ଲକରେ ୬୩ ମି.ମି., କେସିଙ୍ଗା ବ୍ଲକରେ ୬୧.୨ ମି.ମି., ଭବାନୀପାଟଣା ବ୍ଲକରେ ୫୦ ମି.ମି., ଗୋଲାମୁଣ୍ଡା ବ୍ଲକରେ ୫୨ ମି.ମି., ଜୁନାଗଡ ବ୍ଲକରେ ୩୪ ମି.ମି.,ଧର୍ମଗଡ ବ୍ଲକରେ ୪୦ ଓ କୋକସରା ବ୍ଲକରେ ୪୮ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଜିଲାର ଏମ.ରାମପୁର ବ୍ଲକରେ ସର୍ବାଧିକ ବର୍ଷା ଯୋଗୁଁ ପାଜିବାହାଲ ଛକ ରାସ୍ତା ନିକଟରେ ଥିବା ଏକ ବିରାଟକାୟ ତେନ୍ତୁଳି ଗଛ ଗଛ ଉପୁଡିପଡିଥିଲା। ଫଳରେ ଏହି ସମୟରେ ବାଇକ୍‌ରେ ଏମ୍. ରାମପୁରକୁ ଯାଉଥିବା ସ୍ଥାନୀୟ ଗଜବାହାଲ ଗ୍ରାମର କେଶବ ସାହୁ ନାମକ ଜଣେ ଶିକ୍ଷକଙ୍କ ଉପରେ ଗଛ ପଡିଯାଇଥିଲା। ଫଳରେ ସେ ଗଛ ତଳେ ଦୀର୍ଘ ସମୟ ଧରି ଚାପି ହୋଇ ରହିଯାଇଥିଲେ। ପରେ ସ୍ଥାନୀୟ ଲୋକେ ଓ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ଉଦ୍ୟମ କ୍ରମେ ତାଙ୍କୁ ଗଛ ତଳୁ ଉଦ୍ଧାର କରାଯାଇ ଆମ୍ବୁଲାନ୍ସ ଯୋଗେ ଏମ୍. ରାମପୁର ଡାକ୍ତରଖାନାକୁ ନିଆଯାଇଥିଲା। ଥୁଆମୂଳ ରାମପୁର ବ୍ଲକ ଚମ୍ପାଗୁଆଁ ଗ୍ରାମରେ ସୁନାଧର ମାଝି ନାମକ ଜଣେ ବ୍ୟକ୍ତି ସ୍ଥାନୀୟ ଇନ୍ଦ୍ରାବତୀ ନଦୀ ପାରହେଉଥିବାବେଳେ ହଠାତ୍ ପାଣି ଆସିବାରୁ ଭାସିଯାଇଥିଲେ। ଗୁରୁବାର ତାଙ୍କର ମୃତଦେହ ଜବତ କରାଯାଇଛି। ଭବାନୀପାଟଣା ସହର ୧୮ ଓ ୧୯ ନମ୍ବର ୱାର୍ଡରେ ତଳିଆ ଅଞ୍ଚଳରେ ପାଣି ପଶିଯିବାରୁ ଲୋକେ ସେଠାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି।


ଶିକ୍ଷକଙ୍କ ଉପରେ ଗଛ ପଡିଯାଇଛି।

### ଲଗାଣ ବର୍ଷାରେ ଡାଲି ଜାତୀୟ ଫସଲ ନଷ୍ଟ, ଚାଷୀ ହତାଶ



ନୂଆପଡ଼ା,୧୪।୯(ମକାରୁ ବେମାଲ)

ନୂଆପଡା ଜିଲାରେ ଗତ ୨ ଦିନ ଲଘୁଚାପ ଜନିତ ଲଗାଣ ବର୍ଷାରେ ସାଧାରଣ ଜୀବନ ଯାତ୍ରା ବ୍ୟାହତ ହେବା ସହ ଚାଷୀମାନେ ଚିନ୍ତାରେ ପଡି ଯାଇଛନ୍ତି। ଲଗାଣ ବର୍ଷାରେ ଲୋକେ ଘରୁ ବାହାରି ପାରୁନାହାନ୍ତି। ବର୍ତ୍ତମାନ ଜମିରେ ବିରି, ମୁଗ, ଝୁନଗା, ସେଟକା, ଆଟ ଧାନ, କଲଚର, ପାରିଜାତ, ଭଟା ସୋର୍ଣ୍ଣା, ଧାନ ଅମଳ ହୋଇଛି। ଲଗାଣ ବର୍ଷା ଯୋଗୁ ଚାଷୀ ମୁଗ, ବିରି ଝୁନଗା ତୋଳି ପାରୁ ନ ଥିବା ବେଳେ ଧାନ ମଧ୍ୟ କାଟି ପାରୁନାହାଁ। ମୁଗ, ବିରି, ଝୁନଗା ଗଛରେ ପଚିସଢି ଯାଉଛି। ବର୍ଷାରେ ଧାନ କେଣ୍ଡା ସବୁ ଝଡି ଯିବା ସହ ଧାନ ଗଛ ତଳେ ପଡି ଧାନ ସବୁ ଗଜା ହେବାରେ ଲାଗିଲାଣି। ନଈ, ନାଳରେ ପାଣି ଭରି ଯାଇଥିବାରୁ ଲୋକେ ପାରି ହୋଇ ଜମିବାଡିକୁ ମଧ୍ୟ ଯାଇ ପାରୁନାହାନ୍ତି। ଏପରି ଆଉ ଦୁଇ ଦିନ ବର୍ଷା ହେଲେ ଡାଲି ଜାତୀୟ ଫସଲ ସହ ଛୋଟ ଧାନ ନଷ୍ଟ ହୋଇଯିବ। ବର୍ତ୍ତମାନ ଲଲାଟ, ହଜାରେ ୧୦ ଭଳି ଧାନ ଗଛରୁ କେଣ୍ଡାଗୁଡିକ ଉପରକୁ ବାହାରିବାରେ ଲାଗିଛି। ଅତ୍ୟଧିକ ବର୍ଷ ପବନ ହେଲେ ସବୁ ଧାନ ପୋଲ (ଫମ୍ପା) ହୋଇଯିବ। ଲଗାଣ ବର୍ଷା ଚାଷୀଙ୍କୁ ଚିନ୍ତାରେ ପକାଇ ଦେଇଛି। ଜିଲା ନୂଆପଡା ବ୍ଲକରେ ସର୍ବାଧିକ ୬୩.୪ ମିଲିମିଟର ବର୍ଷା ହୋଇଥିବା ବେଳେ କୋମନା ବ୍ଲକରେ ୨୦ ମିଲିମିଟର, ଖଡିଆଳ ବ୍ଲକରେ ୨୮.୬ ମିମି, ବୋଡେନ ବ୍ଲକରେ ୩୨ ମି.ମି. ଓ ସିନାପାଲି ବ୍ଲକରେ ୩୫.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

## ରିଞ୍ଜା ସରବରା ଯୋର ବ୍ରିଜ ଉପରେ ୪ଫୁଟ୍ ପାଣି

କର୍ଲାମୁଣ୍ଡା,୧୪।୯(ପ୍ରଦୀପ କୁମାର ସାହୁ)

**କର୍ଲାମୁଣ୍ଡା-ରିଞ୍ଜା ଯୋଗାଯୋଗ ବିଚ୍ଛିନ୍ନ**

କଳାହାଣ୍ଡି କର୍ଲାମୁଣ୍ଡା ବ୍ଲକରେ ବୁଧବାର ରାତିରେ ଲଘୁଚାପ ଜନିତ ଲଗାଣ ବର୍ଷା ହୋଇଛି। ରିଞ୍ଜା କର୍ଲାମୁଣ୍ଡା ରାସ୍ତାରେ ଥିବା ସରବରା ଯୋର ବ୍ରିଜ ଉପରେ ୪ ଫୁଟ ପାଣି ବୋହୁଥିବାରୁ ଯୋଗଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। ଫଳରେ ରିଞ୍ଜା ଅଞ୍ଚଳର ଲୋକେ ବ୍ଲକ ସଦରକୁ ଯାତାୟାତ କରିପାରିନାହାନ୍ତି। କ୍ଷେତଗୁଡିକରେ ବଡ଼ ବଡ଼ ଘାଇ ହୋଇ ବାଲିଚର ହୋଇଥିବା ଦେଖାଯାଇଛି। ବ୍ଲକର ରିଷିଡା, ତେରେସିଙ୍ଗା, କର୍ଲାମୁଣ୍ଡା, ଏସ ମାଲପଡା, ରାଜପୁର, ଗଜବାହାଲ, ରିଞ୍ଜା, ପୌରକେଲା, ରେଗଡା, ଜୋରାଡବରା, ସାପଲହରା, ବୋରପଦର ପଞ୍ଚାୟତ ଅଞ୍ଚଳରେ ଘର ଭାଙ୍ଗିଥିବା ସୂଚନା ମିଳିଛି। ଉତେଇ ଓ ତେଲ ନଦୀର ଜଳସ୍ତର ବୃଦ୍ଧି ପାଉଥିବାରୁ ନଦୀକୂଳିଆ କୁନ୍ଦେଇପାଲି, ତେରେକେଲା, ପୌରକେଲା, ଖରଝୁରା, ବୁଢୀପଦର, ତେରେସିଙ୍ଗା, ବିନ୍ଧାଣି, ବାଗବୁରେଇ, ଖଲିଆପାଲି, ଠ୍ରେଗେଡା, ବୋରପଦର, ଏକାତରା, କେର୍ଣ୍ଣା ପଲା, ଯୋଗିପଲା ଆଦି ଗ୍ରାମର ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି।



## କାରାଗାର କର୍ମଚାରୀ ସଂଘର କଳାବ୍ୟାଜ୍ ପରିଧାନ



କଳାବ୍ୟାଜ୍ ପରିଧାନ କରିଥିବା କାରାଗାର କର୍ମଚାରୀ।

ଭବାନୀପାଟଣା,୧୪।୯(ଉତ୍ତମ କୁମାର ଦାଶ)

ନିଖିଳ ଓଡିଶା କାରାଗାର କର୍ମଚାରୀ ମହାସଂଘର ଆହ୍ୱାନକ୍ରମେ ବୁଧବାରଠାରୁ ୪ଦଫା ଦାବି ନେଇ ଭବାନୀପାଟଣାସ୍ଥିତ କଳାହାଣ୍ଡି ଜିଲା କାରାଗାର ସମସ୍ତ କର୍ମଚାରୀ କଳାବ୍ୟାଜ୍ ପରିଧାନ କରି ଶୃଙ୍ଖଳା ସହିତ ଦାୟିତ୍ୱ ତୁଲାଉଛନ୍ତି। କାରାରକ୍ଷୀମାନଙ୍କ ଗ୍ରେଡ ପେ ୧୯୦୦ରୁ ୨୦୦୦ ଓ ମୁଖ୍ୟ କାରାରକ୍ଷୀମାନଙ୍କ ଗ୍ରେଡ ପେ ୨୦୦୦ରୁ ୨୪୦୦ଟଙ୍କାକୁ ବୃଦ୍ଧି, ପୁରୁଣା ପଦୋନ୍ନତି ନିୟମ ୨୦୧୨ରୁ ଲାଗୁ କରିବା, ଉପଖଣ୍ଡସ୍ତରକୁ ବଦଳି ନିୟମ କୋହଳ କରାଯିବା, ଖାଦ୍ୟ ଭତ୍ତା ୪୦୦ରୁ ୧୪୦୦ ଟଙ୍କାକୁ ବୃଦ୍ଧି ଓ ୧୩ ମାସିଆ ଦରମା ବୃଦ୍ଧି ଆଦି ସେମାନଙ୍କ ଦାବି ରହିଛି। ସେହିପରି ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ସେମାନେ କଳାବ୍ୟାଜ ପିନ୍ଧି ଦାୟିତ୍ୱ ତୁଲାଇବାକୁ ନିଷ୍ପତ୍ତି ନେଇଛନ୍ତି। ଯଦି ଏହି ସମୟ ଭିତରେ ସରକାର ଦାବି ପୂରଣ ନ କଲେ ଆସନ୍ତା ୨୫ ତାରିଖଠାରୁ କଳାବ୍ୟାଜ ପରିଧାନ କରି ଖାଦ୍ୟ ଗ୍ରହଣ ନ କରି କାରଗାର ସମ୍ମୁଖରେ ଶୃଙ୍ଖଳାର ସହିତ ଆମରଣ ଅନଶନ ଜାରି ରଖିବେ। ଏହି ଆମରଣ ଅନଶନ ଚାଲିଥିବା ସମୟରେ ଯଦି କୌଣସି କର୍ମଚାରୀ ଅସୁସ୍ଥ ହୁଅନ୍ତି କିମ୍ବା ମୃତାହତ ହୁଅନ୍ତି ତେବେ ଏଥିପାଇଁ କାରା ପ୍ରଶାସନ ଓ ରାଜ୍ୟ ସରକାର ଦାୟୀ ରହିବେ ବୋଲି ଚେତାବନୀ ଦିଆଯାଇଛି। ଏଥିରେ ଭବାନୀପାଟଣା ଜେଲ୍ ସବକମିଟି ସଭାପତି ଦୁର୍ଯ୍ୟୋଧନ ଅଗରିଆ, ଉପସଭାପତି ସନ୍ତୋଷ କୁମାର ସେଠି, ସମ୍ପାଦକ ଅତନ ମାଝି, ଜୟନନ୍ଦ କଟା, ରଞ୍ଜନ କୁମାର ନାୟକ ପ୍ରମୁଖ କଳାବ୍ୟାଜ ପିନ୍ଧି ଦାୟିତ୍ୱ ତୁଲାଉଛନ୍ତି।

### ପାଚିକା ସହାୟିକା ସଂଘର ୮ ଦଫା ଦାବିପତ୍ର

ଭବାନୀପାଟଣା,୧୪।୯(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାର ବିଭିନ୍ନ ସ୍କୁଲରେ କାର୍ଯ୍ୟରତ ମଧ୍ୟାହ୍ନ ଭୋଜନ ପାଚିକା ସହାୟିକା ସଂଘ ପକ୍ଷରୁ ଗୁରୁବାର ଭବାନୀପାଟଣାରେ ଏକ ଶୋଭାଯାତ୍ରା କରାଯାଇଛି। ପରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ଶିକ୍ଷା ଅଧିକାରୀଙ୍କୁ ଏକ ୮ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ମଧ୍ୟାହ୍ନ ଭୋଜନ କର୍ମୀମାନଙ୍କୁ ଶିକ୍ଷା ବିଭାଗର କର୍ମୀ ଭାବେ ଘୋଷଣା କରାଯାଉ, ମଧ୍ୟାହ୍ନ ଭୋଜନ କର୍ମୀମାନଙ୍କୁ ବର୍ଷକୁ ୧୦ ମାସ ପରିବର୍ତ୍ତେ ୧୨ମାସର ଦରମା ଦିଆଯାଉ, ମଧ୍ୟାହ୍ନ ଭୋଜନ ଯୋଜନାକୁ ଘରୋଇ କରଣ ବନ୍ଦ କରାଯାଉ ଆଦି ପ୍ରମୁଖ ଦାବି ରହିଛି। ଏହି ସମୟରେ ସଂଘର ସାଧାରଣ ସମ୍ପାଦିକା ଦେବକୀ ଶବର, ଥୁଆମୂଳ ରାମପୁର ବ୍ଲକ ପ୍ରତିନିଧି ସୌଦାମିନୀ ନାଏକ, କଲମପୁର ବ୍ଲକ ପ୍ରତିନିଧି ରସିକ ମାଝି, ଜୁନାଗଡ଼ ବ୍ଲକ ପ୍ରତିନିଧି ଗୁଣ୍ଡିଚା ଭାଟି, ଭବାନୀପାଟଣା ଟାଉନ ପ୍ରତିନିଧି ଅମ୍ବିକା ମାଝି, ସଦର ବ୍ଲକ ପ୍ରତିନିଧି ସୁଶୀଲା ଗଉଡ ପ୍ରମୁଖ ଉପସ୍ଥିତ ରହିଥିଲେ।

## ବୃଦ୍ଧଙ୍କୁ ହତ୍ୟା ଘଟଣା: ମୁଖ୍ୟ ଅଭିଯୁକ୍ତ ପୁତୁରା କୋର୍ଟ ଚାଲାଣ

ନର୍ଲା,୧୪।୯(ସନ୍ତୋଷ ପାତ୍ର)

କଳାହାଣ୍ଡି ଜିଲା ନର୍ଲା ଥାନା ଅନ୍ତର୍ଗତ ଖାଇଚୁଆ ଗ୍ରାମରେ ଗତ ୮ ତାରିଖରେ ଯୋଗେନ୍ଦ୍ର ବାଗ (୬୦) ନାମକ ଜଣେ ବୃଦ୍ଧଙ୍କୁ ହତ୍ୟା ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତ ପୁତୁରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ହେଲେ ପୁତୁରା ଚକାମନ ବାଗ (୨୭)। ପୂର୍ବରୁ ଗୌତମ ତାଣ୍ଡି (୪୭)ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ବୋଲି କେସିଙ୍ଗା ଏସ୍‌ଡିପିଓ ରୋହିତ ବର୍ମା, ନର୍ଲା ଡିଏସପି ପ୍ରଦୋସ ପ୍ରଧାନ ଏବଂ ଥାନା ଅଧିକାରୀ ଗଙ୍ଗାଧର ମେହେର ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲେ। ସୂଚନା ଯେ, ନର୍ଲା ଥାନା ଅନ୍ତର୍ଗତ ଖାଇଚୁଆ ଗ୍ରାମରେ ଗତ ୮ ତାରିଖରେ ଯୋଗେନ୍ଦ୍ର ବାଗଙ୍କ ମୃତଦେହ ନିକଟସ୍ଥ ଏକ ଶାଗୁଆନ ଗଛରେ ଝୁଲନ୍ତା ଅବସ୍ଥାରେ ସ୍ଥାନୀୟ ଲୋକେ ଦେଖି ନର୍ଲା ପୋଲିସକୁ ସୂଚନା ଦେଇଥିଲେ। ଏ ନେଇ ମୃତକଙ୍କ ସ୍ତ୍ରୀ ଗୋମତୀ ବାଗ ଗତ ୯ ତାରିଖରେ ନର୍ଲା ଥାନାରେ ଅଭିଯୋଗ କରିଥିଲେ। ନର୍ଲା ପୋଲିସ ଘଟଣାସ୍ଥଳରେ ପହଞ୍ଚି ପାରିପାର୍ଶ୍ୱିକସ୍ଥିତିରୁ ଘଟଣା ହତ୍ୟା ହୋଇଥିବା ସନ୍ଦେହ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରୁ ଜଣାପଡ଼ିଲା ଯେ, ମୃତକଙ୍କ ପୁତୁରା ଚକାମନ ଏବଂ ଗୌତମ ୨ଜଣ ମିଶି ଶକ୍ତ ବାଡ଼ି ସାହାଯ୍ୟରେ ବୃଦ୍ଧଙ୍କୁ ମୁଣ୍ଡ ପଛ ପଟେ ବାଡେଇ ହତ୍ୟା କରିଥିଲେ। ଆତ୍ମହତ୍ୟାର ରୂପ ଦେବା ପାଇଁ ବୃଦ୍ଧଙ୍କ ମୃତଦେହ ଶାଗୁଆନ ଗଛରେ ଝୁଲାଇଥିଲେ। ଘଟଣାସ୍ଥଳରୁ ମୁଖ୍ୟ ଅଭିଯୁକ୍ତ ଚକାମନ ଫେରାର ହୋଇଥିଲା। ପୋଲିସ ମୁଖ୍ୟ ଅଭିଯୁକ୍ତ ସହଯୋଗୀଙ୍କ ସୁରାକ ପାଇ ଅଭିଯୁକ୍ତ ଗୌତମଙ୍କୁ ଉଲିକୁପା ଗ୍ରାମରୁ ଗିରଫ କରି ପ୍ରଥମେ କୋର୍ଟ ଚାଲାଣ କରିଥିଲା। ବୁଧବାର ମୁଖ୍ୟ ଅଭିଯୁକ୍ତ ଚକାମନ ବାଗଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ମୁଖ୍ୟ ଅଭିଯୁକ୍ତଙ୍କ ବିରୋଧରେ ଏକ ମାମଲା (ନଂ. ୧୯୦/୨୩) ରୁଜୁ କରି ଗୁରୁବାର କୋର୍ଟ ଚାଲାଣ କରାଯାଇଥିଲା।

## ଜିଲା ପ୍ରଶାସନ ପକ୍ଷରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିଦର୍ଶନ

ନୂଆପଡ଼ା,୧୪।୯(ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଲଖନା ଜୟ କିଷାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଜିଲା ପ୍ରଶାସନ ପକ୍ଷରୁ ପରିଦର୍ଶନ କରାଯାଇଛି। ଛାତ୍ରୀଛାତ୍ର, ଅଧ୍ୟାପକ, ଶ୍ରେଣୀ କୋଠରି ଓ ଅନ୍ୟାନ୍ୟ ସମସ୍ୟା ଉପରେ ଜିଲା ପ୍ରଶାସନ ଟିମ୍ ଅନୁଧ୍ୟାନ କରିଛନ୍ତି। ନୂଆପଡା ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନ, ଅବସର ପ୍ରାପ୍ତ କଲେଜ ଅଧ୍ୟକ୍ଷ ଡ. ଶିବ ପ୍ରସାଦ ବେହେରା ପ୍ରମୁଖ ପରିଦର୍ଶନରେ ଆସି ଜୟ କିଷାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଯୋଧନ ସାହୁ ଓ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଛନ୍ତି। ସରକାରଙ୍କ ପକ୍ଷରୁ ନୂତନ ଭାବେ ଖୋଲାଯାଇଥିବା ଉଚ୍ଚ ମହାବିଦ୍ୟାଳୟରେ କିଭଳି ଶିକ୍ଷାଦାନ ଚାଲିଛି, ସମସ୍ୟା କ'ଣ ସବୁ ରହିଛି ଅନୁଧ୍ୟାନ କରି ସମାସ୍ୟାର ସମାଧାନ କରିବା ପାଇଁ ଅନୁଧ୍ୟାନ ଚାଲିଛି। ଏହି ସମୟରେ ଖୁଲେଶ୍ୱର ସାହୁ, ଅରବିନ୍ଦ ନାଏକ, ବିଜୟନୀ ସୁନ୍ଦରା, ସନ୍ତୋଷ କୁମାର ନାଏକ, ନିରଞ୍ଜନ ଜୁଏଡ, ଚନ୍ଦ୍ର ଶେଖର ନାଏକ, ଈଶ୍ୱର କୁମାର ରଣା, ବିଭୁନନ୍ଦନ ପଡିଆରି, ମିତ୍ରଭାନୁ କାଣ୍ଡ, ରିସବ କୁମାର ସାହୁ, ମୀନାକ୍ଷି ସାହୁ, ମୁକେଶ ରଣା, ମୁକେଶ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।



ପରିଦର୍ଶକ ଟିମ୍ ଓ ଛାତୀଛାତ୍ର।

## ସମୂହ ଶିକ୍ଷୟିତ୍ରୀଙ୍କ ବିଳମ୍ବ ଯୋଗୁ ବର୍ଷାରେ ଭିଜିଲେ ଛାତ୍ରୀଛାତ୍ର

ଖଡ଼ିଆଳ,୧୪।୯(ସୁଜିତ୍ କୁମାର ପ୍ରଧାନ)

- ଅଭିଭାବକ, ଗ୍ରାମବାସୀଙ୍କ ମଧରେ ଅସନ୍ତୋଷ
- ଗେଟ ସାମ୍ନାରେ ଅଟକ ରହିଲେ ୨ ଶିକ୍ଷୟିତ୍ରୀ

ଲଗାଣ ବର୍ଷାରେ ଠିକ ସମୟରେ ସ୍କୁଲ ଗେଟ ନ ଖୋଲିବାରୁ ଛାତ୍ରୀଛାତ୍ର ବର୍ଷାରେ ଭିଜି ହଇରାଣ ହୋଇଛନ୍ତି। ଏହାକୁ ନେଇ ଅଭିଭାବକ ଓ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେବା ସହ ଦୀର୍ଘ ୩ଘଣ୍ଟା କାଳ ୨ ଶିକ୍ଷୟିତ୍ରୀ ସ୍କୁଲ ଗେଟ ସାମ୍ନାରେ ଅଟକ ରହିବା ଖଡ଼ିଆଳରେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନା ଅନୁସାରେ ନୂଆପଡ଼ା ଜିଲା ଖଡ଼ିଆଳ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟଠାରୁ ମାତ୍ର ୧ କି.ମି. ଦୂର ଖଡ଼ିଆଳ ବୋଡ଼େନ ମୁଖ୍ୟ ରାସ୍ତାରେ ଗଡ୍ରାମୁଣ୍ଡା ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଛି। ଏଠାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ମୋଟ ୧୧୩ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରନ୍ତି। ଏଥିପାଇଁ ୬ଜଣ ଶିକ୍ଷୟିତ୍ରୀ ନିଯୁକ୍ତ ହୋଇଛନ୍ତି। ଗୁରୁବାର ସକାଳ ୧୦ଟାରେ ଛାତ୍ରୀଛାତ୍ର ସବୁଦିନ ଭଳି ସ୍କୁଲ ଯାଇଥିଲେ। ହେଲେ ବିଦ୍ୟାଳୟ ଗେଟ ବନ୍ଦ ଥିବାରୁ ବର୍ଷାରେ ଛାତ୍ରୀଛାତ୍ର ଭିଜି ବାହାରେ ଅପେକ୍ଷା କରିଥିଲେ। ଏହା ଦେଖି ଅଭିଭାବକ ଓ ଗ୍ରାମବାସୀ ସ୍କୁଲରେ ପହଞ୍ଚି ଥିଲେ। ସେହି ସମୟରେ ମିନାକ୍ଷୀ ବେହେରା ଶିକ୍ଷୟିତ୍ରୀ ପହଞ୍ଚିଥିଲେ। ଶିକ୍ଷୟତ୍ରୀଙ୍କୁ କେତେ ସମୟରେ ସ୍କୁଲ ଖୋଲାହେବ ଓ କେଉଁ ସମୟରେ ଶିକ୍ଷକ ଶିକ୍ଷୟିତ୍ରୀ ଆସିବେ ବୋଲି ଗ୍ରାମବାସୀ ପଚାରିବାରୁ ୧୦ଟା ଭିତରେ ସମସ୍ତେ ଆସିବେ, ବର୍ତ୍ତମାନ ସମୟ ହୋଇନାହିଁ ବୋଲି କହିଥିଲେ। ଛାତ୍ରୀଛାତ୍ର ଦୀର୍ଘ ସମୟ ଧରି ବର୍ଷାରେ ଭିଜୁଥିବା ଦେଖି ଉତ୍ତ୍ୟକ୍ତ ହୋଇଥିଲେ ଗ୍ରାମବାସୀ ଏବଂ ୧୦ଟା ପରେ ଆସିବା ଶିକ୍ଷୟିତ୍ରୀମାନଙ୍କୁ ଭିତରକୁ ପ୍ରବେଶ କରିଦିଆଯିବ ନାହିଁ ବୋଲି ଜିଦ କରି ଗେଟରେ ତାଲା ପକାଇଥିଲେ। ପରେ ୨ ଶିକ୍ଷୟିତ୍ରୀ ବିଦ୍ୟାଳୟ ଆସିଥିଲେ, ସେମାନଙ୍କୁ ସ୍କୁଲ ଭିତରକୁ ଛାଡି ନ ଥିଲେ। ଫଳରେ ଦୀର୍ଘ ୩ ଘଣ୍ଟା ଧରି ବର୍ଷାରେ ଠିଆ ହୋଇ ରହିଥିଲେ ଦୁଇ ଶିକ୍ଷୟିତ୍ରୀ। ଖବର ପାଇ ସିଆରସିସି ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ ହେଁ ଉତ୍ତ୍ୟକ୍ତ ଲୋକେ ଗଡ୍ରାମୁଣ୍ଡା ବିଦ୍ୟାଳୟର ଶିକ୍ଷୟିତ୍ରୀମାନେ ସରକାରୀ ନିୟମ ବେଖାତିର କରୁଥିବା ଅଭିଯୋଗ କରିଥିଲେ। ଏହି ବିଦ୍ୟାଳୟରେ ୬ଜଣ କେବଳ ଶିକ୍ଷୟିତ୍ରୀ ଥିବାରୁ ବିଭିନ୍ନ କାର୍ଯ୍ୟକ୍ରମରେ ଅସୁବିଧା ହେଉଛି। ତେଣୁ ଶିକ୍ଷକ ନିଯୁକ୍ତି ଜରୁରୀ ବୋଲି ଦାବି କରିଛନ୍ତି। ପରେ ଖଡ଼ିଆଳ ଗୋଷ୍ଠି ଶିକ୍ଷା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ଆଗାମୀ ଦିନରେ ଏଭଳି ଭୁଲ ଯେମିତି ନ ହେବ ସେଥି ପ୍ରତିଧ୍ୟାନ ଦିଆଯିବ ଓ ଶିକ୍ଷକ ନିଯୁକ୍ତି ଅତିଶୀଘ୍ର କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ସ୍କୁଲ ଗେଟ ଖୋଲା ଯାଇ ଶିକ୍ଷୟିତ୍ରୀ ଦ୍ୱୟଙ୍କୁ ସ୍କୁଲ ଭିତରକୁ ଛଡ଼ା ଯାଇଥିଲା। ବ୍ଲକ ମୁଖ୍ୟାଳୟଠାରୁ ମାତ୍ର ୧ କି.ମି. ଭିତରେ ତାହା ପୁଣି ରାସ୍ତା କଡ଼ରେ ଥିବା ବିଦ୍ୟାଳୟର ସ୍ଥିତି ଯଦି ଏମିତି ତେବେ ଉପାନ୍ତ ଅଞ୍ଚଳରେ ସ୍ଥିତି କେମିତି ଥିବା ତାହା ସହଜେ ଅନୁମେୟ ବୋଲି ସ୍ଥାନୀୟ ସରପଞ୍ଚ ବୃନ୍ଦାବନ ବାଗ କହିଛନ୍ତି।


ସ୍କୁଲ ଗେଟ୍ ସମ୍ମୁଖରେ ଅଭିଭାବମାନେ ପ୍ରତିବାଦ କରୁଛନ୍ତି

## ସଂକ୍ଷେପରେ

### ତେଲନଦୀରେ ଭାସିଯାଉଥିବା ମହିଳା ଉଦ୍ଧାର

କନ୍ଧମାଳ,୧୪।୯(ଆଦିତେଶ୍ୱର ମିଶ୍ର)

ବୌଦ୍ଧ ଜିଲା ମନମୁଣ୍ଡା ତେଲନଦୀର ନରିଘାଟଠାରେ ଗୁରୁବାର ସକାଳ ପ୍ରାୟ ୮ଟାରେ ପ୍ରଖର ସୁଅରେ ଭାସି ଯାଉଥିବା ଜଣେ ମହିଳାଙ୍କୁ ଉଦ୍ଧାର କରାଯାଇଛି। ସେ ହେଲେ ମନମୁଣ୍ଡା ପଞ୍ଚାୟତ ସରସତୀପୁର ଗ୍ରାମର କଲ୍ୟାଣୀ ଡାଙ୍ଗ (୪୫)। ଉଦ୍ଧାର କରାଯାଇଥିବା ଘାଟର ଉପରିମୁଣ୍ଡ ଦେଉଳି ଘାଟକୁ ମହିଳା ଶୌଚ ପାଇଁ ଯାଇ ପାଣି ଛୁଇଁବା ବେଳେ ଗୋଡ ଖସି ଭାସି ଯାଉଥିଲେ। ନଦୀକୁ ଗାଧୋଇବାକୁ ଯାଇଥିବା ମନମୁଣ୍ଡାର ସନ୍ତୋଷ ସାହୁ ମହିଳାଙ୍କ ଚିତ୍କାର ଶୁଣି ଘାଟରେ ଥିବା ଏକ ଡଙ୍ଗା ନିଜେ ବାହି ମହିଳାଙ୍କୁ ପ୍ରଖର ସୁଅରୁ ଉଦ୍ଧାର କରିଥିଲେ। ପାଣିରେ ଭାସି ମହିଳା ଉଲଗ୍ନ ହୋଇଯାଇଥିବା ଦେଖି ଘାଟକୁ ଗାଧୋଇବାକୁ ଯାଇଥିବା ଜଣେ ମହିଳା ଉଦ୍ଧାର ହୋଇଥିବା ମହିଳାଙ୍କୁ ଶାଢ଼ୀ ପିନ୍ଧିବାକୁ ଦେଇଥିଲେ। ବର୍ତ୍ତମାନ ବର୍ଷାରେ ତେଲନଦୀ ଭରା ରହିଥିବାବେଳେ ସ୍ରୋତ ପ୍ରଖର ରହିଛି। ତା ସତ୍ତ୍ୱେ ମଧ ସନ୍ତୋଷ ଜୀବନକୁ ବିପନ୍ନ କରି ସାହସର ସହ ମହିଳାଙ୍କୁ ଉଦ୍ଧାର କରିଥିବାରୁ ଲୋକମାନେ ପ୍ରଶଂସା କରିଛନ୍ତି। ତାଙ୍କ ସାହସିକତା ଯୋଗୁ ଜଣଙ୍କ ଜୀବନ ବଞ୍ଚାଇ ପାରିଥିବାରୁ ପ୍ରଶାସନ ତାଙ୍କୁ ସମ୍ବର୍ଦ୍ଧିତ ଓ ପୁରସ୍କୃତ କରିବା ଉଚିତ ବୋଲି ମତ ପ୍ରକାଶ ପାଇଛି। ପୋଲିସ ସୂଚନା ପାଇବା ପରେ ଆଇଆଇସି ଅଶ୍ୱିନୀ ଭିତିରିଆଙ୍କ ନିର୍ଦ୍ଦେଶରେ ପୋଲିସ ମହିଳାଙ୍କୁ ଗାଡ଼ିରେ ଡାକ୍ତରଖାନା ନେଇ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା କରିଥିଲେ। ଉଦ୍ଧାର ହୋଇଥିବା ମହିଳା ଆଜକୁ ପ୍ରାୟ ୨୦ ବର୍ଷ ହେବ ସ୍ୱାମୀ ପରିତ୍ୟକ୍ତ ହୋଇ ବାପା ଘର ସରସତୀପୁରରେ ରହୁଥିବା ଜାଣିବାକୁ ମିଳିଛି।

### ଗ୍ରାମପଞ୍ଚାୟତ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ବୈଠକ

ବାଉଁଶୁଣୀ,୧୪।୯ (ଦେବାଶୀଷ ନେପାକ)

ବୌଦ୍ଧ ବ୍ଲକ ଅନ୍ତର୍ଗତ ତେଲିବନ୍ଧ ପଞ୍ଚାୟତ ପରିସରରେ ବୁଧବାର ବୌଦ୍ଧ ଜିଲାସ୍ତରୀୟ ଗ୍ରାମ ପଞ୍ଚାୟତ ଚତୁର୍ଥ ଶ୍ରେଣୀ କର୍ମଚାରୀମାନଙ୍କ ଏକ ବୈଠକ ସଂଘର ସମ୍ପାଦକ ପରମାନନ୍ଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ତେଲିବନ୍ଧ ସରପଞ୍ଚ ରତ୍ନାକର ନାଏକ ଉଦ୍‌ଘାଟନ କରିଥିଲେ। ଗ୍ରାମ ପଞ୍ଚାୟତ କର୍ମଚାରୀ ସଂଘ ଦୀର୍ଘ ଦିନ ହେବ ସରକାରଙ୍କ ନିକଟରେ ୬ ଦଫା ଦାବି ଉପସ୍ଥାପନ କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ୫-ଟି ସଚିବଙ୍କ ଗସ୍ତ ସମୟରେ ପ୍ରତି ଜିଲା, ପ୍ରତି ପଞ୍ଚାୟତ ପକ୍ଷରୁ ୫-ଟି ସଚିବଙ୍କୁ ଉପରୋକ୍ତ ୬ ଦଫା ସମ୍ମିଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହାର ଏକ ମାସ ବିତି ଯାଇଥିଲେ ମଧ କୌଣସି ସୁଫଳ ମିଳିନାହିଁ। ଗ୍ରାମ ପଞ୍ଚାୟତ ପିଅନମାନଙ୍କ ପ୍ରତି ସରକାର ବୈମାତୃକ ମନୋଭାବ ଦୃଢ଼ ବିରୋଧ କରିବା ସହିତ ସେମାନେ ପ୍ରଦାନ କରିଥିବା ଦାବି ସରକାର ନ ମାନନ୍ତି ତେବେ ଆଗମୀ ସାଧାରଣ ନିର୍ବାଚନରେ ସଂଘ ଘୋର ବିରୋଧ କରିବା ସହିତ ଭୋଟ ବର୍ଜନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଶେଷରେ ଦୟା ଜାଲ ଧନ୍ୟବାଦ ଦେଇଥିଲେ। ବୈଠକରେ ରଞ୍ଜନ ସାହୁ, ଦିଲ୍ଲୀପ କ୍ଷେତି, କେଶବ ଖମାରୀ, ଚତୁର୍ଭୁଜ ପ୍ରଧାନ, ହେମନ୍ତ ସିଂ, ରବୀନ୍ଦ୍ର ମଲ୍ଲିକ, ପଞ୍ଚାନନ ରାଉତ, ଚମ୍ପେଶ୍ୱର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ସୁବର୍ଣ୍ଣପୁରରେ ଲଙ୍କାପୋଡ଼ି ଉତ୍ସବ

ସୋନପୁର,୧୪।୯(ମୃତ୍ୟୁଞ୍ଜୟ ଶତପଥୀ)

ଭାଦ୍ରବ ମାସ ଅମାବାସ୍ୟା ବା ସପ୍ତପୁରୀ ଅମାବାସ୍ୟା ଅବସରରେ ସୁବର୍ଣ୍ଣପୁରର ପ୍ରାଚୀନ ପରମ୍ପରା ଲଙ୍କାପୋଡି ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ରାମାୟଣର ହନୁମାନଙ୍କ ଲଙ୍କାପୋଡିକୁ ଅନୁସରଣ ପୂର୍ବକ ସୁବର୍ଣ୍ଣପୁର ଜିଲାର ନିଜସ୍ୱ ପରମ୍ପରା ଲଙ୍କାପୋଡି ପର୍ବ ସନ୍ଧ୍ୟା ଆରମ୍ଭ ମାତ୍ରେ ଦେଖିବାକୁ ମିଳିଥିଲା। ପୁଅ ପିଲାମାନେ ମାଟି ନିର୍ମିତ ଏକ ସ୍ୱତନ୍ତ୍ର ହନୁମାନ ମୂର୍ତ୍ତିର ଲାଞ୍ଜରେ ଅଗ୍ନି ସଂଯୋଗ କରି ରାଜରାସ୍ତାକୁ ବାହାରି ପଡିଥିଲେ। ରାମ ଲକ୍ଷ୍ମଣ ଜାନକୀ, ଜୟ ବୀର ହନୁମାନଙ୍କ ନାରା ଦେଇ ଛୋଟ ପିଲାମାନେ ସହର ପରିକ୍ରମା କରିଥିଲେ। ଅମାବାସ୍ୟା ଅନ୍ଧାର ରାତିରେ ଏହା ଏକ ଭିନ୍ନ ପରିବେଶ ସୃଷ୍ଟି କରିଥିଲା।

ଦ୍ୱିତୀୟ ବାରଣାସୀ କୁହାଯାଉଥିବା ସୋନପୁର ସହରରେ ରାଜାରାଜୁଡା ଅମଳରୁ ଏହି ପରମ୍ପରା ଚାଲିଆସିଛି। ଏଠାକାର ଲଙ୍କାପୋଡି ଏକ ସ୍ୱତନ୍ତ୍ର ଏବଂ ନିଆରା ପରମ୍ପରା। ପୁରା ଉଆଁସ ଭାବେ ପରିଚିତ ଏହି ଦିନରେ ବାଳକମାନେ ମାଟି ହନୁମାନ ଲାଞ୍ଜରେ ଅଗ୍ନି ସଂଯୋଗ କରି ସହର ପରିକ୍ରମା କରିବାର ପରମ୍ପରା କେଉଁ ଆବାହମାନ କାଳରୁ ପ୍ରଚଳିତ ହୋଇଆସୁଛି। ଏଥିପାଇଁ ସ୍ଥାନୀୟ


ଛୋଟ ପିଲାମାନେ ହନୁମାନ ଲାଞ୍ଜରେ ନିଆଁ ଲଗାଇ ରାସ୍ତାରେ ଟାଣୁଛନ୍ତି ।

କୁମ୍ଭାରପଡାର କୁମ୍ଭକାର ସମ୍ପ୍ରଦାୟର ଲୋକେ ଏକ ନିଆରା ଢଙ୍ଗରେ ଟେରାକୋଟା ହନୁମାନ ତିଆରି କରନ୍ତି। କୌଳିକ ବୃତ୍ତି ହିସାବରେ ସେମାନେ ଏହି ସାମଗ୍ରୀ ତିଆରି କରୁଛନ୍ତି। ପ୍ରତ୍ୟେକ ଘରର ଛୋଟ ପିଲା ଏହି ସ୍ୱତନ୍ତ୍ର ଧରଣର ହନୁମାନ କିଣି ଲାଞ୍ଜରେ ଅଗ୍ନି ସଂଯୋଗ କରି ଅତି ଆନନ୍ଦରେ ରାସ୍ତାରେ ଟାଣିଥିଲେ। ସହରର ବଡବଜାର, ଗୁଣ୍ଡିଚାମନ୍ଦିର ସମ୍ମୁଖ, ନୂଆପଡା, ଢେରାପଡା, ଗଡଭିତର, ଥନାପତିପଡା, ଘୋଡାଘାଟପଡା, ମଝିପଡା ଓ ବ୍ଲକ ଛକ

### ଛୋଟପିଲା ରାସ୍ତାରେ ଟାଣିଲେ ହନୁମାନ ମୂର୍ତ୍ତି

ଭଳି ସ୍ଥାନମାନଙ୍କରେ ଏଥିପାଇଁ ରାସ୍ତା ଗହଳି ହୋଇଥିଲା। ଛୋଟ ପିଲାମାନେ ଆନନ୍ଦରେ ହନୁମାନଙ୍କ ମୂର୍ତ୍ତି ଟାଣିଥିଲେ। ସହର ପରିକ୍ରମା ପରେ ମାଟି ହନୁମାନ ମୂର୍ତ୍ତି ଗୁଡ଼ିକୁ ସହରସ୍ଥିତ ମା'ସମଲେଇ ମନ୍ଦିର ପାଖରେ ଥିବା ଯୋଡାଖମ୍ବରେ ୭ ଥର ବୁଲାଇ ପରମ୍ପରା ଅନୁଯାୟୀ କଚାଡି ଦିଆଯାଇଥିଲା। ପିଲାଙ୍କ ଏହି ଉତ୍ସବ ପାଇଁ କିଛି ଦିନ ପୂର୍ବରୁ ବିଭିନ୍ନ ପ୍ରକାର ସାମଗ୍ରୀ ବିକ୍ରି ହୋଇଥିଲା। ବାଳକମାନେ ମାଟି ହନୁମାନ ଓ ବାଳିକାମାନେ ଖେଳିବା ପାଇଁ ବିଭିନ୍ନ ପ୍ରକାର ମାଟି ପାତ୍ର(କୁଁଢି କାଁଚି) କିଣିଥିଲେ। କିସମ କିସମର ଲଡୁ, ଚଣା, ଚିନାବାଦାମ, ମଟର ଭଜା ଓ ଲିଆ ଆଦି ବଜାରରୁ କିଣା ଯାଇଥିଲା। ଏହା ସହ ମହାରଣା ସମ୍ପ୍ରଦାୟ ଦ୍ୱାରା ନିର୍ମିତ ରଙ୍ଗ ବେରଙ୍ଗର କାଠ ତିଆରି ଘୋଡା, ହାତୀଗୁଡିକୁ ଲୋକେ କିଣିଥିଲେ। ଗୁରୁବାର ବାଳିକାମାନେ ଗାଁ ମଧ୍ୟବର୍ତ୍ତୀ ସ୍ଥାନରେ ଅସ୍ଥାୟୀ ମାଟି ଘର ତିଆରି କରିଥିଲେ। ସେମାନେ ବାଉଁଶରେ ତିଆରି ଟୋକେଇ, କୁଲେଇ, ମାଟିର କୁଣ୍ଡି ଓ କାଞ୍ଚ ଆଦି ସାମଗ୍ରୀ ନେଇ ରୋଷେଇ ଖେଳ ଖେଳିବା ସହ ଭାବର ଆଦାନ ପ୍ରଦାନ କରିଥିଲେ।

# ଦୁଇ ଦିନ ଧରି ବ୍ଲକର ବିଭିନ୍ନ ଗ୍ରାମରୁ ହେବ ମାଟି ସଂଗ୍ରହ


ବୀରମହାରାଜପୁରରେ ଭାଜପାର ବୈଠକରେ ଉପସ୍ଥିତ ସଦସ୍ୟ।

ଅମରପାଲି,୧୪।୯(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସ୍ଥିତ ଜଳସେଚନ ବିଭାଗ ଡାକବଙ୍ଗଳାରେ ମୋ ଦେଶ ମୋ ମାଟି କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାଜପା ମଣ୍ଡଳ କାର୍ଯ୍ୟକାରୀ ସଭାପତି ଦିଲ୍ଲୀପ ପଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା। ଆସନ୍ତା ୨୨ରୁ ଦୁଇଦିନ ଧରି ବୀରମହାରାଜପୁର ମଣ୍ଡଳର ବିଭିନ୍ନ ଗ୍ରାମକୁ ଯାଇ ମାଟି ସଂଗ୍ରହ ସହିତ ଏକ ସଚେତନତା ରଥ ବୁଲିବାକୁ ନିଷ୍ପତ୍ତି ନିଆଯାଇଛି। ପ୍ରଥମ ଦିନରେ 'ମୋ ଦେଶ ମୋ ମାଟି' ସଚେତନତା ରଥ ରଥପୁର ଗ୍ରାମରୁ ବାହାରି ଟିଁପିଲି, କମଲପୁର, କେନ୍ଦୁପାଲି, ଖମ୍ଭେଶରୀପାଲି, ଦେଉଳମୁଣ୍ଡା, ହନୁମାନପାଲି, ଟାଙ୍ଗରସାହି, ଉଫୁଲା, ଲାଡୁରପେଟ, ମେଣ୍ଟାମାଳ, ପଥରଘାଟ, ହିଲୁଙ୍ଗ, ବାଘମାରି ଦେଇ ବୀରମହାରାଜପୁରରେ ପହଞ୍ଚିବ। ଦ୍ୱିତୀୟ ଦିନରେ ସ୍ଥାନୀୟ ଜଗନ୍ନାଥ ମନ୍ଦିରରୁ ବାହାରି ଝାରକୁମୁଣ୍ଡା, ଚମ୍ପାପୁର, ଚମ୍ପାମାଳ, କୃଷ୍ଣପାଲି, ଷଣ୍ଢା, ବାଗବର, ନୂଆଁଗଡ, ଜଟେସିଂହା, ଡୁମୁରି, ଖମାର, ମୁର୍ଷୁଣ୍ଡି, ଗୋପପାଲି, କର୍ଡ଼ାପାଲ, ମାଣିକପୁର ଦେଇ ଯିବ। ବୈଠକରେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ତଥା ବୀରମହାରାଜପୁର ନିର୍ବାଚନ ମଣ୍ଡଳୀ ସଂଯୋଜକ ଆନନ୍ଦ ବାରିକ, ଭାଜପା ଜିଲା ସାଧାରଣ ସମ୍ପାଦକ ବେଣୁଧର ଦାସ, ମଣ୍ଡଳ ଉପସଭାପତି ଭୋଲା ଶଙ୍କର ବାଘ, ସୁମନ୍ତ ଜଗଦଲା, ରାଧାଚରଣ ମେହେର, ପଙ୍କଜ ନାଏକ, ଶୁକଚରଣ ଭୋଇ, ସେନାପତି ଭୋଇ, ସୁରୁବାବୁ ପଧାନ, ସାରଙ୍ଗ ପଧାନ, ସତ୍ୟମୋହନ ବେଦପାଣି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ବିପର୍ଯ୍ୟୟ ପରିଚାଳନା ଯୋଜନା ପ୍ରସ୍ତୁତି ପାଇଁ କର୍ମଶାଳା

ଡୁଙ୍ଗୁରିପାଲି, ୧୪।୯(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସଭାଗୃହଠାରେ ବୁଧବାର ବ୍ଲକସ୍ତରୀୟ ବିପର୍ଯ୍ୟୟ ପରିଚାଳନା ଯୋଜନା ପ୍ରସ୍ତୁତି ପାଇଁ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାର ପ୍ରଥମ ପର୍ଯ୍ୟାୟରେ ମୁଖ୍ୟ ଅତିଥି ଭାବେ ରାମପୁର ଅତିରିକ୍ତ ତହସିଲଦାର ସତ୍ୟଭାମା କହଁର ଯୋଗ ଦେଇଥିଲେ। ଏଥିରେ ଡୁଙ୍ଗୁରିପାଲି ଷ୍ଟେଟ ବ୍ୟାଙ୍କର ମୁଖ୍ୟ ଶାଖା ପରିଚାଳକ ଅଶିନୀ କୁମାର ସାଏ, ବ୍ଲକ କୃଷି ଅଧିକାରୀ ଚଣ୍ଡୀ ପ୍ରସାଦ ମହାଲିକ, ସିଡିପିଓ ଜୟନ୍ତୀ ଗଡତିଆ, ଆରଡବ୍ଲ୍ୟୁଏସ୍ଏସ୍ ଯନ୍ତ୍ରୀ ହିମଦ୍ରୀ ପ୍ରଧାନ, ଯୋଗାଣ ନିରିକ୍ଷକ ସୁବ୍ରତ ପାଣି, ଚେରୁପାଲି ବିଦ୍ୟୁତ୍ ସେକସନ ଅଧିକାରୀ ଧରମବୀର ସାହୁ, ତଥା ବ୍ଲକସ୍ତରୀୟ ସରକାରୀ ଅଧିକାରୀମାନେ ଯୋଗଦେଇଥିଲେ। ପୁଣି ଦ୍ୱିତୀୟ


କର୍ମଶାଳାରେ ଯୋଗ ଦେଇଥିବା ଜିଲାପରିଷଦ ଅଧ୍ୟକ୍ଷା ସୁପାର ଠେଲା ଓ ଅନ୍ୟମାନେ।

ପର୍ଯ୍ୟାୟରେ ବ୍ଲକ ସଭାଗୃହରେ ପଞ୍ଚାୟତ ସମିତିର ଜନପ୍ରତିନିଧି ତଥା ସରପଞ୍ଚ, ସମିତି ସଭ୍ୟାସଭ୍ୟମାନଙ୍କୁ ନେଇ ବିପର୍ଯ୍ୟୟ ପରିଚାଳନା ଯୋଜନା ପ୍ରସ୍ତୁତି ପାଇଁ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ସୁବର୍ଣ୍ଣପୁର ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ବିଡିଓ ତ୍ରିପୁର ମହାନନ୍ଦ, ବ୍ଲକ ଉପାଧ୍ୟକ୍ଷ ମକରଧଜ ସାହୁ ଯୋଗ ଦେଇଥିଲେ। ଜିଲା ପ୍ରକଳ୍ପ ଅଧିକାରୀ ଓସ୍ମା ଜିଲା ପରିଷଦ ସୁବର୍ଣ୍ଣପୁର ବିଶ୍ୱନାଥ ନାୟକ ଯୋଗ ଦେଇ ବିପର୍ଯ୍ୟୟ ପରିଚାଳନା ଉପରେ ବୁଝାଇଥିଲେ। ଏହି କର୍ମଶାଳାକୁ ବ୍ଲକ ଜିପିଓ ନବକିଶୋର ମିଶ୍ର ସଂଯୋଜନା କରିଥିଲେ। କର୍ମଶାଳାରେ ସରପଞ୍ଚ ସଂଘର ସଭାପତି ମନୋଜ କୁମାର ପୁରୋହିତ, ବିଭୂଦତ୍ତ ରାଜହଂସ, ପଟୁଆରୀ ପ୍ରଧାନ, ରୋହିତ ସାହୁ, ଗୋବିନ୍ଦ ସେଠ, ରାଜକୁମାର ସାହୁ, ନରେଶ ପୂଜାରୀଙ୍କ ସମେତ ପିଆରଆଇ ମେମ୍ବର ଉପସ୍ଥିତ ରହିଥିଲେ।

### ଗଞ୍ଜେଇ ମାମଲାରେ ୨ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ବୌଦ୍ଧ,୧୪।୯(ଅଜିତ କୁମାର ବାରିକ)

ବୌଦ୍ଧ ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ପେଶାଲ ଜଜ୍ ସରୋଜିନୀ ପତି ଗୁରୁବାର ଏକ ଗଞ୍ଜେଇ ମାମଲାର ବିଚାର କରି ଦୁଇ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମାମଲାରୁ ପ୍ରକାଶ ଯେ, ଗତ ୨୨।୯।୨୧ ସକାଳ ସମୟରେ ବୌଦ୍ଧ ଅବକାରୀ କର୍ମଚାରୀମାନେ ଖୋର୍ଦ୍ଧା-ବଲାଙ୍ଗିର ଜାତୀୟ ରାଜପଥର ମର୍ଯ୍ୟାଦିପୁର ଠାରେ ଥିବାବେଳେ ବିଶେଷ ସୂତ୍ରରୁ ଖବର ପାଇଲେ ଯେ, ଦୁଇ ଜଣ ବ୍ୟକ୍ତି ଏକ ଧଳା କାରରେ ବିପୁଳ ପରିମାଣର ଗଞ୍ଜେଇ ଜହ୍ନାପଙ୍କ ପଟୁ ବୌଦ୍ଧ ଆଡକୁ ନେଇ ଆସୁଛନ୍ତି। ଅଭିଯୁକ୍ତମାନେ ଅବକାରୀ କର୍ମଚାରୀମାନଙ୍କୁ ଦେଖି ଗୋବିନ୍ଦପୁର ଗ୍ରାମରାସ୍ତାକୁ ଗାଡି ଧରି ଫେରାର ହେଉଥିବାବେଳେ ଅବକାରୀ କର୍ମଚାରୀ ଗାଡିକୁ ପିଛା କରି ଗୋବିନ୍ଦପୁର ଗ୍ରାମ ରାସ୍ତାରେ ଧରିବାରେ ସଫଳ ହୋଇଥିଲେ। ଅବକାରୀ କର୍ମଚାରୀମାନେ କାର ମଧ୍ୟରୁ ଦୁଇଗୋଟି ଜରି ବସ୍ତାରୁ ୩୫ କେଜି ଗଞ୍ଜେଇ ଜବତ କରିଥିଲେ। ଗାଡିରେ ଥିବା ଅଭିଯୁକ୍ତମାନେ ହେଲେ ବୌଦ୍ଧ ଥାନା ରାଜନପାଲି ଗ୍ରାମର ସୁଶାନ୍ତ ସେଠି ଓ ଧାନବଲସ ଗ୍ରାମର ସୁଦର୍ଶନ ପ୍ରଧାନ। ଅବକାରୀ ବିଭାଗ ପକ୍ଷରୁ ଗାଡିକୁ ମଧ୍ୟ ଜବତ କରିବା ସହ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି ମାମଲାର ବିଚାର ପାଇଁ କୋର୍ଟକୁ ପଠାଇଥିଲେ। ପରବର୍ତ୍ତୀ ସମୟରେ ମାମଲାଟି ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ ଅଦାଲତରେ ୨ଏସିସି କେସ ନଂ ୧୬/୨୧ ହୋଇ ବିଚାର ହୋଇଥିଲା। ମାମଲାରେ ସରକାରଙ୍କ ପକ୍ଷରୁ ୪ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ପ୍ରମାଣ ଅଭାବରୁ ଅଦାଲତ ଦୁଇ ଅଭିଯୁକ୍ତ ସୁଶାନ୍ତ ସେଠି ଓ ସୁଦର୍ଶନ ପ୍ରଧାନଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତମାନଙ୍କ ପକ୍ଷରୁ ମାମଲାକୁ ଆଇନଜୀବୀ ଅଶୋକ କୁମାର ସାହୁ ଓ ବିଶ୍ୱଜିତ ମିଶ୍ର ପରିଚାଳନା କରିଥିଲେ।

# ବିନିକା ବ୍ଲକ ପୁରୋହିତ ସଂଘ ଗଠିତ

ବିନିକା,୧୪।୯(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ପ୍ରସିଦ୍ଧ ଶୈବପୀଠ ଚରଦାଠାରେ କର୍ମକାଣ୍ଡ ପୁରୋହିତ ଶ୍ରୀଶ୍ରୀ କପିଳେଶ ପୁରୋହିତ ସଂଘ ଗଠନ ହୋଇଯାଇଛି। ସର୍ବସମ୍ମତି କ୍ରମେ ଭାସ୍କର ପୁରୋହିତଙ୍କୁ ସଭାପତି, ସୁବାସ ଚନ୍ଦ୍ର ବଡପଣ୍ଡାଙ୍କୁ ସମ୍ପାଦକ ଓ ପ୍ରେମରାଜ ପତିଙ୍କୁ କୋଷାଧ୍ୟକ୍ଷ ଭାବରେ ମନୋନୀତ କରାଯାଇଛି। ଏହି ସମାରୋହରେ ପଶ୍ଚିମ ଓଡ଼ିଶାର ସୁନାମଧନ୍ୟ ପଣ୍ଡିତ ଜ୍ୟୋତିର୍ବିଦ ସ୍ୱର୍ଗତ ଦୀନବନ୍ଧୁ ବଡ଼ପଣ୍ଡାଙ୍କ ସମ୍ମାନାର୍ଥେ ୯ ଜଣ ପୁରୋହିତଙ୍କୁ ସ୍ମୃତି ସମ୍ମାନ ଦିଆଯାଇଛି। ମୁଖ୍ୟ ଅତିଥି ନବକୃଷ୍ଣ ପୁରୋହିତଙ୍କୁ ବଡପଣ୍ଡା ପରିବାର ଓ ପୁରୋହିତ ସଂଘ ତରଫରୁ ସମ୍ମାନିତ କରାଯାଇଛି। ସମ୍ପାଦକ ବଡ଼ପଣ୍ଡାଙ୍କ ଆହ୍ୱାନ କ୍ରମେ ପଶ୍ଚିମ ଓଡ଼ିଶାର ସୁନାମଧନ୍ୟ ପଣ୍ଡିତ ଜ୍ୟୋତିର୍ବିଦ ସ୍ୱର୍ଗତ ଦୀନବନ୍ଧୁ ବଡ଼ପଣ୍ଡାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ନିଷ୍ପତ୍ତି ନିଆଯାଇଛି।

# ଜିଲାସ୍ତରୀୟ ହାଇସ୍କୁଲ ସମୂହ ବକ୍ସିଂ ପ୍ରତିଯୋଗିତା



ରାଜ୍ୟସ୍ତରୀୟ ବକ୍ସିଂ ପାଇଁ ଚୟନ ହୋଇଥିବା ଖେଳାଳି।

ଅମରପାଲି,୧୪।୯(ପୀତାମ୍ବର ସାହୁ)

### ରାଜ୍ୟସ୍ତରକୁ ୮ ଖେଳାଳି ମନୋନୀତ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବାଳକ ଉଚ୍ଚବିଦ୍ୟାଳୟ ଠାରେ ଜିଲାସ୍ତରୀୟ ବିଦ୍ୟାଳୟ ସମୂହ ବକ୍ସିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ନିରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର ମୁଖ୍ୟଅତିଥି, ଆଇପିଇ ସତ୍ୟ ନାରାୟଣ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ୧୭ ବର୍ଷରୁ କମ୍ ବାଳକ ବର୍ଗରେ ବୀରମହାରାଜପୁର ସରକାରୀ ବାଳକ ଉଚ୍ଚବିଦ୍ୟାଳୟର ବାଦଲ ସିଂ, କୁନାଲ ରଣା ଓ ବାଳିକା ବର୍ଗରେ ବୀରମହାରାଜପୁର ବାଳିକା ଉଚ୍ଚ ବିଦ୍ୟାଳୟର ପାୟଲ ସିଂହ, ବିଷ୍ଣୁପ୍ରିୟା ସିଂହ, ପ୍ରତିମା ମହାନନ୍ଦ, ସଂଗ୍ରାମପୁର ଉଚ୍ଚ ବିଦ୍ୟାଳୟର ଯାଜ୍ଞସେନି ପର୍ଡିଆ ଓ ଅର୍ଚ୍ଚିତା ପ୍ରଧାନ, ଆଦର୍ଶ ବିଦ୍ୟାଳୟ ରଥପୁରର ମୌସୁମୀରାଣୀ ସିଂହ ରାଜ୍ୟସ୍ତରୀୟ ପ୍ରତିଯୋଗିତା ନିମନ୍ତେ ଯୋଗ୍ୟ ବିବେଚିତ ହୋଇଛନ୍ତି। ପ୍ରତିଯୋଗିତାକୁ ରାଜେଶ ମେଣ୍ଡିଲି, କୃତିବାସ ଶତପଥୀ, ବ୍ରଜଗୋପାଲ ପଣ୍ଡା, ମହମ୍ମଦ କଲିମ ଓ ଉପେନ୍ଦ୍ର ସାହୁ ପରିଚାଳନା କରିଥିଲେ। ଶେଷରେ ବ୍ଲକ କ୍ରୀଡା ସମ୍ପାଦକ ରଞ୍ଜିତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# କନଷ୍ଟେବଲଙ୍କ ପରିବାରକୁ ଜିଲା ପୋଲିସ ପକ୍ଷରୁ ଆର୍ଥିକ ସହାୟତା

ବୌଦ୍ଧ, ୧୪।୯(ଅଜିତ କୁମାର ବାରିକ)

ମୃତ କନଷ୍ଟେବଲ ଅଶୋକ କହଁରଙ୍କ ପରିବାରକୁ ଜିଲା ପୋଲିସ ପକ୍ଷରୁ ୩୦ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଗୁରୁବାର ଜିଲା ପୋଲିସ କାର୍ଯ୍ୟାଳୟଠାରେ ଏସ୍‌ପି ରାଜପ୍ରସାଦ ଏହି ସହାୟତା ରାଶି ମୃତ କନଷ୍ଟେବଲଙ୍କ ପତ୍ନୀ କଳ୍ପନା କହଁରଙ୍କୁ ପ୍ରଦାନ କରିଛନ୍ତି। ପ୍ରକାଶଥାଉକି ଗତ ୧୮।୫।୨୦୨୨ ରିଖ ବୌଦ୍ଧ ଜିଲା ହରଭଙ୍ଗା ଥାନାରେ କାର୍ଯ୍ୟରତ କନଷ୍ଟେବଲ ଅଶୋକ କହଁର ଥାନା କାର୍ଯ୍ୟରେ ବୌଦ୍ଧ ଆଦର୍ଶ ଥାନାକୁ ଆସି ହରଭଙ୍ଗା ଫେରୁଥିବା ସମୟରେ ବୌଦ୍ଧ ଥାନା ମଥୁରା ନିକଟରେ ଏକ ମୋଟରସାଇକେଲ



ମୃତ କନଷ୍ଟେବଲଙ୍କ ସ୍ତ୍ରୀଙ୍କୁ ଆରକ୍ଷୀ ଅଧୀକ୍ଷକ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି।

ଆସି ତାଙ୍କ ଗାଡିକୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ କନଷ୍ଟେବଲ ଅଶୋକଙ୍କ ମୃତ୍ୟୁ ହୋଇଯାଇଥିଲା। ଗୁରୁବାର ମୃତ କନଷ୍ଟେବଲଙ୍କ ପତ୍ନୀ କଳ୍ପନା କହଁର ଓ ଏକମାତ୍ର ପୁତ୍ର ଶାଶ୍ୱତ ସ୍ୱରୂପ(୭ବର୍ଷ)ଙ୍କୁ ଷ୍ଟେଟବ୍ୟାଙ୍କ ପୋଲିସ ସେଲେରି ପ୍ୟାକେଜରୁ ୩୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି।

# ଅବକାରୀ ଚଢ଼ାଉ : ୫ ଗିରଫ

ସୋନପୁର, ୧୪।୯(ମୃତ୍ୟୁଞ୍ଜୟ ଶତପଥୀ)

### ୪୬୩ଲିଟର ଦେଶୀ ମଦ ଜବତ, ୫୭୦ଲିଟର ପୋଚ ନଷ୍ଟ

ଆର୍ମଡ୍ ପୋଲିସ ରିଜର୍ଭ(ଏପିଆର) ସହାୟତାରେ ସୁବର୍ଣ୍ଣପୁର ଅବକାରୀ ବିଭାଗ ପକ୍ଷରୁ ସୋନପୁର ଥାନା ଅନ୍ତର୍ଗତ ମହୁଲେ ଓ ମଝିଫବ୍‌ସି ଗାଁରେ ଗୁରୁବାର ଚଢାଉ ହୋଇଥିଲା। ମହୁଲେ ଜଙ୍ଗଲରେ ବ୍ୟାପକ ପରିମାଣରେ ଦେଶୀ ମଦ ରନ୍ଧା ଯାଇ ବଲାଙ୍ଗୀରକୁ ଚୋରା ଚାଲାଣ କରା ଯାଉଥିବା ସୂଚନା ମିଳିବା ପରେ ସଦର ମୋବାଇଲ ଟିମ୍, ସୋନପୁର ଓ ବୀରମହାରାଜପୁର ଅବକାରୀ ଥାନା ପକ୍ଷରୁ ମିଳିତ ଭାବେ ତନଖି କରା ଯାଇଥିଲା। ମଦ ପ୍ରସ୍ତୁତି କରୁଥିବା ସମୟରେ ମହୁଲେ ଗାଁର ଧ୍ରୁବ ବାଗ(୬୦), ବାବୁଲାଲ ନନ୍ଦ(୬୩) ଓ ତ୍ରିନାଥ ମହାନନ୍ଦ(୪୦)ଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ଦେଶୀ ମଦ ଓ ମଦ ରନ୍ଧା ସାମଗ୍ରୀ ଜବତ କରାଯିବା ସହ ୫୭୦ଲିଟର ମହୁଲ ପୋଚ ଘଟଣାସ୍ଥଳରେ ହିଁ ନଷ୍ଟ କରାଯାଇଛି। ସେହିପରି ଗାଁରେ ଦେଶୀମଦ ବିକ୍ରି କରୁଥିବା ମହୁଲେ ଗାଁର ଭାଗିରଥି ନନ୍ଦଙ୍କୁ ଗିରଫ କରାଯାଇଛି। ତାଙ୍କ ନିକଟରୁ ୮୫ଲିଟର ଦେଶୀ ମଦ ଜବତ ହୋଇଛି। ପରେ ମଝିଫବ୍‌ସି ଗାଁରେ ଚଢାଉ କରି ଦେଶୀମଦ ବିକ୍ରି କରୁଥିବା ବଶିଷ୍ଟ ନାଗଙ୍କୁ ଗିରଫ କରାଯାଇଛି। ତାଙ୍କ ନିକଟରୁ ୧୦୫ଲିଟର ଦେଶୀମଦ ଜବତ ହୋଇଛି। ଗିରଫ ୫ ଅଭିଯୁକ୍ତଙ୍କ ନିକଟରୁ ମୋଟ ୪୬୩ଲିଟର ଦେଶୀ ମଦ ଜବତ ହୋଇଛି। ନୂଆଁଖାଇକୁ ଆଖି ଆଗରେ ରଖି ଚୋରା ମଦ ବ୍ୟବସାୟୀମାନେ ଜଙ୍ଗଲାଞ୍ଚଳରେ ବ୍ୟାପକ ଭାବେ ମଦ ପ୍ରସ୍ତୁତି କରି ଜିଲା ଓ ଜିଲା ବାହାରକୁ ଚୋରାଚାଲାଣ କରୁଥିବା ଅଭିଯୋଗ ହେଉଛି।


ଗିରଫ ଅଭିଯୁକ୍ତ, ଜବତ ମଦ ଓ ମଦ ରନ୍ଧା ସାମଗ୍ରୀ।

# ଜିଲାପାଳଙ୍କୁ ଦାବିପତ୍ର ଦେଲେ ଗ୍ରାମବାସୀ

### ବାଇପାସ୍ ରାସ୍ତାର ଟ୍ରାଫିକ ସୁବ୍ୟବସ୍ଥା ଦାବି

ବୌଦ୍ଧ,୧୪।୯(ଅଜିତ କୁମାର ବାରିକ)

ବୌଦ୍ଧ ବାଇପାସ ରାସ୍ତାର ଜଗଦିଶପୁର ଛକ ଅଞ୍ଚଳରେ ଟ୍ରାଫିକ ସୁବ୍ୟବସ୍ଥା କରାଯିବା ନେଇ ଗୁରୁବାର ଅପରାହ୍ନରେ ଗ୍ରାମବାସୀ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ୫୭ ନମ୍ବର ଜାତୀୟ ରାଜପଥର ବୌଦ୍ଧ ବାଇପାସ ରାସ୍ତାରେ ଥିବା ଜଗଦିଶପୁର ଛକ ଅଞ୍ଚଳ ଏବେ ଦୁର୍ଘଟଣା ପ୍ରବଣ ହୋଇପଡିଥିବା ଅଭିଯୋଗ କରିଥିଲେ। ଏହି ରାସ୍ତା ନିର୍ମାଣ କରାଯିବା ଦିନଠାରୁ ଶହଶହ ଛୋଟବଡ ଦୁର୍ଘଟଣା ଲାଗି ରହିଛି। ଜଗଦିଶପୁର ଛକ ନିକଟରେ ଦୁଇଟି ସ୍କୁଲ ରହିଥିବାବେଳେ ବଘିଆପଡା


ଟ୍ରାଫିକ ସମସ୍ୟା ସୁଧାରିବା ପାଇଁ ଦାବିକଲେ ଗ୍ରାମବାସୀ।

ଯିବାକୁ ରାସ୍ତା ରହିଛି। ପ୍ରତିଦିନ ଏହି ଛକ ଦେଇ ଛାତ୍ରୀଛାତ୍ରଙ୍କ ସମେତ ଶହଶହ ଗାଡିମୋଟର ଯିବା ଆସିବା କରୁଛି। ଦୁର୍ଘଟଣା ରୋକିବା ନେଇ ଟ୍ରାଫିକର ସୁବ୍ୟବସ୍ଥା କରାଯିବାକୁ ଦାବିକରି ଜଗଦିଶପୁର ଗ୍ରାମବାସୀଙ୍କ ଦ୍ୱାରା ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ମିଥୁନ ନାୟକ, କମଳଲୋଚନ ନାୟକ, ସନ୍ତୋଷ କୁମାର ପଣ୍ଡା, ଅମିତ ସାହୁଙ୍କ ସମେତ ଅନ୍ୟ ଗ୍ରାମବାସୀ ଉପସ୍ଥିତ ରହିଥିଲେ।

## ସଂକ୍ଷେପରେ

### ପାଣି ପାଇଁ ଡହଳ ବିକଳ ଗ୍ରାମବାସୀ

**ପ୍ରଶାସନ ଦୃଷ୍ଟି ଦେବାକୁ ଦାବି**

**ହେମଗିର,୧୪।୯(ଚୈତନ୍ୟ ପଟେଲ):** ସୁନ୍ଦରଗଡ ଜିଲା ହେମଗିର ବ୍ଲକ କେନ୍ଦୁଡିହି ପଞ୍ଚାୟତ ମୁଦିପଡାରେ ପାଣି ପାଇଁ ଡହଳ ବିକଳ ହେଉଛନ୍ତି ଗ୍ରାମବାସୀ। ଏହି ଗ୍ରାମରେ ପ୍ରାୟ ୩୪ ପରିବାରର ୨୫୦ରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ହେଲେ ପାଣି କୌଣସି ସୁବିଧା ନ ଥିବାରୁ ଲୋକେ ସମସ୍ୟା ଭୋଗୁଛନ୍ତି। ଏହି ଗ୍ରାମରେ ୩ ଟି ନଳକୂପ ଥିବାବେଳେ ଏଥିରୁ ଲାଲ ରଙ୍ଗର ପାଣି ନିର୍ଗତ ହେବା ସହ ଏହା ବ୍ୟବହାର ଉପଯୋଗୀ ହୋଇପାରୁନି। ଫଳରେ ଲୋକେ ବାଧ ହୋଇ କୁଅ ପାଣି ବ୍ୟବହାର କରୁଛନ୍ତି। କୁଅ ପାଣି ବ୍ୟବହାର ଯୋଗୁ ଅନେକ ସମୟରେ ଗ୍ରାମବାସୀ ରୋଗରେ ପଡୁଥିବା ଦେଖିବାକୁ ମିଳୁଛି। ତେବେ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଅଞ୍ଚଳରେ ଥିବା ପାଣି ସମସ୍ୟାକୁ ସମାଧାନ କରିବା ପାଇଁ ଦାବି ହେଉଛି।

### ନାଳରୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ଜବତ

**ଲହୁଣୀପଡ଼ା,୧୪।୯(ଦାଶରଥି ପଣ୍ଡା):** ସୁନ୍ଦରଗଡ ଜିଲା ମହୁଲପଦା ଥାନା ଅନ୍ତର୍ଗତ ଫୁଲଝର ଗ୍ରାମର ନାଳରୁ ଏକ ଅଜଣା ମୃତଦେହ ଗୁରୁବାର ପୋଲିସ ଜବତ କରିଛି। ଖବର ଲେଖାହେବା ପର୍ଯ୍ୟନ୍ତ(ରାତି ୯ଟା) ମୃତ ବ୍ୟକ୍ତିଙ୍କ ପରିଚୟ ମିଳିପାରି ନାହିଁ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ବଣେଇଁ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇବା ସହ ଘଟଣାର ତଦନ୍ତ ଚଳାଇଥିବା ଜଣାପଡ଼ିଛି। ମୃତ ବ୍ୟକ୍ତି ଜଣଙ୍କ ମାନସିକ ବିକୃତ ଥିବା ଅନୁମାନ କରାଯାଉଛି। ସୂଚନାଯୋଗ୍ୟ, ଗୁରୁବାର ନାଳରେ ଏକ ମୃତଦେହ ଭାସୁଥିବା ଦେଖି ଗ୍ରାମବାସୀ ମହୁଲପଦା ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲା। ଅଗ୍ନିଶମ ବିଭାଗ ନାଳରୁ ମୃତଦେହ ଜବତ କରିଥିଲା।

### ପୂର୍ବତନ ଜାତୀୟ ଫୁଟ୍‌ବଲ ରେଫରି କମିଶନରଙ୍କ ପରଲୋକ

**ସୁନ୍ଦରଗଡ,୧୪।୯(ଜୟ ନାରାୟଣ ମେଣ୍ଡୁଲି):** ପୂର୍ବତନ ଜାତୀୟ ଫୁଟ୍‌ବଲ ରେଫରି କମିଶନର, ବିଶିଷ୍ଟ କ୍ରୀଡା ସଙ୍ଗଠକ ତଥା ସୁନ୍ଦରଗଡ ସହରର ଜଣାଶୁଣା ବରିଷ୍ଠ ନାଗରିକ ଅଶ୍ୱିନୀ କୁମାର ପଟ୍ଟନାୟକ



(୭୮)ଙ୍କ ଗୁରୁବାର ସନ୍ଧ୍ୟାରେ ହୃଦ୍‌ଘାତରେ ପରଲୋକ ଘଟିଛି। ଜଣେ କ୍ରୀଡା ସଙ୍ଗଠନଭାବେ ଜଣାଶୁଣା ସ୍ୱର୍ଗତ ପଟ୍ଟନାୟକ ସବ୍‌ ଟ୍ରେଜେରୀ ଅଫିସର ଭାବେ ଚାକିରୀରୁ ଅବସର ଗ୍ରହଣ ପରେ ଜିଲା କ୍ରୀଡା ସଂସଦର ପ୍ରତିଷ୍ଠାତା ତଥା ଆଜୀବନ ସଦସ୍ୟ ରହିଥିଲେ। ଓଡିଶା କ୍ରିକେଟ ଆସୋସିଏଶନ, ଅଲମ୍ପିକ ଆସୋସିଏଶନ ଏବଂ ରଙ୍ଗାଡିପା ଦୁର୍ଗାପୂଜା କମିଟିରେ ସକ୍ରିୟ ସଦସ୍ୟ ଥିଲେ। ତାଙ୍କ ପରଲୋକରେ ବହୁ କ୍ରୀଡାବିତ ପ୍ରେମୀ, ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରି ଶୋକର ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ଶୁକ୍ରବାର ଭୋଜପୁର ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ।

# ଦାବି ପୂରଣ ପାଇଁ ଶିକ୍ଷକଙ୍କ ରଣହୁଙ୍କାର



ଧାରଣାରେ ବସିଥିବା ଶିକ୍ଷୟିତ୍ରୀ ଶିକ୍ଷକ।

**ନୂଆଗାଁ,୧୪।୯(ବିଜୟତ୍ରିପାଠୀ)**

ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୩ ଦଫା ଦାବିନେଇ ଶିକ୍ଷୟିତ୍ରୀ ଶିକ୍ଷକ ଗୁରୁବାର ଧାରଣାରେ ବସିଛନ୍ତି। ଶିକ୍ଷକ ନେତା ଦିଲୀପ କୁମାର ସାହୁ, ମଙ୍ଗଲ କେର୍କେଟା, ଜନାର୍ଦ୍ଦନ ସାହୁ, ବଳରାମ ସିଂ, ଅଶୋକ କୁମାର ସିଂ ପ୍ରମୁଖଙ୍କ ନେତୃତ୍ୱରେ ବ୍ଲକର ଶତାଧିକ ଶିକ୍ଷୟିତ୍ରୀଶିକ୍ଷକ ଧାରଣାରେ ବସିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଶିକ୍ଷକ ନେତା ଚେତାବନୀ ଦେଇଛନ୍ତି। ଏହି ଆନ୍ଦୋଳନରେ ଶିକ୍ଷକ ନେତା ମଙ୍ଗରାଜ ଓରାମ,ରଞ୍ଜିତା ଏକ୍କା, ପର୍ଶୁରାମ ବେହେରା, ସୁରେଶ ସାମଦ, ଆଇ.ଭି.ପ୍ୟାରି କାଣ୍ଡେ, ଗଙ୍ଗାଧର ସିଂ ପ୍ରମୁଖ ଉପସ୍ଥିତ ଥିଲେ।

**କୁଆଁରମୁଣ୍ଡା,୧୪।୯(ମହେନ୍ଦ୍ର କୁମାର ସାହୁ):** ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୩ ଦଫା ଦାବି ନେଇ ଗୁରୁବାର ଶିକ୍ଷୟିତ୍ରୀ ଶିକ୍ଷକ ଧାରଣାରେ ବସିଥିଲେ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ସେମାନେ ପାଠପଢା ଛାଡି ଆନ୍ଦୋଳନ ଜୋରଦାର କରିବେ ବୋଲି ଚେତାବନୀ ଦେଇଛନ୍ତି। ଶିକ୍ଷକଙ୍କ ଆନ୍ଦୋଳନ ଯୋଗୁ ପାଠପଢ଼ା ବ୍ୟାହାତ ହୋଇଛି। ଏନେଇ ବ୍ଲକ ଶିକ୍ଷାଧିକାରୀ ସଦାନନ୍ଦ ପଧାନଙ୍କୁ ପଚାରିବାରୁ, ସଲଙ୍ଗାବହାଲ ପଞ୍ଚାୟତରେ ଥିବା କେବଳ ୫ଟି ସ୍କୁଲ ବ୍ୟତିତ ଅନ୍ୟ ସମସ୍ତ ସ୍କୁଲରେ ପାଠପଢ଼ାଚାଲିଛି। ଉକ୍ତ ୫ଟି ସ୍କୁଲର ୧୦ ଶିକ୍ଷୟିତ୍ରୀ ଶିକ୍ଷକ କୌଣସି ସୂଚନା ନ ଦେଇ ଆନ୍ଦୋଳନରେ ସାମିଲ ହୋଇଥିବାରୁ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯିବ ବୋଲି ଶିକ୍ଷାଧିକାରୀ ସଦାନନ୍ଦ ସୂଚନା ଦେଇଛନ୍ତି।

# ଚୋରା କୋଇଲା ଟ୍ରକ୍ ଜବତ, ମାଲିକ ଗିରଫ



ଗିରଫ ଅଭିଯୁକ୍ତ ଓ ଜବତ ଟ୍ରକ୍।

**ବ୍ରଜରାଜନଗର,୧୪।୯(ବିଜୟ ବରାଡ):** ବ୍ରଜରାଜନଗର ପୋଲିସ ବୁଧବାର ପାଟ୍ରୋଲିଂ କରୁଥିବା ସମୟରେ ଏକ କୋଇଲା ବୋଝେଇ ଟ୍ରକ୍ ଜବତ କରିବା ସହ ଏହାର ମାଲିକଙ୍କୁ ଗିରଫ କରିଛି। ସେ ହେଲେ ସୁବ୍ରତ କୁମାର ସେନାପତି। ସୂଚନା ଅନୁସାରେ ବ୍ରଜରାଜନଗର ଥାନା ଏଏସ୍‌ଆଇ ଅଭୟ ମହାନ୍ତି ବିଶେଷ ସୂତ୍ରରୁ ଖବର ପାଇ ସମଲେଶ୍ୱରୀ କୋଇଲା ଖଣି ପାଖ ଜଙ୍ଗଲରେ ଏକ କୋଇଲା ବୋଝେଇ ଟ୍ରକ୍ ଧରିଥିଲେ। ଏହାର ଚାଳକ ତଥା ମାଲିକ ସୁବ୍ରତ କୋଇଲା ଲୋଡିଂର କାଗଜପତ୍ର ମାଗିଥିଲେ ମଧ୍ୟ ସେ ତାହା ଦେଖାଇପାରି ନ ଥିଲେ। ଏହାଛଡା ଓଆର୍‌୨୩ବି ୩୪୬୭ ନମ୍ବର ବିଶିଷ୍ଟ ଟ୍ରକ୍ ଗତ ଫେବୃୟାରୀ ୧୩ରେ କୋଇଲା ଚୋରି କରି ଧରାପଡି ଥାନାରେ ଅଛି। ନକଲି ନମ୍ବର ପ୍ଲେଟ ବ୍ୟବହାର କରି କୋଇଲା ଚୋରି ଚାଲିଥିବାବେଳେ ପୋଲିସ ଧରିବାରେ ସକ୍ଷମ ହୋଇଛି। ଏ ନେଇ ବ୍ରଜରାଜନଗର ଥାନାରେ ପୋଲିସ ଏକ ମାମଲା (ନଂ୨୪୧/୨୩) ରୁଜୁ କରି ଅଭିଯୁକ୍ତ ସୁବ୍ରତଙ୍କୁ ଗୁରୁବାର କୋର୍ଟ ଚାଲାଣ କରିଛି।

# ଅଲେଇକେରା ଗ୍ରାମରେ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ

**ସୁନ୍ଦରଗଡ଼,୧୪।୯( ଜୟନାରାୟଣ ମେଣ୍ଡୁଲୀ)**



ଭାଜପା ସୁନ୍ଦରଗଡ଼ ସାଙ୍ଗଠନିକ ଜିଲା, ନିର୍ବାଚନ ମଣ୍ଡଳୀ, ଟାଙ୍ଗରପାଲି ମଣ୍ଡଳ ପକ୍ଷରୁ ସାନପତ୍ରାପାଲି ପଞ୍ଚାୟତ ଅଲେଇକେରା ଗ୍ରାମଠାରେ ଶକ୍ତିକେନ୍ଦ୍ର ପ୍ରମୁଖ ନରେଶ ପୁରୋହିତ ଏବଂ ରତନପୁର ପଞ୍ଚାୟତ ଟାଙ୍ଗରମୁଣ୍ଡା ଗ୍ରାମଠାରେ ଗଜେନ୍ଦ୍ର ଭିତ୍ରିଆଙ୍କ ନେତୃତ୍ୱରେ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଜୟ କୁମାର ପଟେଲ ଯୋଗଦେଇ ଅଲେଇକେରାସ୍ଥିତ ଜଗନ୍ନାଥ ମନ୍ଦିରଠାରୁ କଳସ ଯାତ୍ରାର ଶୁଭାରମ୍ଭ କରିଥିଲେ। ଉଭୟ ପଞ୍ଚାୟତ ପକ୍ଷରୁ ଆୟୋଜିତ ସାଧାରଣ ସଭାରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପଟେଲ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମର ମହତ୍ତ୍ୱ ସମ୍ପର୍କରେ ଉପସ୍ଥିତ ଗ୍ରାମବାସୀ ଓ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ଏହାପରେ ଗ୍ରାମର ସମସ୍ତ ଘରକୁ ଘର ବୁଲି ଅମୃତ କଳସରେ ପବିତ୍ର ମାଟି ସଂଗ୍ରହ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା କାର୍ଯ୍ୟକାରିଣୀ ସଦସ୍ୟ ତଥା ପଞ୍ଚାୟତ ପ୍ରମୁଖ ସଞ୍ଜୀବ ସିଂହ, ପରକ୍ଷିତ ସାହୁ, ପୂର୍ବତନ ଜିଲା ସଂପାଦକ ସସିମ ପଟେଲ, ଯୋଗେଶ୍ୱର ଭୋଇ, ରାଜେନ୍ଦ୍ର ସାହୁ, ସମିତି ସଭ୍ୟ ବାର୍ଗୀ ଓରାମ, ୱାର୍ଡ଼ ମେମ୍ବର ଉଦ୍ଧବ ମାଝି, ମହେନ୍ଦ୍ର ନାଏକ, ଭରତ ଓରାମ, ବିଶେଶ୍ୱର ଓରାମ, ନରେନ୍ଦ୍ର ସାହୁ, ନବକିଶୋର ପଟେଲ, ପ୍ରଦୀପ କଂସରାଲୀ, ସୁଶାନ୍ତ ନାଏକ, ଛୋଟୁ ମିଞ୍ଜ, କିଶୋର ଓରାମ, ଗୀତା ଓରାମ ସମେତ ଉଭୟ ଗ୍ରାମର ଶତାଧିକ ଗ୍ରାମବାସୀ ସାମିଲ ହୋଇଥିଲେ।

### କେନ୍ଦୁପତ୍ର ବଣ୍ଡଲ ଚୋରି ବେଳେ ପହଞ୍ଚିଲେ ଫରେଷ୍ଟର

**ବଡ଼ଗାଁ,୧୪।୯(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର କେନ୍ଦୁପତ୍ର ବନାଞ୍ଚଳ ଅଧୀନ ଲୁଧାବସା କେନ୍ଦୁପତ୍ର ଫଡିରୁ ଗତ ୧୨ ରାତିରେ କିଛି ଦୁର୍ବୃତ୍ତ ଜୋରଜବରଦସ୍ତି କେନ୍ଦୁପତ୍ର ବଣ୍ଡଲ ନେଉଥିବା ବେଳେ ଫରେଷ୍ଟରଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ସେମାନଙ୍କ ଯୋଜନା ପଣ୍ଡ ହୋଇଛି। ଏଥିରେ ବ୍ୟବହୃତ ଏକ ବୋଲେରୋକୁ ଦୁର୍ବୃତ୍ତମାନେ ଘଟଣା ସ୍ଥଳରେ ଛାଡି ପଳାଇଥିଲେ। ପୋଲିସ ବୋଲେରୋ ଜବତ କରି ଘଟଣାର ତଦନ୍ତ ଚଳାଇଛି। ଲୁଧାବସା ସେକ୍ସନ ଫରେଷ୍ଟର ବିର୍ସା ମିଞ୍ଜ ଗତ ୧୨ ରାତିରେ ପେଟ୍ରୋଲିଂ କରୁଥିବା ସମୟରେ ଫଡି ଠାରୁ ୫୦ ମିଟର ଦୂରରେ ଏକ ପିକଅପ ଛିଡ଼ା ହୋଇଥିବା ଓ ନମ୍ବର ପ୍ଲେଟରେ କାଦୁଅ ଲଗାଯାଇଥିବା ଦେଖି ସନ୍ଦେହ କରିଥିଲେ। ସେ ପାଟି କରିବାରୁ ଦୁର୍ବୃତ୍ତମାନେ କେନ୍ଦୁପତ୍ର ବଣ୍ଡଲ ଛାଡ଼ି ଦୌଡ଼ି ପଳାଇଥିଲେ। ଚେକର, ମେଟ୍ ଓ ବନ୍ଧେଇ କର୍ମଚାରୀ ଫରେଷ୍ଟରଙ୍କ ପାଖକୁ ଆସି ସମସ୍ତ ଘଟଣା ଜଣାଇଥିଲେ। ୫ରୁ୬ ଜଣ ମୁଖାପିନ୍ଧା ବ୍ୟକ୍ତି ସେମାନଙ୍କୁ ମାରଣାସ୍ତ୍ର ଦେଖାଇ ମାରିଦେବାକୁ ଧମକ ଦେଇ କେନ୍ଦୁପତ୍ର ବଣ୍ଡଲ ବୋଲେରୋ ଗାଡ଼ିରେ ରଖିଥିଲେ ବୋଲି କହିଥିଲେ।

# ଖତକୁରବାହାଲରେ ପୋଲିସର ଫ୍ଲାଗ ମାର୍ଚ୍ଚ



ପୋଲିସ ପକ୍ଷରୁ ଫ୍ଲାଗ ମାର୍ଚ୍ଚ କରାଯାଉଛି।

**କୁତ୍ରା,୧୪।୯(ଦେବାଶିଷ ସାହୁ):** ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଖତକୁରବାହାଲ ଗ୍ରାମରେ ପୋଲିସ ପକ୍ଷରୁ ରାପିଡ ଆକ୍ସନ ଫୋର୍ସକୁ ନେଇ ଫ୍ଲାଗ ମାର୍ଚ୍ଚ କରାଯାଇଛି। ଏହି ଗ୍ରାମରେ ବିଭିନ୍ନ ସମୟରେ ଗୋଷ୍ଠୀ ବିବାଦ ଦେଖା ଦେବା ସହ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଥାଏ। ଏପରିକି ଏଠାରେ ଥିବା ଏକ ଖଣି କାର୍ଯ୍ୟକୁ ନେଇ ମଧ୍ୟ ବିବାଦ ପୂର୍ବରୁ ଦେଖା ଦେଇଥିଲା। ଏହାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ସେଠାରେ ରାପିଡ ଆକ୍ସନ ଫୋର୍ସକୁ ନେଇ ଫ୍ଲାଗ ମାର୍ଚ୍ଚ କରାଯାଇଛି। ବଡଗାଁ ଏସ୍‌ଡିପିଓ ଅଭିଷେକ ପାଣିଗ୍ରାହୀଙ୍କ ନେତୃତ୍ୱରେ କୁତ୍ରା ଥାନା ଅଧିକାରୀ ମନୋରଞ୍ଜନ ବିଶି, ଏସ୍‌ଆଇ ବିଜୟ କୁମାର ସୁନାଙ୍କ ସମେତ ଅନେକ ପୋଲିସ ସାମିଲ ହୋଇଥିଲେ।

# ଏନ୍‌ଟିପିସି ଡୁଲଙ୍ଗାରେ ହିନ୍ଦୀ ଦିବସ



ମଞ୍ଚାସୀନ ଅତିଥିବୃନ୍ଦ।

**ସୁନ୍ଦରଗଡ,୧୪।୯(ଜୟ ନାରାୟଣ ମେଣ୍ଡୁଲି)**

ଏନ୍‌ଟିପିସି ଡୁଲଙ୍ଗା କୋଇଲା ଖଣି ପ୍ରକଳ୍ପ ପକ୍ଷରୁ ଗୁରୁବାର ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ୧୪ଦିବସୀୟ ହିନ୍ଦୀ ପଖୱାଡା ପର୍ବର ମଧ୍ୟ ଶୁଭାରମ୍ଭ କରାଯାଇଛି। ଡୁଲଙ୍ଗା ପ୍ରକଳ୍ପ ମୁଖ୍ୟ କେ.ଚନ୍ଦ୍ର ଶେଖର ଏହି ରାଜଭାଷା ହିନ୍ଦୀ ପକ୍ଷ ପାଳନର ଶୁଭାରମ୍ଭ କରି କର୍ମଚାରୀଙ୍କୁ ଦୈନନ୍ଦିନ ଓ ବୃତ୍ତିଗତ ଜୀବନରେ ହିନ୍ଦୀ ରାଜଭାଷା ଆପଣେଇ ବ୍ୟବହାର କରିବାରକୁ ଉତ୍ସାହିତ କରିଥିଲେ। ଏହି ଉତ୍ସବର ମୁଖ୍ୟ ଆକର୍ଷଣ ଥିଲା ହସ୍ତଲିଖନ ପ୍ରତିଯୋଗିତା। ଯାହାକି କେବଳ ହିନ୍ଦୀରେ ହୋଇଥିଲା। ଏହା କର୍ମଚାରୀଙ୍କ ମଧ୍ୟରେ ଭାଷାର ବ୍ୟବହାରକୁ ପ୍ରୋତ୍ସାହିତ କରିଥିଲା। ଏନ୍‌ଟିପିସି ଡୁଲଙ୍ଗା ଆମର ସମୃଦ୍ଧ ଭାଷାଭିତ୍ତିକ ଐତିହ୍ୟକୁ ପ୍ରୋତ୍ସାହନ ଓ ସଂରକ୍ଷଣ କରିବା ପାଇଁ ଏହାର ପ୍ରତିବଦ୍ଧତାକୁ ପୁନଃ ପ୍ରମାଣିତ କରିଛି।

### ନୂତନ ଗୃହ ନେଇ ଆଲୋଚନା

**ହେମଗିର,୧୪।୯(ଚୈତନ୍ୟ ପଟେଲ):** ସୁନ୍ଦରଗଡ ଜିଲା ହେମଗିର ବ୍ଲକସ୍ଥିତ ଜାମକାନୀ କୋଇଲା ଖଣି କମ୍ପାନୀରେ ଜମି ହରାଇଥିବା ଖାରପଲମ, ଗିରିସିମା, ମେଣ୍ଡ୍ରା ଓ ଜାମକାନୀ ଗ୍ରାମର ବିସ୍ଥାପିତ ଗୁରୁବାର ହେମଗିର ବିଡିଓ ଡ. ଜଗଦିଶ ମହାନନ୍ଦଙ୍କ ସହ ସାକ୍ଷାତ କରିଥିଲେ। ନୂତନ ଭାବେ ନିର୍ମାଣ ହୋଇଥିବା ଘର ଗୁଡିକର ସର୍ଭେ କରି ଉପଯୁକ୍ତ କ୍ଷତିପୂରଣ ନିର୍ଦ୍ଧାରଣ ପାଇଁ ବିଡିଓଙ୍କୁ ଜଣାଇଥିଲେ। ଏନେଇ ବିଡିଓ ଓ ବିସ୍ଥାପିତଙ୍କ ମଧ୍ୟରେ ଆଲୋଚନା ହେବା ପରେ ଆସନ୍ତା ୨ଦିନ ମଧ୍ୟରେ ବିଡିଓ ଗ୍ରାମ ଗୁଡିକର ପରିଦର୍ଶନ କରି ନୂତନ ଭାବେ ନିର୍ମାଣ ହୋଇଥିବା ଘର ଗୁଡିକର ନିରିକ୍ଷଣ କରିବେ ବୋଲି କହିଛନ୍ତି। ଏହି ଅବସରରେ ଦଇତାରି ପଧାନ,ବିହାରୀ ମାଝି, ସନକ ବାରିକ, ନରେନ୍ଦ୍ର ତାଜନ, ଜନ୍ମସୁଲି, ନିଳମଣି କିଶାନ, ଜଗମୋହନ ମାଝି, ନକୁଲ, ମଦନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜେଡି ପକ୍ଷରୁ ଚକ୍ଷୁ ଚିକିତ୍ସା ଶିବିର



ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଉଛି।

**ସବ୍‌ଡେଗା,୧୪।୯(ଅନନ୍ତ ପଟେଲ)**

ସୁନ୍ଦରଗଡ ଜିଲା ବାଲିଶଙ୍କରା ବ୍ଲକ ତୁମୁଲିଆ ପଞ୍ଚାୟତଠାରେ ବିଜେଡି ପକ୍ଷରୁ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଡ.ବିନୟ ଟପ୍ପୋ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଜିଲା ବିଜୁ ଯୁବ ଜନତା ଦଳ ସଭାପତି ଦେବେନ୍ଦ୍ର ପ୍ରସାଦ ମାଝିଙ୍କ ସଂଯୋଜନାରେ ଏବଂ ପଞ୍ଚାୟତ ବିଜେଡି ସଭାପତି ଉପେନ୍ଦ୍ର ଚିଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟା ଜୟନ୍ତୀ ଏକ୍କା, ତୁମୁଲିଆ ସରପଞ୍ଚ ଦେବଲାଲ ଲାକ୍ରା, ତଳସରା ସରପଞ୍ଚ ତ୍ରିଲୋଚନ ପ୍ରଧାନ, ଦିପ୍ତିମୟୀ ସାହୁ, ଅଜିତ ସାହୁ, ମଥୁରା ଖଟେଇ, ଉପେନ୍ଦ୍ର କୁଜୁର, ହେମନ୍ତ ଦାସ, ବୀର କିଷାନ, ଗଙ୍ଗା ପ୍ରଧାନ, ସନ୍ତୋଷ ଧୂରୁଆ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ମୋଟ ୨୨ ଜଣ ରୋଗୀଙ୍କ ମାଗଣାରେ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେଥିରୁ ୭ ଜଣଙ୍କୁ ଅଧିକ ଚିକିତ୍ସା ପାଇଁ ରାଉଲକେଲା ସ୍ଥିତ ଜୟପ୍ରକାଶ ହସ୍ପିଟାଲ୍ ଆଣ୍ଡ ମେଡିକାଲ୍ କଲେଜକୁ ସ୍ଥାନାନ୍ତରିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜୟ ପ୍ରକାଶ ହସ୍ପିଟାଲ ଚକ୍ଷୁ ବିଭାଗର ସମସ୍ତ ଟେକ୍ନିସିଆନ୍ ଟିମ୍ ଯୋଗଦେଇ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରିଥିଲେ।

# ନିର୍ମାଣ ଶ୍ରମିକଙ୍କୁ ସହାୟତା ବଣ୍ଟନ

**ସୁନ୍ଦରଗଡ଼,୧୪।୯(ଜୟ ନାରାୟଣ ମେଣ୍ଡୁଲି)**



ନିର୍ମାଣ ଶ୍ରମିକଙ୍କୁ ଅତିଥିମାନେ ଚେକ୍ ପ୍ରଦାନ କରୁଛନ୍ତି।

ସ୍ଥାନୀୟ ଜିଲା ସଂସ୍କୃତି ଭବନ ପ୍ରେକ୍ଷାଳୟଠାରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ଅନ୍ତର୍ଗତ ବିଭିନ୍ନ ସହାୟତା ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ବିଭାଗ ଦ୍ୱାରା ନିର୍ମାଣ ଶ୍ରମିକ ତଥା ଅଣ ସଂଗଠିତ ଶ୍ରମିକଙ୍କ ନିମନ୍ତେ ଉର୍ଦ୍ଦିଷ୍ଟ ଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଗୁଡିକରେ ଅନ୍ତର୍ଭୁକ୍ତ ହେବା ନିମନ୍ତେ ଜନସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଶ୍ରମିକମାନେ କିଭଳି ଭାବେ ଏହି ସବୁ ଯୋଜନା ଗୁଡ଼ିକରେ ସାମିଲ ହୋଇ ପାରିବେ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା ଶ୍ରମ ଅଧିକାରୀ ଦିବ୍ୟଜ୍ୟୋତି ନାୟକ ଏହି କାର୍ଯ୍ୟକ୍ରମ ଆୟୋଜନର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇବା ସହିତ ନିର୍ମାଣ ଶ୍ରମିକ ତଥା ଅଣ ସଂଗଠିତ ଶ୍ରମିକ କିଭଳି ଭାବେ ନିଜର ପଞ୍ଜିକରଣ କରିବେ, ଶ୍ରମିକଙ୍କ ନିମନ୍ତେ କେଉଁ କେଉଁ ସୁବିଧା ଉପଲବ୍ଧ ରହିଛି ଏବଂ ଶ୍ରମିକ ମାନେ କିଭଳି ଭାବେ ଏହି ସବୁ ସୁବିଧା, ସହାୟତା ଆଦି ପାଇପାରିବେ ସେ ସମ୍ପର୍କରେ ଉପସ୍ଥାପନା କରିଥିଲେ। ଏହି ଅବସରରେ ହିତାଧିକାରୀଙ୍କୁ ବିଭିନ୍ନ ସହାୟତା ପ୍ରଦାନ କରାଯାଇଥିଲା। ଶିକ୍ଷା ନିମନ୍ତେ ୨ ହିତାଧିକାରୀଙ୍କୁ ୧୩,୨୦୦ ଟଙ୍କା, ୩ ହିତାଧକାରୀଙ୍କୁ ବିବାହ ସହାୟତା ନିମନ୍ତେ ୧,୫୦,୦୦୦ ଟଙ୍କା, ୪ ହିତାଧିକାରୀଙ୍କୁ ମାତୃତ୍ୱ ସହାୟତା ଆକାରରେ ୪୦,୦୦୦ ଟଙ୍କା, ମୃତ୍ୟୁ ସହାୟତା ପାଇଁ ୫୮ ଜଣ ହିତାଧିକାରୀଙ୍କୁ ୧,୧୪,୦୦,୦୦୦ ଟଙ୍କା ଏବଂ ୪୭ ଜଣଙ୍କୁ ଅନ୍ତ୍ୟେଷ୍ଟି କ୍ରିୟା ନିମନ୍ତେ ୨,୩୫,୦୦୦ ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସଦର ବିଧାୟିକା କୁସୁମ ଟେଟେ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ବିନୟ ଟପ୍ପୋ, ପୌର ପରିଷଦ ଅଧ୍ୟକ୍ଷା ତନୟା ମିଶ୍ର ଓ ଉପାଧ୍ୟକ୍ଷ ଲଲାଟେନ୍ଦୁ ପରିଡ଼ା, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସଦସ୍ୟ ବୈକୁଣ୍ଠ ନାୟକ, ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ମାଝି, ଯୁଗ୍ମ ଶ୍ରମ ଆୟୁକ୍ତ ପ୍ରଣବ ରଞ୍ଜନ ଜେନା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ସୁନ୍ଦରଗଡ଼ ଏବଂ ରାଉରକେଲାର ଅତିରିକ୍ତ ଶ୍ରମ ଅଧିକାରୀ ଗୌରହରି ତାଣ୍ଡି ଓ ହେମନ୍ତ ପ୍ରଧାନ, ବିଭିନ୍ନ ଶ୍ରମିକ ସଂଗଠନର ସଭ୍ୟ ଏବଂ ୪୦୦ ନିର୍ମାଣ ଶ୍ରମିକ ତଥା ଅଣ ସଂଗଠିତ ଶ୍ରମିକ ଯୋଗ ଦେଇଥିଲେ।

# ୪ଦିନିଆ ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଯାପିତ

**ଲହୁଣୀପଡ଼ା,୧୪।୯(ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକ ଦର୍ଜୀଂ ପଞ୍ଚାୟତ ଲୁଧୁଣି ଗ୍ରାମ ଫୁଟ୍‌ବଲ ପଡ଼ିଆଠାରେ ଲିଧୁଣି ସ୍ପୋର୍ଟସ ଆସୋସିଏଶନ ପକ୍ଷରୁ ଚାଲିଥିବା ୪ଦିନିଆ ଫୁଟ୍‌ବଲ ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗୀତାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବଣେଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟା ଶୁଶିଳା ମୁଣ୍ଡା, ଓମନ୍ତ କୁମାର ମାହାନ୍ତ, ଦୁର୍ଯ୍ୟୋଧନ ମାହାନ୍ତ, ଲାଲ ବାହାଦୂର ମାହାନ୍ତ, ରାଜୁ ପାତ୍ର, ଉତ୍ସବ ପାତ୍ର, ମନୋଜ ପାତ୍ର ଯୋଗ ଦେଇଥିଲେ। ଅଖିଳ ଧୀବର ଅଧ୍ୟକ୍ଷତା କରିଥିବା ବେଳେ ବିଶ୍ରା ଓରାମ ପରିଚୟ ପ୍ରଦାନ କରିଥିଲେ। ଲୁଧୁଣି ସ୍ପୋର୍ଟସ ଆସୋସିଏଶନର କର୍ମକର୍ତ୍ତା ତଥା ଗ୍ରାମବାସୀ ଅତିଥିଙ୍କୁ ପାରମ୍ପରିକ ବାଦ୍ୟନୃତ୍ୟର ତାଳେ ତାଳେ ମଞ୍ଚ ନିକଟକୁ ପାଛୋଟି ନେବା ସହିତ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପ୍ରଦୀପ ପ୍ରଜ୍ଜଳନ କରି ଅତିଥିମାନେ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଫୁଟ୍‌ବଲ ପ୍ରତିଯୋଗିତାରେ ମୋଟ ୩୨ଟି ଦଳ ଅଂଶ ଗ୍ରହଣ କରିଥିଲେ। ଫ୍ରେଣ୍ଡସ



ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳି ଓ ଅନ୍ୟମାନେ।

ଆଣ୍ଡ ଫ୍ରେଣ୍ଡସ ବାଇପାସ ଦଳକୁ ହରାଇ ଆନସାରି ବ୍ରଦର୍ସ ଲାଠିକଟା ଦଳ ଚାମ୍ପିୟନ ହୋଇଥିଲା। ରଣଜିତ ସିଂ, ଦିନେସ ହେମ୍ବ୍ରମ, ରଞ୍ଜିତ ଓରାମ, ବିଦୁ ମାହାନ୍ତ, ସୋମନାଥ ମୁଣ୍ଡାରୀ, ଖେଳ ପରିଚାଳନା କରିଥିଲେ। ବିଜେତା ଓ ଉପ ବିଜେତାଙ୍କ ସମେତ ବିଭିନ୍ନ ବର୍ଗରେ ପାରଦର୍ଶିତା ଦେଖାଇଥିବା ଖେଳାଳିଙ୍କୁ ଅତିଥି ପୁରସ୍କାର ପ୍ରଦାନ କରିଥିଲେ। ବଳରାମ ଓରାମ, ଦିବାକର ମାହାନ୍ତ, ଜାପାନ କୁମାର ଦିଗା, ଅନିଲ ଓରାମଙ୍କ ସମେତ ଲୁଧୁଣି ସ୍ପୋର୍ଟସ ଆସୋସିଏଶନର କର୍ମକର୍ତ୍ତା ଏହି ୪ଦିନିଆ ଫଟ୍‌ବଲ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ।

**କୁଚିଣ୍ଡାରେ ବିଶ୍ୱ ଆଦିବାସୀ ଅଧିକାର ଦିବସ**

**କୁଚିଣ୍ଡା,(ବିରଞ୍ଚି ଦର୍ଭା):** ସମ୍ବଲପୁର ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ କୁଚିଣ୍ଡା ଏନ୍ଏସି ବାନ୍ଧୁବାସ କମ୍ୟୁନିଟି ସେଣ୍ଟରଠାରେ ବିଶ୍ୱ ଆଦିବାସୀ ଅଧିକାର ଦିବସ ପାଳିତ ହୋଇଯାଇଛି। ଉପସଭାପତି କରୁଣାକର କିଷାନଙ୍କ ସଭାପତିତ୍ୱରେ ହୋଇଥିବା ସଭାରେ ଆଦିବାସୀଙ୍କ ପାଇଁ ବିଭିନ୍ନ କ୍ଷେତ୍ରରେ ଥିବା ଅଧିକାର ସମ୍ପର୍କରେ ସଚେତନ କରାଯାଇଥିଲା। ଏଥିରେ କୁଚିଣ୍ଡା ଏନ୍ଏସି ଆଦିବାସୀ ସଂଘ ସଭାପତି ଚୈତନ୍ୟ କାଉ, ସମ୍ପାଦକ ଜନକାମିଲ ଲାକଡ଼ା, ଫାଦର ଅନିଲ ଖାଲଖୋ, ସନ୍ତୋଷିନୀ ବାଘ, ସୌଦାମିନୀ ଛତ୍ରିଆଙ୍କ ସମେତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ପୋଲିସ କର୍ମଚାରୀଙ୍କ ମୃତ୍ୟୁ

**ଦେବଗଡ଼,୧୪।୯(ଶଶାଙ୍କ ଶେଖର ଝାଙ୍କର):** ଦେବଗଡ ଜିଲା ରାଞ୍ଚି – ବିଜୟୱାଡା ରାସ୍ତା ଲକ୍ଷ୍ମୀପୁର ନିକଟରେ ଗୁରୁବାର ଟ୍ରକ୍ ଧକ୍କାରେ ବାଇକ୍‌ରେ ଯାଉଥିବା ଜଣେ ପୋଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଜରାଛାଟ ଗ୍ରାମର ରଞ୍ଜନ କୁମାର ସେଠୀ। ସେ ଏସ୍‌ଡିପିଓଙ୍କ ଗାଡି ଚଳାଉଥିଲେ। ପୋଲିସ ଥାନାରେ ଏକ ମାମଲା ରୁଜୁ କରି ଟ୍ରକ ଚାଳକଙ୍କୁ ଗିରଫ କରିଥିବା ବେଳେ ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ଓ ବାଇକୁ ଜବତ କରିଛି। ଏଥିସହ ଘଟଣାର ତଦନ୍ତ ଚଳାଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ରଞ୍ଜନ ଗୁରୁବାର ସକାଳୁ ଛୁଟି ନେଇ ଏକ ବାଇକ୍ ଯୋଗେ ନିଜ ଘରକୁ ଯାଉଥିଲେ। ସେହି ସମୟରେ ବିପରିତ ଦିଗରୁ ଆସୁଥିବା ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ। ରାସ୍ତାରେ ହମ୍ପସ ନିର୍ମାଣ ସହ ମୃତକଙ୍କୁ ସହାୟତା ଯୋଗାଇବା ଦାବିରେ ରାସ୍ତା ଅବରୋଧ କରାଯାଇଥିଲା। ଅପରାହ୍ନ ଗୋଟାଏ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିଥିଲା। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ପ୍ରତିଶ୍ରୁତି ଦେବାପରେ ରାସ୍ତା ରୋକୋ ହଟିଥିଲା। ପରେ ପୋଲିସ ଘଟଣାସ୍ଥଳରୁ ମୃତଦେହ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତରକରିଥିଲା।

### ସ୍ତ୍ରୀଙ୍କ ମୃତ୍ୟୁ ପରେ ସ୍ୱାମୀଙ୍କ ଆତ୍ମହତ୍ୟା

**ରିଆମାଳ,୧୪।୯(ନିରଞ୍ଜନ ବେହେରା):** ଦେବଗଡ ଜିଲା ରିଆମାଳ ଥାନା ନାଉଲିପଡା ପଞ୍ଚାୟତ ତିଳେଇପସି ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ସ୍ତ୍ରୀଙ୍କ ମୃତ୍ୟୁ ପରେ ଅର୍ଥ ଅଭାବ ଯୋଗୁ ସ୍ୱାମୀଙ୍କ ମୃତ୍ୟୁ ଘଟିଛି।

ଉକ୍ତ ଗ୍ରାମର କଳାକାର ମାହାର(୬୧)ଙ୍କ ପରିବାର କହିଲେ ସ୍ତ୍ରୀ ଉଦିଆ (୫୭), ମାନସୀକ ରୋଗୀ ପୁତ୍ର ପ୍ରଦୀପ(୨୬) ଏବଂ ନାତି ସମ୍ବିତ(୭)। ଦୀର୍ଘଦିନ ହେବ କଳାକାରଙ୍କ ବୋହୂ ଘର ଛାଡି ଚାଲିଯାଇଛନ୍ତି। ପରିବାରରେ ଆୟ କଲା ଭଳି କେହି ନାହାଁନ୍ତି। ଦୁଃଖ କଷ୍ଟରେ ଜୀବନ ବିତିଯାଉଥିଲା। ସ୍ତ୍ରୀ ଉଦିଆଙ୍କ ଦେହ ଅସୁସ୍ଥ ହେବାରୁ ତାଙ୍କୁ ନିକଟସ୍ଥ ଛତାବର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତାଙ୍କ ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ନ ଆସିବାରୁ ତାଙ୍କୁ ଦେବଗଡ ଡାକ୍ତରଖାନା ନେବା ପାଇଁ ପରାମର୍ଶ ଦିଆଯାଇଥିଲା। ହେଲେ ଚିକିତ୍ସା ପାଇଁ ଅର୍ଥ ନଥିବା ଯୋଗୁଁ ଡାକ୍ତରଖାନା ନେବା ପରିବର୍ତ୍ତେ ଘରକୁ ଫେରାଇ ନେଇଥିଲେ। ଫଳରେ ଗତ ୭ତାରିଖରେ ଘରେ ଉଦିଆଙ୍କ ମୃତ୍ୟୁ ଘଟିଥିଲା। ସ୍ତ୍ରୀଙ୍କ ଦଶାହ କାର୍ଯ୍ୟ ପାଇଁ ଅର୍ଥ ଯୋଗାଡ କରି ନ ପାରି ବୃଦ୍ଧ କଳାକାର ଭାଙ୍ଗି ପଡିଥିଲେ। ଶେଷରେ ଅନ୍ୟ କିଛି ଉପାୟ ନ ପାଇଁ ସ୍ତ୍ରୀଙ୍କ ମୃତ୍ୟୁର ୭ମ ଦିନ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ତାଙ୍କ ପୁତ୍ର ଏବଂ ନାତିକୁ ସହଯୋଗ କରିବା ପାଇଁ ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେବାକୁ ଜନସାଧାରଣ ଦାବି କରିଛନ୍ତି।



ବିଧାୟକ ଧାରଣା ସ୍ଥଳରେ ପହଞ୍ଚି ଶିକ୍ଷକଙ୍କ ଏହି ଆନ୍ଦୋଳନକୁ ସମର୍ଥନ କରୁଛନ୍ତି।

# ୩ ଦଫା ଦାବିରେ ଶିକ୍ଷକ ସଂଘର ଧାରଣା

**ଦେବଗଡ଼,୧୪।୯ (ଶଶାଙ୍କ ଶେଖର ଝାଙ୍କର)**

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ମହାସଂଘର ଆହ୍ୱାନ କ୍ରମେ ୩ ଦଫା ଦାବିରେ ଦେବଗଡ ଜିଲା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ତିଳେଇବଣି, ରିଆମାଳ ଓ ବାରକୋଟ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଜିଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ତ୍ରିନାଥ ଖୁଣ୍ଟିଆଙ୍କ ନେତୃତ୍ୱରେ ଧାରଣା ଓ ଆନ୍ଦୋଳନ କରାଯାଇଥିବା ବେଳେ ତିଳେଇବଣି ବ୍ଲକରେ ବ୍ଲକ ଶିକ୍ଷକ ସଂଘ ସଭାପତି ଶରତ ଚନ୍ଦ୍ର ନାୟକ, ରିଆମାଳ ବ୍ଲକ ଶିକ୍ଷକ ସଂଘ ସଭାପତି ନିଳାଞ୍ଚଳ ପାତ୍ର ଓ ବାରକୋଟ ବ୍ଲକ ଶିକ୍ଷକ ସଂଘ ସଭାପତି ଫଗୁ ପାତ୍ର ନେତୃତ୍ୱ ନେଇଥିଲେ। ଏହି ଆନ୍ଦୋଳନରେ ହଜାରରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଶିକ୍ଷକ ସାମିଲ ହୋଇଥିଲେ। ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ତିଳେଇବଣି ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ଧାରଣା ସ୍ଥଳରେ ପହଞ୍ଚି ପ୍ରାଥମିକ ଶିକ୍ଷକଙ୍କ ଏହି ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ। ରାଜ୍ୟ ସରକାର ଦାବି ଗୁଡିକୁ ଅବିଳମ୍ବେ ପୂରଣ କରିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ।

## ବାଳିକା ଉଚ୍ଚ ବିଦ୍ୟାଳୟରେ ହିନ୍ଦୀ ଦିବସ




ପୁରସ୍କୃତ ହୋଇଥିବା କୃତୀ ପ୍ରତିଯୋଗୀ।

**ଦେବଗଡ, ୧୪।୯(ଶଶାଙ୍କ ଶେଖର ଝାଙ୍କର)**

ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧିନସ୍ଥ ଦେବଗଡ଼ ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ବଳମସ୍ଥିତ ପଞ୍ଚାୟତ ବାଳିକା ଉଚ୍ଚ ବିଦ୍ୟାଳୟରେ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ଭାର ପ୍ରାପ୍ତ ପ୍ରଧାନ ଶିକ୍ଷକ ଚୌଧୁରୀ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବଳମ ସରପଞ୍ଚ ଅମୃତି ନାଏକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ମୁଖ୍ୟ ବକ୍ତାଭାବେ ପ୍ରକୃତି ବନ୍ଧୁ ଲଳିତ ମୋହନ ସାହୁ, ଶିକ୍ଷକ ଦେବରାଜ ପ୍ରଧାନ, ଶିକ୍ଷୟିତ୍ରୀ ସୁଜାତା ପ୍ରଧାନ, ରଞ୍ଜିତା ପଣ୍ଡା, ପଙ୍କଜିନି ନାୟକ, ଶିବା ଭାରତୀ, ପ୍ରଭାସିନୀ ପ୍ରଧାନ ପ୍ରମୁଖ ହିନ୍ଦୀ ଭାଷାର ଗୁରୁତ୍ୱଉପରେ ଆଲୋଚନା କରିଥିଲେ। ନେହେରୁ ଯୁବ କେନ୍ଦ୍ରର ପ୍ରଦୀପ କୁମାର ବିଶ୍ୱାଳ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ପୁଙ୍ଖାନୁପଙ୍ଖ ଆଲୋଚନା କରିଥିଲେ। ଏହି ଅବସରରେ ଆୟଜିତ ବକ୍ତୃତା ପ୍ରତିଯୋଗିତାରେ ସବନମ ଖାତୁନ, ପୂର୍ଣ୍ଣିମା ସାହୁ, ଗୁଡି ନାୟକ, ଦେବକୀ ପଲ୍ ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ସଙ୍ଗୀତ ପ୍ରତିଯୋଗିତାରେ ଦୀପା କିଷାନ, ପ୍ରଜ୍ଞା ବେହେରା, ଅଙ୍କିତା ନାୟକ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକ ପୌଲସ୍ତି ଚରଣ ନାୟକ କାର୍ଯକ୍ରମ ପରିଚାଳନା କରିବା ସହିତ ଧନ୍ୟବାଦ୍ ଅର୍ପଣ କରିଥିଲେ। ସ୍ୱଚ୍ଛାସେବୀ ରଣଜିତ ପ୍ରଧାନ କାର୍ଯକ୍ରମରେ ସହଯୋଗ କରିଥିଲେ।

## ସ୍ଥାୟୀ ଜମି ପଟ୍ଟା ପ୍ରଦାନ ଦାବିରେ ଜିଲା କଂଗ୍ରେସର ଦାବି

**ଦେବଗଡ଼,୧୪।୯(ଶଶାଙ୍କ ଶେଖର ଝାଙ୍କର):** ଦେବଗଡ଼ ସହରର ବସ୍ତି ବାସିନ୍ଦା ଓ ଭୂମିହୀନ ପରିବାର ଗୁଡିକୁ ଘରଡିହ ସ୍ଥାୟୀ ପଟ୍ଟା ପ୍ରଦାନ ପାଇଁ ଜିଲା କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ସେହିପରି ଜିଲାର ଆଦିବାସୀଙ୍କୁ ଜଙ୍ଗଲ ଜମିର ସ୍ଥାୟୀ ପଟ୍ଟା ପ୍ରଦାନ ପାଇଁ ମଧ୍ୟ ଦାବି କରାଯାଇଛି। ଜିଲା କଂଗ୍ରେସ କମିଟି ସଭାପତି ସେମ ହେମ୍ବ୍ରମଙ୍କ ନେତୃତ୍ୱରେ ବହୁ ଦଳୀୟ ନେତା ଓ କର୍ମୀ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଏହି ମର୍ମରେ ଏକ ଦାବିପତ୍ର ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗଙ୍କୁ ପ୍ରଦାନ କରିଥିଲେ। ସ୍ମାରକପତ୍ର ପ୍ରଦାନ ସମୟରେ ନଗର କଂଗ୍ରେସ ସଭାପତି ରେବତୀ ମୋହନ ପଟ୍ଟନାୟକ, ସାଧାରଣ ସମ୍ପାଦକ ସାଗର ପ୍ରଧାନ, ରମେଶ ଚନ୍ଦ୍ର ପାତ୍ର, କୋଷାଧ୍ୟକ୍ଷ ଶ୍ରୀତମ ସାହୁ, ଜିଲା ଛାତ୍ର କଂଗ୍ରେସ ସଭାପତି ଆନନ୍ଦ କୁଲା, ସନ୍ତୋଷ ଉଦାବର ଓ ଦେବେନ୍ଦ୍ର ଗଡନାୟକଙ୍କ ସମେତ ବହୁ କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ଥିଲେ।

## ଅଚଳ ବିହନ ପ୍ରକ୍ରିୟାକରଣ ୟୁନିଟ୍ କାର୍ଯ୍ୟକ୍ଷମ ଦାବି

**ଦେବଗଡ଼,୧୪।୯(ଶଶାଙ୍କ ଶେଖର ଝାଙ୍କର):** ଦେବଗଡ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଅଚଳ ହୋଇ ପଡିଥିବା ବିହନ ପ୍ରକ୍ରିୟାକରଣ ୟୁନିଟକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ରାଜ୍ୟ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ସଚିବଙ୍କ ନିକଟରେ ଦାବି ଜଣାଇଛନ୍ତି। ପୂର୍ବତନ ଜିଲା ପରିଷଦ ସଦସ୍ୟ ତଥା ଅଗ୍ରଣୀ ଫଳଚାଷୀ ଓ କୃଷକ ନେତା ସନ୍ତୋଷ କୁମାର ସାହୁ ଭୁବନେଶ୍ୱର ଠାରେ ରାଜ୍ୟ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ସଚିବ ଅରବିନ୍ଦ ପାଢୀଙ୍କୁ ସାକ୍ଷାତ କରି ଲିଖିତ ଭାବେ ଏହି ଦାବି ଉପସ୍ଥାପନ କରିଥିଲେ। ସୂଚନାଯୋଗ୍ୟ ଯେ, ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରାୟ ୨୦ ବର୍ଷ ପୂର୍ବେ ଦେବଗଡ ଜିଲା ସଦର ମହକୁମାରେ ଥିବା ଜିଲା କୃଷି କାର୍ଯ୍ୟାଳୟରେ ଏକ ବିହନ ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ କରାଯାଇଥିଲା। ମାତ୍ର ଦୀର୍ଘ ୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ଏହି ୟୁନିଟ୍ ଅଚଳ ତଥା ଅବ୍ୟବହୃତ ହୋଇ ପଡିରହିଛି। ଫଳରେ ଜିଲାର ଚାଷୀ ସମ୍ବଲପୁରର କୁଚିଣ୍ଡାଠାରେ ଥିବା ବିହନ ପ୍ରକ୍ରିୟାକରଣ ୟୁନିଟ୍‌କୁ ଶସ୍ୟ ନେଇ ଯିବାକୁ ବାଧ ହେବାସହ ଅଯଥା ପରିବହନ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ତେଣୁ ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଅଚଳ ହୋଇ ପଡିଥିବା ବିହନ ପ୍ରକ୍ରିୟାକରଣ ୟୁନିଟ୍‌କୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ସାହୁ ତାଙ୍କ ଦାବିପତ୍ରଜରିଆରେନିବେଦନକରିଛନ୍ତି।

## ଶୋଭାଯାତ୍ରା କଟକଣାକୁ ବିରୋଧ

**ସମ୍ବଲପୁର,୧୪।୯(ବି.ଶଙ୍କର):** ସମ୍ବଲପୁର ସହରରେ ବିଭିନ୍ନ ଧାର୍ମିକ ଶୋଭାଯାତ୍ରା ଉପରେ ପ୍ରଶାସନିକ କଟକଣା ବିରୋଧରେ ଜନସନ୍ତୋଷ ତେଜିବାରେ ଲାଗିଛି। ଆଗକୁ ଦୁର୍ଗାପୂଜା ଆସୁଛି। ତେଣୁ ପ୍ରାଶାସନିକ ନିର୍ଦ୍ଦେଶନାମା ଉପରେ ପୁଣି ଥରେ ବିଚାର କରାଯାଉ ବୋଲି ସମ୍ବଲପୁର ସାର୍ବଜନୀନ ପୂଜା କମିଟି କର୍ମକର୍ତ୍ତା ଜିଲାପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ସମ୍ବଲପୁର ସହର ସମେତ ଆଖପାଖ ଅଞ୍ଚଳର ଗଣେଶ ପୂଜା, ବିଶ୍ୱକର୍ମା ପୂଜା, ଦୁର୍ଗା ପୂଜା କମିଟି ସଭ୍ୟମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଦାବିପତ୍ର ଦେବା ସହ ଶୋଭାଯାତ୍ରାକୁ ଅନୁମତି ଦେବାକୁ ଦାବି କରିଥିଲେ। ଯଦି ଆଗକୁ ଶୋଭାଯାତ୍ରା ଆୟୋଜନ ଉପରେ କଟକଣା ଲଗାଯାଏ ତେବେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଥିଲେ।

## ଆୟୁଷ୍ମାନ ଭବ କାର୍ଯ୍ୟକ୍ରମ ଉଦ୍‌ଘାଟିତ

**ଜମନକିରା,୧୪।୯ (ରବୀନ୍ଦ୍ର ପ୍ରସାଦ ଦାନି):** ଜମନକିରା ବ୍ଲକ ସମ୍ମିଳନୀ କକ୍ଷରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଭର୍ଚୁଆଲ ମାଧ୍ୟମରେ ବ୍ଲକସ୍ତରୀୟ ଆୟୁଷ୍ମାନଭବ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଆଶ୍ରିତା ଭୋଇ ଅଧ୍ୟକ୍ଷତା କରିଥିଲେ। ବିଡ଼ିଓ ପ୍ରସନ୍ନ ପଟେଲ, ବ୍ଲକ ଉପାଧ୍ୟକ୍ଷ ରୋହିତ ଭୋଇ, ମେଡିକାଲ ଅଫିସର ଡା. ଶରତ ଚନ୍ଦ୍ର ଦେହୁରି, ଜମନକିରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଆୟୁଷ ଡାକ୍ତର ଦିବ୍ୟରଞ୍ଜନ ବେହେରା, ଫାଶୀମାଲ ବିପିଏମ୍ ଜିତେନ୍ଦ୍ର ନନ୍ଦ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ଆସନ୍ତା ୧୭ରୁ ଅକ୍ଟୋବର ୨ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ବେଳେ ଜମନକିରା ବ୍ଲକ ଅଞ୍ଚଳରେ ସ୍ୱଚ୍ଛ ଭାରତ ଅଭିଯାନ, ସୁସ୍ଥ ଗାଁ ସୁସ୍ଥ ଭାରତ କାର୍ଯ୍ୟକ୍ରମ କରାଯିବା ନେଇ ବୈଠକରେ ସୂଚନା ଦିଆଯାଇଥିଲା। ପରେ ସମିତି ସଭାଗୃହରେ ତମାଖୁ ନିବାରଣ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ ଅନ୍ତର୍ଗତ ୨୧ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

## ବିଦ୍ୟୁତ୍ ଟ୍ରାନ୍ସଫର୍ମର ସ୍ଥାପନ ଦାବି

**ଦେବଗଡ଼,୧୪।୯(ଶଶାଙ୍କ ଶେଖର ଝାଙ୍କର):** ବିଦ୍ୟୁତ୍ ଟ୍ରାନ୍ସଫର୍ମର ସ୍ଥାପନ ଦାବିରେ ତିଳେଇବଣି ବ୍ଲକ ସୁଗୁଡା ପଞ୍ଚାୟତ ମଥୁରାଗଡ ଗ୍ରାମବାସୀ ଦେବଗଡ ବିଦ୍ୟୁତ ବିଭାଗ (ଟିପିଡବ୍ଲ୍ୟୁଓଡିଏଲ)ର ନିର୍ବାହୀ ଯନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଜିଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମଙ୍କ ନେତୃତ୍ୱରେ ଗ୍ରାମବାସୀ ଟିପିଡବ୍ଲ୍ୟୁଓଡିଏଲ କାର୍ଯ୍ୟାଳୟକୁ ଆସି ନିର୍ବାହୀ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ସହକାରୀ ଯନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଗ୍ରାମରେ ଏକ ନୂଆଁ ବିଦ୍ୟୁତ୍ ଟ୍ରାନ୍ସଫର୍ମର ସ୍ଥାପନ ପାଇଁ ଉକ୍ତ ପତ୍ରରେ ଉଲ୍ଲେଖ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଆଜିକୁ ପ୍ରାୟ ଦେଢମାସ ହେବ ଉକ୍ତ ଗ୍ରାମରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମରଟି ପୋଡିଯାଇଛି। ଫଳରେ ଗ୍ରାମବାସୀ ଅନ୍ଧାରରେ ରହୁଥିବାରୁ ସମସ୍ୟା ଭୋଗୁଛନ୍ତି। ଏନେଇ ଗ୍ରାମବାସୀ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା।

## କେଶାଇବାହାଲ କଲେଜରେ ରକ୍ତଦାନ ଶିବିର

**କୁଚିଣ୍ଡା,୧୪।୯(ବିରଞ୍ଚି ଦର୍ଭା):** ବାମରା ବ୍ଲକ କେଶାଇବାହାଲ ବାସୁଦେବ ଗୋଦାବରୀ ଡିଗ୍ରୀ କଲେଜରେ ୟୁଥ୍ ରେଡ୍‌କ୍ରସ ୟୁନିଟ୍ ଓ ବ୍ୟାଡ୍‌ମିଣ୍ଟନ ସଂଘର ମିଳିତ ଆନୁକୂଲ୍ୟରେ ବୁଧବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। କଲେଜ ଅଧ୍ୟକ୍ଷ ଦୟା ସାଗର ପ୍ରଧାନ, ଲକ୍ଷ୍ମୀ ପ୍ରସାଦ ମହାପାତ୍ର, କୁଚିଣ୍ଡା ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, ଜିଲାପରିଷଦ ସଭ୍ୟ ଅଜିତ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କୁଚିଣ୍ଡା ଡାକ୍ତରଖାନାର ବ୍ଲଡ୍‌ବ୍ୟାଙ୍କ ଟେକ୍ନିସିଆନ ପ୍ରମୋଦ ପଟେଲଙ୍କ ପରିଚାଳନାରେ ୩୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଏଥିରେ କଲେଜ ଅଧ୍ୟାପକ ଅଙ୍କିତ ଦାସ, ରାଜକୁମାର ନାଏକଙ୍କ ସମେତ ବହୁ ବ୍ୟକ୍ତି ରକ୍ତଦାନ କରିଥିଲେ। ଡିଗ୍ରୀ କଲେଜ ୟୁଥ୍ ରେଡ୍‌କ୍ରସ ସଂଯୋଜକ ହରେଶ ସାହୁ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## କମ୍ୟୁନିଟି ସେଣ୍ଟର ଉଦ୍‌ଘାଟିତ

**କୁଚିଣ୍ଡା,୧୪।୯(ବିରଞ୍ଚି ଦର୍ଭା):** କୁଚିଣ୍ଡା ସାମ୍ବାଦିକ ଭବନ ପରିସରରେ ନବନିର୍ମିତ କମ୍ୟୁନିଟି ସେଣ୍ଟରକୁ ବୁଧବାର କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ମଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସାମ୍ବାଦିକ ସଂଘ ସଭାପତି ବିରଞ୍ଚି ନାରାୟଣ ଦର୍ଭାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କୁଚିଣ୍ଡା ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, ଜିଲାପରିଷଦ ସଭ୍ୟ ଅଜିତ ମହାପାତ୍ର, ବିଡିଓ ନିରଞ୍ଜନ ସା, ଜିଲା ସାମ୍ବାଦିକ ସଂଘ ସଭାପତି ପ୍ରଭାତ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସାମ୍ବାଦିକ ସଂଘ ସଦସ୍ୟ ସଞ୍ଜୟ ମିଶ୍ର ଅତିଥି ଆମନ୍ତ୍ରଣ, ଶୁଶିଳ କର ସ୍ୱାଗତ ଭାଷଣ ଓ ତପନ ଦାସ ଧନ୍ୟବାଦ ଦେଇଥିଲେ। ଏଥିରେ ସଂଘର ସାଧାରଣ ସମ୍ପାଦକ ତନୟ ମହାପାତ୍ର, ପ୍ରକାଶ ଚନ୍ଦ୍ର ଶର୍ମା, ଦିନେଶ ନନ୍ଦ, ଦେବେନ୍ଦ୍ର ବେହେରା, ଅମୂଲ୍ୟ ମିଶ୍ର ସହଯୋଗ କରିଥିଲେ।

## ଅଭିଭାବକ ଆମ ଅଂଶୀଦାର କାର୍ଯ୍ୟକ୍ରମ




ଏସ୍‌ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି।

**ଜମନକିରା,୧୪।୯ (ରବୀନ୍ଦ୍ର ପ୍ରସାଦ ଦାନି):** ଜମନକିରା ବ୍ଲକ ବଡରମା ପଞ୍ଚାୟତ ଷଣ୍ଢପଥର ସରକାରୀ ଏସ୍‌ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବୁଧବାର ଅଭିଭାବକ ଆମ ଅଂଶୀଦାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍କୁଲର ଅଧ୍ୟକ୍ଷା ଜ୍ୟୋତିର୍ମୟୀ ଜ୍ୟୋତ୍ସ୍ନା ଦାଶ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ବଡରମା ସରପଞ୍ଚ ବିଜୟ କୁମାର ନାୟକ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସହକାରୀ ଶିକ୍ଷକ ସନ୍ତୋଷ କୁମାର ପ୍ରଧାନ ସଭା ପରିଚାଳନା କରିଥିଲେ। ପୂର୍ବରୁ ସ୍କୁଲ ନିର୍ଦ୍ଦେଶକ ମନୋଜ କୁମାର ନାୟକ, ଜିଲା ମଙ୍ଗଳ ଅଧିକାରୀ ଭାଗିରଥୀ ପଟେଲ, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ସୁବାସ ସାହୁ ପରିଦର୍ଶନ କରିଥିଲେ। ଅଧ୍ୟକ୍ଷା ବାର୍ଷିକ ବିବରଣୀ ପଠନ ଓ ସହକାରୀ ଶିକ୍ଷକ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି ବଡରମା ପଞ୍ଚାୟତ ଷଣ୍ଢପଥର ସରକାରୀ ସେବାଶ୍ରମ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍କୁଲର ପ୍ରଧାନ ଶିକ୍ଷକ ତୀର୍ଥରାଜ ପଟେଲ ଅଧ୍ୟକ୍ଷତା କରିଥିଲେ। ମନୋଜ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ମାତାପିତା କିପରି ପିଲାଙ୍କର ଭଲମନ୍ଦ ବିଷୟରେ ଅଧିକ ଜାଣିପାରିବେ ସେ ନେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ବଡରମା ସରପଞ୍ଚ ବିଜୟ କୁମାର ନାୟକ, ଜିଲା ମଙ୍ଗଳ ଅଧିକାରୀ ଭାଗିରଥୀ ପଟେଲ, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ସୁବାସ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବୈଠକର ଆବଶ୍ୟକତା ସମ୍ପର୍କରେ ଅଭିଭାବକଙ୍କୁ ବୁଝାଇଥିଲେ। ପ୍ରଧାନ ଶିକ୍ଷକ ପଟେଲ ବାର୍ଷିକ ବିବରଣୀ ପଠନ ଓ ସହକାରୀ ଶିକ୍ଷକ କାହ୍ନୁ ଚରଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଯୋଜନା ପ୍ରସାର ପାଇଁ କଳାକାର ଚୟନ

**ଜମନକିରା,୧୪।୯(ରବୀନ୍ଦ୍ର ପ୍ରସାଦ ଦାନି)**

ସମ୍ବଲପୁର ଜିଲା ଜମନକିରା ବ୍ଲକ ପ୍ରଶାସନ ପକ୍ଷରୁ ବୁଧବାର ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ପ୍ରଚାର ପ୍ରସାର ପାଇଁ କଳାକାର ଚୟନ କରାଯାଇଛି। ଏଥିରେ ଦଣ୍ଡ, ପାଲା, ଦାସକାଠିଆ ଏବଂ ଘୋଡ଼ା ନାଚ ଆଦି ୪ ବର୍ଗର କଳାକାରଙ୍କୁ ସାମିଲ ପାଇଁ ଧାର୍ଯ୍ୟ ହୋଇଛି। ବ୍ଲକରେ ଘୋଡ଼ାନାଚ କଳାକାର ନ ଥିବାରୁ ୩ ବର୍ଗର କଳାକାରଙ୍କୁ ଚୟନ କରାଯାଇଛି। ଏଥିରେ ଦଣ୍ଡ ନାଚ ୨, ପାଲା ୯ ଓ ଦାସକାଠିଆ ୧ଟି ଦଳ ସାମିଲ ହୋଇଥିଲେ। ମୋଟ ୧୨ ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ସମସ୍ତ ଦଳ ମନୋନୀତ ହୋଇଛନ୍ତି। ଚୟନ କର୍ତ୍ତା ଭାବେ ବ୍ଲକ କଳା ସଂସ୍କୃତି ସଂଘ ଉପସଭାପତି ଉମାକାନ୍ତ ଅର୍କ, ଜିଲା ପ୍ରଶିକ୍ଷଣ ପ୍ରାପ୍ତ କଳାକାର ସଭ୍ୟ ଜଗଦୀଶ ପ୍ରଧାନ, ଧରଣୀଧର ସାହୁ, ଏବିଡିଓ ରବୀନ୍ଦ୍ର ରଣା, ଆକାଉଣ୍ଟ ଅଫିସର ଋଷଭ ମାଝି ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ସୁରକ୍ଷା ଓ ସଶକ୍ତିକରଣ ଅଧିକାରୀ ରଞ୍ଜିତ କୁମାର ସାହୁ ପରିଚାଳନା କରିଥିଲେ।



ଫେରିଯାଉଥିବା ଚେରଙ୍ଗାମାଳ କଳାକାରମାନେ।

### ନିରାଶ ହୋଇ ଫେରିଲେ

ଚୟନ ଶିବିରକୁ ବ୍ଲକରେ ଥିବା କୃଷ୍ଣ ଗୁରୁ, ସମ୍ପ୍ରଦା ଆଦି ବର୍ଗର କଳାକାରମାନେ ୪ ଚକିଆ ଗାଡ଼ି କରି ଆସିଥିଲେ ମଧ୍ୟ ନିରାଶ ହୋଇ ଫେରିଯାଇଛନ୍ତି। ଗୁଣ୍ଡୁରୁଚୁଆଁ ପଞ୍ଚାୟତ ଚେରଙ୍ଗାମାଳ ଗାଁର ସମ୍ପ୍ରଦା କଳାକାର ପ୍ରଫୁଲ୍ଲ ସାହୁ, ଡମ୍ବରୁଧର କୁମୁରା, ଚନ୍ଦ୍ରଭାନୁ ପୃଷେଠ, ଈଶ୍ୱର ନାଏକ, କିଶୋର କାଲୋ, ରୁଦ୍ରେଶ୍ୱର ପୃଷେଠ କହିଥିଲେ, ୩ ହଜାର ଟଙ୍କା ଖର୍ଚ୍ଚ କରି ଗାଡ଼ି ନେଇ ଆସିଥିଲୁ। ହେଲେ ଚୟନ ପ୍ରକ୍ରିୟାରେ ଆମ ବର୍ଗକୁ ସାମିଲ କରାଯାଇ ନ ଥିବା ଜାଣି ଫେରିଯାଇଥିବା କହିଥିଲେ। ଅନ୍ୟ ବର୍ଗର କଳାକାର ମଧ୍ୟ ଫେରିଯାଇଥିବା ଜଣାପଡିଛି। ଏ ସମ୍ପର୍କରେ ବ୍ଲକ ସାମାଜିକ ସୁରକ୍ଷା ଓ ସଶକ୍ତୀକରଣ ଅଧିକାରୀ ରଞ୍ଜିତ କୁମାର ସାହୁ କହନ୍ତି, ସରକାରଙ୍କ ନିର୍ଦ୍ଦେଶ ହେଲେ ଅନ୍ୟ ବର୍ଗର କଳାକାରଙ୍କୁ ଏଥିରେ ସାମିଲ କରାଯିବ।

## ବାଇକ ଦୁର୍ଘଟଣାଗ୍ରସ୍ତ, ଆରୋହୀ ଗୁରୁତର

ଖପ୍ରାଖୋଲ,(ଅଭୟ ତ୍ରିପାଠୀ): ବଲାଙ୍ଗୀର ଜିଲା ଖପ୍ରାଖୋଲ-ଲାଠୋର ରାସ୍ତାର ବଡଗୁର୍ଜିଭଟା ଗାଁ ନିକଟରେ ଗୁରୁବାର ଅପରାହ୍ନରେ ଏକ ବାଇକ ଦୁର୍ଘଟଣାଗ୍ରସ୍ତ ହେବାରୁ ଚାଳକ ଗୁରୁତର ହୋଇଛନ୍ତି। ସେ ହେଲେ ତୁରେକେଲା ବ୍ଲକ ବଡତୁକୁଲା ଗ୍ରାମର ଟଙ୍କଧର ମାଝି(୩୫)। ତାଙ୍କୁ ସ୍ଥାନୀୟ ପୋଲିସ ଓ ଅଗ୍ନିଶମ ବାହିନୀ ଉଦ୍ଧାର କରି ଖପ୍ରାଖୋଲ ସିଏଚସି ଓ ପରେ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି।





ବଲାଙ୍ଗୀର ସହରର ମାଲପଡାଠାରେ ଘର ଭିତରୁ ପମ୍ପ ଲଗାଇ ବର୍ଷା ପାଣି ବାହାର କରାଯାଉଛି(ବାମ), ପାଟଣା ହୋଟେଲ ଛକ ମୁଖ୍ୟରାସ୍ତାରେ ବର୍ଷା ପାଣି ଲହଡି ମାରୁଛି(ମଝି), ତୁଳସୀନଗରଠାରେ ଘର ଭିତରୁ ଜଣେ ମହିଳା ପାଣି ବାହାର କରୁଛନ୍ତି।

# ଲଗାଣ ବର୍ଷାରେ ବଲାଙ୍ଗୀର ବେହାଲ୍

■ଗୋଟିଏ ଦିନରେ ସର୍ବାଧିକ ୨୧୫ ମିଲିମିଟର ବର୍ଷା ରେକର୍ଡ
■ମୁଖ୍ୟରାସ୍ତା, ଗଳିକନ୍ଦିରେ ଛୁଟିଲା ଡ୍ରେନ୍ ପାଣି
■ଘର ଭିତରେ ପାଣି ପଶିଯିବାରୁ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ
■ଅବ୍ୟବସ୍ଥିତ ଡ୍ରେନ୍ ସମସ୍ୟା ବଢ଼ାଉଛି ବର୍ଷା ବିପ୍ୱାତ
■ଜିଲାପାଳ, ପୌରାଧ୍ୟକ୍ଷା, ତହସିଲଦାର ସ୍ଥିତି ପରଖିଲେ
■ସ୍କୁଲ, କଲେଜ, ଅଙ୍ଗନୱାଡି ଛୁଟି ଘୋଷଣା

ବଲାଙ୍ଗୀର,୧୪।୯(ବୀରେନ୍ଦ୍ର କୁମାର ଝାଙ୍କର)

ବୁଧବାର ସନ୍ଧ୍ୟାରୁ ଆରମ୍ଭ ହୋଇଥିବା ଲଗାଣ ଏବଂ ଭୀଷଣ ବର୍ଷା ଗୁରୁବାର ମଧ୍ୟ ଜାରି ରହିଥିଲା। ଗୁରୁବାରବଲାଙ୍ଗୀରରେ ସର୍ବାଧିକ ୨୧୫ ମିଲିମିଟର ବୃଷ୍ଟିପାତ ରେକର୍ଡ କରାଯାଇଛି। ଲଗାଣ ବର୍ଷାରେ ବଲାଙ୍ଗୀର ସହର ଉବୁଟୁବୁ ହୋଇପଡିଛି। ବିଶେଷକରି ମାଲପଡା, ସତ୍ୟନାରାୟଣପଡା, ଠିକାଦାରପଡା, ଇଚ୍ଛାପଡା, ଶାସ୍ତ୍ରୀନଗର, ପ୍ୟାଲେସଲାଇନ୍, ଲକ୍ଷ୍ମୀଯୋର ଖଣ୍ଡି ଅଞ୍ଚଳ, ଉଦୟନଗର, ଗୁଗୁଡିପଡା, ସାଗରପଡା, ତୁଳସୀନଗର, ସାଲେପାଲି, କବାଟପଡା, ଖଇରାପଡା, ଲାଲଟିକ୍ରା, ବରପାଲିପଡା, ଆମ୍ପଡାରେ ଲୋକଙ୍କ ଘର, ଦୋକାନ ବଜାର ଏବଂ ସରକାରୀ ଅଫିସକୁ ଡ୍ରେନ୍ ପାଣି ପଶିଯିବାରୁ ସ୍ଥିତି ଅସମ୍ଭାଳ ହୋଇପଡିଥିଲା।

ସହରର ମାଲପଡାରେ ଅବସ୍ଥା ସାଂଘାତିକ ହୋଇପଡିଥିଲା। ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ଓ ଶରତ ମିଶ୍ରଙ୍କ ଘର ନିକଟରେ ପ୍ରାୟ ୬୦ଟି ଘରେ ପାଣି ପଶିଯାଇଥିଲା। ପ୍ରତାପ ସାଗର ବନ୍ଧରୁ ବାହାରିଥିବା ଡ୍ରେନ୍ ପାଣି ରେଲୱେ ଷ୍ଟେଶନ ମୁଖ୍ୟ ରାସ୍ତା କଡରେ ବିଷ୍ଣୁମୁଣ୍ଡା ନାଳ ପର୍ଯ୍ୟନ୍ତ ଯିବା କଥା। ମାତ୍ର ଏହି ଡ୍ରେନ୍‌ରେ ପାଣି ନିଷ୍କାସନ ହୋଇପାରୁ ନ ଥିବାରୁ ଡାକ୍ତର ସତ୍ୟନାରାୟଣ ସାହୁଙ୍କ



ମାଲପଡାଠାରେ ଜିଲାପାଳ, ପୌରାଧ୍ୟକ୍ଷା ଓ ଅନ୍ୟମାନେ ଆଲୋଚନା କରୁଛନ୍ତି।

ଘର ସମ୍ମୁଖ ଛକରୁ ମାଲପଡା ଯାଏ ଡ୍ରେନ୍ ପାଣି ରାସ୍ତା ଉପରେ ଛୁଟିଛି। ବର୍ଷ ବର୍ଷ ଧରି ଏହି ସମସ୍ୟା ଲାଗି ରହିଥିଲେ ମଧ୍ୟ ମ୍ୟୁନିସିପାଲିଟି କିମ୍ବା ପୂର୍ତ୍ତ ବିଭାଗ ସ୍ଥାୟୀ ସମସ୍ୟା ସମାଧାନ କରୁନାହିଁ। ଶରତ ମିଶ୍ରଙ୍କ ଘର ନିକଟରେ ଜଣେ ବ୍ୟକ୍ତି ନିଜର ରୟତି ଜମି ଦର୍ଶାଇ ପୂର୍ବରୁ ଲୋକେ ଚାଲୁଥିବା ରାସ୍ତାରେ ପାଚେରି ନିର୍ମାଣ କରିଥିବାରୁ ଡ୍ରେନ୍ ପାଣି ସୁଚାରୁରୂପେ ନିଷ୍କାସିତ ହୋଇ ପାରି ନ ଥିଲା। ଫଳରେ ଏଠାରେ ହୋହଲ୍ଲା ପରିସ୍ଥିତି ହୋଇଥିଲା। ସମସ୍ୟା ନେଇ ଅବଗତ ହେବା ପରେ ଜିଲାପାଳ ଚଞ୍ଚଳ ରାଣା, ପୌରାଧ୍ୟକ୍ଷା ଲିକା ସାହୁ, ନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ମିଶ୍ର, କାଉନସିଲର ମହେନ୍ଦ୍ର ବାଗ, ସନ୍ତୋଷ ଦନ୍ତା, ସନ୍ତୋଷିନୀ କୁଅଁର ସେଠାରେ ପହଞ୍ଚି ସ୍ଥିତି ତଦାରଖ କରିଥିଲେ। ମୁଖ୍ୟରାସ୍ତା କଡରେ ଡ୍ରେନ୍ ନିର୍ମାଣ କରିବାରୁ ଜିଲାପାଳ ରାଣା ନିର୍ଦ୍ଦେଶ ଦେଇଥିଲେ। ପ୍ୟାଲେସଲାଇନ୍ ବିଦ୍ୟୁତ୍ ଅଫିସ ନିକଟ ଡ. ଦେବେନ୍ଦ୍ରନାଥ ମିଶ୍ରଙ୍କ ଗଳିରେ ୩ ଫୁଟ୍ ପାଣି ଜମି ରହିଥିଲା। ପାଟଣା ହୋଟେଲ ଛକ ମୁଖ୍ୟରାସ୍ତାରେ ପାଣି ଯାଉଥିବାରୁ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା। ସେହିପରି ଲାଲଟିକ୍ରାଠାରେ ଭୀମ ଭୋଇ ମେଡିକାଲ କଲେଜ ଛକର ପାଟଣାଗଡ ରାସ୍ତା ଉପରେ ଏବଂ ଶାନ୍ତିପଡାରୁ ଲକିପାଲି ରାସ୍ତା ଉପରେ ପାଣି ପ୍ରବାହିତ ହେଉଥିଲା। ସାଲେପାଲି-କାମାକ୍ଷୀନଗର ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଥିଲା। ଏପରିକି ନିବୃତ୍ତି ଯୋର ପୋଲ ଉପରେ ପାଣି ପ୍ରବାହିତ ହୋଇଥିଲା। ଠିକାଦାରପଡା ଲକ୍ଷ୍ମୀଯୋର ତଳି ରାସ୍ତା ଉପରେ ୬ ଫୁଟ୍ ପାଣି ଯାଉଥିବାରୁ ଅବସ୍ଥା ସାଂଘାତିକ ହୋଇପଡିଥିଲା। ଲକ୍ଷ୍ମୀଯୋରରେ ଥିବା ଦୁଇଟି ଚେକ୍‌ଡ୍ୟାମ୍ ଗେଟ୍ ଖୋଲା ଯାଇ ନ ଥିବାରୁ ଏହି ସମସ୍ୟା ଉପୁଜିଥିବା କୁହାଯାଉଛି।

ଲଗାଣ ବର୍ଷାକୁ ଆଖି ଆଗରେ ରଖି ଗୁରୁବାର ଜିଲା ପ୍ରଶାସନ ପକ୍ଷରୁ ବଲାଙ୍ଗୀରର ସମସ୍ତ ସ୍କୁଲ, କଲେଜ, ଅଙ୍ଗନୱାଡି କେନ୍ଦ୍ର ଛୁଟି ଘୋଷଣା କରାଯାଇଥିଲା। ଜିଲା ପ୍ରଶାସନ, ମ୍ୟୁନିସିପାଲିଟି ଏବଂ ଓଡ୍ରାଫ୍ ଟିମ୍ ଲୋକଙ୍କୁ ସହାୟତା ଯୋଗାଇବାରେ ନିୟୋଜିତ ହୋଇଥିଲେ। ଇଚ୍ଛାପଡାଠାରେ ତଳି ଅଞ୍ଚଳର ପ୍ରାୟ ୬୦ ପରିବାରକୁ ଇଚ୍ଛାପଡା ସ୍କୁଲରେ ରଖି ରନ୍ଧା ଓ ଶୁଖିଲା ଖାଦ୍ୟ ଦିଆଯାଇଥିଲା। ଏହା ସହ ମାଲପଡା, ସାଲେପାଲି ସମେତ ଅନ୍ୟାନ୍ୟ ଜଳମଗ୍ନ ଅଞ୍ଚଳରେ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ସହରର ସମଲେଶ୍ୱରୀ ମନ୍ଦିର, ପାଟଣେଶ୍ୱରୀ ମନ୍ଦିର ଗୋପାଳଜୀ ମନ୍ଦିରରେ ବର୍ଷା ପାଣି ପଶିଯାଇଥିଲା। ପାଟଣେଶ୍ୱରୀ ଓ ସମଲେଶ୍ୱରୀ ପୀଠ ଭିତରକୁ ପାଣି ପଶିଯିବାରୁ ଶ୍ରଦ୍ଧାଳ ଦର୍ଶନ ବେଳେ ଅଡୁଆରେ ପଡିଥିଲେ। ପରେ ପମ୍ପ ସହାୟତାରେ ବର୍ଷା ପାଣି ବାହାର କରାଯାଇଥିଲା।

## ବର୍ଷାରେ ଭାଙ୍ଗିଲା ଘର, ସହାୟତା ଦାବି

ମୁରିବାହାଲ,୧୪।୯(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକର ବିଭିନ୍ନ ଅଞ୍ଚଳରେ ଲଘୁଚାପଜନିତ ବର୍ଷା ଗୋଗୁ ଗୁରୁବାର ଅନେକଙ୍କ କଚାଘର ଭାଙ୍ଗି ଯାଇଛି। ମାଲିସିରା ଗ୍ରାମର ଲେମ୍ବୁବତି ଛତର ଏବଂ ତାଙ୍କ ଦୁଇ ଭିନ୍ନକ୍ଷମ ଭଉଣୀଭାଇରହୁଥିବା ମାଟି ଘର ଭାଙ୍ଗିଯାଇଛି। ସେହିପରି ଚଲକି ଗ୍ରାମର କର୍ମି ବେନିଆଙ୍କ ଘରର ଗୋଟିଏ କାନ୍ଥ ଭାଙ୍ଗି ପଡିବାରୁ ସେ ବେସାହାରା ହୋଇପଡିଛନ୍ତି। ହଳଦୀ ପଞ୍ଚାୟତର ପଟାମରା ଗ୍ରାମର ଜଗବନ୍ଧୁ ହଂସ ଓ ନୀଲେଶ ହଂସଙ୍କ ମାଟିଘର ଭାଙ୍ଗି ପଡିଛି। ତହସିଲଦାର ସୋନାଲି ପାତ୍ର କହିଛନ୍ତି ଘର ଭାଙ୍ଗିଥିବା ପରିବାରକୁ ପଲିଥିନ ଯୋଗାଇବା ବ୍ୟବସ୍ଥା କରାଯାଇଛି। ପରବର୍ତ୍ତୀ ସହାୟତା ପାଇଁ ଜିଲାପାଳଙ୍କୁ ଅବଗତ କରାଯାଇଛି ବୋଲି ସେ କହିଛନ୍ତି।

## ମାଛ ଧରିବାକୁ ଯାଇ ୨ଭାସିଗଲେ

■ଉଦ୍ଧାର କରିବାକୁ ଯାଇ ଜଣେ ମୃତ
■ଭାସିଯାଇଥିବା ଜଣେ ଉଦ୍ଧାର, ଅନ୍ୟ ଜଣଙ୍କ ପତ୍ତା ମିଳୁନି

ଲୋଇସିଂହା,୧୪।୯(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଓ ଆଗଲପୁର ବ୍ଲକ ଅଞ୍ଚଳରେ ଲଗାଣ ବର୍ଷା ଲାଗି ରହିଛି। ଏଥିଯୋଗୁ ନଦୀ, ନାଳରେ ପାଣି ଆସିଛି। ଗୁରୁବାର ଆଗଲପୁର ବ୍ଲକ ଭରସୁଜା କୁହଲାରୀ ନାଳକୁ ମାଛ ଧରିବାକୁ ଯାଇଥିବା ବେଳେ ପ୍ରଖର ସ୍ରୋତରେ ଦୁଇଜଣ ଭାସି ଯାଇଥିଲେ। ସେମାନଙ୍କୁ ଉଦ୍ଧାର କରିବାକୁ ଯାଇ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ପିପିଲିପାଲି ଗ୍ରାମର ଗୋଲଖ ପୋଢ(୪୮)। ଅଗ୍ନିଶମ ବାହିନୀ ଭାସି ଯାଇଥିବା ରଜନୀ ପୋଢଙ୍କୁ ଉଦ୍ଧାର କରିଥିବାବେଳେ ପ୍ରମୋଦ ପୋଢ(୩୨)ଙ୍କ ପତ୍ତା ମିଳୁନି। ସ୍ଥାନୀୟ ଅଗ୍ନିଶମ ବାହିନୀ ଓ ବଲାଙ୍ଗୀର ଓଡ୍ରାଫ ଟିମ୍ ଖୋଜାଖୋଜି ଜାରି ରଖିଛନ୍ତି।

ଭରସୁଜା ପଞ୍ଚାୟତ ପିପିଲିପାଲିର ଗୋଲଖ, ରଜନୀ ଓ ପ୍ରମୋଦ କୁହଲାରୀ ନାଳର ରେଢା ଚେକଡ୍ୟାମକୁ ମାଛ ଧରିବାକୁ ଯାଇଥିଲେ। ମାଛ ଧରୁଥିବା ବେଳେ ରଜନୀ ଓ ପ୍ରମୋଦ ପାଣିସୁଅରେ ଭାସି ଯାଉଥିଲେ। ଗୋଲଖ ସେମାନଙ୍କୁ ଉଦ୍ଧାର ପାଇଁ ପାଣିକୁ ଡେଇଁ ପଡିଥିଲେ। ହେଲେ ସେ ମଧ୍ୟ ପାଣିସୁଅରେ ଭାସିଯାଇଥିଲେ। ଲୋଇସିଂହା-ପଦ୍ମପୁର ରାସ୍ତାର ଭରସୁଜା ପୋଲ ଉପରେ ବନ୍ୟାପାଣି ଏବଂ ମାଛଧରା ଦୃଶ୍ୟ ଦେଖୁଥିବା କେତେଜଣ ଲୋକ ଏବଂ ମା'ଛେଳିଆପାଟ ସଂଗଠନର ସଦସ୍ୟ ଏନେଇ ଆଗଲପୁର ଅଗ୍ନିଶମ ବିଭାଗ, ପୋଲିସ ଏବଂ ତହସିଲଦାରଙ୍କୁ ଅବଗତ କରିଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ପ୍ରଥମେ ଗୋଲଖଙ୍କୁ ମୃତ ଅବସ୍ଥାରେ ପାଣିରୁ ଉଦ୍ଧାର କରିଥିଲା। ସୌଭାଗ୍ୟକୁ କୂଳରେ ଲାଗିଥିବା ରଜନୀଙ୍କୁ ଉଦ୍ଧାର କରାଯାଇଥିଲା। ତାଙ୍କୁ ଆଗଲପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଘରକୁ ପଠାଇ ଦିଆଯାଇଛି। ପ୍ରମୋଦଙ୍କ ପତ୍ତା ମିଳିନାହିଁ। ବଲାଙ୍ଗୀରୁ ଓଡ୍ରାଫ ଟିମ ସ୍ଥାନୀୟ ଅଗ୍ନିଶମ ବାହିନୀ ସହ ଖୋଜାଖୋଜି ଜାରି ରଖିଛନ୍ତି। ଖବର ପାଇ ବିଜେଡି ଯୁବନେତା ନିହାର ରଞ୍ଜନ ବେହେରା, ଜିଲା ଯୁବ କଂଗ୍ରେସ ସଭାପତି ଗଣେଶ ସାହୁ ଘଟଣାସ୍ଥଳ ଏବଂ ଡାକ୍ତରଖାନା ଯାଇ ଗୁରୁତରଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ, ମୃତକଙ୍କ ପରିବାର ବର୍ଗକୁ ସମବେଦନା ଜଣାଇଥିଲେ। ମୃତକଙ୍କ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ତହସିଲଦାର ସରୋଜା ବେହେରାଙ୍କ ନିକଟରେ ଉଭୟ ଯୁବନେତା ଦାବି କରିଛନ୍ତି। ଆଗଲପୁର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଲାଙ୍ଗୀର ପଠାଇଛି।

## ଫସଲ ଉଜୁଡ଼ିଲା, ଭାଙ୍ଗିଲା ଘର



ନୂଆଁପାଲି ପୋଲ ଉପରେ ପାଣି ପ୍ରବାହିତ ହେବାରୁ ଯୋଗଯୋଗ ବିଚ୍ଛିନ୍ନ ହୋଇଛି।

ଦେଓଗାଁ,୧୪।୯(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

**ରାସ୍ତା ଉପରେ ପାଣି, ଯୋଗାଯୋଗ ବିଚ୍ଛିନ୍ନ**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ଲଗାଣ ବର୍ଷାରେ ଫସଲ ଉଜୁଡିବା ସହ କେତେକ ରାସ୍ତା ବିଚ୍ଛିନ୍ନ ହୋଇଛି। ଅନେକ ଗାଁରେ ଥିବା କଚାଘର ଭାଙ୍ଗିଯାଇଛି। ଦେଓଗାଁ ଜରାସିଂହା ଫାଟକ ନିକଟ ପୋଲ ଭାଙ୍ଗି ରାସ୍ତା ବିଚ୍ଛିନ୍ନ ହୋଇଛି। ଜରାସିଂହାରୁ ସାଲେପାଲି, ଡଡାରରୁ ନୂଆଁପାଲି, ମୁରସିଂରୁ ସିକୁଆଁ ରାସ୍ତାରେ ୫ ଫୁଟ ପାଣି ପ୍ରବାହିତ ହେଉଥିବାରୁ ସମ୍ପୃକ୍ତ ପଥରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। କୁଲୁତାପଡା-ସିଂହାଟିମାଲ ରାସ୍ତାରେ ବନ୍ୟାପାଣି ମାଡିଯିବାରୁ ମୁଖ୍ୟ କାର୍ଯ୍ୟାଳୟକୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ସେହିପରି ବ୍ଲକର ବିଭିନ୍ନ ଗାଁରେ ଧାନ ଓ ପନିପରିବା ଚାଷ ପ୍ରଭାବିତ ହୋଇଥିବା ଚାଷୀମାନେ ଅଭିଯୋଗ କରଛନ୍ତି। ରାଜସ୍ୱ କର୍ମଚାରୀ କ୍ଷୟକ୍ଷତି ଆକଳନ କରି ରିପୋର୍ଟ ଦେବାପାଇଁ କୁହାଯାଇଥିବା ତହସିଲଦାର ଯୁଗଳ କିଶୋର ବିଶ୍ୱାଳ କହିଛନ୍ତି।

## ଖପ୍ରାଖୋଲ: ଜନଜୀବନ ଅସ୍ତବ୍ୟସ୍ତ

ଖପ୍ରାଖୋଲ,୧୪।୯(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ବୁଧବାର ରାତିରୁ ପ୍ରବଳ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଧଣ୍ଡାମୁଣ୍ଡା ହରିଶଙ୍କର ରାସ୍ତାର ବେନେକେରା ସୁଖାଯୋର୍ ନାଳ ପୋଲ ଉପରେ ପାଣି ପ୍ରବାହିତ ହେବାରୁ ଯାତାୟାତ ବନ୍ଦ ହୋଇଯାଇଥିଲା। ସେହିପରି ଡୁଡୁକିପଦର କର୍ଲାମାଲ ରାସ୍ତାରେ ପାଣି ପ୍ରବାହିତ ହୋଇଥିବା ଦେଖାଯାଇଥିଲା। ବର୍ଷା ଯୋଗୁଁ ଚାଷ ଜମି ଜଳମୟ ହୋଇଯାଇଛି। ରାଜସ୍ୱ ବିଭାଗ ଓ ଅଗ୍ନିଶମ ବିଭାଗ ଏହାର ମୁକାବିଲା ପାଇଁ ସଜାଗ ଥିବା ଖପ୍ରାଖୋଲ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର ପ୍ରକାଶ କରିଛନ୍ତି।

## ସଇଁତଳା- ଟିକ୍ରାପଡ଼ା ଯୋଗାଯୋଗ ବିଚ୍ଛିନ୍ନ

ସଇଁତଳା,୧୪।୯(ରାଖାଲ ପ୍ରସାଦ ଶତପଥି)

ବୁଧବାର ସନ୍ଧ୍ୟାରୁ ଲଗାଣ ବର୍ଷା ଯୋଗୁ ସଇଁତଳା ଓ ଆଖପାଖ ଅଞ୍ଚଳରେ ଥିବା ନଦୀ, ନାଳରେ ବନ୍ୟାପାଣି ଆସିଛି। ସଇଁତଳା ହାଟପଦାଠାରେ ବର୍ଷା ପାଣି ନିଷ୍କାସିତ ହୋଇ ନ ପାରି ଜମି ରହିଛି। ବ୍ଲକ ନିକଟରେ ଗଛ ପଡ଼ି ରାସ୍ତା ଅବରୋଧ ହୋଇଥିଲା। ସଇଁତଳା ଅଗ୍ନିଶମ ବିଭାଗ ଆସି ଗଛ କାଟିବାରୁ ଯାତାୟାତ ସ୍ୱାଭାବିକ ହୋଇଥିଲା। ସଇଁତଳରୁ ଟିକ୍ରାପଡ଼ା ଯାଇଥିବା ରାସ୍ତାର ବ୍ରାହ୍ମଣୀ ଗ୍ରାମ ନିକଟ ବିଜୁଳି ନାଳ ଉପରେ ୩ଫୁଟର ବନ୍ୟାଜଳ ପ୍ରବାହିତ ହେଉଛି। ଭୂତଲ ରେଳ ପୋଲରେ ପାଣି ଜମିରହିଥିବାରୁ କେରମେଲି ପଞ୍ଚାୟତର ସାନଦାସମୁଣ୍ଡା ଓ ବିବିନା ପଞ୍ଚାୟତର ଛକୋରବାଂଜି ଗ୍ରାମବାସୀ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି।



ବିଜୁଳି ନାଳ ଉପରେ ବନ୍ୟାପାଣି ପ୍ରବାହିତ ହେଉଛି।

## ଜଳମଗ୍ନ ହେଲା ଲୋୟର ସୁକ୍‌ତେଲ ଥଇଥାନ କଲୋନି

ବଲାଙ୍ଗୀର,୧୪।୯(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲାର ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ ଯୋଗୁଁ ବିସ୍ଥାପିତ ହୋଇଥିବା ସହସ୍ରାଧିକ ଲୋକ ଏବେ ଝାଙ୍କରପାଲି, ଗେଡାବାଞ୍ଜି, କୁସ୍‌ମେଲ ଥଇଥାନ କଲୋନୀରେ ରହୁଛନ୍ତି। ବୁଧବାରଠାରୁ ଆରମ୍ଭ ହୋଇଥିବା ଲଗାଣ ବର୍ଷା ଯୋଗୁ ଥଇଥାନ କଲୋନୀରେ ବିସ୍ଥାପିତଙ୍କ ଅବସ୍ଥା ସାଂଘାତିକ ହୋଇ ପଡ଼ିଛି। ଅସ୍ଥାୟୀ ଟିଣ ଘର ଭିତରେ ବର୍ଷା ପାଣି ପଶିଯିବାରୁ ଲୋକେ ଅସୁବିଧାରେ ପଡ଼ିଥିଲେ। ଛୋଟିଆ ଟିଣଘର ଭିତରେ ଯାହା ସାମଗ୍ରୀ ଥିଲା ସବୁ ଭିଜି ଯାଇଥିଲା। ଗୁରୁବାର ସକାଳୁ ମଧ୍ୟ ଭୀଷଣ ବର୍ଷା ଜାରି ରହିଥିଲା। ନିକଟସ୍ଥ ଜଙ୍ଗଲରୁ କ୍ଷୀପ୍ର ଗତିରେ ବର୍ଷାଜଳ ନାଳରେ ଆସିବାରୁ ସୁକ୍‌ତେଲ କଲୋନୀର ବର୍ଷାଜଳ ନିଷ୍କାସିତ ହୋଇପାରି ନ ଥିଲା। ଫଳରେ ଥଇଥାନ କଲୋନୀର ଅଧିକାଂଶ ଟିଣଘର ଜଳମଗ୍ନ ହୋଇଯାଇଥିଲା। ଲୋକେ ବୁଧବାର ରାତିରୁ ଶୋଇ ନାହାନ୍ତି। ନିମ୍ନମାନର ଟିଣଘର, ଅସୁସ୍ଥକର ପରିବେଶ ଏବଂ ସ୍ଥାୟୀ ରହିବା ବ୍ୟବସ୍ଥା ନଥାଇ ଅକସ୍ମାତ୍ ବିସ୍ଥାପନ ବୁଡିଅଞ୍ଚଳର ସହସ୍ରାଧିକ ଲୋକଙ୍କୁ ଅଡୁଆ ସ୍ଥିତିରେ ପକାଇଛି। କୌଣସି ଅଧିକାରୀ କି କର୍ମଚାରୀ ସ୍ଥିତି ତଦାରଖ ପାଇଁ ଆସି ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ଲୋୟର ସୁକତେଲ ଯନ୍ତ୍ରୀଙ୍କ ମନମୁଖୀ କାର୍ଯ୍ଣ ଓ ନିମ୍ନମାନର କାର୍ଯ୍ୟ ଯୋଗୁଁ ବିସ୍ଥାପିତ ଲୋକମାନେ ବିସ୍ଥାପିତ ହେବା ଦିନଠାରୁ ଅସୁବିଧା ଭୋଗ କରୁଛନ୍ତି । ଏବେ ଜଳବନ୍ଦୀ ଜୀବନରେ ସେମାନେ ରନ୍ଧା କାର୍ଯ୍ୟ କରି ନ ପାରି ଭୋକ ଉପାସରେ ରହିଥିବା ଜଣାଇଛନ୍ତି। ଗୁରୁବାର ସୁକ୍‌ତେଲ ପ୍ରକଳ୍ପର କେତେକ କର୍ମଚାରୀ ସ୍ଥିତି ତଦାରଖ କରିବାକୁ ପହଞ୍ଚିଥିବା ଜଣାପଡିଛି।



ଝାଙ୍କରପାଲିସ୍ଥିତ ଲୋୟର ସୁକ୍‌ତେଲ ଥଇଥାନ କଲୋନି ବର୍ଷାରେ ଉବୁଟୁବୁ।

## ବର୍ଷା ପ୍ରଭାବିତ ତେଣ୍ଡିପାଲିରେ ଖାଦ୍ୟ ବଣ୍ଟିଲା କଂଗ୍ରେସ



ବଷା ପ୍ରଭାବିତ ଲୋକଙ୍କୁ ଜିଲା କଂଗ୍ରେସ ଏସସି ସେଲ ପକ୍ଷରୁ ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଉଛି।

ବଲାଙ୍ଗୀର,୧୪।୯(ବୀରେନ୍ଦ୍ର କୁମାର ଝାଙ୍କର)

ଲଗାଣ ବର୍ଷାରେ ପୁଇଁତଳା ବ୍ଲକ ଛତାପିପିଲ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ତେଣ୍ଡିପାଲି ଗାଁ ପ୍ରଭାବିତ ହୋଇଥିଲା। ଖବର ପାଇବା ପରେ ବଲାଙ୍ଗୀର ଜିଲା କଂଗ୍ରେସ ଏସ୍‌ସି ସେଲ ଅଧକ୍ଷ ଓମ୍ ପ୍ରକାଶ କୁମ୍ଭାର ଓ ଶୁଭ୍ରାଂଶୁ ଶେଖର ପଣ୍ଡା ଉକ୍ତ ଗାଁରେ ପହଞ୍ଚି ପ୍ରଭାବିତ ଲୋକଙ୍କୁ ଲୋକଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। ଅପରପକ୍ଷରେ ଖବର ପାଇ ପୁଇଁତଳା ତହସିଲଦାର ରୋହିତ ଭୋଇ ଓ ବିଡିଓ ଅମରେନ୍ଦ୍ର ସ୍ୱାଇଁ ଗାଁରେ ପହଞ୍ଚି ପ୍ରଭାବିତ ଲୋକଙ୍କୁ ଅସ୍ଥାୟୀ ଭାବେ ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟରେ ରଖିଥିଲେ। ଏହା ସହିତ ଆବଶ୍ୟକ ସାହଯ୍ୟ ସହଯୋଗ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଘର ଭାଙ୍ଗିଥିବା ଲୋକଙ୍କୁ ତୁରନ୍ତ ଘର ଯୋଗାଇ ଦେବା ଓ ପ୍ରଭାବିତ ଲୋକଙ୍କୁ ଉପଯୁକ୍ତ ସହାୟତା ଶୀଘ୍ର ପ୍ରଦାନ କରିବା ପାଇଁ ତହସିଲଦାର ଓ ବିଡିଓଙ୍କ ନିକଟରେ ଦାବି କରାଯାଇଥିଲା।

**ସମଲେଶ୍ୱରୀ କଲ୍ୟାଣ ମଣ୍ଡପ ଲୋକାର୍ପିତ**

ବରଗଡ଼,(ପ୍ରେମାନନ୍ଦ ଖମାରୀ): ବରଗଡ଼ ବ୍ଲକ ବନ୍ଦା ଗ୍ରାମରେ ଗୁରୁବାର ଡବ୍ଲ୍ୟୁଓଡ଼ିସି ପାଣ୍ଠିରେ ନିର୍ମିତ ଏକ କଲ୍ୟାଣ ମଣ୍ଡପ ମୁଖ୍ୟ ଅତିଥି ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ଦ୍ୱାରା ଲୋକାର୍ପିତ ହୋଇଛି। ବରିଷ୍ଠ ନାଗରିକ ସୁରଥ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, ବରଗଡ଼ ଟାଉନ ବିଜେଡି ସଭାପତି କିଶୋର ମିଶ୍ର, ଅକ୍ଷୟ ରାୟ, କିରନ ପ୍ରଧାନ, ସରପଞ୍ଚ ଚକ୍ର ପ୍ରଧାନ, ଅର୍ଜୁନ ବାରିକ, ସନ୍ତୋଷ ସାହୁ, ମାନ୍ଧାତା ଦାସ, ଜୟ ମଙ୍ଗଳ ଦାସ ସମ୍ମାନିତ ଅତିଥି ଥିଲେ।

# ଉଧାର ଟଙ୍କା ମାଗିବାରୁ ହତ୍ୟା

**ଯୁବତୀଙ୍କ ଗଳାକ୍ଟି ହତ୍ୟା ଘଟଣାର ପର୍ଦ୍ଦାଫାଶ**

- ଫେସବୁକରୁ ଗଢ଼ି ଉଠିଥିଲା ବନ୍ଧୁତା
- ନଦୀପଠାକୁ ଫିଙ୍ଗି ଦେଇଥିଲେ ମୃତଦେହ



ଘଟଣାସ୍ଥଳରେ ପୋଲିସର ସିନ୍ ରିକ୍ରିଏଶନ ଚାଲିଛି।

ବରଗଡ଼,୧୪।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଭଟଲି ଥାନା ଅଧୀନ ଭଡିଗାଁ ଏବଂ ସୋହେଲା ବ୍ଲକ ଅଧୀନ ଶ୍ରୀଗିଡା ଗ୍ରାମ ଦେଇ ପ୍ରବାହିତ ଜିରା ନଦୀ ପୋଲ ଉପରେ ଗତ ୫ତାରିଖ ବିଳମ୍ବିତ ରାତିରେ ସମ୍ବଲପୁର ଜିଲା ବୁର୍ଲା କଣ୍ଟ୍ରାକ୍ଟର କଲୋନୀର ଯୁବତୀ ଶିଳା ବେହେରା (୪୦)ଙ୍କୁ ହତ୍ୟା ଘଟଣାର ପର୍ଦ୍ଦାଫାସ ହୋଇଛି। ଭଟଲି ଥାନା ପୋଲିସ ଏହି ହତ୍ୟାକାଣ୍ଡର ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ପଦ୍ମପୁର ଉପଖଣ୍ଡ ପୁରେନା ଗ୍ରାମର ମୂଳ ବାସିନ୍ଦା ତଥା ବର୍ତ୍ତମାନ ବରଗଡ଼ ସଦର ଥାନା ପଥର୍ଲା ଗ୍ରାମର ଏକ ଭଡାଘରେ ରହୁଥିବା ଗୋପୀନାଥ ସାହୁ(୪୨)। ସେ ପେଶାରେ ଜଣେ ଡ୍ରାଇଭର ଓ ବିବାହିତ ହୋଇଥିବା ବେଳେ ପଥର୍ଲାରେ ଭଡାଘରେ ସପରିବାର ରହୁଛନ୍ତି। ଭଟଲି ଥାନା ପୋଲିସ ଗିରଫ ଅଭିଯୁକ୍ତଙ୍କ ବିରୋଧରେ ଦଫା ୩୦୨, ୩ଏସସିଏସଟି ପି.ଏ. ଆକ୍ଟରେ ଏକ ମାମଲା (ନଂ.୨୦୬/୨୩) ରୁଜୁ କରିଛି। ଗିରଫ ଅଭିଯୁକ୍ତଙ୍କୁ ଗୁରୁବାର ବରଗଡ଼ କୋର୍ଟକୁ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ସ୍ଥାନୀୟ ସବଜେଲ ହାଜତକୁ ପଠାଇ ଦିଆଯାଇଛି। ସେହିପରି ହତ୍ୟାକାଣ୍ଡରେ ବ୍ୟବହୃତ ଛୁରି, ବାଇକକୁ ପୋଲିସ ଜବତ କରିଛି ।

ବରଗଡ଼ ଏସଡିପିଓଙ୍କ ଅଫିସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ତପନ କୁମାର ମହାନ୍ତି ସୂଚନା ଦେଇ କହିଥିଲେ, ଗତ ମାର୍ଚ୍ଚ ମାସରୁ ଯୁବତୀ ଶିଳା ଏବଂ ଅଭିଯୁକ୍ତ ଗୋପୀନାଥଙ୍କ ମଧ୍ୟରେ ଫେସବୁକରୁ ବନ୍ଧୁତା ଗଢି ଉଠିଥିଲା। ଫେସବୁକ ଚାଟିଂରେ ଉଭୟଙ୍କ ସମ୍ପର୍କ ନିବିଡ଼ ହୋଇଥିଲା। ପରସ୍ପର ମଧ୍ୟରେ ବିଶ୍ୱାସ ଜାତ ହେବା ପରେ ଗୋପୀନାଥ ଶିଳାଙ୍କଠାରୁ ୧୮ହଜାର ଟଙ୍କା ଉଧାର ନେଇଥିଲେ। ଟଙ୍କା ଫେରାଇବା ପାଇଁ ଶିଳା ବାରମ୍ବାର ଗୋପୀନାଥଙ୍କୁ କହିଥିଲେ। ଏହାସତ୍ତ୍ୱେ ସେ ଧାର ଟଙ୍କା ଫେରାଇ ନ ଥିଲେ ଏବଂ ତାକୁ ନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ମଧ ହୋଇଥିଲା। ସମୟାନୁକ୍ରମେ ଉଭୟଙ୍କ ମଧ୍ୟରେ ବନ୍ଧୁତା ଜାରି ରହିଥିଲା। ତେବେ ଗତ ୫ତାରିଖ ରାତିରେ ଉଭୟେ ଏକ ହୋଟେଲରେ ଭୋଜନ କରିଥିଲେ ଏବଂ ଭୋଜନ ସାରିବା ପରେ ଗୋପୀନାଥ ପୂର୍ବ ଯୋଜନା ମୁତାବକ ଶିଳାଙ୍କୁ ବାଇକ୍ ଯୋଗେ ଭଟଲି ଥାନା ଅନ୍ତର୍ଗତ ଭଡିଗାଁ ଏବଂ ସୋହେଲା ବ୍ଲକ ଅନ୍ତର୍ଗତ ଶ୍ରୀଗିଡା ରାସ୍ତାରେ ଆଣିଥିଲେ। ସେ ଜିରା ନଦୀ ପୋଲରେ ଅଟକିଥିଲେ ଏବଂ ସେଠାରେ ଏକ ଧାରୁଆ ଛୁରି ବାହାର କରି ଶିଳାଙ୍କ ଗଳାକାଟି ହତ୍ୟା କରିଥିଲେ। ହତ୍ୟା ପରେ ସେ ମୃତଦେହ ଏବଂ ବ୍ୟବହୃତ ଛୁରିକୁ ନଦୀପଠାକୁ ଫିଙ୍ଗି ଦେଇ ବାଇକ୍ ଯୋଗେ ଫେରାର୍ ହୋଇଯାଇଥିଲେ ।

ଗତ ୬ତାରିଖ ସକାଳେ ଘଟଣାସ୍ଥଳରୁ ଯୁବତୀଙ୍କ ମୃତଦେହ ମିଳିଥିଲା। ପ୍ରଥମେ ଯୁବତୀଙ୍କ ପରିଚୟ ମିଳି ପାରି ନ ଥିବାରୁ ହତ୍ୟାକାଣ୍ଡ ପୋଲିସ ପାଇଁ ଚ୍ୟାଲେଞ୍ଜ ହୋଇ ପଡିଥିଲା ବୋଲି ଅତିରିକ୍ତ ଏସ୍‌ପି ମହାନ୍ତି କହିଛନ୍ତି। ଏଥିପାଇଁ ବରଗଡ଼ ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ୨ଟି ଟିମ୍ ଗଠନ କରାଯାଇଥିଲା। ମୃତ ଯୁବତୀଙ୍କ ପରିଚୟ ମିଳିବା ପରେ ପୋଲିସର ତଦନ୍ତ ବିଭିନ୍ନ ଦିଗକୁ ନେଇ ଆଗେଇଥିଲା। ତଦନ୍ତ ସମୟରେ ହତ୍ୟାକାଣ୍ଡରେ ଗୋପୀନାଥଙ୍କ ସମ୍ପୃକ୍ତି ଥିବା ଜଣାପଡିଥିଲା। ଫଳରେ ତାଙ୍କୁ ଧରିବା ପାଇଁ ପୋଲିସ ତନାଘନା ଚଳାଇଥିଲା ଏବଂ ଗୁରୁବାର ବିଜେପୁରରୁ ତାଙ୍କୁ ଗିରଫ କରାଯାଇଥିବା ଅତିରିକ୍ତ ଏସ୍‌ପି ମହାନ୍ତି ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଏସଡିପିଓ ତ୍ରିପାଠୀଙ୍କ ସମେତ ଭଟଲି ଥାନା ଆଇଆଇସି ବିଭୁତି ଭୂଷଣ ଦଲେଇ ଉପସ୍ଥିତ ଥିଲେ। ପ୍ରକାଶଥାଉକି, ନଦୀପଠାରୁ ଯୁବତୀଙ୍କ ମୃତଦେହ ଉଦ୍ଧାର ହେବା ସମୟରେ ଏକ ମନିପର୍ସ ମଧ୍ୟ ମିଳିଥିଲା। ସେଥିରୁ ବସ ଟିକେଟ, ଏଟିଏମ କାର୍ଡ ଆଦି ମିଳିଥିଲା। ଯୁବତୀଙ୍କ ପରିଚୟ ମିଳିବା ପରେ ଏଟିଏମ କାର୍ଡ ପୋଲିସ ତଦନ୍ତରେ ସହାୟକ ହୋଇଥିଲା। ପରିଚୟ ଜଣାପଡିବା ପରେ ମୃତ ଯୁବତୀଙ୍କ ଭିଣୋଇ ଛବିନ ଷଣ୍ଢ ଏ ନେଇ ଏତଲା ଦେଇଥିଲେ। ତାଙ୍କ ଏତଲାକୁ ଭିତ୍ତି କରି ପୋଲିସ ମାମଲା ରୁଜୁ କରି ତାଙ୍କୁ ଗିରଫ କରିଥିଲା। ଗୁରୁବାର ଅଭିଯୁକ୍ତଙ୍କୁ ନେଇ ପୋଲିସ ସିନ୍ ରିକ୍ରିଏଶନ କରିଥିଲା। ଏହାପରେ ତାଙ୍କୁ କୋର୍ଟଚାଲାଣ କରାଯାଇଥିଲା।

## ସଂକ୍ଷେପରେ

### ପ୍ରବଳ ବର୍ଷା, ଜନଜୀବନ ଅସ୍ତବ୍ୟସ୍ତ, ଚାଷୀଙ୍କୁ ଆଶ୍ୱସ୍ତି



**ବରଗଡ଼,୧୪।୯(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲାରେ ଗୁରୁବାର ପ୍ରବଳ ବର୍ଷା ହୋଇଛି। ସକାଳ ପ୍ରାୟ ୯ଟା ଏବଂ ସନ୍ଧ୍ୟା ୫ଟାରୁ ୬ଟା ପର୍ଯ୍ୟନ୍ତ ପ୍ରବଳ ବର୍ଷା ଲାଗି ରହିଥିଲା। ଝିପିଝିପି ବର୍ଷା ଦିନସାରା ଲାଗି ହୋଇଥିଲା। ପ୍ରବଳ ବୃଷ୍ଟିପାତ ଯୋଗୁ ସାମୟିକ ଭାବେ ଜୀବନଯାତ୍ରା ବ୍ୟାହତ ହୋଇ ପଡ଼ିଥିଲା। ଅନ୍ୟପକ୍ଷେ ଏହି ବର୍ଷା ଜିଲାର ଅଣଜଳସେଚିତ ଅଞ୍ଚଳର ଚାଷୀଙ୍କୁ ସାମାନ୍ୟ ଆଶ୍ୱସ୍ତି ଦେଇଛି। ବର୍ଷା ଅଭାବରୁ ଝାଉଁଳି ପଡିଥିବା ଧାନ ଫସଲରେ ପୁଣି ସବୁଜିମା ଫେରି ଆସିବ ବୋଲି ଚାଷୀଙ୍କ ମନରେ ଆଶା ସଞ୍ଚାର ହୋଇଛି। ପ୍ରବଳ ବର୍ଷା ଯୋଗୁ ବରଗଡ଼ ସରକାରୀ ବସଷ୍ଟାଣ୍ଡ ବେହାଲ ହୋଇ ପଡିଥିଲା। ଡ୍ରେନେଜ ବ୍ୟବସ୍ଥା ଠିକ୍ ନ ଥିବାରୁ ଏହି ବସଷ୍ଟାଣ୍ଡ ଜଳାର୍ଣ୍ଣବ ହୋଇପଡିଛି। ଏଭଳି ସ୍ଥିତିରେ ବସଷ୍ଟାଣ୍ଡକୁ ଆସୁଥିବା ଯାତ୍ରୀମାନଙ୍କୁ ହଟହଟାର ସମ୍ମୁଖୀନ ହେବାକୁ ପଡିଥିଲା।

### ଫୁଟବଲ: ସିମେଣ୍ଟ ନଗର, ଗର୍ଭନା ବିଜୟୀ

**ବରଗଡ,୧୪।୯(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଜିଲା ନକ୍ ଆଉଟ୍ ଫୁଟବଲ ପ୍ରତିଯୋଗିତାର ଗୁରୁବାର ମ୍ୟାଚ୍‌ରେ ସିମେଣ୍ଟ ନଗର ଓ ଗର୍ଭନା ଦଳ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ୍ ସିମେଣ୍ଟ ନଗର ଓ ଭେଡେନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ସିମେଣ୍ଟ ନଗର ଦଳ ୧–୦ ଗୋଲରେ ବିଜୟୀ ହୋଇଥିଲା। ମ୍ୟାଚକୁ ସଞ୍ଜୟ ଦାଶ ପରିଚାଳନା କରିଥିବା ବେଳେ ଲାଇନରେ ସୁନିଲ ବାଗ, ସଚିନ ଭୁଏ ସହଯୋଗ କରିଥିଲେ। ନାରାୟଣ ପଣ୍ଡା ଚତୁର୍ଥ ରେଫରୀ ଥିଲେ। ଦ୍ୱିତୀୟ ମ୍ୟାଚ୍ ଗର୍ଭନା ଓ ସାଇପାଲି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଗର୍ଭନା ଦଳ ୧–୦ ଗୋଲରେ ବିଜୟୀ ହୋଇଥିଲା। ଶୁଭମ୍ ପାତ୍ର ମ୍ୟାଚ୍ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନ୍‌ରେ ବଷ୍ଟି ପ୍ରଧାନ ଓ ବିଶିକେଶନ ପ୍ରଧାନ ସହଯୋଗ କରିଥିଲେ। ଶଙ୍କର୍ଷଣ ପ୍ରଧାନ ଚତୁର୍ଥ ରେଫରୀ ଥିଲେ। ଗଙ୍ଗା ମଲ୍ଲିକ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ।

## ଗ୍ୟାରେଜ ତାଲା ଭାଙ୍ଗି ଚୋରି ଉଦ୍ୟମ, ୨ ଗିରଫ



ଭେଡେନ,୧୪।୯(ସୁଦନ ମହାକୁର)

ବରଗଡ ଜିଲା ଭେଡେନ ଥାନା ଅନ୍ତର୍ଗତ ସହରାଟିକ୍ରାସ୍ଥିତ ଏକ ବାଇକ୍ ଗ୍ୟାରେଜ ତାଲା ଭାଙ୍ଗି ଚୋରି ଉଦ୍ୟମ ଅଭିଯୋଗରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ରେମଣ୍ଡା ଗ୍ରାମର ମଛିନ୍ଦ୍ର ରାଉତିଆ (୨୩) ଏବଂ ବିଶିପଡ଼ା ଗ୍ରାମର ଘନଶ୍ୟାମ ବିଭାର(୨୬)। ଗୁରୁବାର ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗ ହାଜତକୁ ପଠାଇ ଦିଆଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୨୬୬/୨୩) ରୁଜୁ କରିଛି। ଭେଡେନ ବ୍ଲକ ଅରେଇଗୁଡି ପଞ୍ଚାୟତ ଅନ୍ତର୍ଗତ ସାଲେପାଲି ଗ୍ରାମର ବିଷ୍ଣୁ ପଧାନଙ୍କ ସହରାଟିକ୍ରାରେ ଏକ ବାଇକ୍ ଗ୍ୟାରେଜ ରହିଛି। ସେ ମଙ୍ଗଳବାର ସନ୍ଧ୍ୟାରେ ଗ୍ୟାରେଜ ବନ୍ଦ କରି ଘରକୁ ଆସିଥିଲେ। ବୁଧବାର ସକାଳୁ ଗ୍ୟାରେଜ ତାଲା ଭାଙ୍ଗି ଚୋରି ଉଦ୍ୟମ ହୋଇଥିବା ଦେଖି ସେ ଥାନାରେ ଅଭିଯୋଗ କରିଥିଲେ।

## ରାଣାପ୍ରତାପ ସ୍କୁଲ ପ୍ରଥମ

**ବ୍ଲକସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତା**



ଅତିଥିଙ୍କ ଗହଣରେ କୃତୀ ରାଣାପ୍ରତାପ ସ୍କୁଲର ଲୋକନୃତ୍ୟ ଦଳ।

ବରଗଡ଼,୧୪।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବ୍ଲକସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଣାପ୍ରତାପ ହାଇସ୍କୁଲର ଲୋକନୃତ୍ୟ ଦଳ ପ୍ରଥମ ସ୍ଥାନ ଅଧିକାର କରି ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ମନୋନିତ ହୋଇଛନ୍ତି। ସ୍ଥାନୀୟ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ପରିସରରେ ବରଗଡ଼ ବ୍ଲକ ଶିକ୍ଷା ବିଭାଗ ଆନୁକୂଲ୍ୟରେ ଆୟୋଜିତ ପ୍ରତିଯୋଗିତାକୁ ବ୍ଲକ ଶିକ୍ଷାଧିକାରୀ ସେବାଶ୍ରୀ ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାରେ ବିଚାରକ ଭାବେ ଡ. ତପସ୍ୱିନୀ ଗୁରୁ, ଅବସରପ୍ରାପ୍ତ ଅଧ୍ୟାପକ ସନ୍ତୋଷ ପଣ୍ଡା, ଶଙ୍କର ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତି ସୁନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜର୍ଜ ହାଇସ୍କୁଲର ପ୍ରଧାନ ଶିକ୍ଷକ ଶାଶ୍ୱତୀ ଦାସ, ବରିଷ୍ଠ ଶିକ୍ଷକ ବିବେକାନନ୍ଦ ଅଦାବର, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଦିଲୀପ ମେହେର, ଲଳିତା ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ରାଣା ପ୍ରତାପ ଉଚ୍ଚ ବିଦ୍ୟାଳୟ ଲୋକନୃତ୍ୟ ଦଳକୁ ପୁରସ୍କୃତ କରିଥିଲେ।

## ସାମାଜିକ ସଙ୍ଗଠକଙ୍କ ପରଲୋକ

**ସରଣ୍ଡା,୧୪।୯(ଯୁଧିଷ୍ଠିର ମହାପାତ୍ର):** ବରଗଡ଼ ଜିଲା ଅତାବିରା ବ୍ଲକ ଯାଦବ ସମାଜର ପୂର୍ବତନ ସଭାପତି ଅର୍ଜୁନ ଦୀପଙ୍କ ବୁଧବାର ରାତି ୨ଟା ସମୟରେ କଟକ ସରକାରୀ ବଡ ମେଡିକାଲରେ ପରଲୋକ ହୋଇଛି। ତାଙ୍କୁ ୭୪ ବର୍ଷ ହୋଇଥିଲା। ସେ ଯକୃତ ଜନିତ ରୋଗରେ ପୀଡିତ ଥିଲେ। ତାଙ୍କର ୬ ଝିଅ ଓ ଗୋଟିଏ ପୁଅ ଅଛନ୍ତି। ବାବେବିରା ଗ୍ରାମ ଶ୍ମଶାନ ଘାଟରେ ଦୀପଙ୍କ ମରଶରୀରକୁ ଦାହ କରାଯାଇଥିଲା। ପୁତ୍ର ଶିବ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ଦୀପ ୧୯୮୦ ରେ ବ୍ଲକ ଯାଦବ ସମାଜର ସମ୍ପାଦକ ଭାବେ ଦାୟିତ୍ୱ ତୁଲାଇ ସାଙ୍ଗଠନିକ କାର୍ଯ୍ୟ ଆରମ୍ଭ କରିଥିଲେ। ସେ ୧୯୯୯ରୁ ୨୦୨୨ ପର୍ଯ୍ୟନ୍ତ ଅତାବିରା ବ୍ଲକ ଯାଦବ ସମାଜର ସଭାପତି ଥିଲେ। ସ୍ୱର୍ଗତ ଦୀପ ଅତାବିରା ଅଞ୍ଚଳର ବିଭିନ୍ନ ସାମାଜିକ ସଙ୍ଗଠନ ସହ ଜଡିତ ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି।

## ବସୁଦେବଙ୍କୁ ବୀର ସୁରେନ୍ଦ୍ର ସାଏ ସମ୍ମାନ



ବସୁଦେବ ପଧାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

**ବରପାଲି,୧୪।୯(ଚିତ୍ତରଞ୍ଜନ ସାହୁ)**

ଓଡ଼ିଶା ସଂସ୍କୃତି କଳା ଏକାଡେମୀ ଓ ମୂର୍ଚ୍ଛନା ଅନୁଷ୍ଠାନ ପକ୍ଷରୁ ସମ୍ବଲପୁର ଓଡିଶା ସାଂସ୍କୃତିକ ସମାଜ ହଲ୍‌ରେ ଗୁରୁବାର ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସଙ୍ଗୀତ ନିର୍ଦ୍ଦେଶକ ଦିନେଶ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଡ. କୃଷ୍ଣା ପଟେଲ ମୁଖ୍ୟ ଅତିଥି, ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ରଶ୍ମି ପ୍ରାମାଣିକ, ବିଚାର ବିଭାଗୀୟ ଅଧିକାରୀ ନିବାସ ଚନ୍ଦ୍ର ମିଶ୍ର, ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ ସମ୍ମାନିତ ଅତିଥି, ଶଶଧର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦାନ କରି ବରଗଡ ଜିଲା ବରପାଲି ବ୍ଲକ ବଡ଼ଗାଁର କଳାକାର ବସୁଦେବ ପଧାନଙ୍କୁ ବୀର ସୁରେନ୍ଦ୍ର ସାଏ ସମ୍ମାନରେ ସମ୍ମାନିତ କରିଥିଲେ।

## ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନ ଚାଲିବ

**୪ର୍ଥ ଦିନରେ ଆମରଣ ଅନଶନ**

ପଦ୍ମପୁର,୧୪।୯(ପ୍ରଦୀପ୍ତ ଦାଶ)

ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘ ବରଗଡ଼ ଜିଲା କମିଟି ତରଫରୁ ପଦ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଆମରଣ ଅନଶନ ଗୁରୁବାର ୪ର୍ଥ ଦିନରେ ପହଞ୍ଚିଛି। ପ୍ରଶାସନ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ଆଦିବାସୀ ସଂଘ ଏହାକୁ ନାପସନ୍ଦ କରିଛି। ଯେତେଦିନ ପର୍ଯ୍ୟନ୍ତ ଦାବି ପୂରଣ ନ ହେବ ସେଯାଏ ଲଢ଼େଇ ହେବ ବୋଲି ସଂଘ ଚେତାବନୀ ଦେଇଛି। ସଂଘର ଗୋବର୍ଦ୍ଧନ ଭୋଏ, ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘ ବରଗଡ଼ ଜିଲା ସଭାପତି ଗୋବିନ୍ଦ ବରିହା, ଜିଲା ସମ୍ପାଦକ ତ୍ରିଲୋଚନ ଭୁଏ, ବାମନ ଧରୁଆ, ପୂର୍ବତନ ଜିଲା ସଭାପତି ପାଣ୍ଡବ ବରିହା, ସଞ୍ଜୟ ଜରଜରିଆ, ଚୈତନ୍ୟ ପ୍ରସାଦ ବରିହା, ସତ୍ୟାନନ୍ଦ ବୁଡ଼େକ, ପ୍ରକାଶ ବରିହା, ଦୁର୍ଜନ ସିଂ ବରିହା, ଭାସ୍କର ବରିହା, ନାରୀନେତ୍ରୀ ଚନ୍ଦ୍ରକାନ୍ତୀ ବରିହା, ହରିପ୍ରିୟା ମେହେର ଏବଂ ଆଦିବାସୀ ମହିଳା ପୁରୁଷ ଉପସ୍ଥିତ ଥିଲେ।

## ଏସ୍‌ଏସ୍‌ବି ଅଧ୍ୟାପିକା ଅଧ୍ୟାପକଙ୍କ କଳାବ୍ୟାଜ୍ ପରିଧାନ

ବରପାଲି,୧୪।୯(ଚିତ୍ତରଞ୍ଜନ ସାହୁ)

ବରପାଲି ମହାବିଦ୍ୟାଳୟରେ ଏସ୍‌ଏସ୍‌ବି ଅଧ୍ୟାପିକା ଅଧ୍ୟାପକମାନେ ବିଭିନ୍ନ ଦାବି ନେଇ କଳାବ୍ୟାଜ୍ ପିନ୍ଧି ଗୁରୁବାର ଆନ୍ଦୋଳନକୁ ଓହ୍ଲାଇଛନ୍ତି। ରାଜ୍ୟ ସଂଘର ନିର୍ଦ୍ଦେଶକ୍ରମେ ବରପାଲି ମହାବିଦ୍ୟାଳୟର ଏସ୍‌ଏସ୍‌ବି ଅଧ୍ୟାପିକା ଅଧ୍ୟାପକ ଡ. ପ୍ରହ୍ଲାଦ ଦେବତା, ଡ. ଭଗବାନ ମହାନନ୍ଦ, ଡ. ସମ୍ପିତା ପ୍ରଧାନ, ଡ. ନୀଲମ ଦେବତା, ବିଶ୍ୱନାଥ ସାହୁ, ଅରୁଣ କୁମାର ବାରିକ, ମୋନିକା ପ୍ରଧାନ, ସୀମାଞ୍ଜଳି ଦାସ, ଦେବାଙ୍ଗିନୀ ସାହୁ, ସୀମା ଭୋଇ, ନତାଶା ସିକନ୍ଦର, ଅଞ୍ଜନା ଭୋଇ ପ୍ରମୁଖ ମହାତ୍ମାଗାନ୍ଧୀଙ୍କ ପ୍ରତିଛବି ଆଗରେ ଆନ୍ଦୋଳନରେ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ, ରାଜ୍ୟରେ ବିଭିନ୍ନ ଅନୁଦାନପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟରେ କାର୍ଯ୍ୟରତ ଏସ୍‌ଏସ୍‌ବି ଅଧ୍ୟାପିକା ଅଧ୍ୟାପକମାନେ ପାଉଥିବା ଦରମାର ଗ୍ରେଡ ପେ ୪୬୦୦ ରୁ ୫୪୦୦କୁ ବୃଦ୍ଧି କରିବା ସହ ୨୦୧୬ରୁ ପିଛିଲା ଭାବେ ଲାଗୁ କରିବାକୁ ରାଜ୍ୟ ସଂଘ ଦାବି କରିଛି। ଗତ ୫ ତାରିଖରୁ ରାଜ୍ୟର ୪୮୮ ବର୍ଗର ମହାବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକମାନେ କଳାବ୍ୟାଜ୍ ପରିଧାନ କରି ପ୍ରତିବାଦ କରିଛନ୍ତି। ଗୁରୁବାରଠାରୁ ବରପାଲି ମହାବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକମାନେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ପ୍ରତିବାଦ କରିବେ ବୋଲି କହିଛନ୍ତି ।

# ଆନ୍ଦୋଳନରେ ଶିକ୍ଷକ, ପାଠପଢ଼ା ଠପ୍



ବିଜେପୁର ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣା।



ବରଗଡ଼ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

- ୧୦ ବ୍ଲକରେ ଧାରଣା ଆରମ୍ଭ
- ଆଜିଠାରୁ ଅନ୍ୟ ୨ ବ୍ଲକ ସାମିଲ୍

ବରଗଡ,୧୪।୯(ପ୍ରେମାନନ୍ଦ ଖମାରୀ)

ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସମସ୍ତ ପ୍ରକାରର ଠିକା ନିଯୁକ୍ତି ଉଚ୍ଛେଦ, କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ ଏବଂ ପୁରୁଣା ପେନସନ ବ୍ୟବସ୍ଥା ଲାଗୁ କରିବା ଦାବିରେ ଗୁରୁବାରଠାରୁ ଶିକ୍ଷୟିତ୍ରୀ, ଶିକ୍ଷକମାନେ ସମୂହ ଛୁଟିରେ ରହି ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଜିଲାର ବରଗଡ଼ ଓ ସୋହେଲା ବ୍ଲକ ବ୍ୟତୀତ ଅନ୍ୟ ୧୦ ବ୍ଲକରେ ଶିକ୍ଷକଙ୍କ ଏହି ଆନ୍ଦୋଳନ ଆରମ୍ଭ ହୋଇଛି। ଶିକ୍ଷୟିତ୍ରୀ, ଶିକ୍ଷକମାନେ ସମୂହ ଛୁଟି ନେଇ ସ୍ଥାନୀୟ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ଫଳରେ ଜିଲାର ୧୦ବ୍ଲକର ପ୍ରାଥମିକ, ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଦାନ ବନ୍ଦ ହୋଇପଡିଛି। ଶୁକ୍ରବାରଠାରୁ ଜିଲାର ଅନ୍ୟ ୨ ବ୍ଲକ ବରଗଡ଼ ଏବଂ ସୋହେଲା ବ୍ଲକର ଶିକ୍ଷୟିତ୍ରୀ, ଶିକ୍ଷକ ଏଥିରେ ସାମିଲ ହେବେ। ଏ ନେଇ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଗୁରୁବାର ଅବଗତ କରାଯାଇଛି।

ଏୟୁପିଟିଏଫର ଆହ୍ୱାନ କ୍ରମେ ସାରା ଓଡ଼ିଶାରେ ଏହି ଆନ୍ଦୋଳନ ଚାଲିଥିବାବେଳେ ବିଜେପୁର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ଶିକ୍ଷକ ସମୂହ ଛୁଟି ନେଇ ଆନ୍ଦୋଳନକୁ ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି। ଫଳରେ ବିଜେପୁର ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନରେ ପାଠପଢ଼ା ଏକ ପ୍ରକାରର ଠପ୍ ହୋଇଯିବା ସହ କେତେକ ବିଦ୍ୟାଳୟରେ ତାଲା ଝୁଲୁଛି। ଏହାଦ୍ୱାରା ବୁଦ୍ଧିଜୀବୀ ତଥା ଅଭିଭାବକ ରାଜ୍ୟ ସରକାରଙ୍କ ନୀତିକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଶିକ୍ଷକ ନବୀନ କୁମାର ସାହୁଙ୍କ ସଂଯୋଜନାରେ ପୃଥିରାଜ ବାରିକ, ଘନଶ୍ୟାମ ଡନସନା, କବିତା ରାଣୀ ସାହୁ, ସୌମ୍ୟରଞ୍ଜନ ପଧାନ ପ୍ରମୁଖ ଉପସ୍ଥିତ ଥିଲେ। ଦାବୀ ମାନି ନ ନେବା ପର୍ଯ୍ୟନ୍ତ ଏହି ଧାରଣା ଅବ୍ୟାହତ ରହିବ ବୋଲି ବିଜେପୁର ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପୃଥ୍ୱୀରାଜ ବାରିକ ଚେତାବନୀ ଦେଇଛନ୍ତି। ସେହିପରି ବରଗଡ଼ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ଏକ ପ୍ରତିନିଧି ଦଳ ବିଇଓ ସେବାଶ୍ରୀ ଭୋଇଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଶୁକ୍ରବାରଠାରୁ ସମୂହ ଛୁଟିରେ ରହି ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ସେମାନେ ସ୍ମାରକପତ୍ରରେ ଉଲ୍ଲେଖ କରିଛନ୍ତି।

**ବରପାଲି,୧୪।୯(ଚିତ୍ତରଞ୍ଜନ ସାହୁ):** ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ ଡାକରାରେ ବିଭିନ୍ନ ଦାବି ନେଇ ରାଜ୍ୟର ପ୍ରାଥମିକ ଶିକ୍ଷକମାନେ କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଏହି କ୍ରମରେ ବରପାଲି ଶିକ୍ଷକ ସଂଘ ସାମିଲ ହୋଇଛି। ବ୍ଲକର ୨୮୬ ଶିକ୍ଷୟିତ୍ରୀ ଶିକ୍ଷକ ଗୁରୁବାର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସାମ୍ନାରେ ଧାରଣାରେ ବସିଥିଲେ। ପରେ ସେମାନେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ବିଇଓ ମୁକୁନ୍ଦ ମାହାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲିବ ବୋଲି ସଂଘ ସଭାପତି ଶ୍ରୀକାନ୍ତ ବାରିକ ଓ ସମ୍ପାଦକ ସୋହମ ପ୍ରଧାନ ସୂଚନା ଦେଇଛନ୍ତି ।

**ସରଣ୍ଡା(ଯୁଧିଷ୍ଠିର ମହାପାତ୍ର):** ଅତାବିରା ବ୍ଲକ ଶିକ୍ଷକ ସଂଘ ପକ୍ଷରୁ ଗୁରୁବାର ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରାଯାଇଛି। ଫଳରେ ଛାତ୍ରୀଛାତ୍ରଙ୍କ ପାଠପଢାରେ ଗୁରୁତର ବାଧା ସୃଷ୍ଟି ହୋଇଛି। ବ୍ଲକର ନୂତନ ପେନଶନଭୁକ୍ତ, କନିଷ୍ଠ, ଏକ୍ସକ୍ୟାଡର, ଉଚ୍ଚପ୍ରାଥମିକ ବିଦ୍ୟାଳୟର କ୍ରୀଡ଼ା ଓ କଳା ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦାନ କରିଥିଲେ। ବ୍ଲକ ସଭାପତି ହରିହର ପଶାୟତ, ସମ୍ପାଦକ ବିରେନ୍ଦ୍ର କୁମାର ଭୋଇ, ବରଗଡ଼ ଜିଲା ଏନ୍‌ପିଏସ୍ ଶିକ୍ଷକ ସଂଘ ଉପ ସଭାପତି ନନ୍ଦିଘୋଷ ଭୁଏ, ଅତାବିରା ବ୍ଲକ ଏକ୍ସ କ୍ୟାଡ଼ର ସଭାପତି ସରୋଜ କୁମାର ପ୍ରଧାନ, କନିଷ୍ଠ ଶିକ୍ଷକ ସଂଘ ସଭାପତି ସ୍ୱରାଜ ପ୍ରଧାନ, ଶିକ୍ଷକ ମନୋରଞ୍ଜନ ମିଶ୍ର, ରଶ୍ମିରଞ୍ଜନ ସାହୁ, ଅର୍ଜୁନ ଚନ୍ଦ୍ର ପରିଡ଼ା, ରାଜେଶ ପ୍ରଧାନ, କେଶବ ଛନ୍ଦ, ରଶ୍ମୀରାଣୀ ନନ୍ଦ, ନନ୍ଦିନୀ ହୋତା, ରଞ୍ଜୁଲତା ମିଶ୍ର ପ୍ରମୁଖ ଉପସ୍ଥିତ କରିଥିଲେ ।

**ପାଇକମାଳ(ବଡ ଶତପଥୀ):** ପାଇକମାଳ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ଧାରଣା ଦେଇଥିଲେ। ଜିଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଡୋଲାମଣି ମାହାର ସାମିଲ ହୋଇ ଆନ୍ଦୋଳନ ଆହୁରି ତୀବ୍ରତର କରାଯିବ ବୋଲି କହିଥିଲେ। ପାଇକମାଳ ନୂତନ ପେନଶନ ଯୋଜନା ଭୁକ୍ତ ଶିକ୍ଷକ ସଂଘ ସଭାପତି ନିରାକାର ପ୍ରଧାନ ସମ୍ପାଦକ ଚକ୍ରଧର ଅଜଗର, କୋଷାଧ୍ୟକ୍ଷ ରଞ୍ଜନ ବାଗ, ଉପସଭାପତି ବୈଷ୍ଣବ ପଣ୍ଡା, ଏକ୍ସ କ୍ୟାଡର ଶିକ୍ଷକ ସଂଘ ସଭାପତି ଲମ୍ବୋଦର ଦାସ, ସଂଘର ନୀଳ ମହାନନ୍ଦ, କନିଷ୍ଠ ଶିକ୍ଷକ ସଂଘର ଜିତେନ୍ଦ୍ର ସାହୁଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଧାରଣାରେ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

**ରାଉରକେଲା,୧୪।୯(ଦିନେଶ ମିଶ୍ର):** ରାଉରକେଲା ସେକ୍ଟର-୭ ଥାନା ଅଧୀନ ଗଲ୍ଲୁପଡ଼ିଆ ନିକଟ ଏକ ଜାମୁକୋଳି ଗଛରେ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ମୃତା ମହିଳା ହେଲେ ସୀତା ଭୁକ୍ତା(୩୨)। ସେକ୍ଟର-୧୫ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୨୪।୨୩) ରୁଜୁ ହୋଇଛି। ମହିଳାଙ୍କ ମୃତ୍ୟୁର କାରଣ ଜଣାପଡିନାହିଁ। ସୂଚନା ଅନୁସାରେ, ବୁଧବାର ସନ୍ଧ୍ୟାରେ ଗଲ୍ଲୁ ବସ୍ତିର ଏକ ଜାମୁକୋଳି ଗଛ ଡାଳରେ ଏକ ଦୂନିରେ ସୀତାଙ୍କ ମୃତଦେହ ଝୁଲୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଆର୍‌ଜିଏଚ୍ ମର୍ଗ ହାଉସ୍‌ରେ ରଖିଥିଲା।

### ଘରେ ପଶୁଛି ଡ୍ରେନ୍ ପାଣି, କମିଶନରଙ୍କୁ ଦାବିପତ୍ର

**ରାଉରକେଲା,୧୪।୯(ଦିନେଶ ମିଶ୍ର):** ସାମାନ୍ୟ ବର୍ଷାରେ ଘରେ ପଶୁଛି ଡ୍ରେନ ପାଣି । ଫଳରେ ଜିଏମ୍ କଲୋନୀବାସୀ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ଗୁରୁବାର ସେମାନେ ଆରଏମ୍‌ସି କମିଶନର ଡ. ଶୁଭଙ୍କର ମହାପାତ୍ରଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁଯାୟୀ, ବାସନ୍ତୀ କଲୋନୀ ଜିଏମ୍ ବ୍ଲକରେ ପ୍ରାୟ ୩୦ଟି ଘର ରହିଛି। ଏହି ବ୍ଲକ ଓଡିଶା ଷ୍ଟେଟ ହାଉସିଂ ବୋର୍ଡ ପକ୍ଷରୁ ନିର୍ମାଣ କରାଯାଇଥିବାବେଳେ କଲୋନୀର ଉଭୟ ପାଖରେ ବର୍ଷାଜଳ ନିଷ୍କାସନ ପାଇଁ ଡ୍ରେନେଜ ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ଜିଏମ୍ ବ୍ଲକର କିଛି ଲୋକ ରାସ୍ତାର ଏକ ପାଖ ଡ୍ରେନକୁ ବନ୍ଦ କରି ପାଚେରୀ ନିର୍ମାଣ କରିବାରୁ ତାହା ବନ୍ଦ ହୋଇଯାଇଥିଲା। ଅନ୍ୟପଟ ଡ୍ରେନଟି ଖୋଲା ରହିଥିବାରୁ ସାମାନ୍ୟ ବର୍ଷାରେ ଡ୍ରେନପାଣି ରାସ୍ତାରେ ଭାସିବା ସହ ଲୋକଙ୍କ ଘରେ ପଶୁଛି। ଜିଏମ୍ କଲୋନୀକୁ ସଂଯୋଗ କରୁଥିବା ମୁଖ୍ୟ ଡ୍ରେନଟି ବହୁ ଦିନ ଧରି ସଫା ହୋଇ ନ ଥିବାରୁ ଜଳନିଷ୍କାସନରେ ବାଧା ସୃଷ୍ଟି ହେଉଛି। ରାସ୍ତାରେ ସର୍ବଦା ଡ୍ରେନ ପାଣି ଜମି ରହୁଥିବାରୁ ରାସ୍ତାସାରା ଖାଲଖମା ହୋଇଗଲାଣି ବୋଲି ପୁଷ୍ପାଲତା ପତି, କଂଗ୍ରେସ ନେତା ବିରେନ ସେନାପତି, ରାଜ ଦେହୁରିଙ୍କ ସମେତ କଲୋନୀବାସୀ ଆରଏମ୍‌ସି କମିଶନରଙ୍କୁ ଭେଟି ଅବଗତ କରିଛନ୍ତି। ଜିଏମ୍ ବ୍ଲକରେ ଉପୁଜିଥିବା ଡ୍ରେନ ସମସ୍ୟାର ଖୁବଶୀଘ୍ର ସମାଧାନ କରାଯିବ ବୋଲି ଆରଏମ୍‌ସି କମିଶନର ଡ. ମହାପାତ୍ର ପ୍ରତିଶ୍ରୁତି ଦେଇଛନ୍ତି।

# ନିମ୍ନମାନର ଛତୁଆକୁ ନେଇ ଅସନ୍ତୋଷ

- ବାହାରୁଛି ବାଦାମ ଚୋପା ଓ ଗହମ
- ଉଲ୍ଲେଖ ରହୁନି ବ୍ୟବହାର ଅବଧି ତାରିଖ

**ରାଉରକେଲା,୧୪।୯(ଦିନେଶ ମିଶ୍ର)**

କୋମଳମତି ଶିଶୁମାନଙ୍କ ମାନସିକ, ଶାରିରୀକ ଓ ବୌଦ୍ଧିକ ବିକାଶ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟକାରୀ କରାଯାଇଛି। ଏହି କ୍ରମରେ ରାଉରକେଲା ସହରରେ ଥିବା ୪୦ଟି ୱାର୍ଡର ବିଭିନ୍ନ ସ୍ଥାନରେ ଅଙ୍ଗନୱାଡି କେନ୍ଦ୍ରମାନ ଖୋଲାଯାଇଛି। ଏହି କେନ୍ଦ୍ରରେ ଶିକ୍ଷା ସହ ଶିଶୁ ଏବଂ ଗର୍ଭବତୀ ମା'ମାନଙ୍କ ସ୍ୱାସ୍ଥ୍ୟ ବ୍ୟବସ୍ଥା ତଦାରଖ କରାଯାଉଛି। ସେମାନଙ୍କୁ ପୁଷ୍ଟିକର ଖାଦ୍ୟ ଓ ଛତୁଆ ଯୋଗାଇ ଦିଆଯାଉଛି। କିନ୍ତୁ ସହରର ବିଭିନ୍ନ ଅଙ୍ଗନୱାଡିକୁ ନିମ୍ନମାନର ଛତୁଆ ଯୋଗାଣ କରାଯାଉଥିବା ଅଭିଯୋଗ ହୋଇଛି। ଉଦିତନଗର ସ୍ଥିତ ଶୀତଳପଡା ବସ୍ତିରେ ଥିବା ଅଙ୍ଗନୱାଡି କେନ୍ଦ୍ରରେ ଏଭଳି ଦେଖିବାକୁ ମିଳିଛି। ଫଳରେ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।

ଶୀତଳପଡା ବସ୍ତିରେ ପ୍ରାୟ ୨ ହଜାର ଲୋକ ବାସ କରୁଥିବାବେଳେ ସମସ୍ତେ ଠିକା ଶ୍ରମିକଭାବେ କାମ କରନ୍ତି। ବସ୍ତି ଭିତରେ ଏକ ଅଙ୍ଗନୱାଡି କେନ୍ଦ୍ର ରହିଛି। ବସ୍ତିର ଅଧିକାଂଶ ଶିଶୁ ଏହି କେନ୍ଦ୍ରରେ ପାଠ ପଢୁଥିବା ବେଳେ ସେମାନଙ୍କୁ ଛତୁଆ ପ୍ରଦାନ କରାଯାଉଛି। ମାତ୍ର ଏହି କେନ୍ଦ୍ରକୁ ଆସୁଥିବା ଛତୁଆ ନିମ୍ନମାନର ହୋଇଥିବାରୁ ଅଭିଭାବକମାନେ ଏ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି




ଏସ୍‌ଏଚ୍‌ଜି ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଛତୁଆ।

ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ଛତୁଆକୁ ପାନପୋଷ ସ୍ଥିତ ରୂପଟୋଲା ବସ୍ତିର ନବଜ୍ୟୋତି ସ୍ୱୟଂ ସହାୟକ ଗୋଷ୍ଠୀ ତିଆରି କରୁଛି। ଏହି ଛତୁଆ ପ୍ୟାକେଟ୍‌ରେ ଏକ୍ସପାଏରି ତାରିଖ ଉଲ୍ଲେଖ ରହୁନି। ସେହିପରି ଛତୁଆରୁ ବାଦାମ ଚୋପା ସାଙ୍ଗକୁ ଗୋଟା ଗହମ ବାହାରୁଛି। ଶିଶୁମାନଙ୍କୁ ମିଳୁଥିବା ଏଭଳି ନିମ୍ନମାନର ଛତୁଆକୁ ସଫା କରି ଅଭିଭାବକମାନେ ଶିଶୁମାନଙ୍କୁ ଖାଇବାକୁ ଦେଉଛନ୍ତି। କେବଳ ଶୀତଳପଡା ବସ୍ତି ନୁହେଁ ଉକ୍ତ ଏସ୍‌ଏଚ୍‌ଜି ସହରର ୫୫ଟି ଅଙ୍ଗନୱାଡି କେନ୍ଦ୍ରକୁ ଛତୁଆ ବିତରଣ କରୁଥିବା ଜଣାପଡିଛି। ଏ ନେଇ ଶୀତଳପଡା ବସ୍ତିର ସମାଜସେବୀ ସୋନୁ ସାହୁ କୁହନ୍ତି, ରାଜ୍ୟ ସରକାର କୋମଳମତି ଶିଶୁମାନଙ୍କୁ ଛତୁଆ ଯୋଗାଇ ଦେବା ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ନିମ୍ନମାନର ଛତୁଆ ନିର୍ମାଣ କରୁଥିବା ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରତି ଯଦି ବିଭାଗୀୟ ଅଧିକାରୀ ଉଚିତ ପଦକ୍ଷେପ ନେବେ ତାହାଲେ ଛତୁଆରେ ଅପମିଶ୍ରଣ ଏହା ରୋକାଯାଇପାରିବ। ଏ ସମ୍ପର୍କରେ ନବଜ୍ୟୋତି ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି ସରସ୍ୱତୀ ଭୂମିଜ କୁହନ୍ତି, ଆମ ପାଖରେ ବର୍ତ୍ତମାନ ଏହି ଛତୁଆର ପ୍ୟାକେଟ ନାହିଁ। ଭୁଲରେ କେତେବେଳେ କେଉଁଠି ଯଦି ଅପମିଶ୍ରଣ ହୋଇଥିବା। ଆମେ ୫୫ଟି ସେଣ୍ଟରକୁ ଛତୁଆ ଯୋଗାଉଛୁ। ଆଜିଯାଏ କୌଣସି ଅଭିଯୋଗ ହୋଇନାହିଁ। ଯଦି ଛତୁଆରେ ଅପମିଶ୍ରଣ ଅଭିଯୋଗ ଆସିଛି, ତେବେ ଆମେ ଖୁବଶୀଘ୍ର ଏଥିପ୍ରତି ଧ୍ୟାନଦେବୁ ବୋଲି ଭୂମିଜ କହିଥିଲେ। ଏ ନେଇ ପାନପୋଷ ସିଡିପିଓ ଆନ୍ନା କୁଜୁରଙ୍କୁ ପଚାରିବାରୁ ସେ କହିଥିଲେ, ଛତୁଆରୁ ବାଦାମଚୋପା ଓ ଗହମ ବାହାରୁଥିବା ନେଇ ଆମ ପାଖରେ ଅଭିଯୋଗ ହୋଇନାହିଁ। ପ୍ରତ୍ୟେକ ମାସ ୨୩ରୁ ୨୫ ତାରିଖ ମଧ୍ୟରେ ଯେତେବେଳେ କୌଣସି ସ୍ୱୟଂ ସହାୟକ ଗୋଷ୍ଠୀ ଛତୁଆ ପ୍ରସ୍ତୁତି କରନ୍ତି ଏହି ସମୟରେ ଆମ ବିଭାଗର ସୁପରଭାଇଜର ଉପସ୍ଥିତ ରୁହନ୍ତି। ଯଦି କୌଣସି କାରଣରୁ ନିମ୍ନମାନର ଛତୁଆ ପ୍ରସ୍ତୁତି ହୋଇଛି ତାହେଲେ ମୁଁ ଏ ନେଇ ତଦନ୍ତ କରିବା ପରେ ଉଚିତ ପଦକ୍ଷେପ ନେବି। ଆଗାମୀ ଦିନରେ ଛତୁଆ ପ୍ୟାକେଟରେ ନିର୍ମାଣ ଓ ଏକ୍ସପାଏରି ତାରିଖ ସାଙ୍ଗକୁ କେଉଁ ଖାଦ୍ୟ କେତେମାନର ରହିବା ଆବଶ୍ୟକ ତାହା ସୂଚିତ କରିବାକୁ ନିର୍ଦ୍ଦେଶ ଦିଆଯିବ ବୋଲି ସିଡିପିଓ କୁଜୁର କହିଥିଲେ।

# ଆର୍‌ଜିଏଚ୍ ଅଧୀକ୍ଷକଙ୍କୁ ଦାବିପତ୍ର ପ୍ରଦାନ

**ରାଉରକେଲା,୧୪।୯(ବିପ୍ଳବ ରଞ୍ଜନ ଦାଶ):** ରାଉରକେଲା ସିପିଆଇ ପକ୍ଷରୁ ଆର୍‌ଜିଏଚ୍ ଅଧୀକ୍ଷକ ସନ୍ତୋଷ କୁମାର ସ୍ୱାଇଁଙ୍କୁ ଗୁରୁବାର ୭ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ କୁହାଯାଇଛି, ୭ଲକ୍ଷ ଲୋକଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନା(ଆର୍‌ଜିଏଚ୍) ମାଧ୍ୟମରେ ସରକାର ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ପାଇଁ ବ୍ୟବସ୍ଥା କରିଛନ୍ତି। ରାଉରକେଲା ରାଜ୍ୟର ଦ୍ୱିତୀୟ ସ୍ମାର୍ଟସିଟି ଭାବେ ପରିଚିତ। ଏଣୁ ସ୍ମାର୍ଟ ସହରରେ ରହୁଥିବା ଲୋକଙ୍କୁ ସ୍ମାର୍ଟ ଚିକିତ୍ସା ଯୋଗାଇ ଦେବା ନିତାନ୍ତ ଜରୁରୀ। ମାତ୍ର ଏହି ସହରରେ ରହୁଥିବା ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କ ଚିକିତ୍ସା ପାଇଁ କୌଣସି ସ୍ୱତନ୍ତ୍ର ସୁବିଧା ନାହିଁ। ସ୍ନାୟୁ, ନ୍ୟୁରୋଲୋଜି ଏବଂ ମେଡିସିନ ବିଭାଗରେ ଡାକ୍ତର ପଦବୀ ଦୀର୍ଘବର୍ଷରୁ ଖାଲି ଥିବାବେଳେ ପୂରଣ

### ୭ଦଫା ଦାବିକଲା ସିପିଆଇ

ହେଉନାହିଁ। ଚିକିତ୍ସା ଏବଂ ବିଭିନ୍ନ ପରୀକ୍ଷା ପାଇଁ ଆର୍‌ଜିଏଚକୁ ଆସୁଥିବା ରୋଗୀଙ୍କ ଭିଡ ନିୟନ୍ତ୍ରଣ ପାଇଁ କାଉଣ୍ଟର ବ୍ୟବସ୍ଥା କି ଅନ୍‌ଲାଇନ ପଞ୍ଜୀକରଣ ବ୍ୟବସ୍ଥା ନାହିଁ। ରୋଗୀ ସଂଖ୍ୟା ବୃଦ୍ଧି ପାଉଥିବାରୁ ଶଯ୍ୟା ୪ଶହରୁ ବୃଦ୍ଧି ହେଉନାହିଁ। ଦିନ ୧୨ଟା ପରେ ଡାକ୍ତରଙ୍କ ଉପସ୍ଥାନ ରହୁନାହିଁ। ଡାକ୍ତରଙ୍କ କାର୍ଯ୍ୟ ସମୟ ବୃଦ୍ଧି କରାଯିବା ସହ ଅଘଟଣ ଏଡାଇବା ପାଇଁ ମେଡିକାଲ କ୍ୟାମ୍ପସରେ ଅଗ୍ନିଶମ ସେବାକେନ୍ଦ୍ର ସ୍ଥାପନ କରିବାକୁ ଦଳ ପକ୍ଷରୁ ଦାବି ହୋଇଛି। ଦାବିପତ୍ର ପ୍ରଦାନ ସମୟରେ ରାଉରକେଲା ସିପିଆଇ ନେତା ସଦାନନ୍ଦ ସାହୁ, ଭାଗବତ ପ୍ରସାଦ ସାହୁ, ମହେଶ୍ୱର ଦୀପ, ଭାଗ୍ୟଧର ରାଉତ, କାର୍ତ୍ତିକ ନାୟକ, ପଞ୍ଚାନନ ସୁନା, ବାପିନା ବେହେରା, କୃତିବାସ ନାୟକ ଓ ଦାସରୁ କିସାନ ପ୍ରମୁଖ ଉପସ୍ଥିତ ଥିଲେ।



ଆର୍‌ଜିଏଚ୍ ଅଧୀକ୍ଷକଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଆଇଜିଏଚ୍ ମର୍ଗ ହାଉସ୍ ଆଗରେ ବିକ୍ଷୋଭ ପ୍ରଦର୍ଶନ

**ରାଉରକେଲା,୧୪।୯(ଦିନେଶ ମିଶ୍ର)**

ରାଉରକେଲା ଇସ୍ପାତ କାରଖାନା (ଆରଏସ୍‌ପି)ର କୋକ ଓଭେନ୍ ବ୍ୟାଟେରୀ ନଂ-୬ ନିକଟ ଡ୍ରେନ ଭିତରୁ ଠିକା ଶ୍ରମିକ ଗଙ୍ଗା ବାହାଦୂର ଲାମା(୨୮)ଙ୍କ ମୃତଦେହକୁ ଟାଙ୍ଗରପାଲି ପୋଲିସ ବୁଧବାର ସନ୍ଧ୍ୟାରେ ଜବତ କରିଥିଲା। ତେବେ ଏହି ଘଟଣାରେ କ୍ଷତିପୂରଣ ଦାବି କରି କେନ୍ଦ୍ର କରି ଗୁରୁବାର ମୃତକଙ୍କ ପରିବାର ପକ୍ଷରୁ ଆଇଜିଏଚ ମର୍ଗ ହାଉସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମୃତକ ଗଙ୍ଗା ବାହାଦୂରଙ୍କ ପରିବାରକୁ କ୍ଷତିପୂରଣ ବାବଦ ୧୦ ଲକ୍ଷ ଟଙ୍କା ପ୍ରଦାନ ସାଙ୍ଗକୁ ତାଙ୍କ ପରିବାରର ଜଣେ ସଦସ୍ୟଙ୍କୁ ଆର୍‌ଏସ୍‌ପିରେ ନିଯୁକ୍ତି ପ୍ରଦାନ ଓ ପେନସନ ଲାଗୁ କରିବାକୁ ପରିବାର ଲୋକେ ଦାବି କରିଛନ୍ତି।



ଆଇଜିଏଚ୍ ମର୍ଗ ହାଉସ ସମ୍ମୁଖରେ ମୃତକଙ୍କ ପରିବାର ଏବଂ ଅନ୍ୟମାନେ।

### କ୍ଷତିପୂରଣ ମିଳିଲେ ଉଠିବ ମୃତଦେହ

ଏହାକୁ ସମର୍ଥନ କରି ରାଉରକେଲା ଶ୍ରମିକ ସଂଘ ସଦସ୍ୟ ନିହାର ଦାସ, ରାଉରକେଲା ଇସ୍ପାତ କର୍ମଚାରୀ ସଂଘ ସମ୍ପାଦକ ରମେଶ ସାହୁ, ଗାଙ୍ଗପୁର ଶ୍ରମିକ ସଙ୍ଗଠନର ବରିଷ୍ଠ ସଦସ୍ୟ ଗୋପାଳ ଦାସ ପ୍ରମୁଖ ଆନ୍ଦୋଳନରେ ଯୋଗ ଦେଇଥିଲେ। ଠିକା ସଂସ୍ଥା ଓ ଆରଏସପି କର୍ତ୍ତୃପକ୍ଷ ଯେପର୍ଯ୍ୟନ୍ତ ମୃତକଙ୍କ ପରିବାରର ଦାବି ପୂରଣ ନ କରିଛନ୍ତି ସେଯାଏ ମର୍ଗ ହାଉସ୍‌ରୁ ମୃତଦେହ ନ ଉଠାଇବାକୁ ସଂଘ ପକ୍ଷରୁ କୁହାଯାଇଛି।

### କମ୍ୟୁନିଟି ସେଣ୍ଟରରେ ଯୋଗ ଶିବିର

**ରାଉରକେଲା,୧୪।୯(ଦିନେଶ ମିଶ୍ର):** ସେକ୍ଟର-୨୦ ସ୍ଥିତ କମ୍ୟୁନିଟି ସେଣ୍ଟରରେ ସୁନ୍ଦରଗଡ ପତଞ୍ଜଳି ଯୋଗ ସମିତି ପକ୍ଷରୁ ବୁଧବାର ସନ୍ଧ୍ୟାରେ ଯୋଗ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ରାଜ୍ୟ ପ୍ରଭାରୀ ଜେ. ଗିରିଜା ଦେବୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମଣିଷ ଜୀବନରେ ଯୋଗର ଆବଶ୍ୟକତା ଉପରେ ମତପ୍ରକାଶ କରିଥିଲେ। ଭାରତ ସ୍ୱାଭିମାନର ରାଜ୍ୟ ପ୍ରଭାରୀ ସୁଧାଂଶୁ ଶେଖର ଅଧିକାରୀ ଯୋଗ ଶିବିର ପରିଚାଳନା କରିଥିଲେ। ଅକ୍ଟୋବର ୧୨ ତାରିଖରେ ହେବାକୁ ଥିବା ମହିଳା ମହାସମ୍ମିଳନୀ ଉପରେ ଆଲୋଚନା ହୋଇଥିଲା। ଏଥିସହ ରାଜ୍ୟସ୍ତରୀୟ ସହଯୋଗ ପ୍ରଶିକ୍ଷଣରେ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କେନ୍ଦ୍ର ପରିଚାଳକ ହେମନ୍ତ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ବାଲି ଯିବେ ରାଉରକେଲା ନୃତ୍ୟଶିଳ୍ପୀ




ଖବରଦାତା ସମ୍ମିଳନୀରେ ମଞ୍ଚାସୀନ କର୍ମକର୍ତ୍ତା।

**ରାଉରକେଲା,୧୪।୯(ବିପ୍ଳବ ରଞ୍ଜନ ଦାଶ)** ଆସନ୍ତା ୨୯ରୁ ଅକ୍ଟୋବର ୩ତାରିଖ ପର୍ଯ୍ୟନ୍ତ ବାଲିଠାରେ ବାଲିଯାତ୍ରା ଅନୁଷ୍ଠିତ ହେବ। ଏଥିରେ ରାଉରକେଲାର ୨୧ଜଣ ନୃତ୍ୟଶିଳ୍ପୀଙ୍କ ସମେତ ବହୁ କଳାକାର ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏ ନେଇ ଗୁରୁବାର ରାଉରକେଲା କ୍ଲବରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଭୁବନେଶ୍ୱର କଳିଙ୍ଗ ଇଣ୍ଟରନ୍ୟାଶନାଲ ୟୁଥ୍ ଫେଡେରେଶନ ପ୍ରତିଷ୍ଠାତା ଅଧକ୍ଷ ଡା. ବିଭୂ ପ୍ରସାଦ ସ୍ୱାଇଁ ସୂଚନା ଦେଇ କହିଛନ୍ତି, ଓଡିଆ ସାଧବ ପୁଅ ବଣିଜ ବେପାର କରିବା ପାଇଁ ବାଲି, ଜାଭା, ସୁମାତ୍ରା, ବୋର୍ଣ୍ଣିଓ ଆଦି ସ୍ଥାନକୁ ଯାଇ ଓଡିଶାର ସଂସ୍କୃତି ଓ ପରମ୍ପରା ପ୍ରଚାର ପ୍ରସାର କରୁଥିଲେ। ଏଥିସହ ଓଡ଼ିଶାକୁ ଅର୍ଥନୈତିକ ଦୃଷ୍ଟିରୁ ସୁଦୃଢ଼ କରୁଥିଲେ। ସେହି ପ୍ରାଚୀନ ପରମ୍ପରାକୁ ଉଜ୍ଜୀବୀତ କରିବାକୁ ଇଣ୍ଡୋନେସିଆର ବାଲିଠାରେ ହେବାକୁ ଥିବା ବାଲିଯାତ୍ରାରେ ରାଉରକେଲାର ନୃତ୍ୟଶିଳ୍ପୀମାନେ ଅଂଶଗ୍ରହଣ କରିବେ। ଏହାସହ ଏକ ଫେଶନ ଶୋ ମଧ୍ୟ ଆୟୋଜିତ ହେବ ବୋଲି କୁହାଯାଇଛି। ଖବରଦାତା ସମ୍ମିଳନୀରେ ଗୁରୁ ସୁବ୍ରତ କୁମାର ଭୂୟାଁ, ସମାଜସେବୀ ଜୟା ତ୍ରିପାଠୀ, ଲିସି ଦାଶ, ପ୍ରତୀକ୍ଷା ଦାସ, ବସିଦା ପଟ୍ଟନାୟକ ଓ ଅଭିପ୍ସା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ସୁସ୍ଥ ମାନସିକତା ପାଇଁ ସବୁଜ ପରିବେଶ ଆବଶ୍ୟକ

**ରାଉରକେଲା,୧୪।୯(ବିପ୍ଳବ ରଞ୍ଜନ ଦାଶ)**

ବେଦବ୍ୟାସ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଗୁରୁବାର ସବୁଜ ପରିବେଶ କର୍ମଶାଳା ଆୟୋଜିତ ହୋଇଯାଇଛି। ଅଧ୍ୟକ୍ଷ ଡା. ଉମାକାନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ଲାଠିକଟା ବ୍ଲକ ଯନ୍ତ୍ରୀ ଗୀତା ଦାସ ଯୋଗଦେଇ



ପିଲାମାନେ ବୃକ୍ଷଚାରା ଧରିଛନ୍ତି।

ସବୁଜ ପରିବେଶ ସୁସ୍ଥ ମାନସିକତା ପାଇଁ ନିତାନ୍ତ ଆବଶ୍ୟକ ବୋଲି ପିଲାମାନଙ୍କୁ ମାର୍ଗଦର୍ଶନ କରିବା ସହ ପରିବେଶରେ ସ୍ୱଚ୍ଛତା ବଜାୟ ରଖିବା ଜରୁରି ବୋଲି କହିଥିଲେ। ପରେ ଶହେରୁ ଊର୍ଦ୍ଧ୍ୱ ପ୍ରଜାତିର ବୃକ୍ଷରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ସମାଜସେବୀ ରମେଶ ଚନ୍ଦ୍ର ଜେନା, ସ୍ୱାମୀ ଅଗ୍ନି ବାବା, ଅଧ୍ୟାପକ ଚନ୍ଦ୍ରଧ୍ୱଜ ମାଝୀ, ପରମେଶ୍ୱର ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ। ଏହାପରେ ପିଲାମାନଙ୍କୁ ବିଦ୍ୟାଳୟ ପରିବେଶ ସ୍ୱଚ୍ଛ ରଖିବା ପାଇଁ ଶପଥପାଠ କରାଯାଇଥିଲା। ସାବିତ୍ରୀ ପଟେଲ, ମିତାଲି ଦାସ, ପରିମିତା ପ୍ରଧାନ ବେଦପାଠ କରିଥିଲେ। ଖୁସି ରାୟ ଓ ମମତା ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ରାହ୍ମଣୀରୁ ଯୁବକଙ୍କ ମୃତଦେହ ଜବତ

**ରାଉରକେଲା,୧୪।୯(ଦିନେଶ ମିଶ୍ର):** ବ୍ରାହ୍ମଣୀ ନଦୀରୁ ଅଜଣା ଯୁବକଙ୍କ ମୃତଦେହକୁ ରଘୁନାଥପାଲି ପୋଲିସ ଉଦ୍ଧାର କରିଛି। ମୃତ ଯୁବକଙ୍କ ବୟସ ପ୍ରାୟ ୩୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ମୃତଦେହ ଫୁଲି ଯାଇଥିବାରୁ ଚିହ୍ନଟ ହୋଇପାରିନାହିଁ। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୦୨।୨୩) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ଅନୁସାରେ, ନବ ନିର୍ମିତ ଦ୍ୱିତୀୟ ବ୍ରାହ୍ମଣୀ ସେତୁ ତଳେ ଜଣେ ଯୁବକଙ୍କ ମୃତଦେହ ଭାସୁଥିବା ଦେଖି ପାନପୋଷ ରୂପଟୋଲା ବସ୍ତିର କିଛି ଲୋକ ପୋଲିସକୁ ଖବର ଦେଇଥିଲେ। ପୋଲିସ ସେଠାକୁ ଯାଇ ମୃତଦେହ ଉଦ୍ଧାର କରି ଆର୍‌ଜିଏଚ ମର୍ଗ ହାଉସ୍‌ରେ ରଖିଛି।

# କେନ୍ଦ୍ରୀୟ ପୂଜା କମିଟି ଚୟନରେ ଅନିୟମିତତା ଅଭିଯୋଗ

**ରାଉରକେଲା,୧୪।୯(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲାରେ ଚଳିତବର୍ଷ କେନ୍ଦ୍ରୀୟ ପୂଜା କମିଟି ଚୟନରେ ବ୍ୟାପକ ଅନିୟମିତତା କରାଯାଇଥିବା ଗୁରୁବାର ଅଭିଯୋଗ ହୋଇଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଭାଜପା ପ୍ରତିନିଧି ଦଳ ଅତିରିକ୍ତ ଜିଲାପାଳ ତଥା କମିଟି ଅଧ୍ୟକ୍ଷ ଡା. ଶୁଭଙ୍କର ମହାପାତ୍ରଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ଗତ ୨ଦିନ ତଳେ ହୋଇଥିବା କେନ୍ଦ୍ରୀୟ ପୂଜା କମିଟି ନିର୍ବାଚନ ବିଧିବଦ୍ଧ ପ୍ରକ୍ରିୟାରେ କରା ନ ଯାଇ କିଛି ମୁଷ୍ଟିମେୟ ଗୋଷ୍ଠୀ ଉପସ୍ଥିତିରେ କରାଯାଇଛି। ନିର୍ବାଚନରେ ଭାଗ ନେବା ପାଇଁ ଯୋଗ୍ୟ ବିବେଚିତ ୨୧୮ ପୂଜା କମିଟିକୁ ଏ ସମ୍ବନ୍ଧରେ ସୂଚନା ସୂଚନା ଦିଆଯାଇନାହିଁ। କେବଳ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ସୂଚନା ପତ୍ରକୁ ଛାପି ଦିଆଗଲା। କମିଟିରେ ଥିବା ଶତାଧିକ କର୍ମକର୍ତ୍ତାଙ୍କ ଗଣତାନ୍ତ୍ରିକ ଅଧିକାରକୁ କ୍ଷୁର୍ଣ୍ଣ କରି ପୁରୁଣା କମିଟି ପୁନର୍ବାର ଚୟନ କରାଗଲା ବୋଲି ଦଳ ଅଭିଯୋଗ କରିଛି। ନିର୍ବାଚନ କେନ୍ଦ୍ରକୁ ପ୍ରବେଶ ପୂର୍ବରୁ ବ୍ୟକ୍ତି ଜଣଙ୍କ କେଉଁ ପୂଜା କମିଟିରେ ଅଛନ୍ତି ତାହା ପୋଲିସ ଦ୍ୱାରା ଯାଞ୍ଚ ହୋଇ ଭିତରକୁ ଯିବା ନିୟମ ଥିବାବେଳେ ଏହାର ଉଲଂଘନ କରାଯାଇଥିବା ଭାଜପା କହିଛି। ଏପରି ତ୍ରୁଟିପୂର୍ଣ୍ଣ ଚୟନ ପ୍ରକ୍ରିୟାକୁ ବାତିଲ କରି ନୂତନ ଭାବେ ନିୟମ ଅନୁଯାୟୀ କେନ୍ଦ୍ରୀୟ ପୂଜା କମିଟି ନିର୍ବାଚନ କରିବାକୁ ଦଳ ପକ୍ଷରୁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଭାଜପା ଜିଲା ସଭାନେତ୍ରୀ ଲତିକା ପଟ୍ଟନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିହାର ରାୟ, ଜଗବନ୍ଧୁ ବେହେରା, ଭଗବାନ ରାଉତ, ସମ୍ପାଦକ ପ୍ରବାଳ ବାରିକ, ବିନ୍ଦର ସିଂ, ମୁକ୍ତେଶ୍ୱର ପାତ୍ର ଓ ସରୋଜ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ଏଡିଏମ୍‌ଙ୍କ ସହିତ ଭାଜପା କର୍ମକର୍ତ୍ତା ଆଲୋଚନା କରୁଛନ୍ତି।

# ବିଜ୍ଞାନ କ୍ଷେତ୍ରରେ ମହିଳାଙ୍କ ପ୍ରତିନିଧିତ୍ୱ ଦେଶ ପାଇଁ ଗୌରବ

**ରାଉରକେଲା,୧୪।୯(ବିପ୍ଳବ ରଞ୍ଜନ ଦାଶ)**

ସୁନ୍ଦରଗଡ ଜବାହାର ନବୋଦୟ ବିଦ୍ୟାଳୟ ଓ କେନ୍ଦ୍ରୀୟ ବିଦ୍ୟାଳୟର ନବମରୁ ଦ୍ୱାଦଶ ଶ୍ରେଣୀ ଛାତ୍ରୀମାନେ ବିଜ୍ଞାନ ସମ୍ବନ୍ଧରେ ଅଧିକ ଜାଣିବା ପାଇଁ ଗୁରୁବାର ରାଉରକେଲା ଏନ୍‌ଆଇଟି ପରିଦର୍ଶନ କରିଛନ୍ତି। ଛାତ୍ରୀମାନେ ଏନ୍‌ଆଇଟି ସ୍ଥିତ ବିଜ୍ଞାନଗାର କେନ୍ଦ୍ର ବୁଲି ଦେଖିବା ସହିତ ବିଜ୍ଞାନ ସମ୍ପର୍କିତ ଜ୍ଞାନ ଆହରଣ କରିଥିଲେ। ଏହି ପରିପ୍ରେକ୍ଷୀରେ ୫୫ଜଣ ଛାତ୍ରୀଙ୍କ ସହିତ ମତ ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏନ୍‌ଆଇଟିର ନୋଡାଲ ଅଧିକାରୀ ପ୍ରଫେସର ଏସ୍. ଏନ୍. ଦାସ (ପଦାର୍ଥ ଏବଂ ଜ୍ୟୋତିର୍ବିଜ୍ଞାନ ବିଭାଗ) ଛାତ୍ରୀମାନଙ୍କୁ ସ୍ୱାଗତ ଜଣାଇ ଭାରତ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଜ୍ଞାନ କ୍ଷେତ୍ରରେ ଅଧିକରୁ ଅଧିକ ଛାତ୍ରୀ ଓ ମହିଳା ବର୍ଗଙ୍କ ପ୍ରତିନିଧିତ୍ୱ ସୁନିଶ୍ଚିତ କରିବା ହିଁ ବିଜ୍ଞାନ ଜ୍ୟୋତି ଯୋଜନାର ମୂଳ ଆଧାର ବୋଲି କହିଥିଲେ। କାର୍ଯ୍ୟକ୍ରମର ମୁଖ୍ୟଅତିଥି




ଛାତ୍ରୀମାନେ ଏନ୍‌ଆଇଟି ପରିଦର୍ଶନ କରୁଛନ୍ତି।

ପ୍ରଫେସର କେ. ଉମା ମହେଶ୍ୱର ରାଓ କହିଥିଲେ ଯେ, ବର୍ତ୍ତମାନ ଏମିତି କୌଣସି କ୍ଷେତ୍ର ନାହିଁ ଯେଉଁ କ୍ଷେତ୍ରରେ କି ମହିଳା ପ୍ରତିନିଧିତ୍ୱ ନ ଥିବ। ଚନ୍ଦ୍ରୟାନ-୩ରେ ୮ଜଣ ବରିଷ୍ଠ ମହିଳା ବୈଜ୍ଞାନିକଙ୍କ ପ୍ରତିନିଧିତ୍ୱ ରହିଥିଲା। ଏଣୁ ଛାତ୍ରୀ ସମାଜ ସୁନିଶ୍ଚିତ କରିବା କଥା ଯେ ଭବିଷ୍ୟତରେ ସେମାନେ କେଉଁ କ୍ଷେତ୍ରରେ ପ୍ରତିନିଧିତ୍ୱ କରି ଦେଶକୁ ଗୌରବାନ୍ୱିତ କରିବେ। ସେ କ୍ଷେତ୍ରରେ ପାରଙ୍ଗମ ହାସଲ କରିବା ପାଇଁ ଅକ୍ଳାନ୍ତ ପ୍ରୟାସ ସୁନିଶ୍ଚିତ କରିବା ଛାତ୍ରୀ ସମାଜ ପାଇଁ ଆବଶ୍ୟକ ବୋଲି ରାଓ କହିଥିଲେ। ଏହାସହ ବିଜ୍ଞାନ କ୍ଷେତ୍ରରେ ଛାତ୍ରୀ ଓ ମହିଳା ସମାଜର ପ୍ରତିନିଧିତ୍ୱ ଦେଶ ପାଇଁ ଗର୍ବ ଓ ଗୌରବ ବୋଲି ସେ କହିଥିଲେ। ସୁନ୍ଦରଗଡ ଜବାହାର ନବୋଦୟ ବିଦ୍ୟାଳୟର ସଂଯୋଜକ ଭୂପେନ୍ଦ୍ର କୁମାର କହିଥିଲେ, ଡିଏସ୍‌ଟି ଇଣ୍ଡିଆ ପ୍ରାରମ୍ଭିକ ଚରଣରୁ ବିଜ୍ଞାନ ଓ ପ୍ରାଦ୍ୟୋଗିକ କ୍ଷେତ୍ରରେ ମହିଳାଙ୍କ ପ୍ରତିନିଧିତ୍ୱ ବୃଦ୍ଧି ପାଇଁ ବ୍ୟାପକ ପ୍ରୟାସ ଚଳାଇ ଆସୁଛି। ଦେଶର ୨୫୦ଟି ଜବହାର ନବୋଦୟ, କେଭିଏସ ଓ ସରକାରୀ ସ୍କୁଲ ଆଦିରେ ଅଧ୍ୟୟନ କରୁଥିବା ଛାତ୍ରୀଙ୍କ ବିଭିନ୍ନ ଆବଶ୍ୟକତା ପୂରଣ ଲାଗି ବିଜ୍ଞାନ ଜ୍ୟୋତି ଯୋଜନା ସଫଳତାର ସହ ଦାୟିତ୍ୱ ସମ୍ପାଦନ କରୁଛି। ଏସ୍‌ଟିଇଏମ୍ ଜରିଆରେ ଛୋଟ ଛୋଟ ସହର ଓ ଗ୍ରାମାଞ୍ଚଳର ଛାତ୍ରୀମାନଙ୍କୁ ସ୍କୁଲରୁ କଲେଜ ସ୍ତର ଯାଏ ଅନୁସନ୍ଧାନ ବିଷୟ ପାଠ୍ୟକ୍ରମରୁ ନିଯୁକ୍ତି ସ୍ତର ଯାଏ ସାମିଲ କରିଆସୁଛି ବୋଲି ସେ ମତ ଦେଇଥିଲେ। ଏନ୍‌ଆଇଟିର ପ୍ରଫେସର ରୋହନ ଧୀମାନ କହିଥିଲେ, ବିଜ୍ଞାନ ବିଷୟ ଛାତ୍ରୀମାନେ ବିଜ୍ଞାନ କ୍ଷେତ୍ରରେ ସମ୍ପୂର୍ଣ୍ଣ ପାରଙ୍ଗମ ହାସଲ କଲେ ଯୋଜନାର ମୂଳ ଉଦ୍ଦେଶ୍ୟ ସାକାର ହେବ। ମତ ବିନିମୟ ଅଧିବେଶନ ପରେ ଏନଆଇଟି ପରିଦର୍ଶନରେ ଆସିଥିବା ଛାତ୍ରୀ ସମୂହ ଏନ୍‌ଆଇଟି ବିଜ୍ଞାନ ପ୍ରୟୋଗଶାଳା, କେନ୍ଦ୍ରୀୟ ଅନୁସନ୍ଧାନ କେନ୍ଦ୍ର, ଛାତ୍ର ଗତିବିଧି କେନ୍ଦ୍ର, ଇନୋଭେଶନ ସେଲ୍ ସହିତ ଏନ୍‌ଆଇଟି ସ୍ଥିତ ବିଭିନ୍ନ ବିଜ୍ଞାନ ସମ୍ପର୍କିତ କେନ୍ଦ୍ର ଓ ପ୍ରୟୋଗଶାଳା ପରିଦର୍ଶନ କରିଥିଲେ। ସୁନ୍ଦରଗଡ ଜବାହାର ନବୋଦୟ ବିଦ୍ୟାଳୟ ସହ ସଂଯୋଜକ ଚରିତ ଦତ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ୧ କୁଇଣ୍ଟାଲ ଗଞ୍ଜେଇ ଜବତ, ୩ ଗିରଫ

**ସମ୍ବଲପୁର,(ବି.ଶଙ୍କର):** ସମ୍ବଲପୁର ଅବକାରୀ କାର୍ଯ୍ୟାଳୟ ପକ୍ଷରୁ ଗୁଣ୍ଡେରପୁରଠାରେ ଗୁରୁବାର ଏକ କାର୍ ସହ ଏକ କୁଇଣ୍ଟାଲ ଗଞ୍ଜେଇ ଜବତ କରାଯାଇଛି। ଏଥିସହ ୩ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଦେବେଶ ଭରଦ୍ୱାଜ, ଅଂଶୁମାନ ଶର୍ମା ଓ ପବନ କୁମାର। ପୂର୍ବରୁ ସୂଚନା ପାଇ ସମ୍ବଲପୁର ଅବକାରୀ କାଯର୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ଗୁଣ୍ଡେରପୁରଠାରେ ଛପି ରହିଥିଲେ। ଗଞ୍ଜେଇ ଭର୍ତ୍ତି କାର ଆସିବା ମାତ୍ରେ ଅତର୍କିତ ଚଢ଼ାଉ କରିଥିଲେ।

## ସଂକ୍ଷେପରେ

### ରେଢ଼ାଖୋଲ ଷ୍ଟେଶନରେ ରହିବ ପୁରୀ-ଦୁର୍ଗ ଏକ୍ସପ୍ରେସ୍

**ଭୁବନେଶ୍ୱର,୧୪।୯(ଅଭିଜିତ ଦାସ):** ଯାତ୍ରୀଙ୍କୁ ଆରାମଦାୟକ ଯାତ୍ରା ଯୋଗାଇବା ପାଇଁ ରେଳ ମନ୍ତ୍ରଣାଳୟ ପକ୍ଷରୁ ୧୫ ତାରିଖରୁ ପରୀକ୍ଷାମୂଳକ ଭିତ୍ତିରେ ରେଢ଼ାଖୋଲ ଷ୍ଟେଶନରେ ପୁରୀ-ଦୁର୍ଗ-ପୁରୀ ଏକ୍ସପ୍ରେସର ରହଣି ପାଇଁ ନିଷ୍ପତ୍ତି ନିଆଯାଇଛି। ତେବେ ପୂର୍ବତଟ ରେଳପଥ ସୂଚନା ଅନୁଯାୟୀ, ପୁରୀରୁ ଛାଡୁଥିବା ୧୮୪୨୫ ପୁରୀ-ଦୁର୍ଗ ଏକ୍ସପ୍ରେସ ରେଢ଼ାଖୋଲ ଷ୍ଟେଶନରେ ରାତି ୧୨ଟା ୫୮ ମିନିଟ୍‌ରେ ପହଞ୍ଚି ରାତି ୧ଟା ବେଳେ ଦୁର୍ଗ ଅଭିମୁଖେ ଯାତ୍ରା କରିବ। ସେହିପରି ଫେରିବା ମାର୍ଗରେ ଦୁର୍ଗରୁ ଛାଡୁଥିବା ୧୮୪୨୬ ଦୁର୍ଗ-ପୁରୀ ଏକ୍ସପ୍ରେସ ରେଢ଼ାଖୋଲ ଷ୍ଟେଶନରେ ରାତି ୨ଟାରେ ପହଞ୍ଚି ୨ଟା ୫ ମିନିଟ୍‌ରେ ପୁରୀ ଅଭିମୁଖେ ଯାତ୍ରା କରିବ।

### ସାତକମା ସ୍କୁଲରେ ହିନ୍ଦୀ ଦିବସ

**କୁଚିଣ୍ଡା,୧୪।୯(ବିରଞ୍ଚି ଦର୍ଶୀ)**

କୁଚିଣ୍ଡା ବ୍ଲକ ଅନ୍ତର୍ଗତ ସାତକମା ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଧାନ ଶିକ୍ଷକ ପୁରୁଷୋତ୍ତମ ପୃଷେଠଙ୍କ ତତ୍ତ୍ୱାବଧାନରେ ହିନ୍ଦୀ ରଚନା, କୁଇଜ୍, ଗଳ୍ପ ଲିଖନ ପ୍ରତିଯୋଗିତା ହୋଇଥିଲା।ଏଥିରେ ସପ୍ତମ ଓ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଅବସରପ୍ରାପ୍ତ କଲେଜ ଅଧକ୍ଷ ସୁବାସ ଚନ୍ଦ୍ର ନାୟକ ଅତିଥି ଭାବେ ଯୋଗଦେଇ ହିନ୍ଦୀ ରାଷ୍ଟ୍ରଭାଷା ହୋଇଥିବାରୁ ଏହାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ପରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀ ସ୍ମିତା ପାଉଆ, ମହିମା ସାହୁ, ପାର୍ବତୀ ଭଞ୍ଜ, ଜୁଲି ଦୀପ, ସ୍ନେହ ଜୟପୁରିଆ, ଖୁସବୁ ସାହୁ, ସୁପ୍ରଭା ଦେହୁରି, ରୋଷନୀ ପ୍ରଧାନ ପ୍ରମୁଖଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସହକାରୀ ଶିକ୍ଷକ ବୈଦ୍ୟଚରଣ ଷଣ୍ଢ ଧନ୍ୟବାଦ ଅର୍ପଣ କରିଥିଲେ।

### ଡିଏଭି ବିଦ୍ୟାଳୟରେ ହିନ୍ଦୀ ଦିବସ

**ସମ୍ବଲପୁର,୧୪।୯(ବି.ଶଙ୍କର)**

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ବୁର୍ଲା ଆନନ୍ଦ ବିହାରସ୍ଥିତ ଡିଏଭି ବିଦ୍ୟାଳୟ ସଭାକକ୍ଷରେ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ହିନ୍ଦୀ ବିଭାଗୀୟ ମୁଖ୍ୟ ଦେବେଶ ପ୍ରସାଦ ହୋତାଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ବିଦ୍ୟାଳୟ ଅଧକ୍ଷ ରଶ୍ମି ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ହିନ୍ଦୀ ଭାଷାର ବହୁଳ ବ୍ୟବହାର କିପରି ହେବ ସେ ନେଇ ଆଲୋକପାତ କରିଥିଲେ। ଶିକ୍ଷୟିତ୍ରୀ ଶୁଭାଣୀ ଦାଶ ଓ ସଞ୍ଚିତା ଗୁରୁ ନିଜସ୍ୱ ମତ ପ୍ରକାଶ କରିଥିଲେ। ଶିକ୍ଷକଅଭୟ କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସକୁନ୍ତଳା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପାର୍ବଣରେ ଶୋଭାଯାତ୍ରା, ବିସ୍ଥାପିତଙ୍କୁ ଥଇଥାନ

## ଆର୍‌ଡିସିଙ୍କୁ ଦାବି କଲେ ପୂର୍ବତନ ବିଧାୟିକା


ଆର୍‌ଡିସି ସଚିବଙ୍କ ସହ ଆଲୋଚନା କରୁଛନ୍ତି ପୂର୍ବତନ ବିଧାୟିକା।

**ସମ୍ବଲପୁର,୧୪।୯(ଶୁଭାଶିଷ ପାଢ଼ୀ)**

ସମ୍ବଲପୁର ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡ. ସୁରେଶ ଚନ୍ଦ୍ର ଦଳାଇଙ୍କୁ ବୁଧବାର ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀଙ୍କ ନେତୃତ୍ୱରେ ସମର୍ଥକମାନେ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ପୂଜାପାର୍ବଣ ସମୟରେ ଶୋଭାଯାତ୍ରାକୁ ଅନୁମତି ଦେବା, ବୁର୍ଲାରେ ଭିଟାମାଟି ହରାଇଥିବା ଲୋକଙ୍କୁ ଥଇଥାନ ବନ୍ଦୋବସ୍ତ କରିବା ପାଇଁ ଅନୁରୋଧ କରିଥିଲେ। ସେ ଦର୍ଶାଇଥିଲେ, ବିଭିନ୍ନ ଉତ୍ସବ ବିବିଧତା ମଧ୍ୟରେ ଏକତା, ଭ୍ରାତୃଭାବ, ଭାବବିନିମୟ ଓ ସୃଜନଶୀଳତାକୁ ଉତ୍ସାହିତ କରିଥାଏ। ସାଂସ୍କୃତିକ ପରମ୍ପରାରେ ଶ୍ରୀ ଗଣେଶ ପୂଜା, ବିଶ୍ୱକର୍ମା ପୂଜା, ସାର୍ବଜନୀନ ଦୁର୍ଗାପୂଜା ଭଳି ଅନେକ ଉତ୍ସବ ପାଳିତ ହୋଇଆସୁଛି। ପୂଜା ପାର୍ବଣ ସମୟରେ ଶୋଭାଯାତ୍ରାକୁ ହୋଇଥାଏ। ସମ୍ବଲପୁର ସହିତ ବୁର୍ଲା ଓ ହୀରାକୁଦରେ ବିଶ୍ୱକର୍ମା ପୂଜା ଏବଂ ବିସର୍ଜନ ଶୋଭାଯାତ୍ରା ସହିତ ଭାବାବେଗର ସମ୍ପର୍କ ରହିଛି। ଏହି ଶୋଭାଯାତ୍ରା ସମୟରେ ବିବାଦ ସୃଷ୍ଟି ହୋଇଥିବାର ନଜିର ନାହିଁ। ସେହିଭଳି ବୁର୍ଲା ସହରର ଉଚ୍ଛେଦ ପାଇଁ ଜୀବିକା ହରାଇଥିବା ୧୫୦ରୁ ଊର୍ଦ୍ଧ୍ୱ ବ୍ୟବସାୟୀ ପ୍ରଭାବିତ କରାଯାଉଛି। ବଜାର ପରିପାର୍ଶ୍ୱରେ ଥିବା ସରକାରୀ ଜମିରେ ସେମାନଙ୍କୁ ଥଇଥାନ କରାଯିବାକୁ ସ୍ମାରକପତ୍ରରେ ଅନୁରୋଧ କରିଛନ୍ତି। ରାଜ୍ୟରେ ଲୋକଙ୍କ ଜୀବନଧାରଣର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନେକ ଯୋଜନା କରିଛନ୍ତି। ୭୦ବର୍ଷ ଧରି ବୁର୍ଲାରେ ଜମିର ସ୍ଥାୟୀ ବନ୍ଦୋବସ୍ତ ହୋଇପାରି ନାହିଁ। ଏହାର ବିକଳ୍ପ ରାସ୍ତା ବାହାର କରାଯାଉ ବୋଲି ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସତୀଶ ବିଶି, ବନ୍ଦିତା ମିଶ୍ର, ଦେବାଶିଷ ନନ୍ଦ, ପ୍ରଦ୍ୟୁମ୍ନ ମିଶ୍ର, ରାମେଶ୍ୱର ସିଂ, ଅମିତାବ ପରିଡ଼ା, ଭୋଳାଶଙ୍କର ମହନ୍ତମ, ନିଶାନ୍ତ ବହିଦାର, ଅଞ୍ଜନ ଓଝା, ରମାକାନ୍ତ ସାହୁ, ସଞ୍ଜୟ ମହାପାତ୍ର, ଅନୀଲ ପଣ୍ଡା, ରାଜେଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଏସ୍‌ୟୁର ଶ୍ରେଷ୍ଠ ୧୦ ମଧ୍ୟରେ ବଦ୍ରିପ୍ରସାଦ ଶିକ୍ଷାନୁଷ୍ଠାନର ୩ଜଣ

## ବିସିଏ ୪ର୍ଥ ସେମିଷ୍ଟରର ପରୀକ୍ଷା ଫଳ ପ୍ରକାଶ


ତନୁ ସୋନୀ


ଈଶ୍ୱର ମେହେର


ଅନ୍ୱେଷ ପଟ୍ଟନାୟକ

**ସମ୍ବଲପୁର,୧୪।୯(ବି.ଶଙ୍କର)**

ବିସିଏ ୪ର୍ଥ ସେମିଷ୍ଟରର ପରୀକ୍ଷା ଫଳ ପ୍ରକାଶିତ ହୋଇଛି। ଏଥିରେ ସମ୍ବଲପୁର ଜିଲା ଶାସନସ୍ଥିତ ବଦ୍ରିପ୍ରସାଦ କଲେଜ ଅଫ କମ୍ପ୍ୟୁଟର ଟେକ୍ନୋଲୋଜିର ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। ଏହି ଶିକ୍ଷାନୁଷ୍ଠାନର ତିନିଜଣ ଛାତ୍ର ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଏସ୍‌ୟୁ)ର ଶ୍ରେଷ୍ଠ ୧୦ଜଣଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। ଛାତ୍ର ତନୁ ସୋନି, ଅନ୍ୱେଷ ପଟ୍ଟନାୟକ ଓ ଈଶ୍ୱର ମେହେର ଯଥାକ୍ରମେ ୯.୨୩, ୯.୧୫ ଓ ୯ ଏସ୍‌ଜିପିଏ ସ୍କୋର କରି ଶିକ୍ଷାନୁଷ୍ଠାନକୁ ଗୌରାନ୍ୱିତ କରିଛନ୍ତି। ସେହିପରି ଗତ ୧୩ ସେପ୍ଟେମ୍ବରରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଘୋଷିତ ଚତୁର୍ଥ ସେମିଷ୍ଟର ବିସିଏ ପରୀକ୍ଷା ଫଳାଫଳରେ ମଧ୍ୟ ଏହି ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଷଷ୍ଠ, ସପ୍ତମ ଓ ଅଷ୍ଟମ ସ୍ଥାନ ହାସଲ କରିଛନ୍ତି। ଛାତ୍ରୀଛାତ୍ରଙ୍କ ସଫଳତା ସକାଶେ ବଦ୍ରିପ୍ରସାଦ କଲେଜ ଅଫ କମ୍ପ୍ୟୁଟର ଟେକ୍ନୋଲୋଜିର ଅଧକ୍ଷ, ଅଧାପିକା, ଅଧାପକମାନଙ୍କୁ ସଞ୍ଜୀବ କୁମାର ଅଗ୍ରୱାଲ ଅଭିନନ୍ଦନ ଜଣାଇଛନ୍ତି।

# ପୋଲିସ ରାଇଟରଙ୍କୁ ମାଡ଼: ୩ କୋର୍ଟ ଚାଲାଣ


ଗିରଫ ଅଭିଯୁକ୍ତମାନେ।

**ଜମନକିରା, ୧୪।୯(ରବୀନ୍ଦ୍ର ଦାନି)**

ଜମନକିରା ବସ୍‌ଷ୍ଟାଣ୍ଡରେ ଜଣେ ପୋଲିସ ରାଇଟରଙ୍କୁ ମାଡ଼ ମାରିବା ଅଭିଯୋଗରେ ଗୁରୁବାର ପୋଲିସ ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେମାନେ ହେଲେ ସ୍ଥାନୀୟ ରାଧାକୃଷ୍ଣପଡ଼ାର ସୁଶାନ୍ତ ପ୍ରଧାନ, ଜଗନ୍ନାଥ ତଳିପଡ଼ାର ଲିଗନ ନାଏକ ଓ ସୁଜିତ ଜାମୁଡ଼ାଳିଆ। ଅଭିଯୋଗ ଅନୁଯାୟୀ ଜମନକିରା ବସ୍‌ଷ୍ଟାଣ୍ଡ ଛକରେ ଅଭିଯୁକ୍ତମାନେ ବୁଧବାର ନିଶାସକ୍ତ ଅବସ୍ଥାରେ ଅଶ୍ଳୀଳ ଭାଷାରେ ଲୋକଙ୍କୁ ଗାଳିଗୁଲଜ କରୁଥିଲେ। ଏହା ଦେଖି ଜମନକିରା ଥାନାରେ କାର୍ଯ୍ୟରତ ରାଇଟର ବିକ୍ରମ ସାହୁ ସେମାନଙ୍କୁ ବୁଝାଶୁଝା କରିଥିଲେ। ପରବର୍ତ୍ତୀ ସମୟରେ ସେମାନେ ପାଟିତୁଣ୍ଡ କରିବା ସହ ବିକ୍ରମଙ୍କୁ ଗାଳିଗୁଲଜ କରି ମାଡ଼ ମାରିଥିଲେ। ଏ ନେଇ ବିକ୍ରମ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୧୧୫/୨୩) ରୁଜୁକରି ଅଭିଯୁକ୍ତମାନଙ୍କୁ ଗିରଫ କରିଛି।

# ଟ୍ରେଲର-ହାଇୱା ମୁହାଁମୁହିଁ ଧକ୍କା, ୨ ମୃତ

**ଜମନକିରା,୧୪।୯(ରବୀନ୍ଦ୍ର ପ୍ରସାଦ ଦାନି)**

୫୩ନଂ. ଜାତୀୟ ରାଜପଥର ସମ୍ବଲପୁର ଜିଲା ଜମନକିରା ଥାନା ଗୌଡ଼ପାଲି ଫାଣ୍ଡି ଅନ୍ତର୍ଗତ ଚେପଟଆମଠାରେ ଗୁରୁବାର ଏକ ହାଇୱା (ଓଡ଼ି୧୫ଡବ୍ଲ୍ୟୁ-୫୦୪୩) ଓ ଟ୍ରେଲର (ଆର୦୪ଜିଏ-୫୬୨୬) ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଉଭୟ ଗାଡ଼ିର ଚାଳକଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ ଅପରାହ୍ନ ପ୍ରାୟ ୨ଟା ସମୟରେ ଟ୍ରେଲରଟି ଦେବଗଡ଼ ପଟୁ ସମ୍ବଲପୁର ଯାଉଥିଲା। ଏହି ସମୟରେ ସମ୍ବଲପୁରରୁ ଦେବଗଡ଼ ଯାଉଥିବା ହାଇୱା ସହ ଧକ୍କା ହୋଇଥିଲା। ଦୁର୍ଘଟଣାରେ ଟ୍ରେଲର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବାବେଳେ ଡ୍ରାଇଭରଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଅନ୍ୟପଟେ ହାଇୱାରେ ଫସିରହିଥିବା ଚାଳକଙ୍କୁ ଜମନକିରା ଅଗ୍ନିଶମ ବାହିନୀ ଉଦ୍ଧାର କରି କୁଚିଣ୍ଡା ମେଡିକାଲକୁ ପଠାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଚାଳକ ଦ୍ୱୟଙ୍କ ପରିଚୟ ମିଳିପାରି ନାହିଁ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ପଦ୍ମାଳୟା ସାହୁ ପ୍ରକାଶ କରିଛନ୍ତି।

# ସୋହେଲାକୁ ହରାଇ କଦଲେପାଲ ବିଜୟୀ


ଖେଳାଳିଙ୍କ ଗହଣରେ ଅତିଥି।

## ତ୍ରିଦିବସୀୟ ହକି ଟୁର୍ଣ୍ଣାମେଣ୍ଟ

**ସମ୍ବଲପୁର,୧୪।୯ (ଶୁଭାଶିଷ ପାଢ଼ୀ)**

ଝୁଝୁମୁରା ବ୍ଲକ ଛାମୁଣ୍ଡା ପଞ୍ଚାୟତ ପୁଟନାରେ ଚାଲିଥିବା ତ୍ରିଦିବସୀୟ ହକି ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ସୋହେଲାକୁ ୨-୦ରେ ହରାଇ କଦଲେପାଲ ବିଜୟୀ ହୋଇଥିଲା। ଖେଳ ଶେଷାର୍ଦ୍ଧରେ କଦଲେପାଲ ଦଳ ୨ ଗୋଲ ଦେଇଥିଲା। ଜିଲା ତଥା ପଡୋଶୀ ଜିଲାର ମୋଟ ୨୭ ଦଳ ଭାଗ ନେଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ରେଢାଖୋଲ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରୋହିତ ପୂଜାରି ମୁଖ୍ୟଅତିଥି ଓ ଝୁଝୁମୁରା ବ୍ଲକ ଅଧକ୍ଷା ମମତା ନାଏକ, ସୁଶିଲ ବେହେରା, ଦେବାଶିଷ ପରିଡା ସମ୍ମାନିତ ଅତିଥିଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପରସ୍କୃତ କରିଥିଲେ। କ୍ଲବର ଆନନ୍ଦ ସାମଲ, ସୁନୀଲ ଟପନୋ, ମାଲିୟସ ଲୁଗୁନ, ସମୀର କୋନଗାରୀ, ମୋହଚର ସାମଲ, ରୋଶନ ଟପନୋ, ନିରଲ ଗୁଡିଆ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

# ଜଙ୍ଗଲ ଅଧିକାର କମିଟିର ସମୀକ୍ଷା

## ଗୋଷ୍ଠୀ ଜଙ୍ଗଲ ଅଧିକାର ସମ୍ପର୍କରେ ଆଲୋଚନା

**କୁଚିଣ୍ଡା,୧୪।୯(ବିରଞ୍ଚି ଦର୍ଶୀ)**

ବାମରା ବ୍ଲକ ଜରାବଗା ପଞ୍ଚାୟତର କର୍ଲିଆଡିହି ଗ୍ରାମରେ ଜଙ୍ଗଲ ଅଧିକାର କମିଟି ପକ୍ଷରୁ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। କର୍ଲିଆଡିହି ଜଙ୍ଗଲ କମିଟି ସଭାପତି ବିଲକାନ ହରିଙ୍କ ଅଧକ୍ଷତାରେ ଜଙ୍ଗଲ ଅଧିକାର ଆଇନ ୨୦୦୬ ଓ ସଂଶୋଧିତ ନିୟମାବଳୀ ୨୦୧୨ ଅନୁଯାୟୀ ଗୋଷ୍ଠୀ ଜଙ୍ଗଲ ଅଧିକାର ଓ ଗୋଷ୍ଠୀ ଜଙ୍ଗଲ ସମ୍ବନ୍ଧୀୟ ଦାବିଗୁଡ଼ିକ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ଜଙ୍ଗଲ ବିଭାଗ ପକ୍ଷରୁ ଜରାବଗା ଫରେଷ୍ଟର ସରୋଜିନୀ କିଷାନ, ମହୁଲପାଲି ଫରେଷ୍ଟର ଖଗେଶ୍ୱର ପ୍ରଧାନ, ବେଡଝରନ ଫରେଷ୍ଟ ଗାର୍ଡ ସୀମା ଖର୍ସେଲ, ଜରାବଗା ଫରେଷ୍ଟ ଗାର୍ଡ ମନ୍ଦାକିନୀ ବାଘ ପ୍ରମୁଖ ଯୋଗଦେଇଥିଲେ। ସଭାରେ କର୍ଲିଆଡିହି ଜଙ୍ଗଲ ଅଧିକାର କମିଟି ସମ୍ପାଦକ ମହେନ୍ଦ୍ର ନାଏକ ଗ୍ରାମ ପକ୍ଷରୁ କରାଯାଉଥିବା ଗୋଷ୍ଠୀଗତ ଜଙ୍ଗଲ ଅଧିକାର ଓ ଗୋଷ୍ଠୀ ଜଙ୍ଗଲ ସମ୍ବଳ ଅଧିକାର ସମ୍ପର୍କରେ ଆଲୋଚନା କରିଥିଲେ ।ଏହି ଅବସରରେ ଲୋକମୁକ୍ତି ସଂଗଠନର ମୁଖ୍ୟ ସଂଯୋଜକ ଉମାକାନ୍ତ ନାଏକ, ସଂଯୋଜକ ଜିନିତ ସାମାଦ ଓ ବାମରା ବ୍ଲକ କମିଟି ସଦସ୍ୟ ରବୀନ୍ଦ୍ର ନାଏକ ଯୋଗଦେଇ ଜଙ୍ଗଲ ଅଧିକାର ଆଇନର ପ୍ରକ୍ରିୟା ସମ୍ବନ୍ଧରେ ଅବଗତ କରିଥିଲେ।


ଆଗକୁ ନୂଆଁଖାଇ: ବୁଧବାର ସମ୍ବଲପୁର ଇଷ୍ଟଦେବୀ ସମଲେଇ ମନ୍ଦିରରେ ରଙ୍ଗ କରାଯାଉଛି।

# ଆକାଶବାଣୀ କେନ୍ଦ୍ରରେ ହିନ୍ଦୀ ଦିବସ

**ସମ୍ବଲପୁର,୧୩।୯(ବି.ଶଙ୍କର)**

ସମ୍ବଲପୁର ଆକାଶବାଣୀ କେନ୍ଦ୍ରରେ ଗୁରୁବାର ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କେନ୍ଦ୍ରର କାର୍ଯ୍ୟକ୍ରମ ମୁଖ୍ୟ ସନ୍ତୋଷ ପିଙ୍ଗଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ସିଂ ଠାକୁର, ପ୍ରସାର ଭାରତୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରବ ଦ୍ୱିବେଦୀ ଓ ଆକାଶବାଣୀର ମହାନିର୍ଦ୍ଦେଶକ ଡ. ବସୁଧା ଗୁପ୍ତାଙ୍କ ବାର୍ତ୍ତା ପାଠ କରାଯାଇଥିଲା। ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ହିନ୍ଦୀ ପକ୍ଷ ପାଳନ କରାଯିବ। ଏଥିସହ ଆକାଶବାଣୀ କେନ୍ଦ୍ରର କର୍ମଚାରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ହିନ୍ଦୀ ଅଧିକାରୀ କ୍ଷେତ୍ରମଣି ବିଭାର ସୂଚନା ଦେଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ।

# ଶିକ୍ଷକ ଆନ୍ଦୋଳନରେ ସାମିଲ ହେଲା ଭାଜପା

**କୁଚିଣ୍ଡା,୧୪।୯(ବିରଞ୍ଚି ଦର୍ଶୀ)**

ଠିକା ନିଯୁକ୍ତି ଉଚ୍ଛେଦ, କନିଷ୍ଠ ଶିକ୍ଷକଙ୍କୁ ନିୟମିତ କରିବା, କେନ୍ଦ୍ରୀୟ ହାରରେ ବେତନ ଓ ପୁରୁଣା ପେନ୍‌ସନ୍ ଦାବିରେ ବାମରା ବ୍ଲକର ପ୍ରାଥମିକ ଶିକ୍ଷୟିତ୍ରୀଶିକ୍ଷକ ବାମରା ବିଇଓ ଅଫିସ ସମ୍ମୁଖରେ ଧାରଣାରେ ବସିଛନ୍ତି। ଗୁରୁବାର ଶିକ୍ଷକଙ୍କ ଆନ୍ଦୋଳନ ପଞ୍ଚମ ଦିନରେ ପହଞ୍ଚିଥିବା ବେଳେ ଏଥିରେ ଭାଜପା ରାଜ୍ୟ ଉପସଭାପତି ତଥା ପୂର୍ବତନ ବିଧାୟକ ରବି ନାରାୟଣ ନାଏକ, ଭାଜପା ଜିଲା ସାଧାରଣ ସମ୍ପାଦକ ଶୁଶିଳ କର, ମଣ୍ଡଳ ସଭାପତି ସୁନୀଲ ଦାଶ, ବ୍ଲକ ଉପାଧକ୍ଷ ସଞ୍ଜୟ ଦାଶ ସାମିଲ ହୋଇ ଶିକ୍ଷକଙ୍କ ଆନ୍ଦୋଳନକୁ ସମର୍ଥନ କରିଛନ୍ତି।


ଧନକଉଡା ବିଇଓ ଅଫିସ ସମ୍ମୁଖରେ ଶିକ୍ଷକଙ୍କ ଧାରଣା ।

# ଧନକଉଡ଼ାରେ ଶିକ୍ଷକଙ୍କ ଧାରଣାକୁ ବିଧାୟକଙ୍କ ସମର୍ଥନ

**ସମ୍ବଲପୁର,୧୪।୯ (ଶୁଭାଶିଷ ପାଢ଼ୀ)**

ସମ୍ବଲପୁର ଜିଲା ଧନକଉଡା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ୩ଦଫା ଦାବିରେ ଧନକଉଡା ବିଇଓଙ୍କ ଭୂତାପଡାସ୍ଥିତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ଶିକ୍ଷୟିତ୍ରୀଶିକ୍ଷକ ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଧାରଣାରେ ବସିଥିଲେ। ଶିକ୍ଷା ସହାୟକ ସମୟକୁ ନିୟମିତ ଗଣନା, ଏକ୍ସ କ୍ୟାଡର ଶିକ୍ଷକ, କଳା ଓ କ୍ରୀଡା ଶିକ୍ଷକଙ୍କୁ ନିୟମିତ ଶିକ୍ଷକ ମାନ୍ୟତା ଆଦି ଦାବିରେ ଧାରଣାରେ ବସିଥିଲେ। ଆନ୍ଦୋଳନକୁ ରେଙ୍ଗାଲି ବିଧାୟକ ନାଉରୀ ନାଏକ ସମର୍ଥନ କରି ଧାରଣାରେ ବସିଥିଲେ।

# ଭାଜପାର ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ

**କୁଚିଣ୍ଡା,୧୪।୯(ବିରଞ୍ଚି ଦର୍ଶୀ)**

ବାମରା ବ୍ଲକ କେଶାଇବାହାଲ ମଣ୍ଡଳ ଭାଜପା ପକ୍ଷରୁ ଗୁରୁବାର ରଙ୍ଗିଆଟିକିରା ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରାଯାଇଛି। ପୂର୍ବତନ ବିଧାୟକ ରବିନାରାୟଣ ନାଏକଙ୍କ ନେତୃତ୍ୱରେ ଆନ୍ଦୋଳନ କରାଯିବା ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବିକାଶ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ ହେଉଥିଲେ ମଧ୍ୟ କୁଚିଣ୍ଡା ଉପଖଣ୍ଡରେ ଗରିବ ଲୋକଙ୍କ ବିକାଶ ହୋଇପାରିନାହିଁ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ଘର ପ୍ରଦାନ କରିବା, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ନିୟୋଜିତ ଶ୍ରମିକଙ୍କୁ ଶୀଘ୍ର ପାଉଣା ଦେବା, ବିଦ୍ୟୁତ୍ ଦର କମାଇବା ସହିତ ୨୪ ଘଣ୍ଟିଆ ବିଦ୍ୟୁତ୍ ସେବା ଯୋଗାଇ ଦେବା, ଜଙ୍ଗଲଜାତ ଦ୍ରବ୍ୟର ଉଚିତ ମୂଲ୍ୟ ଯୋଗାଇ ଦେବା, କୁଚିଣ୍ଡାକୁ ଜିଲା ଘୋଷଣା କରିବା, କୁଚିଣ୍ଡା ଉପଖଣ୍ଡରେ ପେଷା ଆଇନ ଲାଗୁ କରିବା ଆଦି ଦାବି ନେଇ ଭାଜପା ପକ୍ଷରୁ ବିକ୍ଷୋଭ କରାଯାଇଛି। ସରକାର ଏହିସବୁ ଦାବି ପୂରଣରେ ଅବହେଳା କଲେ ଆଗାମୀ ଦିନରେ ବଡଧରଣର ଆନ୍ଦୋଳନ କରିବାକୁ ଚେତାବନୀ ଦିଆଯାଇଛି। ଏହି ଆନ୍ଦୋଳନକୁ କେଶାଇବାହାଲ ମଣ୍ଡଳ ସଭାପତି ସୁନୀଲ ଦାଶ ପରିଚାଳନା କରିଥିଲେ।


ପଞ୍ଚାୟତ ଅଫିସ ଘେରାଉ ଅବସରରେ ଭାଜପା କର୍ମକର୍ତ୍ତା।

## ସଂକ୍ଷେପରେ

### ୨ ସଟ୍ଟା ବେପାରୀ ଗିରଫ

ବେଲପଡ଼ା,୧୪ା୯(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡା ପୋଲିସ ଗୁରୁବାର ୨ ସଟ୍ଟା ବେପାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ବେଲପଡା ଥାନା ଛୁଇନରାର ଚୂଳଚନ୍ଦ୍ର ଭୁଏ ସଟ୍ଟା କାରବାର ଚଳାଇଥିଲେ। ଖବର ପାଇ ଥାନା ଏଏସଆଇ ବିନୟ ପ୍ରସାଦ ପରିଡାଙ୍କ ନେତୃତ୍ୱରେ ଚୂଳଚନ୍ଦ୍ରଙ୍କଠାରୁ ୧୦ହଜାର ୫ଶହ ଟଙ୍କା, ସଟ୍ଟାଚିଠା, ଖାତା ଓ ଡଟପେନ ଜବତ କରିବା ସହ ତାଙ୍କୁ ଗିରଫ କରିଥିଲା। ସେହିପରି ନୁନହାଡର ଚମ୍ପାନନ୍ଦ ମେହେରଙ୍କ ପାନ ଦୋକାନରେ ଚଢ଼ାଉ କରିବା ସହ ପୋଲିସ ତାଙ୍କଠାରୁ ସଟ୍ଟାଚିଠା, ଖାତା ଓ ୨୧୫୦ ଟଙ୍କା ଜବତ କରିଥିଲା । ଉଭୟଙ୍କୁ ପାଟଣାଗଡ଼ କୋର୍ଟ ଚାଲାଣ କରାଯାଇଛି । ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ଦ୍ୱୟଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଥାନାଧିକାରୀ ସୁଶାନ୍ତ ଦାସ କହିଛନ୍ତି।

### ବାଳିକା ଉଚ୍ଚବିଦ୍ୟାଳୟରେ ସଂସ୍କୃତ ସପ୍ତାହ

ବେଲପଡ଼ା,୧୪ା୯(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ସପ୍ତାହ ପାଳିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଭିନବ ମିଶ୍ର, ପ୍ରଧାନଶିକ୍ଷକ ଏବଂ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ବିଇଓ ମିଶ୍ର ବୈଦିକ ଗଣିତ, ଆୟୁର୍ବେଦ, ବିଭିନ୍ନ ଶାସ୍ତ୍ର, ଭାରତୀୟ ଜ୍ଞାନ ବିଜ୍ଞାନ ପରମ୍ପରାକୁ ଜାଣିବାକୁ ହେଲେ ସଂସ୍କୃତ ଅଧ୍ୟୟନ ନିତାନ୍ତ ଆବଶ୍ୟକ ବୋଲି ମତପ୍ରକାଶ କରିଥିଲେ। ସଂସ୍କୃତ ଭାଷାର ପ୍ରଚାର ଓ ପ୍ରସାର ସହ ସଂସ୍କୃତି ରକ୍ଷା ଦିଗରେ ଆଧୁନିକ ଯୁଗରେ ସଂସ୍କୃତ ଭାଷାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ ସଂସ୍କୃତ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ଆଚାର୍ଯ୍ୟ। ପ୍ରଧାନଶିକ୍ଷକ ବିଶ୍ୱମ୍ଭର ବୁଡେକ ସଂସ୍କୃତ ଦିବସ ପାଳନର ଉଦ୍ଦେଶ୍ୟ ଜ୍ଞାପନ କରି ସଂସ୍କୃତି ଏବଂ ସଂସ୍କାର ଜ୍ଞାନ ପାଇଁ ସଂସ୍କୃତ ଅଧ୍ୟୟନ କରିବା ଉଚିତ ବୋଲି କହିଥିଲେ। ସଂସ୍କୃତ ଗୀତରେ ନୃତ୍ୟ, ଶ୍ଳୋକ ଉଚ୍ଚାରଣ, ସଂସ୍କୃତ ସାମାନ୍ୟ ଜ୍ଞାନ ପରୀକ୍ଷା ଏବଂ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ଛାତ୍ରୀମାନେ ପୁରସ୍କୃତ ହୋଇଥିଲେ। ଛାତ୍ରୀମାନଙ୍କ ଦ୍ୱାରା ସଂସ୍କୃତ ବିଜ୍ଞାନ ପ୍ରଦର୍ଶନୀ ଏବଂ ବସ୍ତୁ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଅଶୋକ ପଣ୍ଡା, ସୌଦାମିନୀ ମେହେର, ସ୍ୱନ୍ଦନ ଯୋଶୀ, ରାକେଶ ରାଉତ, ତାପସ କୁଅଁର ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ବିଶେଷ ସହଯୋଗ କରିଥିଲେ।

### ଉନ୍ନୟନ କାମର ସମୀକ୍ଷା କଲେ ଅତିରିକ୍ତ ସଚିବ

ପାଟଣାଗଡ,୧୪ା୯ (ପ୍ରହଲ୍ଲାଦ ପାଢ଼ି)

ପାଟଣାଗଡକୁ ଦିନକିଆ ଗସ୍ତରେ ଆସି ପଞ୍ଚାୟତରାଜ ବିଭାଗ ଅତିରିକ୍ତ ସଚିବ ଡ଼. ଚନ୍ଦ୍ରଶେଖର କୁମାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବୁଲି ଦେଖିଥିଲେ। ପରେ ପାଟଣାଗଡ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲସ୍ତରୀୟ ଅଧିକାରୀଙ୍କ ସହିତ ଏକ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ ପଞ୍ଚାୟତିରାଜ ଅତିରିକ୍ତ ସଚିବ କୁମାର। ଏହାପରେ ପାଟଣାଗଡ ଅଞ୍ଚଳର ବିଭିନ୍ନ ଏଗ୍ରୋ, ଫିସେରୀ ଫାର୍ମ ସହିତ ଯୋଗୀମୁଣ୍ଡାଠାରେ ଥିବା ଆଇଟିଆଇ ଓ ଉପସ୍ୱାସ୍ଥ୍ୟକେନ୍ଦ୍ର ସେ ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ପାଟଣାଗଡ ଉପଜିଲାପାଳ ଡ଼. ବିଜୟାନନ୍ଦ ସେଠୀ, ବିଡ଼ିଓ ସୁମନ୍ତ କୁମାର ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

### ୬୦ ଜଣଙ୍କୁ ଗାଇଗୁହାଳ କାର୍ଯ୍ୟାଦେଶ

ଦେଓଗାଁ,୧୪ା୯(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସଭାଗୃହରେ ଗୁରୁବାର ପ୍ରଥମ ପର୍ଯ୍ୟାୟରେ ୬୦ଜଣଙ୍କୁ ଗାଇଗୁହାଳ ନିର୍ମାଣ କରିବା ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି । ବିଡିଓ ସୁରେନ୍ଦ୍ର କୁମାର ମେହେରଙ୍କ ସଭାପତିତ୍ୱ ତଥା ଏପିଓ ସୁଧାଂଶୁ ଭୂଷଣ ମେହେରଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୟାନିଧି ଖମାରୀ, ସମ୍ମାନୀତ ଅତିଥିଭ ହାତିସରା ପଞ୍ଚାୟତ ସମିତି ସଭ୍ୟ ବିଶ୍ୱଜିତ ପାତ୍ର ଯୋଗଦେଇ କାର୍ଯ୍ୟାଦେଶ ପତ୍ର ପ୍ରଦାନ କରିଥିଲେ । ଓମଫେଡ ଦ୍ୱାରା ହିତାଧିକାରୀ ଚୟନ ହୋଇ ପ୍ରଥମ ପର୍ଯ୍ୟାୟରେ ୯୦ଜଣଙ୍କ ପାଇଁ ଗାଇଗୁହାଳ ଅନୁମୋଦନ ହୋଇଥିବା ବେଳେ ଗୁରୁବାର ୬୦ଜଣଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିବା ଏପିଓ ମେହେର ସୂଚନା ଦେଇଛନ୍ତି।

# ବକେୟା ମରୁଡ଼ି ସହାୟତା ରାଶି ଦିଅ

ଭବାନୀପାଟଣା,୧୪ା୯(ଉତ୍ତମ କୁମାର ଦାଶ)

ରାଜ୍ୟରେ ଭୟାବହ ମରୁଡ଼ି ପରିସ୍ଥିତିକୁ ଆଖିଆଗରେ ରଖି ଗତ ୨୦୨୧-୨୨ ବର୍ଷରେ ରାଜ୍ୟ ସରକାର ଚାଷୀଙ୍କ ପାଇଁ ମରୁଡ଼ି ସହାୟତା ଘୋଷଣା କରିଥିଲେ। ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲାର ୫୦ ପ୍ରତିଶତ ଚାଷୀଙ୍କୁ ମରୁଡ଼ି ସହାୟତା ରାଶି ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରେ ଜମା ହୋଇସାରିଛି। ହେଲେ ବର୍ତ୍ତମାନ ଯାଏ ମଧ୍ୟ ଅଧା ପ୍ରତିଶତ ଚାଷୀଙ୍କ ମରୁଡ଼ି ସହାୟତା ଏ ପର୍ଯ୍ୟନ୍ତ ମିଳିନାହିଁ। ଏହାକୁ ନେଇ କ୍ଷତିଗ୍ରସ୍ତ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହି କ୍ରମରେ ଜିଲାର ଭବାନୀପାଟଣା ବ୍ଲକ କଲମ ପଞ୍ଚାୟତ ଚାଷୀମାନଙ୍କ ସମସ୍ୟା ତଥା ଚାଷୀଙ୍କୁ ବକେୟା ଥିବା ମରୁଡ଼ି ସହାୟତା ରାଶି ପ୍ରଦାନ ପାଇଁ ବରିଷ୍ଠ ନେତା ତଥା ସାଇନିଂ କଳାହାଣ୍ଡିର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ଭବାନୀଶଙ୍କର ନିଆଲଙ୍କ ନେତୃତ୍ୱରେ ଚାଷୀମାନେ କଳାହାଣ୍ଡି ତହସିଲଦାରଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି।


ଚାଷୀମାନେ ଦାବିପତ୍ର ଦେବାକୁ ଆସିଛନ୍ତି।

**ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ**

ଏହାସହିତ ଭବାନୀପାଟଣା ଓ କେସିଙ୍ଗା ବ୍ଲକରେ ଚାଷୀଙ୍କ ବକେୟା ଥିବା ମରୁଡ଼ି ସହାୟତା ରାଶି ପ୍ରଦାନ କରିବାକୁ ଡ. ନିଆଲଙ୍କ ନେତୃତ୍ୱରେ ଚାଷୀମାନେ ଦାବି କରିଥିଲେ। ଚାଷୀଙ୍କ ପ୍ରତିନିଧି ଦଳରେ ପୁରୁଷୋତ୍ତମ ବିଶ୍ୱାଳ, ମହେନ୍ଦ୍ର ବାଗ, କୁମୁଦ ବିଶ୍ୱାଳ, ଭବାନୀଶଙ୍କର ବାଗ, ଅର୍ଜ୍ଜୁନ ସାହୁ, ଗୋବିନ୍ଦ ସା, ଅବନୀ ବିଶ୍ୱାଳ, ହରିବନ୍ଧୁ ଶବର, ପ୍ରଭାତ ବିଶି, ଜୟରାମ ମାଝୀ, ବୈକୁଣ୍ଠ ମାଝୀ, ଅଭୟ ବିଶ୍ୱାଳ, ପୁଷ୍ପରାଜ ଶବର, ଧବଳେଶ୍ୱର ସା, କମ୍ୱୁ ଶବର, ଡମ୍ବରୁଧର ବିଶି, ଚନ୍ଦ୍ରସେନ ବାଗ ପ୍ରମୁଖ ସାମିଲ ରହି ଦାବି ଉପସ୍ଥାପନ କରିଥିଲେ। ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟର ମରୁଡ଼ି ପରିସ୍ଥିତିକୁ ଦେଖି ଗତ ୧୫ ନଭେମ୍ବର ୨୦୨୨ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୁଇଶହ କୋଟି ଟଙ୍କାର ମରୁଡ଼ି ସହାୟତା ଘୋଷଣା କରିଥିଲେ। ସେଥିମଧ୍ୟରୁ ୧୨ଟି ମରୁଡ଼ି ପ୍ରଭାବିତ ଜିଲାର ୩୩ ପ୍ରତିଶତ ଚାଷୀଙ୍କୁ ଏଇ ମରୁଡ଼ି ସହାୟତା ରାଶି ମିଳିବ ବୋଲି ଘୋଷଣା କରାଯାଇଥିଲା।

# ବିଦ୍ୟୁତ୍ ଖୁଣ୍ଟରୁ ଖସି ଜୀବନ ଗଲା

ଲାଠୋର,୧୪ା୯(ଭୁବନେଶ୍ୱର ବାରିକ)

**ମରାମତି ପାଇଁ ଚଢିଥିବା ବେଳେ ଭାଙ୍ଗିଗଲା ଶିଡି**

ବଲାଙ୍ଗୀର ଜିଲା ଲାଠୋର ଥାନା ଅଧିନ ପତ୍ରାପାଲି ଗ୍ରାମର ଜଣେ ଯୁବକଙ୍କର ବିଦ୍ୟୁତ୍ ଖୁଣ୍ଟରୁ ଖସିପଡି ମୃତ୍ୟୁ ଘଟିଛି। ମୃତକ ହେଲେ ଅମିଲାଲ ଶିକା(୫୦)। ଖୁଣ୍ଟରେ ଚଢି ଗାଁର ଜଣେ ବ୍ୟକ୍ତିଙ୍କ ବିଦ୍ୟୁତ୍ ମରାମତି କରୁଥିବା ବେଳେ ଶିଡ଼ି ଭାଙ୍ଗିଯିବାରୁ ତଳକୁ ଖସି ପଡ଼ିଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ନାକ ଏବଂ କାନରୁ ପ୍ରଚୁର ରକ୍ତସ୍ରାବ ହେଉଥିଲା। ଚିକିତ୍ସା ପାଇଁ ତାଙ୍କୁ ନୂଆପଡ଼ା ଜିଲା ହସ୍ପିଟାଲ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୁରବାର ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପରିବାର ଲୋକେ ଏ ନେଇ ଥାନାରେ ମାମଲା ରୁଜୁ କରିନାହାନ୍ତି। ବାଙ୍ଗଲୁରରୁରେ କାମ କରୁଥିବା ଅମିଲାଲଙ୍କ ବଡ଼ ପୁଅ କ୍ଷିରସିନ୍ଧୁ ଫେରିଲା ପରେ ଏନେଇ ପରିବାର ଲୋକେ ନିଷ୍ପତ୍ତି ନେବେ ବୋଲି କହିଛନ୍ତି। ତାଙ୍କ ମୃତ୍ୟୁରେ ପରିବାର ଲୋକେ ବେସାହାରା ହୋଇ ଯାଇଥିବା ତାଙ୍କ ସ୍ତ୍ରୀ ଛବିଲା କହିଛନ୍ତି। ବଡଝିଅ ବାହା ହୋଇ ସାରିଥିବା ବେଳେ ଘରେ ସ୍ତ୍ରୀ, ସାନପୁଅ ଗଣପତି ଓ ଝିଅ ରମଣୀଙ୍କ ସହ ରହୁଥିବା ଅମିଲାଲ ନୂଆଁଖାଇ ପରେ ଦାଦନ ଖଟିଯିବା ପାଇଁ ସ୍ଥିର କରିଥିଲେ।

# ଜମାକାରୀ ଶିକ୍ଷା, ସଚେତନତା କର୍ମଶାଳା



କର୍ମଶାଳାରେ ତାଲିମଦାତା ତାଲିମ ପ୍ରଦାନ କରୁଛନ୍ତି।

କର୍ଲାମୁଣ୍ଡା,୧୪ା୯(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରେଗଡା ଗ୍ରାମପଞ୍ଚାୟତ ରାଜୀବ ଗାନ୍ଧୀ ସେବା କେନ୍ଦ୍ରଠାରେ ଭାରତୀୟ ରିଜର୍ଭ ବ୍ୟାଙ୍କ ସହାୟତା ତଥା ସାଧନ ନୂଆଦିଲ୍ଲୀ ଓ ସମ୍ପର୍କ ଫିନ ସର୍ଭିସେସ ଭୁବନେଶ୍ୱର ମିଳିତ ସହଯୋଗରେ ଜମାକାରୀ ଶିକ୍ଷା ଓ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରେଗଡା ସରପଞ୍ଚ ଦୀପ୍ତି ରାଣୀ ସାହୁ, ପିଇଓ ବସନ୍ତ କୁମାର ମିଶ୍ର, ମିଶନ ଶକ୍ତି ବ୍ଲକ ପ୍ରକଳ୍ପ ସଂଯୋଜକ ବିପିନ କୁମାର ବାରିକ ଓ ମହାଶକ୍ତି ଫାଉଣ୍ଡେଶନ ପ୍ରତିଷ୍ଠାତା ସଦସ୍ୟ ପ୍ରକାଶ ଚନ୍ଦ୍ର ସାହୁ ପ୍ରମୁଖ ଉଦଘାଟନ କରିଥିଲେ। କର୍ମଶାଳାରେ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ବିଭିନ୍ନ ବ୍ୟାଙ୍କ ଓ ଆର୍ଥିକ ଅନୁଷ୍ଠାନରୁ ପାଇଥିବା ଋଣର ଉଚିତ୍ ବିନିଯୋଗ, ବ୍ୟବସାୟ ପାଇଁ ଆବଶ୍ୟକତା ଅନୁଯାୟୀ ଋଣ ଦରଖାସ୍ତ, ରୋଜଗାର ଭିତ୍ତିକ ବ୍ୟବସାୟର ଆୟରୁ ଋଣ କିସ୍ତି ଫେରସ୍ତ ତଥା ଅତ୍ୟଧିକ ଋଣ ଭାରଗ୍ରସ୍ତ ନ ହେବା ଇତ୍ୟାଦି ବିଷୟରେ ବିଶଦ ଭାବେ ଆଲୋଚନା କରାଯାଇଥିଲା। କର୍ମଶାଳାରେ ଡିଜିଟାଲ ମାଧ୍ୟମରେ ଟଙ୍କା ଆଦାନ ପ୍ରଦାନ କରୁଥିଲେ, ଆବଶ୍ୟକ ସତର୍କତାର ବିଭିନ୍ନ ଦିଗ ବିଷୟରେ ସମ୍ବଳ ବ୍ୟକ୍ତିମାନେ ଅଂଶ ଗ୍ରହଣ କାରୀମାନଙ୍କୁ ବୁଝାଇଥିଲେ। ବିଭିନ୍ନ ଅଜଣା ନମ୍ବରରୁ ଆସୁଥିବା ଫୋନରେ ନିଜର କୌଣସି ଗୋପନୀୟ ତଥ୍ୟ ନ ଦେବା ପାଇଁ ସୂଚନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ପ୍ରକାଶ ଚନ୍ଦ୍ର ସାହୁ, ବିପିନ କୁମାର ବାରିକ ଓ ସୁଶ୍ରୀ ମମିତା ପୂଝାରୀ ତାଲିମ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସବିତା ସୱାଇଁ, ଲୋଚନା ସାହୁ, ମହେନ୍ଦ୍ର ସାହୁ ଓ ପଞ୍ଚାୟତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କର୍ମଶାଳାରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ, ଗୋଷ୍ଠୀ ସହାୟିକା, ଚାଷୀ ଗୋଷ୍ଠୀରୁ ୬୫ଜଣ ସଦସ୍ୟା ସଦସ୍ୟ ଅଂଶ ଗ୍ରହଣ କରିଥିଲେ।

# ଖୋଲିଗାଁ ସେବାଶ୍ରମରେ ସହଭାଗୀ ରୂପେ ଅଭିଭାବକ କାର୍ଯ୍ୟକ୍ରମ

ନୂଆପଡ଼ା,୧୪ା୯(ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ମିଛାପାଲି ପଞ୍ଚାୟତ ଖୋଲିଗାଁ ଅନୁସୂଚିତ ଜାତ ଓ ଅନୁସୂଚିତ ଜନଜାତି ଉନ୍ନୟନ ବିଭାଗ ଅଧୀନ ସେବାଶ୍ରମ ବିଦ୍ୟାଳୟରେ ସହଭାଗୀ ରୂପେ ଅଭିଭାବକ 'ଆମେ ଜାଣିବା ଆମେ ଜିଣିବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଧରମ ସିଂ ମାଝିଙ୍କ ଅଧ୍ୟକ୍ଷତାରେ ଜିଲା ମଙ୍ଗଳ ଅଧିକାରୀ ଦିପ୍ତିମନ୍ତ ଭୋଇ ମୁଖ୍ୟଅତିଥି, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ସଞ୍ଜୟ ଭୋଇ, କୋମନା ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୂର୍ଯ୍ୟକାନ୍ତ ଭୋଇ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦୁଶାସନ ମାଝି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷକ ଓ ଅଭିଭାବକଙ୍କ ମଧ୍ୟରେ ସମନ୍ୱୟ ଠିକ ରହିଲେ ବିଦ୍ୟାଳୟ ଉନ୍ନତି ହେବା ସହ ଛାତ୍ରୀଛାତ୍ରଙ୍କ ମନୋବଳ ବୃଦ୍ଧି ହୋଇ ଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହା ସହିତ ସରକାରଙ୍କ ବିଭିନ୍ନ ବିଭାଗର ଯୋଜନା ପଞ୍ଚାୟତିରାଜ, ପାନୀୟ ଜଳ, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି,



ଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଉଛି।

ଯୋଗାଣ, ମହିଳା ଓ ଶିଶୁ, ମିଶନ ଶକ୍ତି ଆଦି ଉପରେ ଅଭିଭାବକମାନଙ୍କୁ ଜଣାଇଥିଲେ। ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ଶୋଭାଯାତ୍ରାରେ ନଗର ପରିକ୍ରମା କରି ଛାତ୍ରବୃତ୍ତି, ପାଠ୍ୟକ୍ରମ ଓ ବିଭିନ୍ନ ସହାୟତା ଉପରେ ଲୋକଙ୍କୁ ସଚେତନ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ନୃତ୍ୟ ପ୍ରତିଯୋଗିତା ସହ କନଷ୍ଠ ଓ ବରିଷ୍ଠ ବର୍ଗରେ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗିମାନଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ଶିକ୍ଷକ ରାମେଶ୍ୱର ବେହେରା ମଞ୍ଚ ପରିଚାଳନା କରିଥିବା ବେଳେ ହେମଲାଲ ମାଝି, ଭାବନୀ ଭୋଇ, ଗଙ୍ଗାରାମ ଧରୁଆ, ଖଗେ ଧରୁଆ, ମକରନ ମାଝି, ଘରମଣୀ ମାଝି, ଫୁଲମତି ମାଝି, ତୁଳସା ମାଝି, ତ୍ରିଲୋଚନ ଧରୁଆ, ଡଗର ମାଝିରାଜ କୁମାର ଧରୁଆ, ଲକ୍ଷ୍ମୀଧର ମାଝି, ହଳଧର ମାଝି, ସଂଗ୍ରାମ ମାଝି ପ୍ରମୁଖ ସହଯୋଗ କରିଥିଲେ।

# ଅନ୍ଧାରରେ ୫୦ ଖଣ୍ଡ ଗାଁ

**ବିଦ୍ୟୁତ୍ କର୍ମଚାରୀଙ୍କୁ ଅଟକ ରଖିଲେ ଗ୍ରାମବାସୀ**

ଲୋଇସିଂହା, ୧୪ା୯(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ସାଲେଭାଟ ଅଞ୍ଚଳରେ ବୁଧବାର ସନ୍ଧ୍ୟାରୁ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ରହିଛି। ଏହାକୁ ନେଇ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗୁରୁବାର ଅପରାହ୍ନରେ କୁଟାସିଂହା ଅଞ୍ଚଳରୁ ପାଟ୍ରୋଲିଂରୁ ଫେରୁଥିବା ସାଲେଭଟା ସେକ୍ସନର ୪ରୁ ୫ ଜଣ ବିଦ୍ୟୁତ କର୍ମଚାରୀଙ୍କୁ ଉତ୍ତେଜିତ ହରଭଙ୍ଗା ଗ୍ରାମବାସୀ ଅଟକ ରଖିଥିଲେ। ସରବରାହ ସ୍ୱାଭାବିକ ଯୋଗାଣ ନହେବା ଯାଏ କର୍ମଚାରୀଙ୍କୁ ଛାଡିବାକୁ ଗ୍ରାମବାସୀ ମନା କରିଥିଲେ। ଖବର ପାଇ ଲୋଇସିଂହା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରୁଛି । ବୁଧବାର ସନ୍ଧ୍ୟାରୁ ଘଡଘଡି ସହ ବର୍ଷା ଆରମ୍ଭ ହୋଇଥିଲା। ବଜ୍ରପାତ ପରେ ସରବରହା ଚାଲି ଯାଇଥିଲା। ସାଲେଭାଟ ବିଦ୍ୟୁତ ଗ୍ରୀଡ ଅଧୀନରେ ଥିବା ସମ୍ପୃକ୍ତ ଅଞ୍ଚଳର ୫୦ ଖଣ୍ଡ ଗାଁ ରାତି ସାରା ଅନ୍ଧାରରେ ରହିଥିଲା। ଗୁରୁବାର ପୂର୍ବାହ୍ନ ସୁଦ୍ଧା ସରବରାହ ସ୍ୱାଭାବିକ ନ ହେବାରୁ ହରଭଙ୍ଗା ଗ୍ରାମବାସୀ ସାଲେଭାଟ ସେକ୍ସନ ଅଫିସରଙ୍କ କାର୍ଯ୍ୟାଳୟ କାରଣ ବୁଝିବାକୁ ଆସିଥିଲେ । ହେଲେ ସେକ୍ସସନ ଅଫିସର ଗ୍ରାମବାସୀଙ୍କୁ ସାକ୍ଷାତ କରି ନ ଥିଲେ। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତିବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଫଲ୍ଟ ଜାଣିବା ପାଇଁ ବିଭଗୀୟ କର୍ମଚାରୀ କୁଟାସିଂହା ଯାଇଥିବାବେଳେ ଏହି ଘଟଣା ଘଟିଛି।

# ଦଣ୍ଡପାଟ ଅଞ୍ଚଳରେ ବ୍ୟାପୁଛି ସ୍କ୍ରବଟାଇଫସ

ବେହେରା,୧୪ା୯(ଭୁପେଶ ତିୱାରୀ)

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ଦଣ୍ଡପାଟ ଅଞ୍ଚଳର ୨ଜଣ ସ୍କ୍ରବ ଟାଇଫସରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି। ଆକ୍ରାନ୍ତ ୨ଜଣଙ୍କ ମଧ୍ୟରେ ବେହେରା ଗ୍ରାମପଞ୍ଚାୟତ ବାଙ୍କିମୁଣ୍ଡ ଗ୍ରାମର ୪ ବର୍ଷର ଶିଶୁକନ୍ୟା ଏବଂ ଅନ୍ୟ ଜଣେ ନୁନପାଣି ଗ୍ରାମର ୧୩ବର୍ଷର ବାଳକ ବୋଲି ଜଣାପଡିଛି। ସୂଚନାମତେ ବାଙ୍କୀମୁଣ୍ଡାର ଶିଶୁ କନ୍ୟାଙ୍କୁ ହଠାତ ଜ୍ୱର ହେବାରୁ ଧର୍ମଗଡ଼ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ନ ହେବାରୁ ପରିବାର ଲୋକେ ବିଶାଖପାଟଣାର ଏକ ଘରୋଇ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ରକ୍ତ ପରୀକ୍ଷା ପରେ ସ୍କ୍ରବ ଟାଇଫରେ ସଂକ୍ରମିତ ହୋଇଥିବା ଜଣାପଡିଥିଲା। ସେହିପରି ନୁନପାଣି ଗ୍ରାମର ବାଳକଙ୍କୁ ଜ୍ୱର ଓ ଛାତି ବ୍ୟଥା ହେବାରୁ ଧର୍ମଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରଥମେ ଚିକିତ୍ସା କରାଯାଇଥିଲା। ଅଧିକ ସଙ୍କଟାପନ୍ନ ହେବାରୁ ପରିବାର ଲୋକେ ବିଶାଖାପାଟଣା ନେଇ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସା କରାଇଥିଲେ। ସେଠାରେ ସ୍କ୍ରବ ଟାଇଫସ ରୋଗ ଚିହ୍ନଟ ହେବ ପରେ ଉଚ୍ଚସ୍ତରୀୟ ଚିକିତ୍ସା ଆରମ୍ଭ କରାଯାଇଥିଲା। ଉଭୟଙ୍କ ଲିଭର ଓ ଲଙ୍ଗସ ଆକ୍ରାନ୍ତ ହୋଇ ପ୍ଲାଟେଲେଟର ପରିମାଣ ବହୁତ ତଳକୁ ଖସି ଯାଇଥିଲା। ସେଠାରେ ୧୫ ଦିନ ଚିକିତ୍ସା ପରେ ସୁସ୍ଥ ହୋଇ ଘରକୁ ଫେରିଥିବା ଜଣାପଡିଛି। ଦିନକୁ ଦିନ ରାଜ୍ୟରେ ଏପରି ମାରାତ୍ମକ ରୋଗ ବଢି ଚାଲିଥିବା ବେଳେ ଏହାର ଚିହ୍ନଟ ଓ ଚିକିତ୍ସାର ସୁବ୍ୟବସ୍ଥା ସ୍ଥାନୀୟ ଉପଖଣ୍ଡ ଡାକ୍ତରଖାନାରେ କରାଯିବାକୁ ସାଧାରଣରେ ଦାବି ହେଉଛି।

# କଳାହାଣ୍ଡି ବିଶ୍ୱବିଦ୍ୟାଳୟରେ ରାଷ୍ଟ୍ରୀୟ ହିନ୍ଦୀ ଦିବସ ପାଳିତ

ଭବାନୀପାଟଣା,୧୪ା୯(ଉତ୍ତମ କୁମାର ଦାଶ)

ଭବାନୀପାଟଣାସ୍ଥିତ କଳାହାଣ୍ଡି ବିଶ୍ୱବିଦ୍ୟାଳୟରେ ଗୁରୁବାର ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଏକ ହିନ୍ଦୀ କବିତା ଆସର ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ କୁଳପତି ପ୍ରଫେସର ସଞ୍ଜୟ କୁମାର ଶତପଥୀ ନିମନ୍ତ୍ରିତ ଅତିଥି ଓ କବିମାନଙ୍କୁ ସ୍ୱାଗତ ଜଣାଇଥିଲେ। ପରେ ହିନ୍ଦୀ ଦିବସର ମହତ୍ତ୍ୱ ସମ୍ପର୍କରେ ଧାରଣା ଦେବା ସହ ଚଳିତବର୍ଷ ନୂତନ ଭାବେ ଖୋଲିଥିବା ହିନ୍ଦୀ ବିଭାଗର ଛାତ୍ରୀଛାତ୍ରମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ନୂଆପଡ଼ାରୁ ଅତିଥି ଭାବେ କବି ରମେଶ ଶର୍ମା, କବି ସନ୍ଦୀପ ଚନ୍ଦ୍ରକାର, କବି ଅବଦୁଲ ମଜିଦ ପାୟାମୀ, କବି ନାହିଦା ସ୍ୱରଚିତ କବିତା ପାଠ କରିଥିଲେ। ଅତିଥିମାନେ ହିନ୍ଦୀ ଭାଷାର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ସ୍ଥାନୀୟ ଅତିଥି ଭାବେ ଜିଲା ସୂଚନା ଓ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ମେଜର ଡକ୍ଟର ଜୟଦେବ ସାହୁ, ଡକ୍ଟର କୈଳାସ ଚନ୍ଦ୍ର ଦାସ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଭୂଗୋଳ ବିଭାଗ ସହକାରୀ ଅଧ୍ୟାପିକା ରୋଜ ମେରୀ ଏକ୍କା ପରିଚାଳନା କରିଥିଲେ। ଅନ୍ୟଅତିଥିମାନଙ୍କ ମଧ୍ୟରେ ଡକ୍ଟର ଅଜୟ କୁମାର ମିଶ୍ର, ହର୍ଜିତ୍ ସିଂହ, ଡକ୍ଟର ରାଜକିଶୋର ମହନା ଓ ଅନ୍ୟ ଅଧ୍ୟାପକ ଅଧ୍ୟାପିକାମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରୀଛାତ୍ର ଭାଗ ନେଇଥିଲେ।

# ବଜାର ପିଣ୍ଡି, ଅତିରିକ୍ତ ଶ୍ରେଣୀ କୋଠରି ଉଦ୍‌ଘାଟିତ

ଖପ୍ରାଖୋଲ,୧୪ା୯(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଭାନପୁର ପଞ୍ଚାୟତରେ ନିର୍ମିତ ଭାନପୁର ସାପ୍ତାହିକ ବଜାର ପିଣ୍ଡି ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅତିରିକ୍ତ ଶ୍ରେଣୀ କୋଠରି ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ପାଟଣାଗଡ଼ ବିଧାୟକ ସରୋଜ କୁମାର ମେହେର ଯୋଗଦେଇ ଉଭୟ ପ୍ରକଳ୍ପକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ଖପ୍ରାଖୋଲ ପଞ୍ଚାୟତ ସମିତିଅଧ୍ୟକ୍ଷା ନିରୂପମା ପଟେଲ, ଉପାଧ୍ୟକ୍ଷ ସୁଖିରାମ ଷାଣ୍ଡ, ଜିଲା ପରିଷଦ ସଭ୍ୟା ସଂଯୁକ୍ତା ମେହେର, ସମିତି ସଭ୍ୟା ଯଶୋବନ୍ତି ତାଣ୍ଡି ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପବିତ୍ର ପଟେଲ, ଅମିତ ସୁନା, ରମେଶ ପଧାନ, ଇନ୍ଦ୍ରମଣି ସାହୁ, ଗୋପାଳ ପାତ୍ର, କୁଶ ମାଝି, ଧର୍ମେନ୍ଦ୍ର ଭୋଇ, ଜିତେନ୍ଦ୍ର ବାରିକ, ହେମନ୍ତ ଭୁଏ, ବିଶ୍ୱଜିତ ପଧାନ ପ୍ରମୁଖ ଉପସ୍ଥିତ ଥିଲେ।


ବଜାର ପିଣ୍ଡି ଉଦ୍‌ଘାଟନ ଅବସରରେ ବିଧାୟକ ସରୋଜ ମେହେର ଓ ଅନ୍ୟମାନେ।

# ଆୟୁଷ୍ମାନ ଭବଃ: ଜିଲାସ୍ତରୀୟ ଉନ୍ମୋଚନ ବୈଠକ

ଭବାନୀପାଟଣା,୧୪ା୯(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲା ଯୋଜନା ଓ ସମନ୍ୱୟ କାର୍ଯ୍ୟାଳୟ ସଭାଗୃହରେ ବୁଧବାର ଭାରତ ସରକାରଙ୍କ ଆୟୁଷ୍ମାନ ଭବଃ ଜିଲାସ୍ତରୀୟ ଉନ୍ମୋଚନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଜାତୀୟସ୍ତରରେ ଭର୍ଚୁଆଲରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହାର ଉନ୍ମୋଚନ କରିଛନ୍ତି। ସେହିପରି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଡଃ ମନସୁଖ ମାଣ୍ଡଭିୟ ଦେଶକୁ ଏହାର କାର୍ଯ୍ୟ ଦକ୍ଷତା ଓ ଲକ୍ଷ୍ୟ ଉପରେ କହିଥିଲେ। ଏହି ଅବସରରେ ଭବାନୀପାଟଣାରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର କୁମାର ସିଂଦେଓ, ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ, ସିଡିଏମଓ ପିଏଚଓ ଡଃ ନିହାରେନ୍ଦ୍ର ପଣ୍ଡା, ଡିପିଏଚଓ ଡା. ରାଜେଶ ସାହୁ, ବରିଷ୍ଠ ଆଇନଜୀବୀ ଜଗନ୍ନାଥ ମୁଣ୍ଡ ପ୍ରମୁଖ ଯୋଗଦେଇଥିଲେ। ସିଡିଏମଓ ଡଃ ନିହାରେନ୍ଦ୍ର ପଣ୍ଡା ଏହି ଯୋଜନାର



ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ ଜଣେ ବ୍ୟକ୍ତିଙ୍କୁ ପୁରସ୍କୃତ କରାଯାଉଛି।

ଉଦ୍ଦେଶ୍ୟ, ଜିଲା ଓ ବ୍ଲକସ୍ତରରେ କାର୍ଯ୍ୟକାରିତା ଓ ଲକ୍ଷ୍ୟ ଉପରେ ସମ୍ୟକ ଧାରଣା ଦେଇଥିଲେ। ସୂଚନା ଅନୁସାରେ ୧୭ ସେପ୍ଟେମ୍ବରରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ସେବା ପଖୱାଡା ଅନ୍ତର୍ଗତ ସାପ୍ତାହିକ ସ୍ୱାସ୍ଥ୍ୟ ମେଳା ସ୍ୱାସ୍ଥ୍ୟକେନ୍ଦ୍ରରେ ଆରମ୍ଭ ହେବ। ଏହା ବିଭିନ୍ନ ସ୍ୱାସ୍ଥ୍ୟସେବା ଓ ଉପକାରିତା ଉପରେ ଜନ ଜାଗରଣ ସୃଷ୍ଟି କରିବ। ଏମ୍‌ପି ପଣ୍ଡା ବକ୍ତବ୍ୟରେ 'ସର୍ବେ ସନ୍ତୁ ନିରାମୟ' ବାଣୀ ଉଚ୍ଚାରଣ କରି ଏହି ମହାନ କାର୍ଯ୍ୟକ୍ରମରେ ସମସ୍ତଙ୍କ ସହଭାଗିତା ସହ କେନ୍ଦ୍ର ଦାରା ବିଭିନ୍ନ ସ୍ୱାସ୍ଥ୍ୟ ଯୋଜନାର ଅବତାରଣ କରି ଜିଲାରେ ମେଡିକାଲ କଲେଜ, କ୍ରିଟିକାଲ କେୟାର ସେଣ୍ଟର, ଟ୍ରାଉମା କେୟାର ସେଣ୍ଟର, ନୂତନ ସିଏଚସି, ପିଏଚସି, ଅକ୍ସିଜେନ ପ୍ଲାଣ୍ଟ, କ୍ୟାନ୍ସର କେୟାର ହସ୍ପିଟାଲ ତଥା ମିଶନ ଇନ୍ଦ୍ରଧନୁଷ ଉପରେ

**ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅନୁଷ୍ଠାନ, ବ୍ୟକ୍ତି ପୁରସ୍କୃତ**

ତଥ୍ୟ ରଖିଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କୁ ପୁରସ୍କୃତ କରାଯାଇଥିଲା। ନିକ୍ଷୟ ମିତ୍ର ଭାବେ ବେଦାନ୍ତ ଆଲୁମିନା, ଉତ୍କଳ ଆଲୁମିନା ଓ ସ୍ୱାସ୍ଥ୍ୟ ସ୍ୱରାଜ ଅନୁଷ୍ଠାନ ଯକ୍ଷ୍ମାରୋଗୀଙ୍କୁ ସହାୟତା ଦେବା, ଜିଲାରେ ସର୍ବାଧିକ ୩୦ ୟୁନିଟ ରକ୍ତଦାନ କରିଥିବା ରାଜେଶ ଗଉଡଙ୍କୁ, ଏନ୍‌କ୍ୟୁଅସ ଡାକ୍ତରଖାନା ସାର୍ଟିଫିକେଟ ପାଇଥିବା ଦେପୁର ଓ ଦାଦପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ, ଶ୍ରେଷ୍ଠ ଏନସିଡି ସ୍କ୍ରିନିଂ ବ୍ଲକ ଭାବେ ବୋର୍ଡା, ସିକିଲ ସେଲ ମିଶନ ହିତାଧିକାରୀ ୩ଜଣଙ୍କୁ ମୁଖ୍ୟଅତିଥି ସାର୍ଟିଫିକେଟ ଓ ପୁରସ୍କାର ପ୍ରଦାନ କରିଥିଲେ। ସହର ସଚେତନ ନାଗରିକ, ବିଭାଗୀୟ ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଓ କର୍ମଚାରୀ, ବିଭିନ୍ନ ଅନୁଷ୍ଠାନ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଡିପିଏମ ଅବନୀ ରଞ୍ଜନ ମହାପାତ୍ର ଧନ୍ୟବାଦ ଦେଇଥିଲେ।



ଦି ଫେଡେରେଶନ ଅଫ୍ ଅଟୋମୋବାଇଲ ଡିଲର୍ସ ଆସୋସିଏଶନ (ଫାଡା) ପକ୍ଷରୁ ଆୟୋଜିତ 'ଅଟୋ ରିଟେଲ କନ୍‌କ୍ଲେଭ'ର ୫ମ ସଂସ୍କରଣ ଗୁରୁବାର ଆନୁଷ୍ଠାନିକ ଭାବେ ଉଦ୍‌ଯାପିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ସ୍ୱତନ୍ତ୍ର କଫି ଟେବୁଲ ବୁକ୍‌କୁ କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ ଉନ୍ମୋଚନ କରୁଛନ୍ତି। ଏହି ଅବସରରେ ଏସ୍‌ଆଇଏଏମ୍‌ର ସଭାପତି ବିନୋଦ ଅଗ୍ରୱାଲ,ଏସିଏମ୍‌ଏର ସଭାପତି ଶ୍ରଦ୍ଧା ସୁରୀ ମରାଓ୍ୱାଙ୍କ ସମେତ ଫାଡାର ସଭାପତି ମନୀଷରାଜ ସିଂଘାଣିଆ ଏବଂ ଉପସଭାପତି ସି.ଏସ୍.ବିଘ୍ନେଶ୍ୱର ପ୍ରମୁଖ ଉପସ୍ଥିତ ଅଛନ୍ତି।

## ଶେୟାର ବଜାର କାରବାରରେ ଉତ୍ସାହ

ନୂଆଦିଲ୍ଲୀ,୧୪।୯

ଗତ କିଛି ସପ୍ତାହ ହେଲା ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟଦିବସ (ଷ୍ଟକ୍‌ବଜାର)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ଫଳରେ ଶେୟାର ବଜାରର ନିବେଶକଙ୍କ ମନରେ ଉତ୍ସାହ ପରିଲକ୍ଷିତ ହୋଇଛି। ଗୁରୁବାର ଷ୍ଟକ୍ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୫୨. ୦୧ ପଏଣ୍ଟ ବଢ଼ି ୬୭,୫୧୯.୦୦ ଅଙ୍କରେ କାରବାର ବନ୍ଦ କରିଥିଲା ବେଳେ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୩୩ .୧୦ ପଏଣ୍ଟ ବୃଦ୍ଧି ଘଟି ୨୦,୧୦୩.୧୦ ଅଙ୍କରେ କାରବାର ବନ୍ଦ ହୋଇଥିଲା। ଉଲ୍ଲେଖଯୋଗ୍ୟ, କ୍ରମାଗତ ୨ୟ ଦିନ ଲାଗି ଶେୟାର ବଜାର କାରବାରରେ ବୃଦ୍ଧି ଘଟିଥିବାବେଳେ ନିବେଶକମାନେ ଉତ୍ସାହର ସହ କାରବାର କରୁଛନ୍ତି।

## ଏସ୍‌ବିଆଇ ଜେନେରାଲର ନୂତନ ଉତ୍ପାଦ

ଭୁବନେଶ୍ୱର, ୧୪।୯

ଏସ୍‌ବିଆଇ ଜେନେରାଲ ଇନ୍‌ସ୍ୟୁରାନ୍ସର ନୂତନ ଉତ୍ପାଦ 'ସୁପର ହେଲ୍‌ଥ ଇନ୍‌ସ୍ୟୁରାନ୍ସ'କୁ ନିକଟରେ ସର୍ବଭାରତୀୟ ଉନ୍ମୋଚନ କରାଯାଇଛି। ଏ ସମ୍ପର୍କରେ ଏସ୍‌ବିଆଇ ଜେନେରାଲ ଇନ୍‌ସ୍ୟୁରାନ୍ସର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ଆନନ୍ଦ ପେଜାୱର କହିଥିଲେ, ସୁପର ହେଲ୍‌ଥ ଇନ୍‌ସ୍ୟୁରାନ୍ସର ଶୁଭାରମ୍ଭକରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମେ ଆମର ଗ୍ରାହକଙ୍କୁ ଗୁଣାତ୍ମକ ସେବା ଓ ଉତ୍ପାଦ ଯୋଗାଇବା ସହ ସବୁ ପ୍ରକାର ସ୍ୱାସ୍ଥ୍ୟ ବୀମାର ସମାଧାନ କରିବାକୁ ମଧ୍ୟ ପ୍ରତିଶ୍ରୁତିବଦ୍ଧ ରହିଛୁ। ଏହି ଉତ୍ପାଦ ଜରିଆରେ ଗ୍ରାହକଙ୍କ ସମସ୍ତ ସ୍ୱାସ୍ଥ୍ୟସେବା ଆବଶ୍ୟକତା ପୂରଣ କରୁଥିବା ଏବଂ ହସ୍ପିଟାଲରେ ଭର୍ତ୍ତିହେବା ଓ ଔଷଧ ଖର୍ଚ୍ଚ ସହ ଜଡ଼ିତ ଆର୍ଥିକ ଭାର କମ୍ କରିବାରେ ବେଶ୍ ସହାୟକ ହେବ। ଏପରିକି କମ୍ପାନୀ ହିତାଧିକାରୀଙ୍କୁ ଆବଶ୍ୟକ ସହଯୋଗ ଓ ସକ୍ଷମ କରୁଥିବା ଏକ ବ୍ୟାପକ



ଆନନ୍ଦ ପେଜାୱର

ସ୍ୱାସ୍ଥ୍ୟସେବା ପଲିସିକୁ ଗ୍ରାହକମାନେ ପାଇବା ସୁନିଶ୍ଚିତ କରିବା ପାଇଁ ପରିକଳ୍ପିତ ହୋଇଛି। ଉକ୍ତ ଉତ୍ପାଦରେ ୨୭ଟି ଏସ୍‌ସି ଏବଂ ୭ଟି ଓସି ଅନ୍ତର୍ଭୁକ୍ତ ରହିଥିବା ବେଳେ ଉକ୍ତ ପଲିସି ଏକ ବ୍ୟାପକ ପରିସରର ସହଯୋଗ ପ୍ରଦାନ କରିଥାଏ। ବିଶେଷକରି ୩ ଲକ୍ଷରୁ ୨କୋଟି ଟଙ୍କା ପର୍ଯ୍ୟନ୍ତ ବୀମାକୃତ ରାଶିର ବିକଳ୍ପ ଏବଂ ଏକରୁ ୩ ବର୍ଷ ପର୍ଯ୍ୟନ୍ତ ପଲିସି ଅବଧି ବିକଳ୍ପ ଥିବା ବ୍ୟାପକ ପରିସର ବହନ କରୁଥିବା ଏହି ଉତ୍ପାଦ ଅଧୀନରେ ୪ଟି ଯୋଜନା ରହିଛି।

## ନୂତନ ପେଣ୍ଟ 'ବିର୍ଲା ଓପସ୍' ଉନ୍ମୋଚିତ

ଭୁବନେଶ୍ୱର, ୧୪।୯

ଦେଶର ପ୍ରମୁଖ ଘରୋଇ ଶିଳ୍ପ ପ୍ରତିଷ୍ଠାନ ତଥା ଆଦିତ୍ୟ ବିର୍ଲା ଗ୍ରୁପ୍‌ର ପ୍ରମୁଖ କମ୍ପାନୀ ଗ୍ରାସିମ୍ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ପେଣ୍ଟ 'ବିର୍ଲା ଓପସ୍'କୁ ନିକଟରେ ଉନ୍ମୋଚନ କରାଯାଇଛି। ବିଶେଷକରି ୨୦୨୩-୨୪ ଆର୍ଥିକ ବର୍ଷର ୪ର୍ଥ ତ୍ରୈମାସିକ ମଧ୍ୟରେ ବିର୍ଲା ଓପସ୍‌କୁ ଆନୁଷ୍ଠାନିକ ଭାବେ ବଜାର ପ୍ରବେଶ କରାଯିବା କାର୍ଯ୍ୟକ୍ରମ ରହିଛି। ଏପରିକି ଗ୍ରାସିମ୍ ପକ୍ଷରୁ ଡେକୋରେଟିଭ ପେଣ୍ଟ ବର୍ଣ୍ଣମାଳାକୁ ଉନ୍ମୋଚନ କରାଯିବ। ଏ ସମ୍ପର୍କରେ ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଅଧ୍ୟକ୍ଷ କୁମାରମଙ୍ଗଳମ୍ ବିର୍ଲା କହିଛନ୍ତି, ଡେକୋରେଟିଭ୍ ପେଣ୍ଟ କ୍ଷେତ୍ରରେ ଆମର ପ୍ରବେଶ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ପସନ୍ଦ। ଏହା ଆମକୁ ଉଚ୍ଚ ଅଭିବୃଦ୍ଧି ବଜାର ହାସଲ କରିବା ଏବଂ ଏହି ବ୍ୟାପକ ଗ୍ରାହକ ଦୃଶ୍ୟପଟରେ ଉପସ୍ଥିତି ସମ୍ପ୍ରସାରଣ କରିବାରେ ସକ୍ଷମ କରିବ। ଆମର ପେଣ୍ଟ ବ୍ୟବସାୟକୁ ଆଦିତ୍ୟ ବିର୍ଲା ବ୍ରାଣ୍ଡ ସହ ଜଡ଼ିତ ଥିବା ଶକ୍ତି ଓ ବିଶ୍ୱାସ ଆଧାରରେ ଗଠନ କରାଯିବ। ଏକ ସଫଳ ବ୍ୟବସାୟର ଶୁଭାରମ୍ଭ ପାଇଁ ଗତ କିଛି ବର୍ଷରେ କମ୍ପାନୀ ଏକ ଦୃଢ଼ ମୂଳଦୁଆ ସ୍ଥାପନ କରିଛି। ଆଗାମୀ ବର୍ଷଗୁଡ଼ିକରେ ଏକ ଲାଭଦାୟକ କମ୍ପାନୀ ଭାବେ ୨ୟ ସ୍ଥାନରେ ରହିବାକୁ ଆମେ ଉଦ୍ୟମ କରୁଛୁ ଏବଂ ଆମ ବ୍ରାଣ୍ଡ ନାମ ଘୋଷଣା ବହୁ ପଦକ୍ଷେପ ମଧ୍ୟରୁ ପ୍ରଥମ। ଶୁଭାରମ୍ଭ ପୂର୍ବରୁ ଗ୍ରାସିମ୍ ପକ୍ଷରୁ ମେଟ୍ରୋ ସହରଗୁଡ଼ିକରେ ସଫଳତାର ସହ ଏହାର ପରୀକ୍ଷଣ କରାଯାଇଥିଲା ଏବଂ ଉଡ୍ ଫିନିସ୍ ବର୍ଣ୍ଣମାଳାକୁ ଉପସ୍ଥାପନ କରାଯାଇଛି। ମହାରାଷ୍ଟ୍ରରେ ଏଥିପାଇଁ ଏକ ଅତ୍ୟାଧୁନିକ ଆର୍ ଆଣ୍ଡ ଡି ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଛି।

## ଝାରସୁଗୁଡ଼ାରେ ସମ୍ବଲପୁର ବସ୍ତ୍ରାଳୟର ମେଗା ଶୋ'ରୁମ୍

ଭୁବନେଶ୍ୱର,୧୪।୯ (ଅଭୟ ଦାଶ)

ସମ୍ବଲପୁର ବସ୍ତ୍ରାଳୟର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ (ମେଗା ଶୋ'ରୁମ୍) ଗୁରୁବାର ଝାରସୁଗୁଡ଼ାର ସରବାହାଲଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ହସ୍ତତନ୍ତ ଏବଂ ବୟନଶିଳ୍ପ ବିଭାଗ ମନ୍ତ୍ରୀ ରୀତା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ବଲପୁରୀ ବସ୍ତ୍ରାଳୟର ସଭାପତି ସମିତ କୁମାର ଆଚାର୍ଯ୍ୟ, ସମ୍ପାଦକ ଶରତ ଲାଲ ସିଂ, ଏମ୍‌ଡି ଶିଶିର କୁମାର ନାଗ, ବାଣିଜ୍ୟ ଅଧିକାରୀ ହେମନ୍ତ କୁମାର ମିଶ୍ରଙ୍କ ସମେତ ପ୍ରସନ୍ନ କୁମାର ଗନ୍ତାୟତ ଯୁଗ୍ମ ନିର୍ଦ୍ଦେଶକ ବୟନ ଶିଳ୍ପ ପଶ୍ଚିମାଞ୍ଚଳ ବରଗଡ଼, ସୌଭାଗ୍ୟ ରଞ୍ଜନ ନାୟକ ଉପଦେଷ୍ଟା ହସ୍ତତନ୍ତ ଏବଂ ବୟନଶିଳ୍ପ ବିଭାଗ, କିରଣମୟ ପ୍ରଧାନ ସହକାରୀ ନିର୍ଦ୍ଦେଶକ ବୟନ ଶିଳ୍ପ ସୁନ୍ଦରଗଡ଼, ପ୍ରଭାସ ରଞ୍ଜନ ମହଲା, ସୁନୀଲ କୁମାର ପଟ୍ଟନାୟକ,



ବିଶ୍ୱନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ବିଶେଷକରି ଏହି ଆଉଟ୍‌ଲେଟ୍ ଜରିଆରେ ଉଭୟ ଗ୍ରାହକ ଓ ବୁଣାକାର ସେମାନଙ୍କର ଆବଶ୍ୟକତା ପୂରଣ କରିପାରିବେ। ଏପରିକି ପଶ୍ଚିମ ଓଡ଼ିଶାରେ କାରବାର ବୃଦ୍ଧି ପାଇଁ ଝାରସୁଗୁଡ଼ା ଜିଲାରେ ଏହି ନୂତନ ବିକ୍ରୟ କେନ୍ଦ୍ରର ଆନୁଷ୍ଠାନିକ ଶୁଭାରମ୍ଭ ହୋଇଯାଇଛି। ବସ୍ତ୍ରାଳୟର ଉଦ୍‌ଘାଟନୀ ଅଫର ପ୍ରତି କ୍ରୟ ଉପରେ ୩୦%ର (୧୦% +୨୦% ସରକାରୀ ) ରିହାତି ଗ୍ରାହକମାନେ ୨୦୨୩ ଅକ୍ଟୋବର ୩୧ ପର୍ଯ୍ୟନ୍ତ ପାଇପାରିବେ। ସେହିଭଳି ଏହି ଆଉଟ୍‌ଲେଟ୍ ଜରିଆରେ ଗ୍ରାହକ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ସାମଗ୍ରୀ ସବୁ ବର୍ଗର ଗ୍ରାହକ ପାଇପାରିବେ ବୋଲି ସମ୍ବଲପୁରୀ ବସ୍ତ୍ରାଳୟ ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ରାଜ୍ୟ ସରକାରଙ୍କ ହସ୍ତତନ୍ତ,ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ଅଧୀନରେ ଥିବା 'ସମ୍ବଲପୁରୀ ବସ୍ତ୍ରାଳୟ' ବୁଣାକାରଙ୍କ ଉତ୍ପାଦିତ ଲୁଗାର ବିକ୍ରୟ ନିମନ୍ତେ ତଥା ବୁଣାକାରଙ୍କୁ ନିରନ୍ତର କର୍ମଯୋଗାଣ କରିବା ସକାଶେ ଝାରସୁଗୁଡ଼ା ସହରର ସରବାହାଲଠାରେ ଏକ ମେଗା ଶୋ'ରୁମ୍‌ର ଶୁଭାରମ୍ଭ କରାଯାଇଛି।

## ଏଏଏଫ୍ ପକ୍ଷରୁ ମଲ୍ଟିମିଡିଆ ଅଭିଯାନ

ଭୁବନେଶ୍ୱର, ୧୪।୯

ବେଦାନ୍ତ ଗ୍ରୁପ୍(ଲିମିଟେଡ୍)ର ସାମାଜିକ ପ୍ରତିଷ୍ଠାନ ଅନିଲ ଅଗ୍ରୱାଲ ଫାଉଣ୍ଡେଶନ (ଏଏଏଫ୍) ପକ୍ଷରୁ ଏକ ସ୍ୱତନ୍ତ୍ର ମଲ୍ଟିମିଡିଆ ଅଭିଯାନର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି କ୍ଷୁଧା ଏବଂ ପୁଷ୍ଟିହୀନତାର ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ପାଇଁ ଏହି ଅଭିଯାନ ଆରମ୍ଭ ହୋଇଛି। ଏପରିକି ସେପ୍ଟେମ୍ବରରୁ ଆରମ୍ଭ ହୋଇଥିବା ଜାତୀୟ ପୁଷ୍ଟିକର ମାସ କମ୍ପାନୀର ସମସ୍ତ ୟୁନିଟ୍‌ରେ ମଧ୍ୟ ପାଳନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଏକ ସ୍ୱତନ୍ତ୍ର 'ଅଗର ବଚ୍‌ପନ ସେ ପୁଛା ଖାନା ଖାୟା ତୋ ଦେଶ କା କଲ ବନାୟା' ଟ୍ୟାଗ୍‌ଲାଇନ ସହ ଉକ୍ତ ଅଭିଯାନ ମୌଳିକ ପୁଷ୍ଟିକର ମହତ୍ତ୍ୱକୁ ଆଲୋକିତ କରିଥାଏ ଏବଂ ସାମଗ୍ରିକ ଆବଶ୍ୟକତାକୁ ପ୍ରଚାର କରିଥାଏ। ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍ ତଥା ଚେୟାରମ୍ୟାନ୍ ହିନ୍ଦୁସ୍ଥାନ ଜିଙ୍କ୍ ଲିମିଟେଡ୍‌ର ନିର୍ଦ୍ଦେଶିକା ପ୍ରିୟା ଅଗ୍ରୱାଲ ହେବର କହିଛନ୍ତି, ଏହି ଅଭିଯାନର ଶୁଭାରମ୍ଭ ଏକ ଆନ୍ଦୋଳନର ଆରମ୍ଭକୁ ଚିହ୍ନିତ କରେ ଯାହା ସମ୍ପ୍ରଦାୟର ଶକ୍ତିକୁ ବଢ଼ାଇବ, ଯେତେବେଳେ ଆମେ ଏକତ୍ର ହୋଇ ପୁଷ୍ଟିହୀନତାର ମୁକାବିଲା କରିବା। ଏହି ଅଭିଯାନ ଏ ଦିଗରେ ଆଉ ଏକ ପଦକ୍ଷେପ ହେବ। ମ୍ୟାକକାନ୍ ଏରିକ୍ସନ୍ (ଭାରତ) ଦ୍ୱାରା ଡିଜାଇନ ଏବଂ କାର୍ଯ୍ୟକାରୀ ହୋଇଥିବା ଏହି ଅଭିଯାନ ପ୍ରଥମ ପର୍ଯ୍ୟାୟରେ ନାଗରିକଙ୍କ ମଧ୍ୟରେ କ୍ଷୁଧା ଏବଂ ପୁଷ୍ଟିହୀନତା ଦୂରକରିବା ତଥା ଆସନ୍ତାକାଲିର ଭବିଷ୍ୟତ ପାଇଁ ଆମ ଭବିଷ୍ୟତ ପିଢ଼ିକୁ ସମାନ ସୁଯୋଗ ପ୍ରଦାନ କରିବାକୁ ଚେଷ୍ଟା କରିଥାଏ। ଅପରପକ୍ଷରେ ଅନିଲ ଅଗ୍ରୱାଲ ଫାଉଣ୍ଡେଶନର ନୂତନ ଲୋଗୋ ମଧ୍ୟ ନିକଟରେ ଉନ୍ମୋଚିତ ହୋଇଯାଇଛି। ବିଶେଷକରି ଏକ ବଢୁଥବା ଚାରା ଦ୍ୱାରା ଅନୁପ୍ରାଣିତ ହୋଇଛି, ଯାହାକୁ ଚିହ୍ନିବା ଏବଂ ଏହାର ପରିପକ୍ୱତାକୁ ଫୁଲରେ ପୋଷଣ କରାଯିବା ଉଚିତ ବୋଲି କୁହାଯାଇଛି।

ଫୁର୍‌ସତ୍



ନାଗା ଚୈତନ୍ୟ

## ନାଗା ଚୈତନ୍ୟଙ୍କ ଦ୍ୱିତୀୟ ବିବାହ ଚର୍ଚ୍ଚା

**ମୁମ୍ବାଇ:** ନାଗା ଚୈତନ୍ୟ ସାଉଥ୍ ଇଣ୍ଡଷ୍ଟ୍ରିରେ ଜଣେ ଜଣାଶୁଣା ଅଭିନେତା। ସେ ଫିଲ୍ମ ବ୍ୟତୀତ ତାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ଅନେକ ସମୟରେ ଚର୍ଚ୍ଚାରେ ରୁହନ୍ତି। ତେବେ ନାଗା ୨୦୧୭ରେ ସାମନ୍ଥା ରୁଥ୍ ପ୍ରଭୁଙ୍କୁ ବିବାହ କରିଥିଲେ। ଏହା ପୂର୍ବରୁ ଦୁହେଁ ଦୁହିଁଙ୍କୁ କିଛି ବର୍ଷ ଧରି ଡେଟ୍ କରିଥିଲେ। ଏହାପରେ ୨୦୨୧ରେ ଉଭୟଙ୍କ ଛାଡ଼ପତ୍ର ହୋଇଥିଲା। ଛାଡ଼ପତ୍ର ପରେ ଅଭିନେତା ନାଗା ଏବେ ତାଙ୍କ ଦ୍ୱିତୀୟ ବିବାହ ପାଇଁ ପ୍ରସ୍ତୁତ ହେଉଥିବା ଶୁଣିବାକୁ ମିଳୁଛି। ସେ ଜଣେ ବ୍ୟବସାୟୀ ପରିବାରର ଝିଅଙ୍କୁ ବିବାହ କରିବେ ବୋଲି ସୂଚନା ମିଳିଛି। ଚଳିତବର୍ଷ ଶେଷକୁ ସେ ବିବାହ ବନ୍ଧନରେ ବାନ୍ଧି ହେବେ ବୋଲି ଜଣାପଡ଼ିଛି। ଏ ପର୍ଯ୍ୟନ୍ତ ସେହି ଝିଅଙ୍କ ବାବଦରେ କୌଣସି ସୂଚନା ମିଳିନାହିଁ। ହେଲେ ସେ ଗ୍ଲାମରସ୍ ଦୁନିଆରୁ ବହୁତ ଦୂରରେ ଥିବା ଜଣାପଡ଼ିଛି। ଛାଡ଼ପତ୍ର ପରେ ନାଗା ଅଭିନେତ୍ରୀ ଶୋଭିତା ଧୂଳିପାଲାଙ୍କୁ ଡେଟ୍ କରୁଥିବା ଚର୍ଚ୍ଚା ହେଉଥିଲା। ନାଗା ତାଙ୍କ ଫିଲ୍ମ କ୍ୟାରିୟର ୨୦୦୯ରୁ ଆରମ୍ଭ କରିଥିଲେ। ଏହାପରେ ସେ ଅନେକ ସିନେମା ଦର୍ଶକଙ୍କୁ ଭେଟି ଦେଇସାରିଲେଣି। ଶେଷ ଥର ପାଇଁ ତାଙ୍କୁ ଫିଲ୍ମ 'କଷ୍ଟଡି'ରେ ଦେଖିବାକୁ ମିଳିଥିଲା।

## ଝିଅ ଆଶାରେ ୯ ପୁଅ ଜନ୍ମ

**ଅଷ୍ଟିନ:** ଝିଅ ଜନ୍ମକୁ ଲୋକେ ଘରେ ଲକ୍ଷ୍ମୀଙ୍କ ଆଗମନ ବୋଲି ମଣିଥାନ୍ତି। ହେଲେ ବର୍ତ୍ତମାନ ବହୁତ କମ୍ ଲୋକ ଏହା ବିଶ୍ୱାସ କରନ୍ତି। ଅଧିକାଂଶ ସ୍ଥାନରେ କନ୍ୟାଭ୍ରୂଣ ହତ୍ୟା ଖବର ଶୁଣିବାକୁ ମିଳିଥାଏ। ହେଲେ ଏକ ଦମ୍ପତି କନ୍ୟାସନ୍ତାନ ପାଇଁ ଆଶା ବାନ୍ଧି ବସିଛନ୍ତି। ଏହି ଆଶାରେ ସେ ୯ ପୁଅଙ୍କୁ ଜନ୍ମ ଦେଇସାରିଲେଣି। ମହିଳା ଜଣକ ଏବେ ପୁନଃ ଗର୍ଭବତୀ ଅଛନ୍ତି। ସୂଚନା ମୁତାବକ, ଟେକ୍ସାସ୍‌ର ବାସିନ୍ଦା ୩୦ ବର୍ଷୀୟା ୟାଲାନସିଏ ରୋସାରିଓ ୯ ବର୍ଷରେ ୯ ସନ୍ତାନଙ୍କୁ ଜନ୍ମ ଦେଇଛନ୍ତି। ବର୍ତ୍ତମାନ ସେ ପୁଣି ଦୁଇ ଯାଆଁଳାଙ୍କୁ ଗର୍ଭରେ ଧାରଣ କରିଛନ୍ତି। ଏବର୍ଷ ସେମାନଙ୍କ ଏକ ଝିଅ ଜନ୍ମ ହେବ ବୋଲି ଆଶା ରଖିଛନ୍ତି। ତାଙ୍କ ସ୍ୱାମୀ ମାଇକେଲଙ୍କ କହିବା ମୁତାବକ, ସେମାନଙ୍କୁ ଏକ ଝିଅ ଦରକାର। ଯେ ପର୍ଯ୍ୟନ୍ତ ତାଙ୍କର ଏକ ଝିଅ ନ ହୋଇଛି, ସେ ପର୍ଯ୍ୟନ୍ତ ସେମାନେ ଜନ୍ମ କରୁଥିବେ। ତାଙ୍କର ବଡ଼ ପୁଅକୁ ବର୍ତ୍ତମାନ ୧୨ ବର୍ଷ ହୋଇଥିବାବେଳେ ସବୁଠୁ ସାନ ପୁଅକୁ ୨ ମାସ ହୋଇଛି। ଏନେଇ ସେ ତାଙ୍କ ସୋସିଆଲ ମିଡିଆରେ ବହୁତ ସାରା ଫଟୋ ମଧ୍ୟ ଶେୟାର କରିଛନ୍ତି। ରୋସାରିଓ ୧୮ ବର୍ଷ ବୟସରେ ପ୍ରଥମ ସନ୍ତାନ ଜନ୍ମ ଦେଇଥିଲେ। ଏହା ପରଠାରୁ ସେ ସନ୍ତାନ ଜନ୍ମ କରିଆସୁଥିବା କହିଛନ୍ତି। ଏହା ମଧ୍ୟରେ ତାଙ୍କର ଥରେ ଗର୍ଭପାତ ମଧ୍ୟ ହୋଇଥିଲା। ଏନେଇ ସୋସିଆଲ ମିଡିଆରେ ଅନେକ ତାଙ୍କର ମଜା ଉଠାଉଛନ୍ତି। ହେଲେ ସେମାନଙ୍କ କଥାକୁ ଖାତିର କରୁ ନ ଥିବା ସେ କହିଛନ୍ତି। ଏଥିସହ ତାଙ୍କ ପାଖରେ ପିଲାଙ୍କୁ ପାଳିବାକୁ ଯଥେଷ୍ଟ ଟଙ୍କା ଥିବା କହିଛନ୍ତି।



## ଆଧୁନିକ ଭାରତର ବିଶ୍ୱକର୍ମା ମୋକ୍ଷଗୁଣ୍ଡମ୍ ବିଶ୍ୱେଶ୍ୱରାୟା

ଇଞ୍ଜିନିୟର୍ସ ଡେ

**ସେ**ପ୍ଟେମ୍ବର ୧୫ରେ ଭାରତରତ୍ନ ମୋକ୍ଷଗୁଣ୍ଡମ ବିଶ୍ୱେଶ୍ୱରାୟାଙ୍କ ଜନ୍ମଦିନକୁ ଭାରତରେ ଇଞ୍ଜିନିୟର୍ସ ଦିବସ (ଇଞ୍ଜିନିୟର୍ସ ଡେ') ଭାବେ ପାଳନ କରାଯାଏ। ଇଞ୍ଜିନିୟରିଂ ଏବଂ ଶିକ୍ଷା କ୍ଷେତ୍ରରେ ସାର୍ ଏମ୍. ବିଶ୍ୱେଶ୍ୱରାୟାଙ୍କ ଉଲ୍ଲେଖନୀୟ ଅବଦାନ ରହିଛି। ସେ ସର୍ବଶ୍ରେଷ୍ଠ ରାଷ୍ଟ୍ର ନିର୍ମାଣକାରୀଙ୍କ ମଧ୍ୟରେ ବିବେଚିତ ହୋଇଥିଲେ, ଯେଉଁମାନେ ଆଧୁନିକ ଭାରତର ବନ୍ଧ, ଜଳଭଣ୍ଡାର ଏବଂ ଜଳ ବିଦ୍ୟୁତ୍ ପ୍ରକଳ୍ପ ନିର୍ମାଣରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଆଧୁନିକ ଭାରତର ବିଧାଣି ଭାବେ ବିଶ୍ୱେଶ୍ୱରାୟାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଆଧୁନିକ ଭାରତର ବିଶ୍ୱକର୍ମା ହେଉଛନ୍ତି ମୋକ୍ଷଗୁଣ୍ଡମ ବିଶ୍ୱେଶ୍ୱରାୟା।

କର୍ଣ୍ଣାଟକର କୃଷ୍ଣରାଜ ସାଗର ବନ୍ଧ ଏବଂ ହାଇଦ୍ରାବାଦର ବନ୍ୟା ସୁରକ୍ଷା ବ୍ୟବସ୍ଥା ସମେତ ମୁଖ୍ୟ ଇଞ୍ଜିନିୟର ଭାବରେ ସାର୍ ଏମ୍. ବିଶ୍ୱେଶ୍ୱରାୟା ଦେଶର ବହୁ ମୁଖ୍ୟ ସ୍ଥାପତ୍ୟର ନିର୍ମାଣ କାର୍ଯ୍ୟ ତଦାରଖ କରିଥିଲେ। ୧୯୬୮ ମସିହାରେ ଭାରତ ସରକାର ସାର୍ ଏମ୍. ବିଶ୍ୱେଶ୍ୱରାୟାଙ୍କ ଜନ୍ମ ବାର୍ଷିକକୁ ଇଞ୍ଜିନିୟର୍ସ ଦିବସ ଭାବରେ ଘୋଷଣା କରିଥିଲେ। ସେବେଠାରୁ ଏହି ଦିନଟି ସମସ୍ତ ଇଞ୍ଜିନିୟରଙ୍କୁ ସମ୍ମାନ ଏବଂ ସମ୍ମାନିତ କରିବା ପାଇଁ ପାଳନ କରାଯାଏ। ୧୯୫୫ରେ ତାଙ୍କୁ ଭାରତରତ୍ନ ପ୍ରଦାନ କରାଯାଇଥିଲା।



## ବିକାଶ ପାଇଁ ଗଣତନ୍ତ୍ର

ଅନ୍ତର୍ଜାତୀୟ ଗଣତନ୍ତ୍ର ଦିବସ

**ପୃ**ଥିବୀର ବିକାଶ ପାଇଁ ଗଣତନ୍ତ୍ର ଅପରିହାର୍ଯ୍ୟ। ଗଣତନ୍ତ୍ର ହେଉଛି ଏକ ବିଶ୍ୱସ୍ତରୀୟ ମୂଲ୍ୟବୋଧ ଆଧାରିତ ପ୍ରଣାଳୀ। ଗଣତାନ୍ତ୍ରିକ ରାଷ୍ଟ୍ର ନିଜର ରାଜନୈତିକ, ଅର୍ଥନୈତିକ, ସାମାଜିକ ଏବଂ ସାଂସ୍କୃତିକ ପ୍ରଣାଳୀ ଏବଂ ଜୀବନର ସମସ୍ତ ଦିଗରେ ସେମାନଙ୍କର ସମ୍ପୂର୍ଣ୍ଣ ଅଂଶଗ୍ରହଣ କରିବାକୁ ଲୋକମାନଙ୍କର ମୁକ୍ତ ଭାବରେ କାର୍ଯ୍ୟ କରିଥାନ୍ତି। ଗଣତନ୍ତ୍ରର ଭୂମିକାକୁ ଉପଲବ୍ଧି କରି ୨୦୦୭ରେ ମିଳିତ ଜାତିସଂଘର ସାଧାରଣ ସଭା ଗଣତନ୍ତ୍ରର ନୀତିକୁ ପ୍ରୋତ୍ସାହନ ତଥା ସମର୍ଥନ କରିବା ଉଦ୍ଦେଶ୍ୟରେ ୧୫ ସେପ୍ଟେମ୍ବରକୁ ଅନ୍ତର୍ଜାତୀୟ ଗଣତନ୍ତ୍ର ଦିବସ ଭାବରେ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲା ଏବଂ ସମସ୍ତ ସଦସ୍ୟ ରାଷ୍ଟ୍ର ତଥା ସଙ୍ଗଠନକୁ ଏହି ଦିନକୁ ଉପଯୁକ୍ତ ଢଙ୍ଗରେ ସ୍ମରଣ କରିବାକୁ ଆମନ୍ତ୍ରଣ କରିଥିଲା। ସେପ୍ଟେମ୍ବର ୧୯୯୭ରେ ଆନ୍ତଃ ପାର୍ଲାମେଣ୍ଟାରୀ ୟୁନିୟନ (ଆଇପିୟୁ)ଦ୍ୱାରା ଗଣତନ୍ତ୍ରର ମୌଳିକ ସିଦ୍ଧାନ୍ତ ଉପରେ ଏକ ସାର୍ବଭୌମିକ ଘୋଷଣାନାମା ଗୃହୀତ ହୋଇଥିଲା। ଏଥିସହ ସଦସ୍ୟ ରାଷ୍ଟ୍ରଙ୍କୁ ଗଣତନ୍ତ୍ରର ମୌଳିକ ସିଦ୍ଧାନ୍ତ ବଜାୟ ରଖିବା ଦିଗରେ ବିଶ୍ୱ ସ୍ତରରେ ଏକ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଏହି ଦିନଟିକୁ ପାଳନ କରିବାକୁ କୁହାଯାଇଥିଲା।

ଗଣତନ୍ତ୍ରର ମୂଳ ସିଦ୍ଧାନ୍ତ ବଜାୟ ରଖିବା ସହ ବିଚାରଧାରାକୁ ପ୍ରସାର କରାଇବା ଏହି ଦିବସର ଲକ୍ଷ୍ୟ। ବିଶ୍ୱସ୍ତରରେ ଗଣତାନ୍ତ୍ରିକ ମୂଲ୍ୟବୋଧର ଅବକ୍ଷୟ ରୋକିବା ତଥା ପାର୍ଲିଆମେଣ୍ଟର ଏ ସମ୍ପର୍କିତ ଦାୟିତ୍ୱ ସମ୍ପର୍କରେ ଏକ ସଚେତାତା ସୃଷ୍ଟି କରାଇବା ପାଇଁ ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ।

## ସ୍କୁଲ ଫି' ବଦଳରେ ଖାଲି ପ୍ଲାଷ୍ଟିକ ବୋତଲ

**ଦିଶ୍‌ପୁର:** ଦୁନିଆରେ ସମସ୍ତ ପିଲାଙ୍କ ପାଇଁ ଶିକ୍ଷା ଜରୁରୀ। ହେଲେ କେତେକ ପିଲା ଅର୍ଥାଭାବରୁ ସ୍କୁଲ ଯାଇ ପାଠ ପଢିବାକୁ ଅସମର୍ଥ। ଅନେକ ସ୍କୁଲରେ ସ୍କୁଲ ଫି' ଲକ୍ଷାଧିକ ହେଲାଣି। ଏହା ମଧ୍ୟରେ ସୋସିଆଲ ମିଡିଆରେ ଏକ ସ୍କୁଲର ଚର୍ଚ୍ଚା ହେଉଛି, ଯାହା ଆସାମରେ ରହିଛି। ଏହି ଅକ୍ଷର ସ୍କୁଲରେ ଅର୍ଥାଭାବ ଥିବା ପିଲା ମଧ୍ୟ ପଢିବାକୁ ଆଗ୍ରହ ଦେଖାଉଛନ୍ତି। ଖାସ୍ କଥା ହେଉଛି, ସେଠାରେ ପଢୁଥିବା ପ୍ରତ୍ୟେକ ପିଲାଙ୍କୁ ସ୍କୁଲ ଫି' ଦେବାକୁ ପଡୁନି। ଫି' ବଦଳରେ ସ୍କୁଲରେ ପ୍ଲାଷ୍ଟିକର ଖାଲି ବୋତଲ ଜମା କରିବାକୁ ପଡ଼ିଥାଏ। ଆସାମର ଏହି ସ୍କୁଲରେ ଗ୍ରାମୀଣ ପିଲାଙ୍କୁ ଶିକ୍ଷା ଦିଆଯାଉଛି। ଏଠାରେ ଫି' ବଦଳରେ ପିଲାଙ୍କୁ ସପ୍ତାହ ଶେଷକୁ ୨୫ ଖାଲି ବୋତଲ ଜମା କରିବାକୁ ପଡୁଛି। ସେହି ଅଞ୍ଚଳର ଅଳିଆ ଆବର୍ଜନାକୁ ଦେଖି ଏକ ଦମ୍ପତି ପର୍ମିତା ଶର୍ମା ଏବଂ ମାଜିନ ମୁଖେତର୍ ୨୦୧୬ରେ ଏପରି ଏକ ସ୍କୁଲ ଖୋଲିବାକୁ ଯୋଜନା କରିଥିଲେ। ଏହି ସ୍କୁଲରେ ପାଠପଢା ବ୍ୟତୀତ ରୋଜଗାରର ମାର୍ଗ ମଧ୍ୟ ଶିଖାଯାଏ। ଏଥିସହ ସ୍କୁଲରେ କାର୍ପେଣ୍ଟ୍ରି, ଗାର୍ଡେନିଂ ଆଦି ବିଭିନ୍ନ ପ୍ରକାର କଳାଶିକ୍ଷା ଦିଆଯାଏ। ପ୍ରଥମ କରି ୧୦ ଜଣ ପିଲାଙ୍କୁ ନେଇ ଏହି ସ୍କୁଲ ଆରମ୍ଭ ହୋଇଥିଲା। ବର୍ତ୍ତମାନ ଏହି ସ୍କୁଲରେ ୧୫୦ରୁ ଅଧିକ ପିଲା ପାଠ ପଢୁଛନ୍ତି।



**ଶିକ୍ଷକ ଆନ୍ଦୋଳନକୁ କଂଗ୍ରେସର ସମର୍ଥନ**

ଭୁବନେଶ୍ୱର, (ସୁନିତ୍ ମିଶ୍ର): ପିସିସି ସଭାପତି ଶରତ ପଟ୍ଟନାୟକ ରାଜ୍ୟର ଆନ୍ଦୋଳନରତ ପ୍ରାଥମିକ ଶିକ୍ଷକମାନଙ୍କ ଦାବି ପ୍ରତି ସମର୍ଥନ ଜଣାଇଛନ୍ତି। ରାଜ୍ୟ ସରକାର ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଦୃଷ୍ଟିରୁ ସହାନୁଭୂତିର ସହ ସେଗୁଡ଼ିକ ବିଚାରକରି ତୁରନ୍ତ ସମାଧାନ କରିବାକୁ ଶରତ ଆହ୍ୱାନ ଦେଇଛନ୍ତି। ପିସିସି ଗଣମାଧ୍ୟମ ବିଭାଗ ଅଧକ୍ଷ ଗଣେଶ୍ୱର ବେହେରା ଏକ ପ୍ରେସ୍ ବିଜ୍ଞପ୍ତି ଜାରିକରି କହିଛନ୍ତି, ରାଜ୍ୟ ସରକାର ଠିକାରେ ଶିକ୍ଷକ ନିଯୁକ୍ତି ହେବେ ନାହିଁ ବୋଲି ଘୋଷଣାକରି ଏବେ ୨୦ ହଜାର ଠିକା ଶିକ୍ଷକ ନିଯୁକ୍ତି ଦେବାର ବିଜ୍ଞାପନ ଜାରି କରିବା ଦୁର୍ଭାଗ୍ୟଜନକ।



ଦିଲ୍ଲୀ ପ୍ରଦେଶ କଂଗ୍ରେସ କମିଟି (ଡିପିସିସି)ର ନବନିଯୁକ୍ତ ସଭାପତି ଅରବିନ୍ଦର ସିଂ ଲଭ୍‌ଲିଙ୍କ ସହ ଅଜୟ ମାକେନ୍ ଓ ଦଳୀୟ ନେତାମାନେ। (ଫଟୋ: ଚମନ ଗୌତମ)।

## 'ଦୁର୍ନୀତି ପ୍ରତି ଶୂନ୍ୟ ସହନଶୀଳତା' ପ୍ରଚାରର ବାସ୍ତବତା ଭିନ୍ନ: ଭାଜପା

ଭୁବନେଶ୍ୱର, ୧୪।୯(ସୁନିତ୍ ମିଶ୍ର)

ରାଜ୍ୟ ସରକାର 'ଦୁର୍ନୀତି ପ୍ରତି ଶୂନ୍ୟ ସହନଶୀଳତା'ର କରୁଥିବା ପ୍ରଚାରର ବାସ୍ତବତା ସମ୍ପୂର୍ଣ୍ଣ ଭିନ୍ନ। ବରଂ ଦୁର୍ନୀତଗ୍ରସ୍ତ ଅଫିସରଙ୍କୁ ସୁରକ୍ଷା ଦେବାରେ ଆମ ରାଜ୍ୟ ସମଗ୍ର ଦେଶରେ ଅଗ୍ରଣୀ ସ୍ଥାନରେ ରହିଛି । ପ୍ରାୟ ପ୍ରତିଦିନ ଭିଜିଲାନ୍ସ ବିଭିନ୍ନ ସରକାରୀ ଅଫିସର ଓ କର୍ମଚାରୀଙ୍କ ବିରୋଧରେ ପଦକ୍ଷେପ ନେଉଛି। ତଳିଆ କର୍ମଚାରୀଙ୍କ ବିରୋଧରେ ଦଣ୍ଡବିଧାନ ହେଉଛି, କିନ୍ତୁ ବଡ଼ ଅଫିସରଙ୍କ ବିରୋଧରେ ଦଣ୍ଡବିଧାନ ଲାଗୁ ହେଉନାହିଁ। ଫଳରେ ଦୁର୍ନୀତିଗ୍ରସ୍ତ ବାବୁମାନେ ଆରାମରେ ବୁଲୁଛନ୍ତି। ଓଡ଼ିଶାରେ ଦୁର୍ନୀତିଗ୍ରସ୍ତ ଅଫିସରଙ୍କ ସୁରକ୍ଷା ସ୍ୱୟଂ ସରକାର କରନ୍ତି ବୋଲି ଭାଜପା ରାଜ୍ୟ ମୁଖପାତ୍ର ମନୋଜ ମହାପାତ୍ର କହିଛନ୍ତି। ଗୁରୁବାର ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମନୋଜ କହିଛନ୍ତି, ସୁପ୍ରିମକୋର୍ଟଙ୍କ ଏକ ୫ ଜଣିଆ ଖଣ୍ଡପୀଠ, ଦୁର୍ନୀତିଗ୍ରସ୍ତ ଅଫିସରଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ ରାୟ ଦେଇଛନ୍ତି। କୋର୍ଟଙ୍କ ଆଦେଶ ମୁତାବକ ୨୦୦୩ରୁ ଅଦ୍ୟାବଧି ଦୁର୍ନୀତିଗ୍ରସ୍ତ ଅଫିସରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ କୌଣସି ସରକାରୀ ମନ୍ତ୍ରଣାଳୟ ବା ମୁଖ୍ୟମନ୍ତ୍ରୀଙ୍କ ମଞ୍ଜୁରୀର ଆବଶ୍ୟକତା ନାହିଁ। ତେଣୁ ସେହି ଅନୁଯାୟୀ ଓଡ଼ିଶାରେ ୨୨୭ ଜଣ ଆଇଏଏସ୍ ଏବଂ ଓଏଏସ୍ ଅଫିସର ଯେଉଁମାନେ ଦୁର୍ନୀତିରେ ରାଜ୍ୟ ଭିଜିଲାନ୍ସ ହାତରେ ଧରାପଡିଛନ୍ତି ସେମାନଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ମନୋଜ କହିଛନ୍ତି।

## ୨୦୨୪ ନିର୍ବାଚନ ଏକାଠି ଲଢ଼ିବେ ଟିଡିପି-ଜେଏସ୍‌ପି

ବିଜୟୱାଡ଼ା,୧୪।୯

ଅଭିନେତାରୁ ରାଜନେତା ହୋଇଥିବା ପଓ୍ୱନ କଲ୍ୟାଣଙ୍କ ଜନସେନା ପାର୍ଟି (ଜେଏସ୍‌ପି) ସହ ଆନ୍ଧ୍ରପ୍ରଦେଶରେ ବିରୋଧୀ ଦଳ ଟିଡିପି ଏକାଠି ୨୦୨୪ ନିର୍ବାଚନ ଲଢ଼ିବାକୁ ନିଷ୍ପତ୍ତି ନେଇଛି। ଟିଡିପି ସାଧାରଣ ସମ୍ପାଦକ ନାରା ଲୋକେଶ ଏବଂ ହିନ୍ଦୁପୁର ବିଧାୟକ ନନ୍ଦମୁରୀ ବାଲକ୍ରିଷ୍ଣନଙ୍କ ସହ ପଓ୍ୱନ କଲ୍ୟାଣ ଗୁରୁବାର ରାଜମହେନ୍ଦ୍ରଭାରମଠାରେ ଏହା ଘୋଷଣା କରିଛନ୍ତି। ଆନ୍ଧ୍ରପ୍ରଦେଶ ରାଜ୍ୟ ଦକ୍ଷତା ବିକାଶ ନିଗମ ଦୁର୍ନୀତି ମାମଲାରେ ସମ୍ପୃକ୍ତି ନେଇ ଟିଡିପି ରାଷ୍ଟ୍ରୀୟ ଅଧକ୍ଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଏନ୍.ଚନ୍ଦ୍ରାବାବୁ ନାଇଡୁ ରାଜମହେନ୍ଦ୍ରଭରମ କେନ୍ଦ୍ରୀୟ ଜେଲରେ ରହିଥିବାବେଳେ ଉପରୋକ୍ତ ନେତାମାନେ ସେଠାରେ ତାଙ୍କୁ ଭେଟିବା ପରେ ଏହା ଘୋଷଣା କରିଛନ୍ତି। ଚନ୍ଦ୍ରାବାବୁଙ୍କ ଗିରଫଦାରିକୁ ପଓ୍ୱନ କଲ୍ୟାଣ ନିନ୍ଦା କରିଛନ୍ତି। ୱାଇଏସ୍‌ଆର୍‌ସି ପୁଣିଥରେ ଯେପରି କ୍ଷମତାକୁ ନ ଆସେ ସେଥିପାଇଁ ବିରୋଧୀ ଭୋଟ ନ ଭାଙ୍ଗିବାକୁ ସୁନିଶ୍ଚିତ କରିବାକୁ ହେବ ବୋଲି ସେ କହିଛନ୍ତି। ୱାଇଏସ୍‌ଆର୍‌ସିକୁ ଯଦି ଏବେଠାରୁ ରୋକା ନ ଯାଏ, ତେବେ ଆଗାମୀ ଦଶନ୍ଧି ପାଇଁ ରାଜ୍ୟରେ ବିପର୍ଯ୍ୟୟ ଲାଗି ରହିବ ବୋଲି କଲ୍ୟାଣ କହିଛନ୍ତି।

## ବିଜେଡି ଟିକେଟ ଦୌଡ଼ରେ ମନ୍ମଥ ମିଶ୍ର

**ଭୋଗରାଇ ରାଜନୀତି ସରଗରମ**

ଭୋଗରାଇ,୧୪।୯(ପ୍ରଦୀପ ଦାସ)

ସଙ୍ଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ମନ୍ମଥ ମିଶ୍ର ଭୋଗରାଇ ନିର୍ବାଚନମଣ୍ଡଳୀ ବିଜେଡି ଟିକେଟ ଦୌଡ଼ରେ ସାମିଲ ହୋଇଛନ୍ତି। ଏହି ନିର୍ବାଚନ ମଣ୍ଡଳୀର ବରିଷ୍ଠ ବିଜେଡି ନେତା ତଥା ବିଧାୟକ ଅନନ୍ତ ଦାସ ବୟସାଧିକ୍ୟ କାରଣରୁ ଆସନ୍ତା ନିର୍ବାଚନରେ ପ୍ରାର୍ଥୀ ହେବାରୁ ବଞ୍ଚିତ ହୋଇପାରନ୍ତି ବୋଲି କର୍ମୀ ମହଲରେ ଆଲୋଚନା ହେଉଛି। ଏହି ସୁଯୋଗରେ ଏକାଧିକ ନେତା ବିଜେଡି ଟିକେଟ ପାଇଁ ଲବି ଆରମ୍ଭ କରି ଦେଇଥିବା ବେଳେ ମନ୍ମଥ ମଧ୍ୟ ମଉକା ଦେଖି ଚଉକା ମାରିବା ଚକ୍କରରେ ରହିଛନ୍ତି। ଭୋଗରାଇର ପ୍ରସିଦ୍ଧ ଶୈବପୀଠ ଚନ୍ଦନେଶ୍ୱର ମନ୍ଦିରରେ ଗୁରୁବାର ପୂଜାର୍ଚ୍ଚନା କରିବା ସହ ସେ ତାଙ୍କର ଅଭିଯାନ ଆରମ୍ଭ କରିଛନ୍ତି। ନିର୍ବାଚନମଣ୍ଡଳୀରେ ଲୋକଙ୍କ ସେବା କରିବା ନିମନ୍ତେ ଭଗବାନଙ୍କ କରୁଣା ନେବାକୁ ଆସିଥିବା ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶ ଓ କାର୍ଯ୍ୟଧାରାରେ ବିଶ୍ୱାସ ରଖି ସେ ଭାଜପାରୁ ଇସ୍ତଫା ଦେଇ ବିଜେଡିରେ ସାମିଲ ହୋଇଥିବା ଏବଂ ଆସନ୍ତା ନିର୍ବାଚନରେ ଭୋଗରାଇରୁ ପ୍ରାର୍ଥୀ ହେବା ଲାଗି ଇଚ୍ଛୁକ ଥିବା କହିଛନ୍ତି। ମୁଖ୍ୟମନ୍ତ୍ରୀ ଯଦି ତାଙ୍କୁ ଦଳୀୟ ପ୍ରାର୍ଥୀ କରନ୍ତି ତେବେ ସେ ଏହାକୁ ସାଦରେ ଗ୍ରହଣ କରିବେ ଓ ଆଗକୁ ବଢ଼ିବେ ବୋଲି ଚନ୍ଦନେଶ୍ୱରସ୍ଥିତ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଆଠଗଡ଼ ମୋ ଜନ୍ମସ୍ଥାନ ହୋଇଥିଲେ ମଧ୍ୟ ୩୦ବର୍ଷ ଧରି ଭୋଗରାଇକୁ କର୍ମସ୍ଥାନ ବୋଲି ବାଛି ନେଇଛି। ଭୋଗରାଇ ପାଣି ପବନରେ ବଢ଼ିଛି, ଏଠାକାର ଆବାଳବୃଦ୍ଧବନିତାଙ୍କ ସହ ଓତଃପ୍ରୋତ ଭାବେ ଜଡିତ ରହିଛି। ବିଧାୟକ ଅନନ୍ତ ଦାସ ଭୋଗରାଇର ଉନ୍ନୟନ କାର୍ଯ୍ୟକୁ ବହୁ ଆଗକୁ ନେଇଥିବା ବେଳେ ମୋତେ ସୁଯୋଗ ମିଳିଲେ ଏ ଅଞ୍ଚଳର ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ ପାଇଁ ବଦ୍ଧପରିକର ହେବି ବୋଲି ମନ୍ମଥ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ତବଲା ବାଦକ ଜିତେନ୍ଦ୍ର ବେହେରା, ନିମାତପୁର ପଞ୍ଚାୟତର ଯୁବନେତା ଦିଲୀପ ପ୍ରଧାନ, ଦେଉଳା ପଞ୍ଚାୟତ ଯୁବନେତା ସତ୍ୟବ୍ରତ ଘଡ଼ାଇ, ବିରଜା ଗ୍ରାମର ବରେନ୍ଦ୍ର ଦତ୍ତ, ଚନ୍ଦନେଶ୍ୱର ଯୁବନେତା ରବୀନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ମନ୍ମଥ ଭୋଗରାଇର ବହୁ କଳାକାର, ଛାମୁଆ ଯୁବନେତା ଓ ବୁଦ୍ଧିଜୀବୀଙ୍କୁ ସାକ୍ଷାତ୍ କରୁଥିବାରୁ ଏଠାକାର ରାଜନୀତି ଏବେ ସରଗରମ ହେବାରେ ଲାଗିଛି।



ଖବରଦାତା ସମ୍ମିଳନୀରେ ସମର୍ଥକଙ୍କ ସହ ମନ୍ମଥ

## ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ବାସଭବନକୁ ଛାତ୍ର କଂଗ୍ରେସର ଅଣ୍ଡାମାଡ଼

**ଛାତ୍ର ସଂସଦ ନିର୍ବାଚନ ବନ୍ଦ ପ୍ରସଙ୍ଗ**

ଭୁବନେଶ୍ୱର, ୧୪।୯(ସୁନିତ୍ ମିଶ୍ର)

ଛାତ୍ର ସଂସଦ ନିର୍ବାଚନ ନ କରାଯିବା ଘଟଣାକୁ ନେଇ ରାଜ୍ୟରେ ବିଭିନ୍ନ ଛାତ୍ର ସଙ୍ଗଠନ ମଧ୍ୟରେ ଅସନ୍ତୋଷ ତେଜିବାରେ ଲାଗିଛି। ଏହି କ୍ରମରେ ଗୁରୁବାର ଛାତ୍ର କଂଗ୍ରେସ ପକ୍ଷରୁ ଉଚ୍ଚ ଶିକ୍ଷାମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ଭୁବନେଶ୍ୱରସ୍ଥିତ ସରକାରୀ ବାସଭବନ ଘେରାଉ ସହ ଅଣ୍ଡାମାଡ଼ କରାଯାଇଛି। ଏଥିସହ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ଏଥିସହ ଛାତ୍ର କଂଗ୍ରେସ କର୍ମୀମାନେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ବାସଭବନ ଭିତରକୁ ଧସେଇପଶିବାକୁ ଉଦ୍ୟମ କରିଥିବା ବେଳେ ପୋଲିସ ସେମାନଙ୍କୁ ବାଧା ଦେଇଥିଲା। ଫଳରେ ପୋଲିସ ଓ ଛାତ୍ର କଂଗ୍ରେସ କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାପରେ ପୋଲିସ ଛାତ୍ର କଂଗ୍ରେସ କର୍ମକର୍ତ୍ତାଙ୍କୁ ସେଠାରୁ ଉଠାଇନେଇ ପରବର୍ତ୍ତୀ ସମୟରେ ଛାଡ଼ି ଦେଇଥିବା ଜଣାପଡ଼ିଛି।

ଏହି ପ୍ରତିବାଦ କାର୍ଯ୍ୟକ୍ରମ ସମ୍ପର୍କରେ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ କହିଛନ୍ତି, ସରକାର ତାଙ୍କ ନିଷ୍ପତ୍ତିର ପୁନର୍ବିଚାରକରି ତୁରନ୍ତ ଛାତ୍ର ସଂସଦ ନିର୍ବାଚନ କରାନ୍ତୁ। ନଚେତ୍ ଛାତ୍ର କଂଗ୍ରେସ ଏହି ଘଟଣାରେ ଚୁପ୍ ହୋଇ ବସିବ ନାହିଁ। ଆଗାମୀ ଦିନରେ ସାରା ରାଜ୍ୟରେ ଏହି ପ୍ରସଙ୍ଗ ନେଇ ଛାତ୍ରନେତାଙ୍କୁ ଏକାଠି କରାଯିବା ସହିତ ଆନ୍ଦୋଳନ ଜୋର୍‌ଦାର କରାଯିବ।













ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ ବାତିଲ ନିଷ୍ପତ୍ତିକୁ ବିରୋଧ କରି ଏନ୍‌ଏସ୍‌ୟୁଆଇର ଛାତ୍ରମାନେ ଗୁରୁବାର ଉଚ୍ଚ ଶିକ୍ଷାମନ୍ତ୍ରୀ ଅତନୁ ସବ୍ୟସାଚୀଙ୍କ ବାସଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।(ବାମ), ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ କଟକ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି)ର ଛାତ୍ରମାନେ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରୁଛନ୍ତି।

**ରାଜ୍ୟ ଖବର**

## ୨୦୨୭ ସୁଦ୍ଧା ଫାଇଲେରିଆମୁକ୍ତ ହେବ ଓଡ଼ିଶା

**୨ ପର୍ଯ୍ୟାୟରେ ୨ କୋଟି ୭୩ ଲକ୍ଷ ଲୋକଙ୍କୁ ଔଷଧ ବଣ୍ଟନ**

ଭୁବନେଶ୍ୱର,୧୪।୯(ଅଭିଜିତ ଦାସ)

ରାଜ୍ୟରେ ଡେଙ୍ଗୁର ପ୍ରକୋପ ଥିବାବେଳେ ପାଖାପାଖି ୬୦ ପ୍ରତିଶତ ଲୋକ ଫାଇଲେରିଆ ରୋଗରେ ଆକ୍ରାନ୍ତ ଅଛନ୍ତି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୨୦୨୭ ମସିହା ସୁଦ୍ଧା ରାଜ୍ୟରେ ଫାଇଲେରିଆ ରୋଗକୁ ନିର୍ମୂଳ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏଥିଲାଗି ଦୁଇଟି ପର୍ଯ୍ୟାୟରେ ୨ କୋଟି ୭୩ ଲକ୍ଷ ଲୋକଙ୍କୁ ଫାଇଲେରିଆ ପ୍ରତିଷେଧକ ଔଷଧ ବଣ୍ଟନ କରାଯାଇଛି। ବିଭାଗୀୟ ତଥ୍ୟ ଅନୁଯାୟୀ, ରାଜ୍ୟକୁ ୨୦୩୦ ସୁଦ୍ଧା ଫାଇଲେରିଆ ମୁକ୍ତ କରିବା ପାଇଁ ସରକାର ଲକ୍ଷ୍ୟ ରଖିଥିବାବେଳେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି ଲକ୍ଷ୍ୟ ୨୦୨୭ ରଖାଯାଇଛି। ବିଭାଗ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ଚଳିତ ବର୍ଷ ଫେବୃୟାରୀରେ ଫାଇଲେରିଆ ରୋଗର ନିରାକରଣ ପାଇଁ ୧୦ଟି ଜିଲାରେ ସାମୂହିକ ଔଷଧ ବଣ୍ଟନ କରାଯାଇଥିଲା। ପାଖାପାଖି ୧କୋଟି ୨୩ ଲକ୍ଷ ଲୋକଙ୍କୁ ଔଷଧ ଦିଆଯାଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟ ଅଗଷ୍ଟ ମାସରେ ଆରମ୍ଭ କରାଯାଇଥିଲା। ୧୧ଟି ଜିଲାରେ ୧ କୋଟି ୫୦ ଲକ୍ଷ ଲୋକଙ୍କୁ ଔଷଧ ଦିଆଯାଇଛି। ୯ଟି ଜିଲା ଫାଇଲେରିଆମୁକ୍ତ ଘୋଷଣା ପାଇଁ ଯୋଗ୍ୟତା ହାସଲ କରିଛି। ବର୍ତ୍ତମାନ ରାଜ୍ୟରେ ଫାଇଲେରିଆମୁକ୍ତ ଅଭିଯାନ ଜାରି ରହିଛି। ଉକ୍ତ ରୋଗ ପାଇଁ ୩ ପ୍ରକାର ଔଷଧ ଦିଆଯାଉଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୧ କୋଟି ୮୧ ଲକ୍ଷ ଆଲ୍‌ବେଣ୍ଡାଜୋଲ, ୪କୋଟି ୫୩ ଲକ୍ଷ ଡିଇସି ଏବଂ ୪କୋଟି ୫୪ ଲକ୍ଷ ଆଇଭରମେଟିନ ବଟିକା ବଣ୍ଟାଯାଇଛି। ବିଭାଗୀୟ ଯୁଗ୍ମ ନିର୍ଦ୍ଦେଶକ ଡାକ୍ତର ଶୁଭାଶିଷ ମହାନ୍ତି କହିଛନ୍ତି, ରାଜ୍ୟରେ ମଶାବାହିତ ରୋଗ ମଧ୍ୟରୁ ଡେଙ୍ଗୁ, ଫାଇଲେରିଆ, ମ୍ୟାଲେରିଆ ଭଳି ରୋଗର ପ୍ରଭାବ ରହିଛି। କ୍ୟୁଲେସ୍ ମଶାଙ୍କ ଦ୍ୱାରା ଫାଇଲେରିଆ ରୋଗ ହେଇଥାଏ। ଫାଇଲେରିଆମୁକ୍ତ ଅଭିଯାନରେ ଡାକ୍ତରୀ ଛାତ୍ରୀଛାତ୍ର, ଆଶାକର୍ମୀ ଓ ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀ ସାମିଲ ହୋଇ ବହୁ ଜିଲାରେ ଲୋକଙ୍କୁ ଔଷଧ ବଣ୍ଟନ କରିଥିଲେ। ପୂର୍ବରୁ ଫାଇଲେରିଆ ପାଇଁ ଆଲ୍‌ବେଣ୍ଡାଜୋଲ ଓ ଡିଇସି ବଟିକା ଦିଆଯାଉଥିବାବେଳେ ବର୍ତ୍ତମାନ ଆଇଭରମେଟିନ ବଟିକା ମଧ୍ୟ ଦିଆଯାଇଛି। ଔଷଧ ବିତରଣରେ ସମଗ୍ର ଦେଶରେ ଉତ୍ତରପ୍ରଦେଶ ପ୍ରଥମ ସ୍ଥାନରେ ଥିବା ବେଳେ ବିହାର ଦ୍ୱିତୀୟ ଏବଂ ଓଡ଼ିଶା ତୃତୀୟ ସ୍ଥାନରେ ରହିଛି। ଜାତୀୟ ଭେକ୍ଟର ବୋର୍ନ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ (ଏନ୍‌ଭିବିଡିସିପି) ଜରିଆରେ ରାଜ୍ୟର ମଶାପ୍ରବଣ ଅଞ୍ଚଳରେ ୨୦୧୬, ୨୦୨୦ ଓ ୨୦୨୧ ମସିହାରେ ଲୋକଙ୍କୁ ମଶାରି ବଣ୍ଟନ କରାଯାଇଥିଲା। ଚଳିତ ବର୍ଷ ମଧ୍ୟ ମଶାରି ବଣ୍ଟନ କରାଯିବାକୁ ବିଭାଗ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି।

## ଲୋକ କଳାକାରଙ୍କୁ ନେଇ ପ୍ରସ୍ତୁତ ହେଉନି ମାର୍ଗଦର୍ଶିକା

**ବାରମ୍ବାର ବଦଳୁଛି**
- ପ୍ରାପ୍ୟରେ ବି ପରିବର୍ତ୍ତନ
- ତେଜୁଛି ଅସନ୍ତୋଷ

ଭୁବନେଶ୍ୱର,୧୪।୯(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଗୁରୁବାର ସମସ୍ତ ଜିଲାର ଜିଲାପାଳଙ୍କ ନିମନ୍ତେ ସୂଚନା, ଶିକ୍ଷା ଓ ଯୋଗାଯୋଗ (ଆଇଇସି) କାର୍ଯ୍ୟକ୍ରମ ସମ୍ପର୍କରେ ଏକ ମାର୍ଗଦର୍ଶିକା ଜାରି କରିଛନ୍ତି। ଆଇଇସି ଅଭିଯାନରେ ଲୋକକଳା କଳାକାରଙ୍କୁ ସମ୍ପୃକ୍ତ କରାଇ କାର୍ଯ୍ୟକ୍ରମ ପରିବେଷଣ କରାଯିବା ନେଇ ମାର୍ଗଦର୍ଶିକାରେ ବିଭିନ୍ନ ପ୍ରସଙ୍ଗରେ ସୂଚନା ଦିଆଯାଇଛି। ସେଥିରେ ଲୋକକଳା ଦଳର କଳାକାର ସଂଖ୍ୟା, ସେମାନଙ୍କ ଦୈନିକ ପ୍ରାପ୍ୟ, ବ୍ଲକସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆଦି ସମ୍ପର୍କରେ ଉଲ୍ଲେଖ କରାଯାଇଛି। ତେବେ ଏ ନେଇ ଲୋକକଳା କଳାକାରମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେମାନଙ୍କ ବିନା ପରାମର୍ଶରେ ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଉଥିବା ଓ ବାରମ୍ବାର ପରିବର୍ତ୍ତନ ହେଉଥିବା ନେଇ ସେମାନେ ଅଭିଯୋଗ ଆଣିଛନ୍ତି।

ନିକଟରେ ଭୁବନେଶ୍ୱରରେ ଦୁଇଦିନିଆ ସଂସାଧନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାପରେ ବିଭିନ୍ନ ଜିଲା ଓ ବ୍ଲକ ସ୍ତରରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ହେବାର ଯୋଜନା ରହିଥିଲା। ସେପ୍ଟେମ୍ବର ୧୫ରୁ ୩୦ତାରିଖ ମଧ୍ୟରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ହେବାକୁ ଥିବାବେଳେ ନୂତନ ମାର୍ଗଦର୍ଶିକାରେ ଏହା ୧୭ରୁ ୨୪ ତାରିଖ ମଧ୍ୟରେ କରାଯିବାକୁ ଉଲ୍ଲେଖ ରହିଛି। ସେହିପରି ସଂକୀର୍ତ୍ତନ, ସମ୍ପ୍ରଦା, ସଞ୍ଚାର ଆଦି ଲୋକନୃତ୍ୟ ପାଇଁ ଆବଶ୍ୟକ ସଂଖ୍ୟକ କଳାକାରଙ୍କ ସଂଖ୍ୟା ମଧ୍ୟ ହ୍ରାସ କରାଯାଇଛି, ଯାହାକି କଳାକାରଙ୍କୁ ଏକ ବିଷମ ପରିସ୍ଥିତିରେ ପକାଇଛି। ଯେଉଁ ଦଳ ପାଇଁ ସର୍ବନିମ୍ନ ୧୦ଜଣ କଳାକାର ଦରକାର ସେଠାରେ ୬ କିମ୍ବା ୮ଜଣ ରଖାଯାଇଛି। ଅନ୍ୟପକ୍ଷେ ମାର୍ଗଦର୍ଶିକାରେ ବାଉଁଶରାଣୀ, ଘୁଡୁକି, ଖଞ୍ଜଣି ଭଜନ, ସଞ୍ଚାର, ପାଲା, ସଂକୀର୍ତ୍ତନ, ସମ୍ପ୍ରଦା ଆଦି ଅନେକ ଲୋକକଳା ପାଇଁ ନିର୍ଦ୍ଧାରିତ ପ୍ରାପ୍ୟରେ ମଧ୍ୟ ପରିବର୍ତ୍ତନ କରାଯାଇଛି। ମାର୍ଗଦର୍ଶିକାରେ ପୂର୍ବରୁ ୫ହଜାର ଓ ୧୬୦୦ଟଙ୍କା ଉଲ୍ଲେଖ ଥିବା ବେଳେ ପରେ ଏହାକୁ ସଂଶୋଧନ କରାଯାଇ ଯଥାକ୍ରମେ ୪ହଜାର ୬ଶହ ଓ ୧୨୦୦ ଟଙ୍କା କରାଯାଇଛି। ଫଳରେ ଲୋକକଳାକାରମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ମାର୍ଗଦର୍ଶିକା ପରେ ମାର୍ଗଦର୍ଶିକା ପ୍ରସ୍ତୁତ ହେଉଛି, କିନ୍ତୁ ସେଥିରେ ତାଳମେଳ ରହୁନାହିଁ। ଏପରିକି କଳାକାରଙ୍କ ସହମତି କି ସୁବିଧାକୁ ପ୍ରାଧାନ୍ୟ ଦିଆଯାଉନାହିଁ ବୋଲି ସେମାନେ ଅଭିଯୋଗ କରିଛନ୍ତି।

ମାର୍ଗଦର୍ଶିକାକୁ ନେଇ ଝାରସୁଗୁଡ଼ା ଜିଲା ସଂସ୍କୃତି ସଂଘର ଉପସଭାପତି ସୁଡ଼ଙ୍ଗ ପ୍ରଧାନ କହିଛନ୍ତି, ପ୍ରଥମ କଥା ହେଉଛି ଆଗକୁ ବିଶ୍ୱକର୍ମା ପୂଜା, ଗଣେଶ ପୂଜା ଓ ନୂଆଖାଇ ଆସୁଛି। ପ୍ରଶିକ୍ଷଣ ପାଇଁ ନିର୍ଦ୍ଧାରିତ ସମୟ ବିଶେଷକରି ପଶ୍ଚିମ ଓଡ଼ିଶାର ଲୋକଙ୍କୁ ବଡ଼ ଅାଡୁଆରେ ପକାଇଛି। ଯଦି ସମୟ ପରିବର୍ତ୍ତନ କରାଯାଉଛି ତାହା ଆମ ସୁବିଧା ହିସାବରେ ହେଲେ ଭଲ ହୁଅନ୍ତା। ପୂଜା ସମୟରେ ପ୍ରଶିକ୍ଷଣ ଆୟୋଜନ ଉଚିତ୍ ହେଉନାହିଁ। ସମ୍ପ୍ରଦା, ସଞ୍ଚାର, ସଂକୀର୍ତ୍ତନ ଦଳରେ ୧୫ରୁ ୨୦ କଳାକାର ନିହାତି ରହୁଥିବା ପ୍ରାୟ ସମସ୍ତଙ୍କୁ ଜଣା। କିନ୍ତୁ ମାର୍ଗଦର୍ଶିକାରେ ସର୍ବାଧିକ ୮ କଳାକାରଙ୍କୁ ନେଇ ପରିବେଷଣ କରିବାକୁ ଉଲ୍ଲେଖ ରହିଛି। ଗାଁରେ ଆମେ ମିଳିତ ଭାବେ ଦୀର୍ଘ ବର୍ଷ ଧରି ପରିବେଷଣ କରିଆସୁଛୁ। ବର୍ତ୍ତମାନ କାହାକୁ ବାଦ୍ ଦେବୁ ଓ କାହାକୁ ରଖିବୁ ତାହା ବଡ଼ ସମସ୍ୟାରେ ପକାଇଛି। ଏମିତି ହେଲେ ଗାଁ ଭାଗ ଭାଗ ହୋଇଯିବ। ଭୁବନେଶ୍ୱରରେ ପ୍ରଶିକ୍ଷଣ ସମୟରେ ଆମେ ଏ ସମ୍ପର୍କରେ ଉଲ୍ଲେଖ କରିଥିଲୁ। ସେ ନୂତନ ମାର୍ଗଦର୍ଶିକାରେ ଅତିକମ୍‌ରେ ୧୦ଜଣ କଳାକାର ରଖାଯିବ ବୋଲି କହିଥିଲେ। କିନ୍ତୁ ପ୍ରକାଶିତ ମାର୍ଗଦର୍ଶିକା ଆମକୁ ସମସ୍ୟା ଭିତରକୁ ଟାଣିନେଇଛି। ସେହିପରି ସଞ୍ଚାର ପରିବେଷଣରେ ମାତ୍ର ୩ଜଣ ଆବଶ୍ୟକ। କିନ୍ତୁ ୪ଜଣଙ୍କୁ ରଖାଯିବା ପାଇଁ ନିର୍ଦ୍ଦେଶ ହୋଇଛି। ଯେଉଁଥିରେ ଆବଶ୍ୟକ ତାହା ନ କରି ଅନାବଶ୍ୟକ ସ୍ଥଳେ ପରିବର୍ତ୍ତନ କରାଯାଇଛି। ଭୁବନେଶ୍ୱରରେ ବସି ମାର୍ଗଦର୍ଶିକା କରିଦେଲେ ହେବ ନାହିଁ। ଲୋକକଳା କଳାକାରଙ୍କ ସହ ଆଲୋଚନା କରି ମାର୍ଗଦର୍ଶିକା ପ୍ରସ୍ତୁତ କରାଯିବା ଆବଶ୍ୟକ। ସେହିପରି ସୁବର୍ଣ୍ଣପୁର ଜିଲା ସାଂସ୍କୃତିକ ସଂଘର ଉପସଭାପତି ମାନଭଞ୍ଜନ ମିଶ୍ର କହିଛନ୍ତି, ଲୋକକଳାକାରଙ୍କୁ ନେଇ ମାର୍ଗଦର୍ଶିକା ପ୍ରସ୍ତୁତ ହେଉନାହିଁ। ଯେଉଁମାନେ ପରିବେଷଣ କରିବେ ସେମାନଙ୍କ ପ୍ରସ୍ତାବ କିମ୍ବା ପରାମର୍ଶ ନେବା ଆବଶ୍ୟକ। ନୂତନ ମାର୍ଗଦର୍ଶିକା ଆମକୁ ଅଡୁଆରେ ପକାଇଛି। ଅନ୍ୟପକ୍ଷରେ ଏ ନେଇ ବିଭାଗୀୟ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।



## ଭିଜିଲାନ୍ସ ଜାଲରେ ଓଏଏସ୍ ଅଧିକାରୀ



ସଂଗ୍ରାମ କେଶରୀ ଜେନା



ବାଲୁଗାଁରେ ଥିବା ସଂଗ୍ରାମଙ୍କ ତିନିମହଲା କୋଠା

- ଏକକାଳୀନ ୪ ସ୍ଥାନରେ ଚଢ଼ାଉ
- ବିପୁଳ ପରିମାଣର ସମ୍ପତ୍ତି ଠାବ

ଭୁବନେଶ୍ୱର (ସତ୍ୟଜିତ୍ ରାଉତ)/ ବାଲୁଗାଁ(ସଂଗ୍ରାମ ପାଇକରାୟ),୧୪।୯

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଓଏଏସ୍ ଅଧିକାରୀ ତଥା ଗଞ୍ଜାମ ଜିଲା ବୁଗୁଡ଼ାର ପୂର୍ବତନ ତହସିଲଦାର ସଂଗ୍ରାମ କେଶରୀ ଜେନା ଗୁରୁବାର ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନ୍‌ର ୪ ଟିମ୍ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସଂଗ୍ରାମଙ୍କ ଘର ସମେତ ଖୋର୍ଦ୍ଧା ଜିଲାର ୪ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରିଛି। ଭୁବନେଶ୍ୱର ଲୋକସେବା ଭବନସ୍ଥିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସଂଗ୍ରାମଙ୍କ ଅଫିସ ଚାମ୍ବର, ଖୋର୍ଦ୍ଧା ଜିଲା ବାଲୁଗାଁ ଚୁଡ଼ାମିଲ୍ ନିକଟରେ ଥିବା ତାଙ୍କ ସମ୍ପର୍କୀୟଙ୍କ ଘର ସମେତ ବିଭିନ୍ନ ସ୍ଥାନରେ ଏହି ଚଢ଼ାଉ ଚାଲିଛି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ହେଉଥିବା ଏହି ଚଢ଼ାଉରେ ଭିଜିଲାନ୍ସର ୪ଟି ଟିମ୍‌ରେ ୩ ଡିଏସ୍‌ପି, ୧୦ ଇନ୍ସପେକ୍ଟର ଏବଂ ଅନ୍ୟାନ୍ୟ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଚଢ଼ାଉ ସମୟରେ ସଂଗ୍ରାମଙ୍କଠାରୁ ବିପୁଳ ପରିମାଣର ସମ୍ପତ୍ତି ଠାବ ହୋଇଛି। ସନ୍ଧ୍ୟା ସୁଦ୍ଧା ଭିଜିଲାନ୍ସ ପକ୍ଷରୁ ମିଳିଥିବା ରିପୋର୍ଟ ଅନୁଯାୟୀ, ବାଲୁଗାଁ ଜେନା କଲୋନୀରେ ୭୫୫୪ ବର୍ଗଫୁଟରେ ଥିବା ସଂଗ୍ରାମଙ୍କ ପ୍ରାୟ ୧.୩୬ କୋଟି ଟଙ୍କାର ୩ ମହଲା କୋଠା, ଟାଙ୍ଗୀ ଥାନା ଅନ୍ତର୍ଗତ ହରିପୁରରେ ୨୭୦୦ ବର୍ଗଫୁଟର ଗୋଟିଏ କୋଠା, ବାଣପୁର ଟାଉନ୍‌ରେ ୪ଟି ପ୍ଲଟ୍, ଗୋଟିଏ ବେନାମି ପ୍ଲଟ୍ ଠାବ ହୋଇଛି। ଏସବୁ ସମ୍ପତ୍ତିର ପ୍ରକୃତ ମୂଲ୍ୟ ଜାଣିବାକୁ ଭିଜିଲାନ୍ସ ଟେକ୍ନିକାଲ୍ ଉଇଙ୍ଗ୍ ପ୍ରୟାସ ଜାରି ରଖିଛି। ସେହିପରି ନଗଦ ୮୫ ହଜାର ଟଙ୍କା, ବ୍ୟାଙ୍କ, ପୋଷ୍ଟାଲ ଓ ଜୀବନବୀମା ଜମା ୨୧.୪୬ ଲକ୍ଷ, ୨ଟି ବାଇକ୍, ୩୮.୨୯ ଲକ୍ଷ ଟଙ୍କାର ୩ ଚାରିଚକିଆ ଯାନ, ୧୧.୫ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଏବଂ ଘରୋଇ ସାମଗ୍ରୀ ଠାବ ହୋଇଛି। ଚଢ଼ାଉ ଜାରି ରହିଥିବାବେଳେ ସଂଗ୍ରାମଙ୍କୁ ଏନେଇ ଅଧିକ ପଚରାଉଚରା କରାଯାଉଛି। ଚଢ଼ାଉ ଓ ଯାଞ୍ଚ ସରିବା ପରେ ସମ୍ପତ୍ତିର ପରିମାଣ ଆହୁରି ବଢ଼ିପାରେ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଏକାଂଶ
ପରିବାରବର୍ଗ


ଶ୍ରେୟାଂଶୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୟୁନାଇଟେଡ୍ ୟୁଥ୍ ସ୍ପୋର୍ଟିଂ ଚାମ୍ପିୟନ

**ଭୁବନେଶ୍ୱରର 'ବି' ଡିଭିଜନ ଫୁଟ୍‌ବଲ ଲିଗ୍**

ଭୁବନେଶ୍ୱର, ୧୪।୯
(ବିଜୟ ରଣା)

ୟୁନାଇଟେଡ୍ ୟୁଥ ସ୍ପୋର୍ଟିଂ କ୍ଲବ ଗତିକୃଷ୍ଣ ମେମୋରିଆଲ 'ବି' ଡିଭିଜନ ଫୁଟ୍‌ବଲ ଲିଗ୍ ଚାମ୍ପିୟନ ହୋଇଛି। ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଅଗଷ୍ଟ ୪ରୁ ୟୁନିଟ୍-୧ସ୍ଥିତ ଭୁବନେଶ୍ୱର ଫୁଟ୍‌ବଲ ଏକାଡେମୀରେ ଖେଳାଯାଇ ଆସୁଥିବା ଏହି ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ୟୁନାଇଟେଡ ୟୁଥ ସ୍ପୋର୍ଟିଂ ଫାଇନାଲରେ କିଟ୍ ଏକାଦଶକୁ ୪-୧ ଗୋଲ୍‌ରେ ପରାସ୍ତ କରିଛି। ପ୍ରଥମାର୍ଦ୍ଧ ଖେଳରେ ବିଜୟୀ ଦଳ ୩-୧ରେ ଅଗ୍ରଣୀ ରହିଥିଲା। ୟୁନାଇଟେଡ ୟୁଥ ସ୍ପୋର୍ଟିଂ ଦୀନବନ୍ଧୁ ଦାସ (୪ର୍ଥ ମିନିଟ), ବାପୁନୀ ବିନ୍ଧାଣୀ (୭ମ) ଓ ଜଗନ୍ନାଥ ବାରିକ (୩୫ତମ) ଙ୍କ ଗୋଲ ସ୍କୋର କରିଥିଲେ। କିଟ୍ ପକ୍ଷରୁ କୁନାଲ ସିଂ ୨୮ତମ ମିନିଟ୍‌ରେ ଗୋଲ୍ ଦେଇଥିଲେ। ଦ୍ୱିତୀୟାର୍ଦ୍ଧ ଖେଳରେ ୫୫ତମ ମିନିଟ୍‌ରେ ଦୀନବନ୍ଧୁ ତାଙ୍କର ବ୍ୟକ୍ତିଗତ ଦ୍ୱିତୀୟ ଓ ମ୍ୟାଚର ଅନ୍ତିମ ଗୋଲ୍ ସ୍କୋର କରି ୟୁନାଇଟେଡ ୟୁଥ ସ୍ପୋର୍ଟିଂକୁ ଜିତାଇଥିଲେ। ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ଦୀନବନ୍ଧୁ ଦାସ ଅତିଥି ତଥା ପ୍ରାକ୍ତନ ମହିଳା କ୍ରୀଡ଼ାବିତ୍ ପ୍ରଣତି ମିଶ୍ରଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚକୁ ଏମ୍.ଏସ୍ ବେଗ୍ ପରିଚାଳନା କରିଥିବାବେଳେ ବିଜୟ ମଙ୍ଗରାଜ ଓ ଶିବ ସାମନ୍ତରାୟ ତାଙ୍କୁ ସହାୟତା କରଇଥିଲେ। ଆଲୋକ ଦେହୁରୀ ୪ର୍ଥ ରେଫରୀ ଦାୟିତ୍ୱ ତୁଲାଇଥିଲେ। ଭୁବନେଶ୍ୱରର ଦିବଂଗତ କ୍ରୀଡ଼ା ସଂଗଠକ ଗତିକୃଷ୍ଣ ପଣ୍ଡାଙ୍କ ପୁତ୍ର ତଥା ଶିଳ୍ପପତି ବିଷ୍ଣୁ ଚରଣ ପଣ୍ଡା ଅତିଥି ଭାବେ ଯୋଗ ଦେଇ ଚାମ୍ପିୟନ ଦଳ ଏବଂ ଉପବିଜେତା ୟୁନିଟ୍-୧ ଦଳକୁ ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ସଭାପତି ତପନ କୁମାର ମହାନ୍ତି ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସଭାପତି ସୁରେଶ କୁମାର ରାଉତରାୟ, ଉପ ସଭାପତି ସନ୍ତୋଷ କୁମାର ମହାନ୍ତି, ଭାଗ୍ୟଧର ଜଗଦେବ ଓ ରାଧାନାଥ ମହାପାତ୍ର, କୋଷାଧ୍ୟକ୍ଷ ରଘୁନାଥ ପଣ୍ଡା, ଯୁଗ୍ମ ସମ୍ପାଦକ ଜୟନ୍ତ କୁମାର ପଟ୍ଟନାୟକ, ଫୁଟ୍‌ବଲ ସମ୍ପାଦକ ଦିଲୀପ ଦାସ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପୁରସ୍କାର ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ସହକ୍ରୀଡ଼ା ନିର୍ଦ୍ଦେଶକ ଅଶୋକ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳି।


## CLASSIFIED DISPLAY

MORE SPACE • SAME PRICE — TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ମୁଦ୍ରା ଫାଇନାନ୍ସ**
**PM ମୁଦ୍ରା ଯୋଜନା ଅଧୀନରେ**
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
**2% ସୁଧ, 40% ରିହାତି**
**ମହିଳାଙ୍କ ପାଇଁ ବିଶେଷ ରିହାତି**
ଅନ୍‌ଲାଇନ୍ ସୁବିଧା।
**ମୁଦ୍ରା ଫାଇନାନ୍ସ**
Mob. 7382841797

**BIJAYA FINANCE**
Bijaya Finance ସମସ୍ତ ପ୍ରକାର Loan ୧୦ ଦିନ ମଧ୍ୟରେ ଯୋଗାଇ ଦେଉଛି। ବ୍ୟବସାୟ, Personal, କୃଷି, ଶିକ୍ଷା, କୁକୁଡ଼ାଫାର୍ମ, ଗାଈପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର Loan ଘରେ ବସି ପାଆନ୍ତୁ। ସୁଧ ୨%
Mob:7656825212
7656825011


## ଭାରତୀୟ ଚ୍ୟାଲେଞ୍ଜ ଶେଷ

**କୋଲୁନ୍ (ହଂକଂ), ୧୪।୯ (ପି.ଟି.):** ଭାରତର ଦୁଇ ମହିଳା ଡବଲ୍ସ ଯୋଡ଼ି ସେମାନଙ୍କ ପ୍ରି-କ୍ୱାର୍ଟର ଫାଇନାଲ ହାରିଯିବା ଫଳରେ ହଂକଂ ଓପନ ସୁପର ୫୦୦ ଟୁର୍ନାମେଣ୍ଟରେ ଭାରତର ଚ୍ୟାଲେଞ୍ଜ ଶେଷ ହୋଇଛି। ତ୍ରିସା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦ ୭ମ ସିଡ୍ ଇଣ୍ଡୋନେସିଆର ଆପ୍ରିୟାନୀ ରାହାୟୁ ଓ ସିତି ଫାଦିତା ସିଲ୍‌ଭା ରାଣାଧାନ୍ତିଙ୍କଠାରୁ ୮-୨୧, ୧୪-୨୧ରେ ହାରିଯାଇଥିଲେ। ଏହା ପରେ ସମସ୍ତ ଆଶା ତନିଶା କାଷ୍ଟ୍ରୋ ଓ ଅଶ୍ୱିନ ପୋନନାପ୍ପାଙ୍କ ଉପରେ ରହିଥିଲା।


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ଜନ୍ମଦିନ ଶୁଭେଚ୍ଛା**

**ଏକାଂଶ ପ୍ରତୀ ସାହୁ**
ଜନ୍ମ ତା. ୧୪।୦୯।୨୦୧୪
ଗ୍ରାମ: ଝାର୍‌ଗୁଲୁଣ୍ଡା, ନାଗଡ଼ିହି, ଜିଲ୍ଲା: ସମ୍ବଲପୁର
ଆଜି ତୋର ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ତୋତେ ଦୀର୍ଘାୟୁ କରିବା ସହ ତୋର ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ।
ପିତା କ୍ଷୀରୋଦ କୁମାର ସାହୁ, ମାତା ସଂଯୁକ୍ତା ସାହୁ ଓ ପରିବାର ତରଫରୁ ଶୁଭେଚ୍ଛା।
ଧ-୧୩୦୯

**14th Birthday**

**Sreyanshi Upadhyaya**
Address:- Sector- 7, CDA, Cuttack.
Parents- Suresh Ku Upadhyaya, Sasmita Padhi
Cousions- Mitoshna, Krishna, Subham, Jyoti, Grand father, Grand Mother and family members.
" May your birthday brings a lot of Smile to your face, happiness to your heart and many blessing to your whole life"
D-1312


**ଟାଇମ୍ ୧୦୦ ନେକ୍ସଟ ୨୦୨୩ ଇମର୍ଜିଂ ଲିଡର୍ସ**

# ତାଲିକାରେ ହରମନପ୍ରୀତଙ୍କ ସମେତ ୩ ଭାରତୀୟ

ନ୍ୟୁୟର୍କ, ୧୪।୯

ଟାଇମ୍ ମାଗାଜିନ ପକ୍ଷରୁ ବୁଧବାର ଟାଇମ୍ ୧୦୦ ନେକ୍ସଟ ୨୦୨୩ ଇମର୍ଜିଂ ଲିଡର୍ସଙ୍କ ତାଲିକା ପ୍ରକାଶ ପାଇଛି। ଭାରତୀୟ ମହିଳା କ୍ରିକେଟ ଦଳର ଅଧିନାୟିକା ହରମନ୍‌ପ୍ରୀତ୍ କୌରଙ୍କ ସମେତ ୩ ଜଣ ଭାରତୀୟ ଏହି ତାଲିକାରେ ସ୍ଥାନ ପାଇଛନ୍ତି। ଅନ୍ୟତମ ଭାରତୀୟ ଭାବରେ ନନ୍ଦିତା ଭେଙ୍କଟେସନ୍ ଓ ଭିନୁ ଡାନିଏଲ୍ ଏହି ତାଲିକାରେ ସ୍ଥାନ ପାଇଛନ୍ତି। ଏକମାତ୍ର ଭାରତୀୟ ବଂଶୋଦ୍ଭବ ବ୍ୟକ୍ତି ଭାବରେ ନବାରୁଣ ଦାସଗୁପ୍ତା ଏହି ତାଲିକାରେ ସ୍ଥାନ ପାଇଛନ୍ତି। ୩୪ ବର୍ଷୀୟା ହରମନ୍‌ପ୍ରୀତଙ୍କୁ ମହିଳା କ୍ରିକେଟର ଅଗ୍ରଗତିରେ ପୁରୋଧା ଭାବରେ ବର୍ଣ୍ଣନା କରାଯାଇଛି। ୨୦୧୭ ମସିହାରେ ହରମନ୍‌ପ୍ରୀତ୍ ଅଷ୍ଟ୍ରେଲିଆ ବିପକ୍ଷ ବିଶ୍ୱକପ ମ୍ୟାଚରେ ୧୧୫ ବଲ୍‌ରୁ ୧୭୧ ରନ୍ ସ୍କୋର କରିଥିଲେ। ଏପରିକି ନିକଟରେ ବାଂଲାଦେଶ ବିପକ୍ଷ ସିରିଜ୍‌ରେ ଅମ୍ପାୟାରିଂକୁ ସମାଲୋଚନା କରି ୭୫ ପ୍ରତିଶତ ମ୍ୟାଚ୍ ଫି ହରାଇବା ସହିତ ଦୁଇଟି ମ୍ୟାଚରୁ ବାସନ୍ଦ ହୋଇଥିଲେ। ଭାରତ ପକ୍ଷରୁ ହରମନ୍‌ପ୍ରୀତ ୩ଟି ମହିଳା ଟେଷ୍ଟ, ୧୨୪ ଦିନିକିଆ ଓ ୧୫୩ ଟି୨୦ ମ୍ୟାଚ୍ ଖେଳିଛନ୍ତି। ଦିନିକିଆ ଓ ଟି୨୦ରେ ସେ ୩ ହଜାରରୁ ଅଧିକ ରନ୍ ସ୍କୋର କରିଛନ୍ତି। ଏହା ସହ ପ୍ରଥମ ସଂସ୍କରଣର ଓମେନ୍ସ ପ୍ରିମିୟର ଲିଗ୍‌ରେ ମୁମ୍ବାଇ ଇଣ୍ଡିଆନ୍ସର ନେତୃତ୍ୱ ନେଇ ସେ ଦଳକୁ ଚାମ୍ପିୟନ କରାଇଥିଲେ। ୩୩ ବର୍ଷୀୟ ନନ୍ଦିତା ଭେଙ୍କଟେସନ ଟ୍ୟୁବରକୋଲୋସିସ୍ (ଟି.ବି) କାରଣରୁ ନିଜର ବାକଶକ୍ତି ହରାଇଥିଲେ। ଖାଉଥିବା ଔଷଧର ପାର୍ଶ୍ୱ ପ୍ରତିକ୍ରିୟା କାରଣରୁ ନନ୍ଦିତା ନିଜର ବାକଶକ୍ତି ହରାଇଥିଲେ। ତେବେ ଉକ୍ତ ଔଷଧକୁ ବ୍ୟାନ୍ କରିବା ପାଇଁ ନନ୍ଦିତା ଆଇନଗତ ଲଢେଇ ଲଢିଥିଲେ। ନନ୍ଦିତାଙ୍କ ଉଦ୍ୟମ କାରଣରୁ ଜେନେରିକ୍ ମେଡିସିନ୍ ସହଜରେ ଉପଲବ୍ଧ ହେବ, ତେଣୁ ତାଙ୍କୁ ଏହି ତାଲିକାରେ ସାମିଲ କରାଯାଇଛି। କେରଳରୁ ଆସୁଥିବା ଭିନୁ ଡାନିଏଲଙ୍କ ୱାଲମେକର୍ସ ନାମକ ଏକ ଷ୍ଟୁଡିଓ ରହିଥିବା ବେଳେ ସେ ଘର ନିର୍ମାଣ କରଥାନ୍ତି। ମାଟି ଓ ଅନ୍ୟାନ୍ୟ ବର୍ଜ୍ୟବସ୍ତୁର ବ୍ୟବହାର କରି ସେ ଦୀର୍ଘସ୍ଥାୟୀ ଘର ନିର୍ମାଣ କରିଥାନ୍ତି।


ହରମନ୍‌ପ୍ରୀତ୍ କୌର

# ୟାମାଶିତା ମ୍ୟାଚ୍ ଅଫିସିଆଲ୍

କୁଆଲାଲମ୍ପୁର, ୧୪।୯

ଏସିଆନ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ମ୍ୟାଚ ପରିଚାଳନା ପାଇଁ କାତାର ଆସିବେ ରେଫରି ୟୋଶିମି ୟାମାଶିତା। ଗତବର୍ଷ ଏହି ଦେଶରେ ଅନୁଷ୍ଠିତ ପୁରୁଷ ବିଶ୍ୱକପ୍‌ରେ ସେ ରେଫରି ଦାୟିତ୍ୱ ତୁଲାଇ ଇତିହାସ ରଚିଥିଲେ। ଜାନୁୟାରୀ ୧୨ରୁ ଫେବୃୟାରୀ ୧୦ ପର୍ଯ୍ୟନ୍ତ ହେବାକୁଥିବା ଏହି ଟୁର୍ନାମେଣ୍ଟରେ ପ୍ରଥମ ମହିଳା ମ୍ୟାଚ ଅଫିସିଆଲ ଭାବେ ସେ ଆଉ ଏକ କୀର୍ତ୍ତିମାନ ଅର୍ଜନ କରିବାକୁ ଯାଉଛନ୍ତି। କାତାରରେ ଗୁରୁବାର ଏସିଆନ ଫୁଟ୍‌ବଲ କନ୍‌ଫେଡେରେଶନ (ଏଏଫ୍‌ସି) ବୈଠକ ବସିଥିଲା। ଏଥିପାଇଁ ମନୋନୀତ ଦୁଇ ରେଫରିଙ୍କ ସମେତ ମନୋନୀତ ୫ମ୍ୟାଚ ଅଫିସିଆଲଙ୍କ ମଧ୍ୟରେ ୟାମାଶିତାଙ୍କ ନାମ ରହିଛି। ଏଏଫ୍‌ସି ପ୍ରଥମଥର ଜଣେ ମହିଳା ମ୍ୟାଚ ଅଫିସିଆଲଙ୍କୁ ନିଯୁକ୍ତି ଦେଇଛି। ରେଫରିଙ୍କ ମଧ୍ୟରେ ଅଷ୍ଟ୍ରେଲିଆର କାଥରିନ ଜାସ୍ୱିଜଙ୍କୁ ନିଆଯାଇଛି। ସହକାରୀ ଭାବେ ଜାପାନର ମାକୋଟୋ ବୋଜୋନୋ ଓ ନାଓମି ତେଶିରୋଗି ଏବଂ ଦକ୍ଷିଣ କୋରିଆର କିମ୍ କ୍ୟୋଙ୍ଗ୍ ମିନ୍‌ଙ୍କୁ ମନୋନୟନ କରାଯାଇଛି। ୨୪ଟି ଦଳକୁ ନେଇ ଏସିଆନ କପ୍‌ର ଅଧିକାଂଶ ମ୍ୟାଚ ପୁରୁଷ ବିଶ୍ୱକପ୍‌ରେ ବ୍ୟବହାର କରାଯାଇଥିବା ଷ୍ଟାଡିୟମଗୁଡ଼ିକରେ ଖେଳାଯିବ। ୬ଗ୍ରୁପ୍ ବିଶିଷ୍ଟ ଗେମ୍‌ରେ ୟାମାଶିତା ଚତୁର୍ଥ ଅଫିସିଆଲ ଦାୟିତ୍ୱରେ ରହିବେ। ପୁରୁଷ ବିଶ୍ୱକପ୍ ପାଇଁ ଫିଫା ଯେଉଁ ୩ ମହିଳା ରେଫରିଙ୍କୁ ବାଛିଥିଲା ସେମାନଙ୍କ ମଧ୍ୟରେ ୟାମାଶିତା ଅନ୍ୟତମ ଥିଲେ। ଫ୍ରାନ୍ସର ଷ୍ଟିଫାନି ଫ୍ରାପର୍ଟ ଗ୍ରୁପ୍ ପର୍ଯ୍ୟାୟରେ ଜର୍ମାନୀ-କୋଷ୍ଟାରିକା ମ୍ୟାଚ ପରିଚାଳନା କରି ଇତିହାସ ରଚିଥିଲେ। ୟାମାଶିତା ଏପ୍ରିଲରେ ଜାପାନର ଟପ୍ ଲିଗ୍ ଜେ-ଲିଗ୍‌ରେ ପ୍ରଥମ ମ୍ୟାଚ ଅଫିସିଆଲ ଅଲ୍-ଫିମେଲ ଟିମ୍‌ର ନେତୃତ୍ୱ ନେଇଥିଲେ।


# Classified Everyday
0674-2580101, 2549949


REAL ESTATE

**SALE**

Bhubaneswar ଜଟଣୀ- ପିପିଲି ରୋଡ୍‌ରେ 7,20,000/- ପ୍ଲଟ୍ କିଣି ଘର କରନ୍ତୁ। 9938016295. D-75214

ଭୁବନେଶ୍ୱର, ଗ୍ୟାରେଜ ଛକରେ 30' ରୋଡ୍ ଥାଇ ଘରବାଡ଼ି, ପାଚେରି ପ୍ଲଟ୍ ବିକ୍ରି ହେବ। 9827119799. D-1303

ଭୁବନେଶ୍ୱର ତମାଣ୍ଡୋ ବଜାର ନିକଟରେ 30' road, boundary, ଇଲେକ୍ଟ୍ରିସିଟି ଥାଇ ପ୍ଲଟ୍ କିଣନ୍ତୁ। 7894216209. D-75215

Patia (KIIT) ଦାରୁଠେଙ୍ଗ ODM Global School ପାଚେରିକୁ ଲାଗି ବାସୋପଯୋଗୀ ପ୍ଲଟ୍ କିଣନ୍ତୁ। 9337830407. D-75212

Duplex sale at Bhubaneswar @ 57lakhs only. Contact- 9777433701. D-75213

ନଖରା ତ୍ରିନାଥବଜାର ମହୀଧରପଡ଼ା ପାଖରେ SC plot 7400sqft 11,00,000/-(outright) 7978663279. D-75208

Residential gharabari plot with boundary wall inside 7 Family Complex, Safety, Secured, Brahmin Culture Family Stayed, 6 K.M. from Nakhara, Cuttack. 7809525452. D-75036

ଭୁବନେଶ୍ୱର କଟକ NH-16 ମଧ୍ୟରେ ଧାକୁଲେଇ ପାଠ ନିକଟରେ ଘର ଉପଯୋଗୀ ପ୍ଲଟ୍ 30ଫୁଟ୍ ରୋଡ୍, ଇଲେକ୍ଟ୍ରି ଥାଇ ସୁଲଭ ମୂଲ୍ୟରେ ମିଳୁଅଛି। ଯୋଗାଯୋଗ- 7978729819, 7008756026. D-1244




1300sqft. single house at Pragati Enclave Chandrasekhar Bhubaneswar, with garage, for residence / corporate guesthouse contact 7978605216 D-75302

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Bodyrelax/Mindfresh massage @800/- by trend therapist. 7008773793. D-75148

Asribadda Panchakarma herbal SPA Kesharimall, Bhubaneswar. Contact: 8926173473. D-75037

Newly open SPA positively health benefits with expert therapist. 9938843929. D-75147

Body massage by experience, good looking therapist @ 999/-. (Bhubaneswar) 9078484455. D-1215

Relax, Refresh your body, Mind at Saikrupa Spa with best therapies. 8984068077. D-1190

All types of professional body massage by professional therapy. Contact:7077933109/9556924059/8658803018. D-1239




AlltypeofGemstones, Astrology, Crystal, Vastu, Rudraksh, Yantra, Kavach at Wholesale-Retail @8093050401. D-1248

**AFFIDAVIT**

I, Jugal Kishore Samantaray, S/o Purna Chandra Barik, Village- Gudupangi, Ward- No- 6 PO- Malisahi, PIN-752070, PS- Nayagarh, Dist.- Nayagarh, Odisha declare by this affidavit CF No- 5/2 Date 12.09.2023, That now onwards I shall be known as Deepak Barik for all future purposes. D-1306

I Kuna Nath alias Laxmipriya Nath (44), W/o- Nirmal Nath, Vill- Rajagurupur, P.S.- Bansada, Dist.- Bhadrak. My name is Kuna Nath in my LIC Policy No.- 596812729. I declare that Kuna Nath and Laxmipriya Nath same and one person. D-1313

I, Pankaja Kumar Lenka, S/o- Late Haladhar Lenka, resident of Plot No- 918/6303. New Colony, PO- Rasulgarh, P.S. Mancheswar, Bhubaneswar-751010, Odisha declare by this affidavit No- 46 Dt. 14.09.2023 That now onwards I shall be known as Pankaja Kumar Lenka for all future purposes. D-1304

By virtue of an affidavit before the Executive Magistrate, Bhubaneswar, I Saroj Kumar Sahoo, age-29, S/o- Sarat Kumar Sahoo, resident of FR- 2/5. Sailashree Vihar, PS- Chandrasekharpur, Bhubaneswar-751021. My Original name Saroj Kumar Sahoo and I want to change my New name Saroj Swastik Bharadwaj. Henceforth I will be known as SAROJ SWASTIK BHARADWAJ for all purposes. D-61953

I Nakshyatra Das, W/o- Prashanta Kumar Mohanty, Resident of At-Jagannathpur, P.O.- Pallahat, P.S.- Dist.- Khordha, PIN-752056 Odisha declared by this affidavit No. 2580, dtd.05.08.2023, that I do hereby declare that Nakshyatra Das, Nakhetra Das and Naliniprava Mohanty both names are one and same person, i.e myself Nakshyatra Das, W/o- Prashanta kumar Mohanty for all purposes. D-1310

By virtue of an affidavit before the Notary, G B Nagar, I Minakshi, W/o Naveen Kadanga, R/o The Anchorage, 93, Satya Nagar, P.S.- Kharavel Nagar, Bhubaneswar, Odisha- 751007 declare by this affidavit No.- IN-UP7042304 1052358T dated 29.04.2021 that now onwards, I shall be known as Minakshi Kadanga for all future purpose. D-1314

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**

**୰ଗେଲମଣୀ ଦେହୁରୀ**
ବସୋଇ, ପର୍ଜଙ୍ଗ, ଢେଙ୍କାନାଳ
ତୁମ ଆତ୍ମା ଚିର ଶାନ୍ତି ଲଭୁ ଶ୍ରୀଶ୍ରୀଠାକୁରଙ୍କ ଶ୍ରୀଚରଣରେ ଏତିକି ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାରବର୍ଗ।
ଧ-୧୩୧୫

**ଦଶାହ ଉପଲକ୍ଷେ**

**ସ୍ୱର୍ଗତା ଲକ୍ଷ୍ମୀ ମଲିକ**
ସିମିଳିଆ, ଢେଙ୍କାନାଳ ନିବାସୀ
ତିରୋଧାନ: ୦୬।୦୯।୨୦୨୩
ତୁମର ଆଦର୍ଶ, ସ୍ନେହ, ଶ୍ରଦ୍ଧା ଚିରସ୍ମରଣୀୟ ହୋଇ ରହୁ। ତୁମର ଅମର ଆତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ, ଏତିକି ଭଗବାନଙ୍କ ନିକଟରେ ଆମର ପ୍ରାର୍ଥନା।
ଶୋକସନ୍ତପ୍ତ- ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତିନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୭୪୦୧୪



ନିର୍ମଳ କୁମାର ମିଶ୍ର

## ଆସୁଛି ଦିନିକିଆ ବିଶ୍ୱକପ...

# ଭାରତ ପାଇଁ ସୁଯୋଗ

**ଆଇସିସି କ୍ରିକେଟ ବିଶ୍ୱକପର ୧୩ଶ ସଂସ୍କରଣ ଅକ୍ଟୋବର ୫ରୁ ନଭେମ୍ବର ୧୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। କପିଳ ଦେବଙ୍କ ନେତୃତ୍ୱରେ ଭାରତ ୧୯୮୩ ଓ ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱରେ ୨୦୧୧ରେ ୨ ଥର ବିଶ୍ୱକପ ବିଜେତା ହୋଇଛି। ଏଥର ଘରୋଇ ପରିବେଶରେ ବିଶ୍ୱକପ ଖେଳିବାକୁ ଯାଉଥିବାରୁ ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଟିମ୍ ଇଣ୍ଡିଆ ପାଇଁ ସୁଯୋଗ ରହିବ....**



ଯଶପ୍ରୀତ୍ ବୁମ୍ରା



ରୋହିତ ଶର୍ମା

ଦିନିକିଆ କ୍ରିକେଟ ବିଶ୍ୱକପ ୧୩ଶ ସଂସ୍କରଣର ଆୟୋଜକ ହେଉଛି ଭାରତ। ଏହି କ୍ରିକେଟ ମହାସମର ଅକ୍ଟୋବର ୫ରୁ ନଭେମ୍ବର ୧୯ ପର୍ଯ୍ୟନ୍ତ ଚାଲିବ। ର୍ୟାଙ୍କଭିତ୍ତିରେ ଆୟୋଜକ ଭାରତ, ଅଷ୍ଟ୍ରେଲିଆ, ଆଫଗାନିସ୍ଥାନ, ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ପାକିସ୍ତାନ, ଦକ୍ଷିଣ ଆଫ୍ରିକା ଏବଂ ବାଂଲାଦେଶ ସିଧାସଳଖ ଯୋଗ୍ୟତା ଅର୍ଜନ କରିଥିବା ବେଳେ ଅନ୍ୟ ଦୁଇଟି ସ୍ଥାନ ପାଇଁ ଶ୍ରୀଲଙ୍କା, ୱେଷ୍ଟଇଣ୍ଡିଜ, ଆୟର୍ଲାଣ୍ଡ, ନେପାଳ, ନେଦରଲାଣ୍ଡ୍ସ, ଓମାନ, ସ୍କଟ୍‌ଲାଣ୍ଡ, ୟୁଏଇ, ୟୁଏସ୍ଏ ଏବଂ ଜିମ୍ବାୱେ ମଧ୍ୟରେ କ୍ୱାଲିଫାୟର ଅନୁଷ୍ଠିତ ହୋଇଥିଲା। ଏଥି ମଧ୍ୟରୁ ଶ୍ରୀଲଙ୍କା ଏବଂ ନେଦରଲାଣ୍ଡ୍ସ ଦଳ କ୍ୱାଲିଫାଏ କରିଥିଲେ। ଆଗାମୀ ଟୁର୍ନାମେଣ୍ଟରେ ୧୦ଟି ଦଳକୁ ନେଇ ମୋଟ ୪୮ଟି ମ୍ୟାଚ ଖେଳାଯିବ। ଗତ ସଂସ୍କରଣର ଚାମ୍ପିୟନ ଇଂଲଣ୍ଡ ଏବଂ ରନରଅପ୍ ନ୍ୟୁଜିଲାଣ୍ଡ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଅହମଦାବାଦରେ ଖେଳାଯିବ। ଫାଇନାଲ ମଧ୍ୟ ଏହି ଭେନ୍ୟୁରେ ନଭେମ୍ବର ୧୯ରେ ଅନୁଷ୍ଠିତ ହେବ। ବିଶ୍ୱକପ ଆୟୋଜନ ପାଇଁ ୧୦ଟି ଭେନ୍ୟୁ ମଧ୍ୟରେ ଦିଲ୍ଲୀ, ଅହମଦାବାଦ, ଚେନ୍ନାଇ, କୋଲକାତା, ମୁମ୍ବାଇ, ପୁଣେ, ହାଇଦ୍ରାବାଦ, ବେଙ୍ଗାଲୁରୁ, ଲକ୍ଷ୍ନୌ ଏବଂ ଧର୍ମଶାଳା ରହିଛି। ହାଇଦ୍ରାବାଦକୁ ଛାଡିଦେଲେ ଅନ୍ୟ ସମସ୍ତ ଷ୍ଟାଡିୟମରେ ୫ଟି ଲେଖାଏ ମ୍ୟାଚ ଖେଳାଯିବ। ହାଇଦ୍ରାବାଦରେ ପାକିସ୍ତାନର ୨ଟି ୱାର୍ମ ଅପ୍ ମ୍ୟାଚ ସମେତ ବିଶ୍ୱକପର ୩ଟି ମ୍ୟାଚ ଖେଳାଯିବ।

ବର୍ତ୍ତମାନ ଟିମ୍ ଇଣ୍ଡିଆ ଏସିଆ କପରେ ସୁପର ଫୋର ମ୍ୟାଚ ଖେଳୁଛି। ଦଳ ଆଗାମୀ ୧୭ ତାରିଖରେ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିସାରିଛି। ଆଗାମୀ ବିଶ୍ୱକପ୍ ପୂର୍ବରୁ ମଧ୍ୟ ଚଳିତ ମାସ ୨୨, ୨୪, ୨୭ ତାରିଖରେ ଶକ୍ତିଶାଳୀ ଅଷ୍ଟ୍ରେଲିଆ ସହିତ ୩ଟି ଏକଦିବସୀୟ ମ୍ୟାଚ ଖେଳିବାର କାର୍ଯ୍ୟସୂଚୀ ପ୍ରକାଶିତ ହୋଇଛି। ବିଶ୍ୱକପ ପୂର୍ବରୁ ଏହି ମ୍ୟାଚ ବେଶ୍ ଭଲ ଅଭ୍ୟାସ ଯୋଗାଇ ଦେବ। ବିଶ୍ୱକପରେ ଭାରତ ତା'ର ପ୍ରଥମ ମ୍ୟାଚ ଅକ୍ଟୋବର ୮ରେ ଚେନ୍ନାଇରୁ ଅଭିଯାନ ଆରମ୍ଭ କରିବ।

ଇତି ମଧ୍ୟରେ ବିସିସିଆଇ ଦ୍ୱାରା ଭାରତୀୟ ଦଳ ଘୋଷଣା କରାଯାଇଛି। ଆହତ ସମସ୍ୟା ଯୋଗୁ ଦୀର୍ଘଦିନ ହେବ କ୍ରିକେଟରୁ ଦୂରେଇ ରହିଥିବା ଯଶପ୍ରୀତ ବୁମରା, ଶ୍ରେୟସ ଆୟର ଏବଂ ଲୋକେଶ ରାହୁଲଙ୍କୁ ଦଳରେ ସାମିଲ କରାଯାଇଛି। ଦଳରେ ୫ ସ୍ପେଶାଲିଷ୍ଟ ବ୍ୟାଟର, ୪ ସ୍ପିନର ଏବଂ ପେସ୍ ବୋଲିଂ ଅଲରାଉଣ୍ଡର, ୪ଜଣ ପେସ୍ ବୋଲର ଏବଂ ୨ଜଣ ଉଇକେଟ କିପରଙ୍କୁ ସ୍ଥାନ ଦିଆଯାଇଛି। ତିଳକ ବର୍ମା, ପ୍ରସିଦ୍ଧ କ୍ରିଷ୍ଣା, ୟୁଜଭେନ୍ଦ୍ର ଚହଲ ଏବଂ ରବିଚନ୍ଦ୍ରନ ଅଶ୍ୱିନୀଙ୍କୁ ଦଳରେ ସ୍ଥାନ ମିଳି ନ ଥିବାରୁ ଏହା ବେଶ୍ ଆଲୋଚନାର ବିଷୟବସ୍ତୁ ହୋଇଛି। ଚୟନକର୍ତ୍ତା। ଏବଂ ବିସିସିଆଇକୁ ସୋସିଆଲ ମିଡିଆରେ ଟ୍ରୋଲ୍ ହେବାକୁ ପଡିଛି। ରୋହିତ ଶର୍ମା ଅଧିନାୟକ ରହିଥିବା ବେଳେ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଉପଅଧିନାୟକ ଘୋଷଣା କରାଯାଇଛି। ଦଳରେ ସବୁଠାରୁ ଅଭିଜ୍ଞ ବିରାଟ କୋହଲିଙ୍କ ସମେତ ଶୁବମନ ଗିଲ, କେ.ଏଲ. ରାହୁଲ, ଇଶାନ କିଶନ, ସୂର୍ଯ୍ୟକୁମାର ଯାଦବ, ଅକ୍ଷର ପଟେଲ, ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ଯଶପ୍ରୀତ ବୁମରା, ମହମ୍ମଦ ଶାମି, ମହମ୍ମଦ ସିରାଜ, ଶାର୍ଦ୍ଦୂଳ ଠାକୁର ରହିଛନ୍ତି।

ମନୋନୀତ ୧୫ ଖେଳାଳିଙ୍କ ମଧ୍ୟରୁ ୮ଜଣଙ୍କର ପୂର୍ବରୁ ବିଶ୍ୱକପ ଖେଳିବାର ଅଭିଜ୍ଞତା ରହିଛି। ଅନ୍ୟ ୭ ଖେଳାଳି ପ୍ରଥମଥର ପାଇଁ ବିଶ୍ୱକପ ଖେଳିବେ। ସେମାନଙ୍କ ମଧ୍ୟରେ ରହିଛନ୍ତି ଶୁଭମନ ଗିଲ, ଶ୍ରେୟସ ଆୟର, ସୂର୍ଯ୍ୟକୁମାର ଯାଦବ, ଇଶାନ କିଶନ, ଅକ୍ଷର ପଟେଲ, ଶାର୍ଦ୍ଦୂଳ ଠାକୁର ଏବଂ ମହମ୍ମଦ ସିରାଜ। ଟିମ୍‌ରେ ବିରାଟ କୋହଲି ସବୁଠାରୁ ଅନୁଭବୀ ଖେଳାଳି ହୋଇଥିବା ବେଳେ ୨୦୧୧, ୨୦୧୫, ୨୦୧୯ ବିଶ୍ୱକପ ଖେଳିବାର ଅଭିଜ୍ଞତା ତାଙ୍କର ରହିଛି। ୩ ବିଶ୍ୱକପର ୨୬ଟି ମ୍ୟାଚରେ ସେ ୧୦୩୦ ରନ କରିଛନ୍ତି। ଅନ୍ୟପକ୍ଷରେ ଆଇପିଏଲ୍‌ର ସବୁଠାରୁ ସଫଳ ଅଧିନାୟକ ରୋହିତ ଶର୍ମାଙ୍କ ଅସଲ ପରୀକ୍ଷା ଏହି ବିଶ୍ୱକପରେ ଅଧିନାୟକ ରୂପେ ହେବାକୁ ଯାଉଛି। ଗତ ୨୦୧୯ ବିଶ୍ୱକପରେ ସେ ରେକର୍ଡ ୫ଟି ଶତକ ସହ ୬୪୮ ରନ ସଂଗ୍ରହ କରିଥିଲେ। ୨୦୧୫ ବିଶ୍ୱକପରେ ସେତେ ସଫଳ ହୋଇ ନ ଥିଲେ। ରାହୁଲଙ୍କର ୨୦୧୯ ବିଶ୍ୱକପର ଅଭିଜ୍ଞତା ରହିଥିବା ବେଳେ ଚଳିତ ଏସିଆ କପରେ ଚମତ୍କାର ଫର୍ମରେ ଅଛନ୍ତି। ଆଘାତ ସମସ୍ୟା ଯୋଗୁ ପ୍ରାୟ ୬ମାସ କ୍ରିକେଟରୁ ଦୂରେଇ ରହିବାପରେ ଫର୍ମକୁ ଫେରିବା ଦଳର ୪ନଂ ସ୍ଥାନ ପାଇଁ ଥିବା ସମସ୍ୟାକୁ ଦୂର କରିଛି। କାରଣ ୨୦୧୯ ପରଠାରୁ ଟିମ୍ ମ୍ୟାନେଜମେଣ୍ଟ ଏପର୍ଯ୍ୟନ୍ତ ୧୪ଜଣ ଖେଳାଳିଙ୍କୁ ଏହି ସ୍ଥାନରେ ସୁଯୋଗ ଦେଇସାରିଲାଣି। ରାହୁଲ ବିଶ୍ୱକପରେ ୯ ମ୍ୟାଚରୁ ୩୬୧ ରନ୍ ସଂଗ୍ରହ କରିଛନ୍ତି।

ଅନ୍ୟପକ୍ଷରେ ଦ୍ୱିତୀୟ ଥର ପାଇଁ ବିଶ୍ୱକପ ଖେଳିବେ ଦଳର ଉପଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା। ସେ ଏବେ ଆଗଠାରୁ ଅଧିକ ଅନୁଭବୀ। ବିଶ୍ୱକପରେ ୧୧ଟି ଉଇକେଟ ନେବା ସହ ୨୨୬ ରନ୍ କରିଛନ୍ତି। ସ୍ପିନ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କର ମଧ୍ୟ ୨ଟି ବିଶ୍ୱକପ ଖେଳିବାର ଅଭିଜ୍ଞତା ରହିଛି। ୨୦୧୫, ୨୦୧୯ରେ ୧୦ଟି ମ୍ୟାଚ ଖେଳି ୧୧ଟି ଉଇକେଟ ନେବା ସହ ୧୩୪ ରନ୍ ସ୍କୋର କରିଛନ୍ତି। ମହମ୍ମଦ ଶାମିଙ୍କର ମଧ୍ୟ ୨ଟି ବିଶ୍ୱକପ ଖେଳିବାର ଅଭିଜ୍ଞତା ରହିଛି। ଟିମ୍‌ର ସବୁଠାରୁ ଅଭିଜ୍ଞ ସିମର ଶାମି ୨୦୧୫, ୨୦୧୯ରେ ବହୁତ ଭଲ ପ୍ରଦର୍ଶନ କରିଥିଲେ। ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ପେସ୍‌ର ଯଶପ୍ରୀତ ବୁମରା କ୍ୟାରିୟରର ୨ୟ ବିଶ୍ୱକପ ଖେଳିବେ। ୨୦୧୯ ବିଶ୍ୱକପରେ ୯ ମ୍ୟାଚରୁ ୧୮ଟି ଉଇକେଟ ନେଇଥିଲେ।

ଭାରତ ୨ଥର ଦିନିକିଆ କ୍ରିକେଟ ବିଶ୍ୱକପ ବିଜୟୀ ହୋଇଛି। ୧୯୮୩ରେ କପିଳ ଦେବଙ୍କ ନେତୃତ୍ୱରେ ଫାଇନାଲରେ ୱେଷ୍ଟଇଣ୍ଡିଜକୁ ହରାଇ ଚାମ୍ପିୟନ ହୋଇଥିବା ବେଳେ ୨୦୧୧ରେ ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱରେ ଘରୋଇ ମାଟିରେ ଶ୍ରୀଲଙ୍କାକୁ ଧରାଶାୟୀ କରି ଟାଇଟଲ ବିଜୟୀ ହୋଇଥିଲା। ଆଗାମୀ ସଂସ୍କରଣରେ ଘରୋଇ ମାଟିରେ ଚାମ୍ପିୟନ ହେବାର ସୁଯୋଗ ଆସିଛି। ଭାରତ ବିଶ୍ୱକପ ଜିତିବ ବୋଲି କ୍ରିକେଟପ୍ରେମୀମାନେ ଆଶା ମଧ୍ୟ ରଖିଛନ୍ତି।

# ଚର୍ଚ୍ଚାରେ ଯାଆଁଳା ଭଉଣୀ

**ଭାରତୀୟ ଆଥଲେଟିକ୍ସରେ ଏବେ ଚର୍ଚ୍ଚିତ ଚେହେରା ଦୁଇ ଯାଆଁଳା ଭଉଣୀ ବିଦ୍ୟା ଓ ନିତ୍ୟା ରାମରାଜ। କଠିନ ପରିଶ୍ରମ ସହ ଭାଗ୍ୟ ସାଥିଦେଲେ କିପରି ଆଗକୁ ବଢ଼ିବା ସୁଗମ ହୁଏ ତାହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ଏହି ଦୁଇ ଭଉଣୀ। ଦୁହେଁ ଏସିଆନ ଗେମ୍ସପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି ଏବଂ ପଦକ ଜିତି ଦେଶକୁ ଗର୍ବିତ କରିବାକୁ ଲକ୍ଷ୍ୟ ରଖିଛନ୍ତି।**

ଭାରତୀୟ ଆଥଲେଟିକ୍ସରେ ଏବେ ଚର୍ଚ୍ଚାର କେନ୍ଦ୍ରରେ ରହିଛନ୍ତି ଯାଆଁଳା ଭଉଣୀ ବିଦ୍ୟା ଓ ନିତ୍ୟା ରାମରାଜ। ତାମିଲନାଡୁର କୋଏମ୍ବାଟୁରରେ ୨୦ ସେପ୍ଟେମ୍ବର ୧୯୯୮ରେ ଏକ ଗରିବ ପରିବାରରେ ଗୋଟିଏ ମିନିଟ ବ୍ୟବଧାନରେ ଜନ୍ମ ହୋଇଥିଲେ ଏହି ଦୁଇ ଭଉଣୀ। ଦୁହିଁଙ୍କ ମଧ୍ୟରେ ନିତ୍ୟା ବଡ଼। ଏ ଦୁହିଁଙ୍କ ଉପରେ ଆଉ ଜଣେ ବଡ଼ ଭଉଣୀ ଅଛନ୍ତି। ତାଙ୍କ ନାମ ସତ୍ୟା ଏବଂ ତାଙ୍କୁ ୨୭ ବର୍ଷ। ବାପା ରାମରାଜ ଟେମ୍ପୋ ଚଳାଇ ପରିବାର ପ୍ରତିପୋଷଣ କରନ୍ତି। ମା' ମିନା ଜଣେ ଗୃହିଣୀ। ପରିବାର ପ୍ରତିପୋଷଣ କଷ୍ଟରେ ହେଉଥିଲେ ମଧ୍ୟ ଦୁଇ ଭଉଣୀ ଖେଳକୁ ଆସିବା ପଛରେ ମା' ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ନିଜ ପ୍ରତିଭା ଦେଖାଇ ବିଦ୍ୟା ଓ ନିତ୍ୟା କ୍ରୀଡ଼ା ଛାତ୍ରାବାସ ପାଇଁ ମନୋନୀତ ହୋଇଥିଲେ ଏବଂ ସେଠାରେ ତାଙ୍କ ଖେଳ ଜୀବନର ପ୍ରାରମ୍ଭିକ ପର୍ଯ୍ୟାୟ ମାର୍ଜିତ ହୋଇଥିଲା। ଆର୍ଥିକ ଅନଟନ ସତ୍ତ୍ୱେ ଦୁଇ ଭଉଣୀ ପାଠ ପଢ଼ା ସହ ଖେଳରେ ଆଗକୁ ବଢ଼ିଥିଲେ। ସମୟକ୍ରମେ ଭାଗ୍ୟ ପରିବର୍ତ୍ତନ ହେଲା। ଦୁଇ ଭଉଣୀ ଏବେ ଚାକିରି କରିବା ସହ ପରିବାର ପ୍ରତିପୋଷଣରେ ବାପାଙ୍କୁ ସାହାଯ୍ୟ କରୁଛନ୍ତି। ବିଦ୍ୟା ଭାରତୀୟ ରେଲ୍‌ୱେରେ ଏବଂ ନିତ୍ୟା ଇନ୍‌କମ୍ ଟ୍ୟାକ୍ସ ଡିପାର୍ଟମେଣ୍ଟରେ କାର୍ଯ୍ୟରତ। ଏହି ଦୁଇ ଭଉଣୀ ଚାଇନାର ହାଙ୍ଗଝୋରେ ହେବାକୁଥିବା ଏସିଆନ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ବିଦ୍ୟା ୪୦୦ ମିଟର ଓ ନିତ୍ୟା ୧୦୦ ମିଟର ହର୍ଡଲ୍ସରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ଏହି ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ କରି ଦେଶକୁ ଗର୍ବିତ କରିବା ଲକ୍ଷ୍ୟରେ ରହିଛନ୍ତି ଏହି ଯାଆଁଳା ଭଉଣୀ। କୋଚ୍ ନେହପାଲ ସିଂ ମଧ୍ୟ ସମାନ ଆଶା ରଖିଛନ୍ତି।

ନିଜ କ୍ୟାରିୟର ଆରମ୍ଭର କଥା ମନେପକାଇ ୨୪ ବର୍ଷୀୟା ବିଦ୍ୟା କୁହନ୍ତି ଯେ, "ମୋ ମା' ଜଣେ ଗୃହିଣୀ। ଆଜି ଆମେ ଯଦି ଆଥଲେଟ୍ ହୋଇଛୁ ତ କେବଳ ମା'ଙ୍କ ପାଇଁ। ମା'ଙ୍କୁ ଲୋକମାନେ ପଚାରୁଥିଲେ ତୁମର ୩ ଝିଅ, କିପରି ଚଳିବ। ମା' କିନ୍ତୁ କିଛିଗୋଟେ କରିବାକୁ ନିଷ୍ପତ୍ତି ନେଇଥିଲେ। ଖେଳପ୍ରତି ରୁଚିଥିବା ଦେଖି ଆମ ଦୁହିଁଙ୍କୁ କ୍ରୀଡ଼ା ଛାତ୍ରାବାସରେ ଛାଡ଼ିଥିଲେ। ଏହାପରେ ଆମ ଖେଳ ଜୀବନ ଆଗକୁ ବଢ଼ିଥିଲା"। ବିଦ୍ୟା ଗତ ମେ'ରେ ଅନୁଷ୍ଠିତ ଫେଡେରେଶନ କପ୍ ଏବଂ ଜୁନ୍‌ରେ ଭୁବନେଶ୍ୱରରେ ଆୟୋଜିତ ଜାତୀୟ ଆନ୍ତଃରାଜ୍ୟ ଆଥଲେଟିକ୍ସ ମିଟ୍‌ର ୪୦୦ ମିଟର ହର୍ଡଲ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଭୁବନେଶ୍ୱର ମିଟ୍‌ରେ ସେ ୫୬.୦୧ ସେକେଣ୍ଡ ସମୟ ନେଇଥିଲେ। ସେଠାରେ ନିତ୍ୟା ୧୦୦ ମିଟର ହର୍ଡଲ୍ସରେ ୧୩.୫୫ ସେକେଣ୍ଡ ନେଇ ୪ର୍ଥ ସ୍ଥାନରେ ରହିଥିଲେ। "୪୦୦ ମିଟର ରେସ୍ ମୋର ଫେଭରାଇଟ। ମାତ୍ର ପରେ ୪୦୦ ମିଟର ହର୍ଡଲ୍ସକୁ ଆସିଛି। ୪୦୦ ମିଟର ରେସ୍‌ରେ ମଧ୍ୟ ମୁଁ ଏଏଫ୍‌ଆଇ (ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ) ପକ୍ଷରୁ ଧାର୍ଯ୍ୟ କ୍ୱାଲିଫାଇଂ ମାର୍କକୁ ପଛରେ ପକାଇଛି। ମାତ୍ର ସେହି ତାଲିକାରେ ମୋ ନାଁ ନାହିଁ। ମୁଁ ବ୍ୟକ୍ତିଗତ ଇଭେଣ୍ଟକୁ ଭଲପାଏ। ତେଣୁ ଆଥଲେଟିକ୍ସକୁ ଆପଣେଇଛି" ବୋଲି ବିଦ୍ୟା କହିଛନ୍ତି। ନିତ୍ୟା ତାଙ୍କଠାରୁ ସ୍ପିଡ୍‌ରେ ଦୌଡୁଥିବାରୁ ୧୦୦ ମିଟର ହର୍ଡଲ୍ସକୁ ଆପଣେଇଛନ୍ତି ବୋଲି ବିଦ୍ୟା ପ୍ରକାଶ କରିଛନ୍ତି। ଦୁଇ ଭଉଣୀଙ୍କ ଲକ୍ଷ୍ୟ ଏକ। ଆମେ ଏବେ ସାଥିହୋଇ ଏସିଆନ ଗେମ୍ସରେ ଭାଗ ନେବାକୁ ଯାଉଛୁ। ଏଥର ଯଦି ମିସ୍ କରିଥାନ୍ତୁ ତେବେ ପରବର୍ତ୍ତୀ ଗେମ୍ସପାଇଁ ୨୦୨୬କୁ ଅପେକ୍ଷା କରିବାକୁ ପଡ଼ିଥାନ୍ତା। ସେତେବେଳକୁ ଆମେ ସମ୍ଭବତଃ ବିବାହ କରି ସାରିଥିବୁ। ତେଣୁ କିଛି ବି ହୋଇପାରେ। ଆହତ ସମସ୍ୟା ମଧ୍ୟ ଆସି ଯାଇପାରେ। ଆସନ୍ତା ବର୍ଷ ଅଲିମ୍ପିକ୍ସରେ ମଧ୍ୟ ଦୁଇ ଭଉଣୀ ସାଥିହୋଇ ଅଂଶଗ୍ରହଣ କରିବାକୁ ଆଶା ରଖିଛୁ। ଏସିଆନ ଗେମ୍ସରେ ଶ୍ରେଷ୍ଠ ପ୍ରଦର୍ଶନ ଆମ ଦୁହିଁଙ୍କ ଲକ୍ଷ୍ୟ ବୋଲି ବିଦ୍ୟା ପ୍ରକାଶ କରିଛନ୍ତି।

ବିଦ୍ୟା ଇଣ୍ଡିଆନ ଗ୍ରାଁ ପ୍ରି–୫ରେ ୪୦୦ ମିଟର ରେସ୍ ଓ ୪୦୦ ମିଟର ହର୍ଡଲ୍ସ ଉଭୟରେ ଅଂଶଗ୍ରହଣ କରିଥିଲେ। ୪୦୦ମିଟର ହର୍ଡଲ୍ସରେ କିମ୍ବଦନ୍ତୀ ପି.ଟି. ଉଷାଙ୍କ ଦୀର୍ଘ ୩୯ବର୍ଷର ପୁରୁଣା ରେକର୍ଡକୁ ଭାଙ୍ଗିବାରେ ସେ ଅଳ୍ପକେ ବଞ୍ଚିତ ହୋଇଥିଲେ। ଇଣ୍ଡିଆନ ଗ୍ରାଁ ପ୍ରି–୫ରେ ବିଦ୍ୟା ୫୫.୪୩ ସେକେଣ୍ଡ ସମୟ ନେଇଥିଲେ। ଉଷା ୧୯୮୪ ଲସ୍‌ଏଞ୍ଜେଲ୍ସ ଅଲିମ୍ପିକ୍ସରେ ୫୫.୪୨ ସେକେଣ୍ଡ ଟାଇମିଂରେ ଚତୁର୍ଥ ସ୍ଥାନ ଅଧିକାର କରି ଅଳ୍ପକେ ବ୍ରୋଞ୍ଜ ଜିତିପାରି ନ ଥିଲେ। ଶିବନାଥ ସିଂଙ୍କ ୧୯୭୮ ମାରାଥନ ଜାତୀୟ ରେକର୍ଡ ପରେ ଆଥଲେଟିକ୍ସରେ ଉଷାଙ୍କର ଏହା ହେଉଛି ଦ୍ୱିତୀୟ ସର୍ବପୁରାତନ ରେକର୍ଡ। ଉଷା ବର୍ତ୍ତମାନ ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ)ର ସଭାପତି ଅଛନ୍ତି। ଆସନ୍ତା ଏସିଆନ ଗେମ୍ସରେ ସେ ଜାତୀୟ ରେକର୍ଡ ଭାଙ୍ଗିବାକୁ ଚେଷ୍ଟା କରିବେ ବୋଲି ବିଦ୍ୟା କହିଛନ୍ତି।

–ପ୍ରସ୍ତୁତି: ତପନ ସ୍ୱାଇଁ



ବିଦ୍ୟା ରାମରାଜ ଓ ନିତ୍ୟା ରାମରାଜ।



ମା' ମୀନାଙ୍କ ସହ ବିଦ୍ୟା ଓ ନିତ୍ୟା।

## ସୁପର

ବିରାଟ କୋହଲି ଲୋକେଶ ରାହୁଲ
ଖେଳି ଶତକୀୟ ପାଳି
ଏସିଆ କପ୍ ସୁପର ୪ ମ୍ୟାଚରେ
ବାବରକୁ ଦେଲେ ବଳି
ପାକ୍ ପାରିଲାନି କଳି
କଲମ୍ବୋ ବିରାଟ ସୁପର ବିଜୟ
ଟିମ୍ ପାଇଁ ଦିଅ ତାଳି।



ସର୍ବିୟାର ଗ୍ରେଟ୍ ଟେନିସ ଖେଳାଳି
ଜୋକୋଭିଚ୍ ଚାମ୍ପିୟନ
ଚବିଶତମ ଗ୍ରାଣ୍ଡସ୍ଲାମ ଟାଇଟଲ
ପାଇ ଖୁସି ତା'ର ମନ
ଆଉ ପାଦେ ଗଲେ ଧନ
ପଚିଶତମ ଟାଇଟଲ ଜିତିବାରେ
ସେ ହେବ ସୁପର ମ୍ୟାନ।

ନେଦରଲାଣ୍ଡ ନେତା
ୱାଇଲ୍ଡର୍ସଙ୍କୁ
ହତ୍ୟାର ଧମକ ଦେଇ
ପାକ୍ ଏକ୍ସ କ୍ରିକେଟର ଖାଲିଦକୁ
ବାର ବର୍ଷ ଜେଲ୍ ଭାଇ
ସୁପର ଆଇନ ଏହି
ଆମ ଏଠି ହତ୍ୟାକାରୀ ଫ୍ରି ବୁଲେ
କାନେ ଇୟର ଫୋନ ଦେଇ।

–ସୁବାସ ଚନ୍ଦ୍ର ପ୍ରଧାନ

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com | ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୧୫/୨୦୨୩ | Bhubaneswar, | Friday, September 15/ 2023


**ଦିନିକିଆ କ୍ରିକେଟ ବିଶ୍ୱକପ୍‌ର ୧୩ଶ ସଂସ୍କରଣ ଭାରତର ବିଭିନ୍ନ ଗ୍ରାଉଣ୍ଡରେ ଅକ୍ଟୋବର ୫ରୁ ଆରମ୍ଭ ହେବାକୁ ଯାଉଛି। କ୍ରୀଡ଼ା ଜଗତରେ ଏବେ କ୍ରିକେଟ ଫିଭର। ଏସିଆ କପ୍ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାରୁ କ୍ରିକେଟର ରୋମାଞ୍ଚକୁ ନେଇ ଏବେ ସର୍ବତ୍ର ଚର୍ଚ୍ଚା। କ୍ରିକେଟ ମହାକୁମ୍ଭ କ୍ରମେ ପାଖେଇ ଆସିଥିବାବେଳେ ଧରିତ୍ରୀ ପକ୍ଷରୁ ଆରମ୍ଭ ହୋଇଛି ଅବଗଣନା।**

# ୧୯୭୫ରୁ ଆରମ୍ଭ

ଦିନିକିଆ ପୁରୁଷ କ୍ରିକେଟ ବିଶ୍ୱକପ୍‌କୁ ଆଉ ମାତ୍ର ୨୦ ଦିନ ବାକି ରହିଛି। କ୍ରିକେଟ ବିଶ୍ୱର ଅନ୍ୟତମ ଲୋକପ୍ରିୟ ଖେଳ। ଦକ୍ଷିଣ ଏସୀୟ ରାଷ୍ଟ୍ରଗୁଡିକ ସମେତ ଅଷ୍ଟ୍ରେଲିଆ, ଆଫ୍ରିକା ଓ ଇଂଲଣ୍ଡରେ ମଧ୍ୟ ଏହାର ଲୋକପ୍ରିୟତା ଶୀର୍ଷରେ ରହିଛି। ବ୍ରିଟିଶ ନାବିକମାନଙ୍କ ଦ୍ୱାରା ମନୋରଞ୍ଜନ ପାଇଁ ଏହି ଖେଳ ଆରମ୍ଭ ହୋଇଥିବା ବେଳେ ସମଗ୍ର ବିଶ୍ୱରେ ଏହା ଧୀରେ ଧୀରେ ଆଦୃତି ହାସଲ କରିବାରେ ଲାଗିଛି। ୧୮୭୭ରେ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ମଧ୍ୟରେ ବିଶ୍ୱର ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳ ହୋଇଥିଲା। ଏପରି କି ୧୯୦୦ରେ କ୍ରିକେଟକୁ ଗ୍ରୀଷ୍ମକାଳୀନ ଅଲିମ୍ପିକ୍ସରେ ମଧ୍ୟ ସାମିଲ କରାଯାଇଥିଲା। ଧୀରେ ଧୀରେ ଟେଷ୍ଟ କ୍ରିକେଟରୁ ଦର୍ଶକଙ୍କ ଧ୍ୟାନ ହଟିବା କାରଣରୁ ଏହା ସୀମିତ ଓଭର କ୍ରିକେଟକୁ ହ୍ରାସ ପାଇଥିଲା। ପ୍ରାରମ୍ଭିକ ଭାବରେ ସୀମିତ ଓଭର କ୍ରିକେଟ ୬୦ ଓଭର ବିଶିଷ୍ଟ ଖେଳା ଯାଉଥିଲା। ସମୟ କ୍ରମେ ଏହା ୫୦, ୨୦ ଓ ବର୍ତ୍ତମାନ ୧୦ ଓଭର ଫର୍ମାଟରେ ପହଞ୍ଚି ଗଲାଣି। କ୍ରିକେଟ ଖେଳୁଥିବା ରାଷ୍ଟ୍ରମାନଙ୍କ ମଧ୍ୟରେ କିଏ ଶ୍ରେଷ୍ଠ ତାହା ଚୟନ କରିବା ପାଇଁ ୧୯୭୫ ମସିହାରେ ପ୍ରଥମ ବିଶ୍ୱକପ ଆରମ୍ଭ ହେଲା। ପ୍ରଥମ ସଂସ୍କରଣର ବିଶ୍ୱକପ୍‌ଟି ପ୍ରୁଡେନ୍ସିଆଲ୍ କପ୍ ନାମରେ ପ୍ରସିଦ୍ଧ ଥିଲା। ପ୍ରୁଡେନ୍ସିଆଲ୍ ଆସ୍ୟୁରାନ୍ସ କମ୍ପାନୀ ଏହାର ପ୍ରାୟୋଜକ ରହିଥିବା ବେଳେ ଜୁନ୍ ୭ରୁ ୨୧ ମଧ୍ୟରେ ଇଂଲଣ୍ଡରେ ଏହା ଆୟୋଜନ ହୋଇଥିଲା। ୮ ଦଳଙ୍କୁ ନେଇ ରାଉଣ୍ଡ ରବିନ ଲିଗ୍ ଓ ନକ୍‌ଆଉଟ ଫର୍ମାଟରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା ୱେଷ୍ଟଇଣ୍ଡିଜ୍।

ଏହି ଟୁର୍ଣ୍ଣାମେଣ୍ଟରେ ଅଷ୍ଟ୍ରେଲିଆ, ଇଂଲଣ୍ଡ, ୱେଷ୍ଟଇଣ୍ଡିଜ୍, ଭାରତ, ପାକିସ୍ତାନ ଓ ନ୍ୟୁଜିଲାଣ୍ଡ ଟେଷ୍ଟ ଖେଳୁଥିବା ରାଷ୍ଟ୍ର ଭାବରେ ସାମିଲ ହୋଇଥିବା ବେଳେ ସହଯୋଗୀ ରାଷ୍ଟ୍ର ଭାବରେ ଶ୍ରୀଲଙ୍କା ଓ ଇଷ୍ଟ ଆଫ୍ରିକା ଖେଳିଥିଲେ। ସାର୍ କ୍ଲାଇବ୍ ଲଏଡ୍‌ଙ୍କ ନେତୃତ୍ୱାଧୀନ ୱେଷ୍ଟଇଣ୍ଡିଜ୍ ଦଳ ଲର୍ଡ୍ସରେ ଅଷ୍ଟ୍ରେଲିଆକୁ ୧୭ ରନରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ୮ ଦଳକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଥିଲା। ଇଂଲଣ୍ଡ, ଭାରତ, ନ୍ୟୁଜିଲାଣ୍ଡ ଓ ଇଷ୍ଟ ଆଫ୍ରିକା ଗ୍ରୁପ୍ ଏ'ରେ ସ୍ଥାନ ପାଇଥିବା ବେଳେ ଗ୍ରୁପ୍ ବି'ରେ ସ୍ଥାନ ପାଇଥିଲେ ଅଷ୍ଟ୍ରେଲିଆ, ୱେଷ୍ଟଇଣ୍ଡିଜ୍, ପାକିସ୍ତାନ ଓ ଶ୍ରୀଲଙ୍କା। ଉଭୟ ଗ୍ରୁପ୍‌ର ଟପ୍-୨ ଟିମ୍ ଭାବରେ ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ଅଷ୍ଟ୍ରେଲିଆ ଓ ୱେଷ୍ଟଇଣ୍ଡିଜ୍ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲେ। ପ୍ରଥମ ସେମିଫାଇନାଲରେ ଇଂଲଣ୍ଡକୁ ୪ ଉଇକେଟରେ ପରାସ୍ତ



ବିଶ୍ୱକପ୍ ଟ୍ରଫି ସହ କ୍ଲାଇବ ଲଏଡ।

କରିଥିଲା ଅଷ୍ଟ୍ରେଲିଆ। ବାମହାତୀ ପେସ୍ ବୋଲର ଗ୍ୟାରୀ ଗିଲ୍‌ମୋର (୧୪/୬ ଓ ୨୮*) ଅଲରାଉଣ୍ଡ ସଫଳତା ହାସଲ କରିଥିଲେ। ଦ୍ୱିତୀୟ ସେମିରେ ନ୍ୟୁଜିଲାଣ୍ଡକୁ ୫ ଉଇକେଟରେ ପରାସ୍ତ କରିଥିଲା ଦୁର୍ଦ୍ଧର୍ଷ ୱେଷ୍ଟଇଣ୍ଡିଜ୍। ଫାଇନାଲ ମ୍ୟାଚ୍‌ରେ ଅଷ୍ଟ୍ରେଲିଆକୁ ୧୭ ରନ୍‌ରେ ହରାଇଥିଲା ୱେଷ୍ଟଇଣ୍ଡିଜ୍। ଅଧିନାୟକ କ୍ଲାଇବ ଲଏଡ୍‌ଙ୍କ ଶତକ ବଳରେ ୱେଷ୍ଟଇଣ୍ଡିଜ୍ ୬୦ ଓଭରରେ ୮ ଉଇକେଟ ହରାଇ ୨୯୧ ରନ୍ କରିଥିଲା। ଗିଲ୍‌ମୋର ସଫଳ ବୋଲର ଭାବରେ ୫ ଉଇକେଟ ନେଇଥିଲେ। ଜବାବରେ କିଥ୍ ବୋଇସଙ୍କ ୪ ଉଇକେଟ ସଫଳତା କାରଣରୁ ଅଷ୍ଟ୍ରେଲିଆ ୫୮.୪ ଓଭରରେ ୨୭୪ ରନ୍‌ରେ ଅଲଆଉଟ ହୋଇଥିଲା। ଗ୍ଲେନ୍ ଟର୍ନର ୩୩୩ ରନ୍ ସହିତ ଟୁର୍ଣ୍ଣାମେଣ୍ଟର ସର୍ବାଧିକ ସ୍କୋରର ରହିଥିବା ବେଳେ ଅଷ୍ଟ୍ରେଲିଆର ଗ୍ୟାରୀ ଗିଲ୍‌ମୋର ୨ ମ୍ୟାଚରୁ ୧୧ ଉଇକେଟ ସହିତ ସର୍ବାଧିକ ଉଇକେଟ ଅକ୍ତିଆର କରିଥିଲେ। ଗିଲ୍‌ମୋର କେବଳ ସେମିଫାଇନାଲ ଓ ଫାଇନାଲ ମ୍ୟାଚରେ ଖେଳିବାର ସୁଯୋଗ ପାଇଥିଲେ।

**ଭାରତର ପ୍ରଦର୍ଶନ:** ଭାରତୀୟ କ୍ରିକେଟ ଦଳ ପ୍ରଥମ କରି ଏହି ବିଶ୍ୱକପ୍‌ରେ ଅଂଶଗ୍ରହଣ କରିଥିଲା। ୩ ମ୍ୟାଚ ଖେଳିଥିବା ବେଳେ ଭାରତୀୟ ଦଳ ଦୁଇ ମ୍ୟାଚରେ ପରାଜିତ ହୋଇ ବିଦାୟ ନେଇଥିଲା। ତେବେ ଇଷ୍ଟ ଆଫ୍ରିକାକୁ ପରାସ୍ତ କରି ଦଳ ଏହାର ପ୍ରଥମ ବିଶ୍ୱକପ ବିଜୟ ରେକର୍ଡ କରିଥିଲା। ଇଷ୍ଟ ଆଫ୍ରିକା ୧୨୦ ରନରେ ଅଲଆଉଟ ହୋଇଥିବା ବେଳେ ସୁନୀଲ ଗାଭାସ୍କରଙ୍କ ୬୫ ଓ ଫାରୋଖ ଇଞ୍ଜିନିୟରଙ୍କ ୫୪ ରନ ସ୍କୋର ଭାରତକୁ ୧୦ ଉଇକେଟରେ ଜିତାଇଥିଲା। ଭାରତ ପକ୍ଷରୁ ସୁନୀଲ ଗାଭାସ୍କର ଅପରାଜିତ ୬୫ର ସର୍ବୋଚ୍ଚ ସ୍କୋର ସହିତ ୧୧୩ ରନ୍ ସ୍କୋର କରିଥିଲେ। ଅଲରାଉଣ୍ଡର ସୟଦ ଆବିଦ୍ ଅଲୀ ବ୍ୟାଟ ଜରିଆରେ ୭୦ ରନ୍ ସ୍କୋର କରିଥିବା ବେଳେ ବୋଲିଂରେ ସର୍ବାଧିକ ୬ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଦନ ଲାଲ ଓ ମହିନ୍ଦର ଅମରନାଥ ପ୍ରତ୍ୟେକ ୪ଟି ଲେଖାଏ ଉଇକେଟ ନେଇଥିଲେ।

**ଦିନିକିଆ ବିଶ୍ୱକପ**

ICC MEN'S CRICKET WORLD CUP INDIA 2023

**ଆଉ ୨୦ ଦିନ**

## ଶୁଭାଙ୍ଗୀ ପ୍ଲେୟର ଅଫ୍ ଦ ଡେ

ଭୁବନେଶ୍ୱର,୧୪ା୯ (ସରୋଜ ଜେନା)

ଆଶିଷ ପଣ୍ଡା ମେମୋରିଆଲ ଅଲ ଓଡ଼ିଶା ସ୍ନୁକରର ଦ୍ୱିତୀୟ ସଂସ୍କରଣର ଦ୍ୱିତୀୟ ଦିନରେ ପ୍ଲେୟର ଅଫ୍ ଦ ଡେ ବିବେଚିତ ହୋଇଛନ୍ତି ସବ୍ ଜୁନିୟର ଖେଳାଳି ଶୁଭାଙ୍ଗୀ ରାଓ। ଭୁବନେଶ୍ୱର ସ୍ଥିତ ଭିକ୍ଟୋରିଜ୍ କ୍ଲବରେ ଦ୍ୱିତୀୟ ଦିନରେ ୧୫ଟି ମ୍ୟାଚ୍ ଖେଳା ଯାଇଛି। ଗୋବିନ୍ଦ ଶର୍ମା ୩-୨ରେ ଦୁର୍ଗା ମହାନ୍ତିଙ୍କୁ ପରାସ୍ତ କରିଥିଲେ। ଅନ୍ୟ ମ୍ୟାଚ୍ ଗୁଡିକରେ ସୁଦୀପ ଦାସ ୩-୦ରେ ସମୀର ଅଲୀଙ୍କୁ, ସୌମ୍ୟ ମହାନ୍ତି ୩-୦ରେ ବିଭୁଦତ୍ତ ମହାପାତ୍ରଙ୍କୁ, ଅମୀୟ ନାୟକ ୩-୦ରେ ଗୋବିନ୍ଦ ଶର୍ମାଙ୍କୁ, ସୁବ୍ରତ ଦାସ ୩-୦ରେ ଚିରଞ୍ଜିବ ସିଂଙ୍କୁ, ଶାରଦା ବେହେରା ୩-୦ରେ ପ୍ରକାଶ ସାହୁଙ୍କୁ, ନିଶାନ୍ତ ବିଶ୍ୱାଳ ୩-୦ରେ ବରୁଣ ପୂର୍ବାଙ୍କୁ, ସିଦ୍ଧାର୍ଥ ସେନ୍ ୩-୦ରେ ଜଗଦୀଶ ମହାନ୍ତିଙ୍କୁ, ଯଯାତି ପଣ୍ଡା ୩-୧ରେ ହରି କ୍ରିଷ୍ଣାଙ୍କୁ, ଆକ୍ରମ ଖାନ ୩-୧ରେ ମହମଦ ରଜାଙ୍କୁ, ଡ. ରାକେଶ ରୋଶନ ପ୍ରଧାନ ୩-୦ରେ ଅସିତ ଚୌଧୁରୀଙ୍କୁ, ଆଶିଷ ପାତ୍ର ୩-୦ରେ ସୁମିତ ସାଗରଙ୍କୁ, ଆକାଶ ମହାପାତ୍ର ୩-୧ରେ ଉଭାସ ମହାପାତ୍ରଙ୍କୁ, ଶ୍ୟାମ ଅଗ୍ରୱାଲ ୩-୨ରେ ଗୌତମ ଦାସଙ୍କୁ ଓ ଅବିନାଶ ମହାପାତ୍ର ୩-୨ରେ ଶୁଭାଙ୍ଗୀ ରାଓଙ୍କୁ ପରାସ୍ତ କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କୁ ଓଏଫ୍‌ସି ଜର୍ସି ଉପହାର




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଓଏଫ୍‌ସି ଜର୍ସି ପ୍ରଦାନ କରୁଛନ୍ତି ସର୍ଗିଓ ଲୋବେରା।

ଭୁବନେଶ୍ୱର,୧୪ା୯ (ସରୋଜ ଜେନା)

ଇଣ୍ଡିଆନ୍ ସୁପର ଲିଗ୍ (ଆଇଏସ୍‌ଏଲ୍) ଆରମ୍ଭ ହେବାକୁ ଯାଉଥିବା ବେଳେ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି ଓଡ଼ିଶା ଫୁଟବଲ୍ କ୍ଲବ(ଓଏଫ୍‌ସି) ମୁଖ୍ୟ କୋଚ ଓ ଅଧିନାୟକ। ଗୁରୁବାର ମୁଖ୍ୟ କୋଚ୍ ସର୍ଗିଓ ଲୋବେରା, ଗୋଲ୍‌କିପର ତଥା ଅଧିନାୟକ ଅମରିନ୍ଦର ସିଂ ଓ ଓଡ଼ିଆ ଖେଳାଳି ଟଙ୍କଧର ବାଗ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ସହିତ ଓଏଫ୍‌ସିର ଜର୍ସି ଉପହାର ଭାବରେ ପ୍ରଦାନ କରିଥିଲେ। ବିଗତ ସିଜନରେ ଓଏଫ୍‌ସିର ଚମତ୍କାର ପ୍ରଦର୍ଶନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଏଫ୍‌ସିକୁ ଶୁଭେଚ୍ଛା ଜଣାଇଥିଲେ। ଫୁଟବଲର ଭିତ୍ତିଭୂମି ଓ ଖେଳାଳିଙ୍କ ଉଦ୍ଦେଶ୍ୟରେ ସହାୟତା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ ମୁଖ୍ୟ କୋଚ୍ ସର୍ଗିଓ ଲୋବେରା ଓ ଅଧିନାୟକ ଅମରିନ୍ଦର ସିଂ। ଚଳିତ ମାସ ୧୯ ତାରିଖରେ ଏଏଫସି ଏସିଆନ୍ ଗେମ୍ସରେ ମୋହନବାଗାନର ମୁକାବିଲା କରିବ ଓଡ଼ିଶା ଏଫ୍‌ସି। କଳିଙ୍ଗ ଷ୍ଟାଡିୟମରେ ଏହି ମ୍ୟାଚ୍‌ଟି ଖେଳାଯିବ। ଚଳିତ ସିଜନରେ ଓଏଫ୍‌ସି ୩ଟି ରଙ୍ଗର ଜର୍ସି ଲଞ୍ଚ କରିଛି। ଘରୋଇ ମ୍ୟାଚ୍ ପାଇଁ କଳା ଓ ବାଇଗଣୀ ଜର୍ସି ରହିଥିବା ବେଳେ ଧଳା ରଙ୍ଗର ଜର୍ସି ଆୱେ ମ୍ୟାଚରେ ବ୍ୟବହୃତ ହେବ। ସେହିପରି ଶିମିଳିପାଳର ବ୍ୟାଘ୍ର ସୁରକ୍ଷାକୁ ଦୃଷ୍ଟିରେ ରଖି ହଳଦିଆ ଓ ବାଇଗଣୀ ରଙ୍ଗର ତୃତୀୟ ଜର୍ସି ଲଞ୍ଚ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କୁ ଗୁରୁବାର ଓଏଫ୍‌ସି ଦଳର ଘରୋଇ ଜର୍ସି ପ୍ରଦାନ କରାଯାଇଥିଲା।

## ବଜରଙ୍ଗଙ୍କୁ ଦିଲ୍ଲୀ କୋର୍ଟଙ୍କ ଆଶ୍ୱସ୍ତି

**ନୂଆଦିଲ୍ଲୀ,୧୪ା୯(ପି.ଟି.):** ଭାରତୀୟ ରେସ୍‌ଲିଂ ଫେଡେରେଶନ୍(ଡବ୍ଲ୍ୟୁଏଫ୍‌ଆଇ) ପୂର୍ବତନ ସଭାପତି ବ୍ରିଜ୍‌ଭୂଷଣ ଶରଣ ସିଂ ଯୌନ ଶୋଷଣ ମାମଲାରେ ବଜରଙ୍ଗ ପୁନିଆଙ୍କୁ ଆଶ୍ୱସ୍ତି। କୋଚ୍ ନରେଶ ଦହିୟାଙ୍କ ପକ୍ଷରୁ ଆଗତ ମାନହାନି ମୋକଦ୍ଦମାରେ ବ୍ୟକ୍ତିଗତ ହାଜିରାରୁ କୋର୍ଟ ପୁନିଆଙ୍କୁ ଆଶ୍ୱସ୍ତି ଦେଇଛନ୍ତି। ଗୁରୁବାର ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍ ୟଶଦୀପ୍ ଚହଲ ଏହି ଆଶ୍ୱସ୍ତି ପ୍ରଦାନ କରିଛନ୍ତି। ପୁନିଆ କିର୍ଗିଜସ୍ତାନରେ ଅଭ୍ୟାସ କରିବା ପାଇଁ ଅନୁମତି ମାଗିଥିବା ବେଳେ ତାଙ୍କୁ ଆଶ୍ୱସ୍ତି ମିଳିଛି। ଏହା ପୂର୍ବରୁ ସେପ୍ଟେମ୍ବର ୬ ତାରିଖରେ ଶାରୀରିକ ଅସୁସ୍ଥତା କାରଣରୁ ପୁନିଆଙ୍କୁ ହାଜିରାରୁ ଆଶ୍ୱସ୍ତି ମିଳିଥିଲା। ମେ ୧୦ ତାରିଖରେ ଏକ ଖବରଦାତା ସମ୍ମିଳନୀରେ ବଜରଙ୍ଗ ଓ ଅନ୍ୟ ରେସଲର ମାନେ ଅଂଶଗ୍ରହଣ କରିଥିଲେ। ଏହି ସମ୍ମିଳନୀରେ ଦେଇଥିବା ବୟାନକୁ ନେଇ ତାଙ୍କ ବିରୋଧରେ ମାନହାନି ମୋକଦ୍ଦମା କରିଥିଲେ ନରେଶ ଦହିୟା। ଉଲ୍ଲେଖଯୋଗ୍ୟ ଯେ, ବ୍ରିଜ୍‌ଭୂଷଣଙ୍କ ସହିତ ମିଶି ନରେଶ ମଧ୍ୟ ମହିଳା ଖେଳାଳିଙ୍କୁ ଯୌନ ଶୋଷଣ କରିଛନ୍ତି ବୋଲି ବଜରଙ୍ଗ ଓ ଅନ୍ୟ ରେସ୍‌ଲର ମାନେ ଅଭିଯୋଗ ଆଣିଥିଲେ।






# ରିଜୱାନ୍, ଶଫିକ୍‌ଙ୍କ ଅର୍ଦ୍ଧଶତକ

କଲମ୍ବୋ,୧୪ା୯

ଶ୍ରୀଲଙ୍କା ବିପକ୍ଷ ଏସିଆ କପ୍ ସୁପର-୪ ମ୍ୟାଚରେ ଅର୍ଦ୍ଧଶତକ ହାସଲ କରିଛନ୍ତି ପାକିସ୍ତାନର ମହମ୍ମଦ ରିଜୱାନ ଓ ଅବଦୁଲ୍ଲା ଶଫିକ୍। ଉଭୟ ଖେଳାଳିଙ୍କ ଅର୍ଦ୍ଧଶତକ ବଳରେ ପାକିସ୍ତାନ ୪୨ ଓଭରରେ ୭ ଉଇକେଟ ହରାଇ ୨୫୨ ରନ୍ କରିଛି। ବର୍ଷା କାରଣରୁ ମ୍ୟାଚ୍‌ଟି ୨ ଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିବା ବେଳେ ଏହାକୁ ୪୫ ଓଭରକୁ ହ୍ରାସ କରାଯାଇଥିଲା। ମ୍ୟାଚ୍ ଅଧାରେ ପୁନର୍ବାର ବର୍ଷା କାରଣରୁ ମ୍ୟାଚ୍‌କୁ ୪୨ ଓଭର ବିଶିଷ୍ଟ କରାଯାଇଥିଲା। ଡର୍କୱର୍ଥ ଲୁଇସ୍ ନିୟମ ଅନୁସାରେ ଶ୍ରୀଲଙ୍କା ସମ୍ମୁଖରେ ୨୫୨ ରନ୍‌ର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ପାକିସ୍ତାନ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ଇମାମ ଉଲ୍ ହକଙ୍କ ସ୍ଥାନରେ ଅବଦୁଲ୍ଲା ଶଫିକ୍ ଖେଳୁଥିବା ବେଳେ ସେ ୫୨ ରନ୍ ସ୍କୋର କରିଥିଲେ। ଓପନର ଫଖର ଜମନ



ସୁଇପ୍ ଶଟ୍ ଖେଳିବା ଅବସରରେ ମହମ୍ମଦ ରିଜୱାନ।

ମାତ୍ର ୪ ରନ୍ କରି ଦଳୀୟ ସ୍କୋର ୯ ରନରେ ପ୍ୟାଭିଲିୟନ୍ ଫେରିଥିଲେ। ପରବର୍ତ୍ତୀ ବ୍ୟାଟର ତଥା ଅଧିନାୟକ ବାବର ଆଜମ(୨୯ ରନ୍) ତୃତୀୟ ଉଇକେଟରେ ଶଫିକ୍‌ଙ୍କ ସହିତ ୬୪ ରନ୍ ଯୋଡିଥିଲେ। ତେବେ ମଧ୍ୟ କ୍ରମରେ ମହମ୍ମଦ ହାରିସ୍(୩) ଓ ମହମ୍ମଦ ନୱାଜ(୧୨) ସହଜରେ ଆଉଟ ହେବାରୁ ପାକିସ୍ତାନ ୧୩୦ ରନ୍‌ରେ ୫ ଖେଳାଳିଙ୍କ ଉଇକେଟ ହରାଇଥିଲା। ତେବେ ଟପ୍ ସ୍କୋରର ମହମ୍ମଦ ରିଜୱାନ (୮୬* ରନ) ଓ ଇଫତିଖାର ଅହମଦ(୪୭ ରନ୍) ଷଷ୍ଠ ଉଇକେଟରେ ୧୦୮ ରନ୍ ଯୋଡି ପାକିସ୍ତାନକୁ ସଙ୍କଟରୁ ଉଦ୍ଧାର କରିଥିଲେ। ରିଜୱାନ ୭୩ ବଲ୍ ଖେଳି ୬ ଚୌକା ଓ ୨ ଛକା ମାରିଥିଲେ। ଅନ୍ୟ ପକ୍ଷରେ ଇଫତିଖାର ୪୦ ବଲ୍ ଖେଳି ୪ ଚୌକା ଓ ୨ ଛକା ମାରିଥିଲେ। ଶ୍ରୀଲଙ୍କା ପକ୍ଷରୁ ମଥୀଷା ପଥିରାନା ସର୍ବାଧିକ ୩ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରମୋଦ ମଦୁଶାନ ୨, ମହୀଷ ଥିକ୍‌ସାନା ଓ ଦୁନିଥ ୱେଲାଲାଗେ ପ୍ରତ୍ୟେକ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ୪୨ ଓଭରରେ ୨୫୨/୭(ମହମ୍ମଦ ରିଜୱାନ-୮୬*, ଅବଦୁଲ୍ଲା ଶଫିକ୍-୫୨, ଇଫତିଖାର ଅହମଦ-୪୭, ମଥୀଷା ପଥିରାନା-୩/୬୫, ପ୍ରମୋଦ ମଦୁଶାନ-୨/୬୫, ଦୁନିଥ ୱେଲାଲାଗେ-୧/୪୦)।

**ଆଜିର ମ୍ୟାଚ୍**

**ଭାରତ ବନାମ ବାଂଲାଦେଶ**
ଭେନ୍ୟୁ: ଆର. ପ୍ରେମଦାସା ଷ୍ଟାଡିୟମ, କଲମ୍ବୋ
ସମୟ: ଅପରାହ୍ନ ୩.୦୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ


Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ